# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୨/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Berhampur, Saturday, January 22/2022 ★★★

୧୭ଶ ଭାଗ ୩୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




### ସାଉଥ୍ ଅଭିନେତ୍ରୀଙ୍କ ପ୍ରେମରେ ଭାଇଜାନ

ସଲମାନ ଖାନ୍ ସାଉଥ୍ ଅଭିନେତ୍ରୀଙ୍କ ପ୍ରେମରେ। ତେବେ ବାସ୍ତବରେ ନୁହେଁ, ଅପକମିଂ ଆଲବମ୍ ଗୀତରେ ତାଙ୍କୁ ଏଭଳି ରୋମାଣ୍ଟିକ୍ ଦୃଶ୍ୟରେ ଦେଖିବାକୁ ମିଳିବା।

୦୭

୦୮

### ସିନ୍ଧୁ ସେମିଫାଇନାଲରେ

ଭାରତର ପି.ଭି. ସିନ୍ଧୁ ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ୨ ଅଫିସରଙ୍କୁ ପିଟିଲେ କେନ୍ଦ୍ରମନ୍ତ୍ରୀ

## ■ ଅଭିଯୋଗକୁ ଖଣ୍ଡନ କଲେ ବିଶ୍ୱେଶ୍ୱର

**ବାରିପଦା ଅଫିସ, ୨୧।୧**

ମୟୂରଭଞ୍ଜ ଭାଜପା ଏମ୍‌ପି ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶୁକ୍ରବାର ବାରିପଦା ସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଡାକି ୨ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଜଣଙ୍କର ହାତ ଭାଙ୍ଗିଯାଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଉଭୟେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ପିଆର୍‌ଏମ୍)ରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ବିଭିନ୍ନ ଦଳ ପକ୍ଷରୁ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କଠାରୁ ଡାକରା ପାଇ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ (ପ୍ଲାନିଂ) କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଅପରାହ୍ନରେ ସାକ୍ଷାତ ପାଇଁ ମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଆଲୋଚନା ସମୟରେ କେନ୍ଦ୍ରମନ୍ତ୍ରୀ ଉତ୍କ୍ଷିପ୍ତ ହୋଇ ଚେୟାର ଉଠାଇ ଦେବାଶିଷଙ୍କୁ ପିଟିଥିଲେ। ଅଶ୍ୱିନୀ ଏହାର ପ୍ରତିବାଦ କରିବା ସମୟରେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଦେବାଶିଷଙ୍କ ବାମହାତରେ ଶକ୍ତ ପ୍ରହାର ବାଜିବାରୁ ହାତ ଭାଙ୍ଗିଯାଇଛି। ତାଙ୍କୁ କଟକ



କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ

ଡାକ୍ତରଖାନା ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି। ଘଟଣା ସମ୍ପର୍କରେ ସେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଅବଗତ କରାଇଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀଙ୍କ ନାଁରେ ବାରିପଦା ଟାଉନ୍ ଥାନାରେ ଦଫା ୩୨୩, ୩୨୫, ୨୯୪ ଓ ୫୦୬ରେ ଏକ ମାମଲା (ନଂ.୫୦/୨୨)ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ଅଧିକାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ନେଇ ମନ୍ତ୍ରୀ ଟୁଡୁ ବିବାଦୀୟ ହୋଇପଡ଼ିଥିଲେ। କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଓଏଏସ୍ ଅଫିସର ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରାଯାଇଥିଲା। ଆହତ ଅଧିକାରୀ ଦେବାଶିଷ କୁହନ୍ତି, କେନ୍ଦ୍ରମନ୍ତ୍ରୀ ତାଙ୍କୁ ଡାକି ଗାଳିଗୁଲଜ କରିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଫାଇଲ ଧରି ଆସିବା ନିୟମ ବହିର୍ଭୂତ ବୋଲି କହିବା ପରେ ଉତ୍କ୍ଷିପ୍ତ ହୋଇ ସେ ଦଳୀୟ କର୍ମକର୍ତ୍ତାଙ୍କୁ ଶଟର ପକାଇବାକୁ କହିଥିଲେ। ପରେ ଏକ ପ୍ଲାଷ୍ଟିକ ଚେୟାର ଆଣି ବାଡ଼େଇବାକୁ ଲାଗିଲେ। ମାଡ଼ରୁ ବର୍ତ୍ତିବା ପାଇଁ ହାତ ଦେଖାଇବା ସମୟରେ ଚେୟାର ମାଡ଼ରେ ହାତ ଭାଙ୍ଗିଯାଇଥିବା କହିଛନ୍ତି। ତେବେ ଆଚରଣ ବିଧି ଲାଗୁ ହେବାପରେ ଅଧିକାରୀଙ୍କୁ ଡକାଇ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି କଂଗ୍ରେସର ଜିଲା ସଭାପତି ହେମନ୍ତ ଦାସ କହିଛନ୍ତି। ବିଜେଡି ବିଧାୟକ ରାଜକିଶୋର ଦାସ କୁହନ୍ତି, ଆଇନରୁ ଊର୍ଦ୍ଧ୍ୱରେ କେହି ନାହାନ୍ତି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ହତ୍ୟା କରିବା ପରେ ମଧ ମନ୍ତ୍ରୀ ପଦରୁ ସେ ☞ପୃଷ୍ଠା–୪



ଆହତ ଅଧିକାରୀ ଦେବାଶିଷ ମହାପାତ୍ର (ବାମ) ଓ ଅଶ୍ୱିନୀ କୁମାର ମଲ୍ଲିକ।

# ନବୀନ ପୁଣି ନଂ.୧

**ନୂଆଦିଲ୍ଲୀ,୨୧।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶରେ ପୁଣି ୧ ନମ୍ବର ହୋଇଛନ୍ତି। ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କଠାରୁ ସେ ଲୋକପ୍ରିୟତାରେ ଆଗରେ ରହିଛନ୍ତି। ପ୍ରତିଷ୍ଠିତ ପତ୍ରିକା 'ଇଣ୍ଡିଆ ଟୁଡେ' ପକ୍ଷରୁ କରାଯାଇଥିବା ମୁଡ୍ ଅଫ୍ ଦି ନେଶନ୍ ସର୍ଭେ ୨୦୨୨ରେ ବିଜୁ ଜନତା ଦଳ (ବିଜେଡି) ସଭାପତି ଦେଶର ସବୁଠୁ ଲୋକପ୍ରିୟ

**'ଇଣ୍ଡିଆ ଟୁଡେ' ମୁଡ୍ ଅଫ୍ ଦି ନେଶନ୍ ସର୍ଭେ**

ମୁଖ୍ୟମନ୍ତ୍ରୀ ରୂପେ ଉଭା ହୋଇଛନ୍ତି। ଏହି ସର୍ବେକ୍ଷଣରେ ଭାଗନେଇଥିବା ଓଡ଼ିଶାର ୭୧.୧% ଲୋକ ତାଙ୍କ ସପକ୍ଷରେ ଭୋଟ ଦେଇଛନ୍ତି। ଓଡ଼ିଶାର ୨,୭୪୩ ଜଣଙ୍କୁ ନେଇ ସର୍ଭେ କରାଯାଇଥିବାବେଳେ ପ୍ରାୟ ୭୧% ମତଦାତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକୁ ନେଇ ସନ୍ତୁଷ୍ଟ ଥିବା କହିଛନ୍ତି। ୨୦୨୧ ଏପ୍ରିଲରେ ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା ସର୍ଭେରେ ମଧ ନବୀନ ତାଙ୍କର ସମସ୍ତ ପ୍ରତିପକ୍ଷଙ୍କଠାରୁ ଆଗରେ ଥିଲେ। ଏବେ ମଧ ସେ ନିଜ ଲୋକପ୍ରିୟତା ବଜାୟ ରଖିଥିବା ସଦ୍ୟ ସର୍ଭେରୁ ସ୍ପଷ୍ଟ ହୋଇଛି। ନବୀନଙ୍କ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଛନ୍ତି। ପଶ୍ଚିମବଙ୍ଗର ୪,୯୮୨ ଜଣଙ୍କୁ ନେଇ କରାଯାଇଥିବା ସର୍ଭେରେ ୬୯.୯% ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋଙ୍କ ପ୍ରଦର୍ଶନ ଉପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କୁ ☞ପୃଷ୍ଠା–୪



ନବୀନ ପଟ୍ଟନାୟକ


# ମୋଦି ବିଶ୍ୱର ସର୍ବାଧିକ ଆଦୃତ ନେତା

**ନୂଆଦିଲ୍ଲୀ,(ଆଇଏଏନ୍‌ଏସ୍)୨୧।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ଉଭା ହୋଇଛନ୍ତି। ୭୧% ବୟସ୍କଙ୍କ ଆଦୃତି ଲାଭକରି ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ ଓ ଜର୍ମାନୀ ଚାନ୍ସଲର ଓଲାଫ୍ ସ୍କୋଲ୍‌ଜଙ୍କ ଭଳି ବିଶ୍ୱସ୍ତରୀୟ ନେତାମାନଙ୍କୁ ପଛରେ ପକାଇଦେଇଛନ୍ତି।

ମର୍ନିଂ କନ୍‌ସଲ୍ଟ ପଲିଟିକାଲ ଇଣ୍ଟେଲିଜେନ୍ସ ପକ୍ଷରୁ କରାଯାଇଥିବା ସର୍ଭେରେ ମୋଦିଙ୍କ ସପକ୍ଷରେ ୭୧% ସ୍ୱୀକୃତି ରେଟିଂ ଯାଇଥିବାବେଳେ ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡୋର ୬୬% ସମର୍ଥନ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ପଛରେ ଅଛନ୍ତି ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଦ୍ରାଘି, ଯାହାଙ୍କୁ ୬୦% ଲୋକ ପସନ୍ଦ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୪୩% ଆପ୍ରୁଭାଲ ରେଟିଂ ସହ ୧୩ ବିଶ୍ୱନେତାଙ୍କ ମଧ୍ୟରୁ ଷଷ୍ଠ ସ୍ଥାନରେ ଅଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ୨୬% ସମର୍ଥନ ପାଇ ସବା ତଳେ ରହିଥିବା ସର୍ଭେ ପ୍ରଘଟ କରିଛି।

ଏହି ତାଲିକାରେ ଥିବା ଅନ୍ୟ ନେତାମାନେ ହେଲେ ଜୈର ବୋଲ୍‌ସୋନାରୋ(ବ୍ରାଜିଲ ରାଷ୍ଟ୍ରପତି), ଇମାନ୍ୟୁଏଲ ମାକ୍ରଁ(ଫ୍ରାନ୍ସ ରାଷ୍ଟ୍ରପତି), ମୁନ୍ ଜାଏ-ଇନ୍ (ଦକ୍ଷିଣ କୋରିଆ ରାଷ୍ଟ୍ରପତି), ☞ପୃଷ୍ଠା–୪



ନରେନ୍ଦ୍ର ମୋଦି





ଆସନ୍ତା ୨୩ ତାରିଖରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡିଆଗେଟ୍‌ରେ ନେତାଜୀଙ୍କ ହଲୋଗ୍ରାମ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବେ ବୋଲି ଟୁଇଟ୍‌ରେ ସଂଲଗ୍ନ କରିଥିବା ଫଟୋ।

# ଇଣ୍ଡିଆ ଗେଟ୍‌ରେ ସ୍ଥାପନ ହେବ ନେତାଜୀଙ୍କ ପ୍ରତିମୂର୍ତ୍ତି

**ନୂଆଦିଲ୍ଲୀ,୨୧।୧ (ପିଟିଆଇ)**

ଇଣ୍ଡିଆ ଗେଟ୍‌ରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ତାଙ୍କର ୧୨୫ତମ ଜନ୍ମବାର୍ଷିକୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଛନ୍ତି। ନେତାଜୀଙ୍କ ଅବଦାନ ପ୍ରତି ଭାରତ ଋଣୀ। ଏହାର ପ୍ରତୀକ ସ୍ୱରୂପ ଇଣ୍ଡିଆ ଗେଟ୍‌ରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ତାଙ୍କର ଗ୍ରାନାଇଟ୍ ନିର୍ମିତ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ନେତାଜୀଙ୍କର ଏକ ହଲୋଗ୍ରାମ ପ୍ରତିମୂର୍ତ୍ତି ସ୍ଥାନ ପାଇବ। ଆସନ୍ତା ୨୩ ତାରିଖ ନେତାଜୀଙ୍କ ଜନ୍ମଦିନରେ ତାଙ୍କର ହଲୋଗ୍ରାମ ପ୍ରତିମୂର୍ତ୍ତିକୁ ଇଣ୍ଡିଆ ଗେଟ୍‌ରେ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିବେ। ଗ୍ରାନାଇଟ୍ ପ୍ରତିମୂର୍ତ୍ତିର ଉଚ୍ଚତା ୨୮ ଫୁଟ ହୋଇଥିବାବେଳେ ଓସାର ୬ ଫୁଟ ରହିଛି। ଏକ ସାମିୟାନା ତଳେ ଉକ୍ତ ପ୍ରତିମୂର୍ତ୍ତି ରହିବ। ପୂର୍ବରୁ ଉକ୍ତ ସାମିୟାନା ତଳେ ରାଜ ପଞ୍ଚ ଜର୍ଜଙ୍କ ପ୍ରତିମୂର୍ତ୍ତି ରହିଥିଲା, ଯାହାକୁ ୧୯୬୮ରେ ହଟାଇ ଦିଆଯାଇଥିଲା। ଓଡ଼ିଆ ସ୍ଥପତି ତଥା ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ମର୍ଡନ ଆର୍ଟ ଗ୍ୟାଲେରି ନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ ନେତାଜୀଙ୍କ ଗ୍ରାନାଇଟ୍ ପ୍ରତିମୂର୍ତ୍ତି ତିଆରି କରିବେ ବୋଲି ଜଣାପଡ଼ିଛି।

**ଆଜିର ସମ୍ପାଦକୀୟ**

**ଭିଆଇପି ସଂସ୍କୃତିକୁ ବିରୋଧ**

# ଶେଷ ଦିନରେ ୯୪,୬୦୫ ଦାଖଲ

**ସରିଲା ନାମାଙ୍କନ, ୨୫ରେ ଚୂଡ଼ାନ୍ତ**

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ୨୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ, ୨୫ତାରିଖ ଅପରାହ୍ନ ୩ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ସେହି ଦିନ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ଜିଲା ପରିଷଦ ସଦସ୍ୟ ପାଇଁ ମୋଟ ୨,୨୯, ୦୬୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜାନୁୟାରୀ ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ୧,୬୨,୨୯୭ଜଣ ୱାର୍ଡମେମ୍ବର, ୩୪,୬୧୩ ଜଣ ସରପଞ୍ଚ, ୨୮,୧୫୩ ଜଣ ପଞ୍ଚାୟତ ସମିତି ସଭ୍ୟ ଏବଂ ୩,୯୯୯ ଜଣ ଜିଲା ପରିଷଦ ସଦସ୍ୟ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ତେବେ ଶୁକ୍ରବାର ନାମାଙ୍କନର ଶେଷ ଦିବସରେ ୯୪,୬୦୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୱାର୍ଡମେମ୍ବର ପାଇଁ ୬୫,୮୨୮ଜଣ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ସରପଞ୍ଚ ପଦବୀ ପାଇଁ ୧୪,୦୭୪, ପଞ୍ଚାୟତ ସମିତି ସଦସ୍ୟ ପାଇଁ ୧୨,୫୧୨ ଏବଂ ଜିଲା ପରିଷଦ ସଦସ୍ୟ ପାଇଁ ୨,୧୯୧ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି।



ଇତିମଧ୍ୟରେ ନାମାଙ୍କନ ଦାଖଲର ସମୟ ଶେଷ ହୋଇଥିବାବେଳେ ଦେବଗଡ଼ ଜିଲା ତିଳେଇବଣି ବ୍ଲକର ୫ଟି ପଞ୍ଚାୟତରେ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ସେହି ପଞ୍ଚାୟତଗୁଡ଼ିକ ହେଲା ପାରପୋଷି, ଝରାଗୋଗୁଆ, ଖାରମୁଣ୍ଡା, ଗଣ୍ଡାମ ଏବଂ ଡିମିରିକୁଡ଼ା। ଉକ୍ତ ଅଞ୍ଚଳରେ ମୋବାଇଲ ଫୋନ୍ ଟାୱାର ନ ଥିବାରୁ ପ୍ରତିବାଦ ସ୍ୱରୂପ ଚଳିତ ପଞ୍ଚାୟତ ନିର୍ବାଚନକୁ ସେଠାକାର ଲୋକମାନେ ବିରୋଧ କରିଛନ୍ତି। ଚଳିତଥର ପଞ୍ଚାୟତ ନିର୍ବାଚନରେ ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ ସରପଞ୍ଚ, ୬,୭୯୩ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟ ଗ୍ରହଣ ହେବ। ଭୋଟଗ୍ରହଣ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ହେବ। ପୂର୍ବରୁ ଭୋଟ ☞ପୃଷ୍ଠା–୪






# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ: ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ/ ବାଲେଶ୍ୱର ଅଫିସ, ୨୧।୧**

ରାଜ୍ୟର ବିଭିନ୍ନ ଅଞ୍ଚଳରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ବାରିପଦା ଟାଉନ ଥାନା ପୋଲିସ ଓ ବାଲେଶ୍ୱର ସଦର ଥାନା ପୋଲିସ ଶୁକ୍ରବାର ବାଲେଶ୍ୱର ରେସିଡେନସିଆଲ୍ କଲୋନୀରୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବୈଶିଙ୍ଗା ଅଞ୍ଚଳର ରୁନ୍‌ଝୁନ ଓରଫ୍ ସୀତାକାନ୍ତ ମହାପାତ୍ର(୪୬)। ଏନେଇ ପୋଲିସ ଗତ ୯ତାରିଖରେ ଏକ ମାମଲା (ନଂ.୨୩/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ସୀତାକାନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଥିବା ବିୟୁଟିପାର୍ଲରକୁ ରୂପସଜ୍ଜା ସାମଗ୍ରୀ ଯୋଗାଇଥାନ୍ତି। କିଛି ଦିନ ପରେ ସମସ୍ତଙ୍କ ବିଶ୍ୱାସ ଜିଣି ନିଜେ ଏକ ରୂପସଜ୍ଜା ସାମଗ୍ରୀ ବିକ୍ରୟ ସଂସ୍ଥା ଖୋଲିଥିଲେ। ସାମଗ୍ରୀ ନେବା ପାଇଁ ପାର୍ଲର ମାଲିକାଣୀ ଯେତେ ଟଙ୍କା ଜମା କରିବେ ୧୨ମାସରେ ତାହା ୨ଗୁଣ ହେବ ବୋଲି ଲୋଭ ଦେଖାଇଥିଲେ। ଏଥିରେ ଚତୁରତାର ସହିତ ପାର୍ଲର ମାଲିକାଣୀ ଓ ବିୟୁଟିସିଆନଙ୍କୁ ଏଜେଣ୍ଟ ମଧ୍ୟ ସଜାଇଥିଲେ। ବର୍ଷକରେ ପଇସା ଦୁଇଗୁଣ ହେବାକୁ ଥିବାରୁ ସେମାନେ ନିଜ ଗ୍ରାହକମାନଙ୍କୁ ମଧ ଏଥିରେ ସାମିଲ କରିଥିଲେ। ଅଭିଯୁକ୍ତ ଜଣଙ୍କ ପ୍ରଥମ ଦୁଇଟି କିସ୍ତିର ଲାଭ ଅର୍ଥ ଠିକ୍ ସମୟରେ ସମସ୍ତଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ କିସ୍ତି ବେଳକୁ ଟଙ୍କା ନ ପାଇବାରୁ ସମସ୍ତେ ଚିଟଫଣ୍ଡ ଭଳି ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ବାରିପଦା ଲାଲବଜାରର ଏକ ବିୟୁଟିପାର୍ଲର ମାଲିକାଣୀଙ୍କ ପାଖରୁ ଅଭିଯୁକ୍ତ ଅନୁରୂପ ଭାବେ ୧୨ଲକ୍ଷ ଟଙ୍କା ନେଇଥିବା ବେଳେ ୨୪ଲକ୍ଷ ଟଙ୍କାର ବଣ୍ଡ୍ ଦେଇଥିଲେ। ତେବେ ସେ ମୂଳଟଙ୍କା ଫେରି ନ ପାଇବାରୁ ଟାଉନ ଥାନାର ଆଶ୍ରୟ ନେଇଥିଲେ।

# ପ୍ରିୟଙ୍କା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

**ନୂଆଦିଲ୍ଲୀ,୨୧।୧**

ଉତ୍ତର ପ୍ରଦେଶରେ କଂଗ୍ରେସ କ୍ଷମତାକୁ ଆସିଲେ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମୁଖ୍ୟମନ୍ତ୍ରୀ ହେବେ। ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଶୁକ୍ରବାର ଯୁବ ଘୋଷଣାପତ୍ର 'ଭର୍ତ୍ତି ବିଧାନ' ଜାରି କରିବା ଅବସରରେ ପ୍ରିୟଙ୍କା ଏନେଇ ମୁହଁ ଖୋଲିଛନ୍ତି।

ୟୁପିର ଏଆଇସିସି ପ୍ରଭାରୀ ପ୍ରିୟଙ୍କା ଶୁକ୍ରବାର ପ୍ରଥମ ଥର ପାଇଁ ତାଙ୍କ ରାଜନୈତିକ କ୍ୟାରିୟରକୁ ନେଇ ବଡ଼ ଘୋଷଣା କରିଛନ୍ତି। ଆଗାମୀ ନିର୍ବାଚନରେ ରାଜ୍ୟରେ ଦଳର ଚେହେରା କିଏ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ପ୍ରିୟଙ୍କା ସେ ନିଜେ ବୋଲି ଉତ୍ତର ଦେଇଛନ୍ତି। ଏଥିସହ ଖବରଦାତାଙ୍କୁ ଓଲଟା ପ୍ରଶ୍ନ କରିଛନ୍ତି, ୟୁପିରେ ଦଳର ଆଉ କେଉଁ ଚେହେରା ଦେଖାଯାଉଛି କି? ତେବେ ସେ କେଉଁ ବିଧାନସଭା ଆସନରୁ ଲଢ଼ିବେ ସେନେଇ ଉପଯୁକ୍ତ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରିୟଙ୍କା କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ ନିର୍ବାଚନ ଉପରେ ବଡ଼ ରାଜନୈତିକ ପ୍ରଭାବ ପକାଇବ ବୋଲି କୁହାଯାଉଛି। ଭାଇ ରାହୁଲ ଗାନ୍ଧୀଙ୍କ ସହ ନୂଆଦିଲ୍ଲୀରେ ୟୁପି ନିର୍ବାଚନ ଲାଗି ଘୋଷଣାପତ୍ରକୁ ଉନ୍ମୋଚନ କରି ଉଭୟେ କହିଛନ୍ତି, କଂଗ୍ରେସ ଜିତିଲେ ୨୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ସେଥିରୁ ୮ ଲକ୍ଷ କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ରାହୁଲ ଓ ପ୍ରିୟଙ୍କା ଖବରଦାତା ସମ୍ମିଳନୀରେ ପ୍ରତିଶ୍ରୁତି ଦେଇଛନ୍ତି। ୟୁଥ୍ ମାନିଫେଷ୍ଟୋ କେବଳ ଫମ୍ପା ପ୍ରତିଶ୍ରୁତି ନୁହେଁ, ବରଂ ଯୁବବର୍ଗଙ୍କ ପରାମର୍ଶ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ସେମାନଙ୍କ ମତାମତ ମଧ୍ୟ ରହିଛି। ୟୁପିର ଯୁବପିଢ଼ିଙ୍କୁ ଏକ ନୂଆ ମାର୍ଗ ଦରକାର, ଯାହାକି କେବଳ କଂଗ୍ରେସ ଦେଇପାରିବ ବୋଲି ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ ୟୁପି ବିଧାନସଭାର ୪୦୩ ଆସନରେ ୭ ପର୍ଯ୍ୟାୟରେ ନିର୍ବାଚନ ହେବ। ଫେବୃଆରୀ ୧୦,୧୪,୨୦,୨୩,୨୭ ଏବଂ ମାର୍ଚ୍ଚ ୩, ୭ରେ ମତଦାନ ଅଛି। ମାର୍ଚ୍ଚ ୧୦ରେ ଭୋଟ ଗଣତି କରାଯିବ। ସବୁଠୁ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ୟୁପିରେ କଂଗ୍ରେସ ଦୀର୍ଘ ୩୦ ବର୍ଷ ଧରି କ୍ଷମତାରୁ ଦୂରରେ ରହିଛି। ୨୦୧୭ ବିଧାନସଭା ନିର୍ବାଚନ ବେଳେ ଭାଜପାକୁ ୩୧୨ ଆସନରେ ସଫଳତା ମିଳିଥିଲା। ସମାଜବାଦୀ ପାର୍ଟିକୁ ୪୭ ଓ ବହୁଜନ ସମାଜ ପାର୍ଟିକୁ ୧୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କଂଗ୍ରେସ ମାତ୍ର ୭ ଆସନ ଦଖଲ କରିପାରିଥିଲା।

## ୟୁପି ପାଇଁ ଯୁବ ଘୋଷଣାପତ୍ର ଜାରି କଲା କଂଗ୍ରେସ



ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଯୁବ ଘୋଷଣାପତ୍ର 'ଭର୍ତ୍ତି ବିଧାନ' ଜାରି କରିବା ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ପ୍ରାର୍ଥୀ ହେଲେ ବିଦେଶ ଫେରନ୍ତା ଇଞ୍ଜିନିୟର

**ନବରଙ୍ଗପୁର,୨୧।୧(ବି.ପ୍ର.)**


ରତିକାନ୍ତ ପଣ୍ଡା

ବିଦେଶ ଫେରନ୍ତା ସଫ୍ଟୱେର ଇଞ୍ଜିନିୟର ସାଜିଲେ ଜିଲା ପରିଷଦ ପ୍ରାର୍ଥୀ। ସେ କାନାଡାର ବିଭିନ୍ନ କମ୍ପାନୀରେ ଚାକିରି କରିଛନ୍ତି। ଏବେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଜିଲା ପରିଷଦ ଜୋନ୍ ୨ ପାଇଁ ବିଜେଡି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଛନ୍ତି ଦିଗିସଲପା ଗ୍ରାମର ରତିକାନ୍ତ ପଣ୍ଡା।

ରତିକାନ୍ତ କମ୍ପ୍ୟୁଟର ଇଞ୍ଜିନିୟରିଂରେ ଶିକ୍ଷା ଗ୍ରହଣ କରିବା ପରେ ଦେଶ ଓ ବିଦେଶର ବିଭିନ୍ନ କମ୍ପାନୀରେ ଚାକିରି କରିଥିଲେ। ସେ ଅନେକ ମେଟ୍ରୋ ପଲିଟିଆନ ସହରରେ କାମ କରିବାବେଳେ ବିଭିନ୍ନ କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରୁଥିଲେ। ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସେହି ପ୍ରୟୋଗ ହୋଇପାରୁ ନ ଥିଲା। ଏହା ତାଙ୍କୁ ଗଭୀରଭାବେ ପ୍ରଭାବିତ କରିଥିଲା। ନିଜ ଜନ୍ମମାଟିରେ ଉକ୍ତ ଜ୍ଞାନକୌଶଳ ପ୍ରୟୋଗକରିବା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ବର୍ତ୍ତମାନ ନିଜ ଅଞ୍ଚଳର ଉନ୍ନତି ସହ ଜ୍ଞାନକୌଶଳର ପ୍ରୟୋଗ ନେଇ ସେ ଦେଖିଥିବା ସ୍ୱପ୍ନକୁ ପୂରଣ ଲକ୍ଷ୍ୟରେ ରାଜନୀତିକୁ ଆସିଛନ୍ତି ବୋଲି ରତିକାନ୍ତ କହିଛନ୍ତି।

## ବିଧାୟକଙ୍କ ସ୍ତ୍ରୀ ଜିଲା ପରିଷଦ ପ୍ରାର୍ଥୀ

**ବାରିପଦା ଅଫିସ,୨୧।୧**


ଚମ୍ପା ଟୁଡୁ

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ୯ନଂ. ଜୋନ୍‌ରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ସାରସକଣା ବିଧାୟକ ଡା.ବୁଢ଼ାନ ମୁର୍ମୁଙ୍କ ସ୍ତ୍ରୀ ଚମ୍ପା ଟୁଡୁ ଭାଜପା ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜିଲା ମହିଳା ମୋର୍ଚ୍ଚାର କୋଷାଧ୍ୟକ୍ଷା ପଦବୀରେ ରହି ସେ ଦଳୀୟ ସଙ୍ଗଠନକୁ ମଜଭୁତ କରିପାରିଛନ୍ତି। ସ୍ୱାମୀଙ୍କ ସହ ଲୋକଙ୍କ ଦୁଃଖସୁଖରେ ସାମିଲ ହୋଇ ଦେଶମାତୃକାର ସେବା କରିବାକୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ସେ କହିଛନ୍ତି। ତେବେ ଭାଜପା ନୂଆ ମୁହଁଙ୍କୁ ପ୍ରାର୍ଥୀ କରିବା ପରିବର୍ତ୍ତେ ପାରିବାରିକ ରାଜନୀତିକୁ ଗୁରୁତ୍ୱ ଦେଉଥିବା ଚର୍ଚ୍ଚା ଜୋର ଧରିଛି।


ନୂଆଦିଲ୍ଲୀରେ ପୂର୍ବତନ ଭାଜପା ନେତା ହରକ୍ ସିଂ ରାୱତ୍ ଓ ତାଙ୍କ ବୋହୂ ଅନୁକ୍ରିତି ଗୁସାଇଁ କଂଗ୍ରେସରେ ଯୋଗଦେବା ଅବସରରେ ବିଜୟ ସଙ୍କେତ ଦେଖାଉଛନ୍ତି।

## ଉମା ସାମନ୍ତରାୟଙ୍କ ସ୍ତ୍ରୀ ହେଲେ ସମିତି ସଭ୍ୟ ପ୍ରାର୍ଥୀ

**ସାକ୍ଷୀଗୋପାଳ,୨୧।୧(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସ୍ତ୍ରୀ ଶୁଭ୍ରାନ୍ତୀ ଶୁକ୍ରବାର ସମିତି ସଭ୍ୟ ପଦବୀ ନିମନ୍ତେ କଣାସ ବ୍ଲକ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କଣାସ ବ୍ଲକର ତାଙ୍କ ନିଜ ପଞ୍ଚାୟତ ଦୋଛିଆଁ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ସେ ନିର୍ବାଚନ ଲଢିବେ। ଜଣେ ସାମାଜିକ କର୍ମୀ ଭାବେ ପରିଚିତ ଶୁଭ୍ରାନ୍ତୀ ପୂର୍ବରୁ ଦୁଇଥର ପୁରୀ ଜିଲା ପରିଷଦ ୩ନଂ ଜୋନରୁ ଜିଲା ପରିଷଦ ସଭ୍ୟା ଓ ଦୋଛିଆଁ ପଞ୍ଚାୟତର ସମିତି ସଭ୍ୟା ଭାବେ ଥରେ ବିଜୟୀ ହୋଇଥିଲେ। କଣାସ ବ୍ଲକ ଜନସାଧାରଣଙ୍କ ଆଗ୍ରହ ଏବଂ ସ୍ୱଚ୍ଛ ଶାସନ ଲକ୍ଷ୍ୟ ନେଇ ସେ ନିର୍ବାଚନକୁ ଓହ୍ଲାଇଥିବା କହିଛନ୍ତି।

## ଦୁଇ ଭଉଣୀଙ୍କ ମଧ୍ୟରେ ଲଢ଼େଇ

**ନବରଙ୍ଗପୁର,୨୧।୧(ବି.ପ୍ର.)**

ଦୁଇ ସମ୍ପର୍କୀୟ ଭଉଣୀଙ୍କ ମଧ୍ୟରେ ହେବ ନିର୍ବାଚନୀ ଲଢ଼େଇ। ସେମାନେ ସାଜିଛନ୍ତି ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ। ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନ ମଣ୍ଡଳୀ ପାପଡ଼ାହାଣ୍ଡି ଜୋନ୍-୨ ଜିଲା ପରିଷଦ ଆସନ ପାଇଁ ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝିଙ୍କ ଝିଅ ଡାକ୍ତର ଲିପିକା ଏବଂ ତାଙ୍କ ବଡ଼ ମାଆ (ମା'ଙ୍କ ବଡ଼ ଭଉଣୀ)ଙ୍କ ଝିଅ ଭାନୁମତି ପୂଜାରୀଙ୍କ ମଧ୍ୟରେ ଲଢ଼େଇ ହେବ। ଲିପିକା କଂଗ୍ରେସରୁ ଓ ଭାନୁମତି ବିଜେଡିରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ସୂଚନାନୁଯାୟୀ, ଲିପିକା ୧୮ରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଭାନୁମତି ତାଙ୍କ ଭଉଣୀ ବିରୋଧରେ ବିଜେଡି ପ୍ରାର୍ଥୀଭାବେ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହା ଦୁଇ ଭଉଣୀଙ୍କର ନୁହଁ ବରଂ ଦୁଇ ବିଚାରଧାରାର ଲଢ଼େଇ। ସମ୍ପର୍କ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଭାନୁମତି ଓ ଲିପିକା କହିଛନ୍ତି। ଏହା ଏକ ରାଜନୈତିକ ଲଢ଼େଇ। ସମ୍ପର୍କ ଉପରେ ଏହାର ପ୍ରଭାବ କିଛି ରହିବ ନାହିଁ ବୋଲି ପୂର୍ବତନ ବିଧାୟକ ଭୁଜବଳ ମାଝି କହିଛନ୍ତି।

## କ୍ଷମତାର ଅପବ୍ୟବହାର କରୁଛି ଶାସକ ଦଳ: ଭାଜପା

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**


ନିର୍ବାଚନ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ନେତୃବୃନ୍ଦ।

ଶାସନ କଳ ଓ କ୍ଷମତାର ଅପବ୍ୟବହାର କରି ବିଜେଡି ଭୋଟ ହାତେଇବାର ସମସ୍ତ ପ୍ରକାର ଅପପ୍ରୟାସ ଜାରି ରଖିଥିବା ଭାଜପା ଅଭିଯୋଗ କରିଛି। ଶାସକ ଦଳ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଲାଗୁ କରାଯାଇଥିବା ଆଦର୍ଶ ନିର୍ବାଚନ ଆଚରଣ ବିଧି ଏବଂ କୋଭିଡ୍ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରି ଚାଲେଞ୍ଜ ଦେଉଥିବା ବେଳେ ପ୍ରଶାସନ ଓ ରାଜ୍ୟ ନିର୍ବାଚନ କମିଶନ ନୀରବଦ୍ରଷ୍ଟା ସାଜିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ହେବା ନେଇ ପ୍ରଶ୍ନ ସୃଷ୍ଟି ହୋଇଥିବା ଭାଜପା ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଭାଜପା ଅଭିଯୋଗ କରିଛି, ଆରମ୍ଭରୁ ହିଂସାପରାୟଣ ହୋଇ ଶାସକ ବିଜେଡି ବିରୋଧୀଙ୍କୁ ମରଣାନ୍ତକ ଆକ୍ରମଣ କରୁଛି। ଏ ସମସ୍ତ ଘଟଣା ପୋଲିସ ଓ ପ୍ରଶାସନର ଉପସ୍ଥିତିରେ ଘଟୁଛି। 'ଜାଗା ମିଶନ' କାର୍ଯ୍ୟକ୍ରମକୁ ବିଜେଡି ଦଳୀୟ କାର୍ଯ୍ୟକ୍ରମରେ ରୂପାନ୍ତରିତ କରି ଭୋଟରମାନଙ୍କୁ ପ୍ରଭାବିତ କରୁଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆଚରଣ ବିଧି ଏବଂ କୋଭିଡ୍ କଟକଣା ଜାରି ରହିଥିବାବେଳେ ଶାସକ ବିଜେଡି ନେତା ଓ କର୍ମୀମାନେ ପୋଲିସ ଏବଂ ପ୍ରଶାସନ ସହାୟତାରେ ସମସ୍ତ କଟକଣାକୁ ଉଲ୍ଲଂଘନ କରିବା ବିଡ଼ମ୍ବନାର ବିଷୟ। ଏହି ପ୍ରସଙ୍ଗରେ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ସମସ୍ତ ତଥ୍ୟ ଓ ପ୍ରମାଣ ପ୍ରଦାନ କରିବା ସହ ଆଇନ ଅନୁଯାୟୀ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି।

## କଂଗ୍ରେସକୁ ଫେରିଲେ ହରକ୍

**ଡେରାଡୁନ/ନୂଆଦିଲ୍ଲୀ,୨୧।୧:** ଉତ୍ତରାଖଣ୍ଡ କ୍ୟାବିନେଟର ବହିଷ୍କୃତ ମନ୍ତ୍ରୀ ତଥା ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ସୋମବାର ଭାଜପାରୁ ନିଲମ୍ବିତ ହୋଇଥିବା ହରକ୍ ସିଂ ରାୱତ୍ ପୁଣି କଂଗ୍ରେସକୁ ଫେରିଛନ୍ତି। ହରକ୍ ଓ ତାଙ୍କ ବୋହୂ ଅନୁକ୍ରିତି ଗୁସାଇଁ ଶୁକ୍ରବାର କଂଗ୍ରେସରେ ଯୋଗଦେଇଛନ୍ତି। ହରକ୍ ହେଉଛନ୍ତି, ୨୦୧୬ରେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ୧୦ ବିଦ୍ରୋହୀ ବିଧାୟକଙ୍କ ମଧ୍ୟରୁ ଅନ୍ୟତମ। ଏହି ବିଧାୟକମାନେ ଭାଜପାକୁ ଡିଆଁ ମାରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍‌ଙ୍କ ସରକାର ଭୁଶୁଡ଼ିପଡ଼ିଥିଲା। ନୂଆଦିଲ୍ଲୀରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଉପସ୍ଥିତିରେ ପୁରୁଣା ଦଳକୁ ଫେରିବା ପରେ ହରକ୍ ଉଲ୍ଲସିତ ହୋଇଯାଇଛନ୍ତି। ଫେବୃୟାରୀ ୧୪ରେ ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ହେବ। କଂଗ୍ରେସ ଅନୁକ୍ରିତିଙ୍କୁ ଲାନ୍ସଡୋନ୍ ଆସନରେ ପ୍ରାଥୀ କରିପାରେ।

## ପ୍ରାର୍ଥିପତ୍ର ଦାଖଲ କରି ନ ପାରି ଅନଶନ

**ଆଳି,୨୧।୧(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବରାଡ଼ିଆ ପଞ୍ଚାୟତର ଆଶାୟୀ ସମିତିସଭ୍ୟା ପ୍ରାର୍ଥୀ ସୁନତି ରାଉତ ପ୍ରାର୍ଥିପତ୍ର ଦାଖଲ କରିବାର ସୁଯୋଗ ନ ପାଇ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅନଶନରେ ବସିଛନ୍ତି। ସୁନତି ଅଭିଯୋଗ କରିଛନ୍ତି, ସେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅପରାହ୍ନ ୩ଟା ପୂର୍ବରୁ ଆସି ଉପସ୍ଥିତ ଥିଲେ। ତାଙ୍କୁ ବ୍ଲକ କାର୍ଯ୍ୟାଳୟର ପିଅନ ବାହାର କରି ଦେଇଥିଲେ। ବିଡିଓ କାର୍ଯ୍ୟାଳୟ ବନ୍ଦ କରି ପଳାଇ ଯାଇଥିଲେ। କିନ୍ତୁ ସେ ଯେପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି ସେ ପର୍ଯ୍ୟନ୍ତ ଅନଶନ ଜାରି ରଖିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ତଥା ନିର୍ବାଚନ ଅଧିକାରୀ ରବି ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ସୁନତି ବିଳମ୍ବରେ ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିଲେ। ବ୍ଲକର ମୋଟ ନାମାଙ୍କନ ପତ୍ର ଦାଖଲ ଚିଠା ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବା ପରେ ସୁନତି ପ୍ରାର୍ଥିପତ୍ର ଦାଖଲ ନିମନ୍ତେ ଆସିଥିଲେ ବୋଲି ସେ କହିଛନ୍ତି।


ରାଜକନିକା ବ୍ଲକ କାର୍ଯ୍ୟାଳୟରେ ଅନଶନରତ ସୁନତି ରାଉତ।

## ସରପଞ୍ଚ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଛଡ଼ାଇନେଲେ

**ପାତ୍ରପୁର,୨୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ପାହାଡ଼ ଉପରେ ଥିବା ଆଙ୍କୁଲି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଛଡ଼ାଇ ନିଆଯାଇଛି। ଏହି ପଞ୍ଚାୟତରେ ଅନୁସୂଚିତ ଜନଜାତି ବର୍ଗର ଲୋକେ ବସବାସ କରୁଥିଲେ ମଧ୍ୟ ଚଳିତଥର ସରପଞ୍ଚ ପଦବୀ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଏହାକୁ ବିରୋଧ କରି ପଞ୍ଚାୟତବାସୀ ସରପଞ୍ଚ, ସମିତିସଭ୍ୟ କିମ୍ବା ୱାର୍ଡ ସଭ୍ୟ ପ୍ରାର୍ଥୀ ନ ଦେବାକୁ ସ୍ଥିର କରିଥିଲେ। ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ଅନ୍ୟ ପଞ୍ଚାୟତର ଜଣେ ମହିଳା ସରପଞ୍ଚ ପଦବୀ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହା ଜାଣିବା ପରେ ଆଙ୍କୁଲିର ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଉକ୍ତ ନାମାଙ୍କନପତ୍ର ଛଡ଼ାଇ ନେଇଥିଲେ। ଖବରପାଇ ପୋଲିସ ପାହାଡ଼ ଉପରେ ପହଞ୍ଚିବା ଦେଖି ରୁଣ୍ଡ ହୋଇଥିବା ଲୋକେ ଚାଲି ଯାଇଥିଲେ। ତେବେ ସଂରକ୍ଷଣକୁ ବିରୋଧ କରି ୧୨ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତରେ କୌଣସି ବି ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବା ଜଣାପଡ଼ିଛି।

## ସରପଞ୍ଚ ପ୍ରାର୍ଥୀ ହେଲେ ଏମ୍‌ବିଏ ଛାତ୍ର

**ଉମରକୋଟ, ୨୧।୧(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲାରେ ଜଣେ ଏମବିଏ ପଢୁଥିବା ଛାତ୍ର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେ ହେଲେ ଉମରକୋଟ ବ୍ଲକ ରାଜପୁର ପଞ୍ଚାୟତର କ୍ରିଷ୍ଣା ପୂଜାରୀ (୨୩)।


କ୍ରିଷ୍ଣା ପୂଜାରୀ

କ୍ରିଷ୍ଣା ଭୁବନେଶ୍ୱରର ଏକ ଘରୋଇ କଲେଜରେ ଏମ୍‌ବିଏ କରୁଛନ୍ତି। ସେ ଏବେ ରାଜପୁର ସରପଞ୍ଚ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରାଜପୁର ପଞ୍ଚାୟତର ଦୁରବସ୍ଥା ତାଙ୍କୁ ରାଜନୀତିରେ ପାଦ ଥାପିବାକୁ ବାଧ୍ୟ କରିଥିବା କ୍ରିଷ୍ଣା କହିଛନ୍ତି। ରାଜପୁର ଏକ ଅନୁନ୍ନତ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ସମୟରେ ଏଠାରେ ନିର୍ବାଚିତ ସରପଞ୍ଚ ସ୍ଥାନୀୟ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏବେ ମଧ୍ୟ ଏଠାକାର ଲୋକେ ରାସ୍ତା, ବିଜୁଳି, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ। ସରପଞ୍ଚ ହେଲେ ସେ ଏ ଅଞ୍ଚଳରେ ସମସ୍ୟାର ସମାଧାନ କରିବା ପାଇଁ ଆଶା ରଖିଛି ବୋଲି କ୍ରିଷ୍ଣା କହିଛନ୍ତି।

## ସମିତି ସଭ୍ୟ ପାଇଁ ଲଢିବେ ଇଞ୍ଜିନିୟରିଂ ଛାତ୍ର

**କୁଆଁରମୁଣ୍ଡା,୨୧।୧(ଡି.ଏନ.ଏ):** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶୁକ୍ରବାର ଶେଷ ଦିବସରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ପଞ୍ଚାୟତରୁ ଜଣେ ଇଞ୍ଜିନିୟରିଂ ଛାତ୍ର ମୋତିଲାଲ ବଡାଇକ୍ ସମିତି ସଭ୍ୟ ପଦ ପାଇଁ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଭୁବନେଶ୍ୱର ସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ କୋର୍ସ କରୁଛନ୍ତି। ମୋତିଲାଲ ଉକ୍ତ କଲେଜର ଶେଷବର୍ଷର ଛାତ୍ର। ଚାକିରି ନ କରି ଲୋକଙ୍କ ସେବା କରିବା ପାଇଁ ସେ ରାଜନୀତି କ୍ଷେତ୍ରକୁ ବାଛିଥିବା ପ୍ରକାଶ କରିଛନ୍ତି।

## କୋଟିଆର ଜିଲା ପରିଷଦ ପାଇଁ ସର୍ବଦଳୀୟ ପ୍ରାର୍ଥୀ

**କୋରାପୁଟ,୨୧।୧(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ଥିଲା ପ୍ରାର୍ଥିପତ୍ର ଦାଖଲର ଥିଲା ଶେଷ ଦିବସ। ଏହି ଦିବସରେ କୋଟିଆ ଉପରେ ସମସ୍ତଙ୍କ ନଜର ଥିଲା। କୋଟିଆରେ ସର୍ବଦଳୀୟ ପ୍ରାର୍ଥୀ ଦେବାକୁ ଗୁରୁବାର କୋରାପୁଟରେ ସର୍ବଦଳୀୟ କମିଟି ବୈଠକ ବସି ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ କୋଟିଆର ଜିଲା ପରିଷଦ ପାଇଁ ସର୍ବଦଳୀୟ ପ୍ରାର୍ଥୀ ଭାବେ ମମତା ଜାନି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସର୍ବଦଳୀୟ କମିଟିର ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ଅପରାହ୍ନରେ କୋଟିଆର ଜିଲା ପରିଷଦ ପ୍ରାର୍ଥୀ ( ପଟ୍ଟାଙ୍ଗୀ ଜୋନ୍-୧) ମମତା ଜାନି କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାଯାଇଛି। ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ମହୂର୍ତ୍ତରେ କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସ ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି,ଭାଜପାର ବରିଷ୍ଠନେତା ଜୟରାମ ପାଙ୍ଗୀ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପୂର୍ବତନ ଏମ୍‌ପି ଝିନ ହିକ୍କା, ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଓ ପ୍ରଫୁଲ୍ଲ କୁମାର ପାଙ୍ଗୀଙ୍କ ଉପସ୍ଥିତିରେ ମମତା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମମତା ବିଏ ପାସ୍ କରିଥିବାବେଳେ ତାଙ୍କ ଘର ଥୁରିଆରେ ବୋଲି ଜଣାପଡିଛି। ଅପରପକ୍ଷେ ପଟ୍ଟାଙ୍ଗୀ ଜିଲାପରିଷଦ ଜୋନ-୧ ପାଇଁ ଅନ୍ୟ ଦୁଇଜଣ ଟିକାଇ ଗେମେଲ ଓ ସବିନା ବୁଡିଆ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସନ୍ତା ୨୫ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ହୋଇଥିବାରୁ ସେଦିନ କୋଟିଆର ଜିଲା ପରିଷଦ ଜୋନରେ ନାମାଙ୍କନ ପତ୍ରଦାଖଲ କରିଥିବା ଟିକାଇ ଓ ସବିନା ତାଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଶୁକ୍ରବାର କୋରାପୁଟ ଉପଜିଲାପାଳଙ୍କ ନିକଟରେ ମୋଟ ୩୬ ଜଣ ଜିଲା ପରିଷଦ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିବା ଜଣାଯାଇଛି।


ପ୍ରାର୍ଥିପତ୍ର ଦାଖଲ କରିଥିବା ମମତା ଜାନି।

## ଟିକେଟ ଫେରାଇଲେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା

**ନବରଙ୍ଗପୁର,୨୧।୧(ବି.ପ୍ର.)**

ପଞ୍ଚାୟତ ନିର୍ବାଚନରେ ବିଜେଡି ପକ୍ଷରୁ ନବରଙ୍ଗପୁର ବ୍ଲକ ଜୋନ୍(ଖ) ପାଇଁ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝିଙ୍କୁ ଗୁରୁବାର ଟିକେଟ ଦିଆଯାଇଥିଲା। କିନ୍ତୁ କୌଣସି ପଞ୍ଚାୟତର ଭୋଟର ତାଲିକାରେ ତାଙ୍କ ନାମ ନ ଥିବାରୁ ସେ ଉକ୍ତ ଟିକେଟ ପର୍ଯ୍ୟବେକ୍ଷକଙ୍କୁ ଫେରାଇ ଦେଇଛନ୍ତି। ତାଙ୍କ ପରିବର୍ତ୍ତେ ପରିଜା ଭତରାଙ୍କୁ ଟିକେଟ ଦିଆଯିବାକୁ ସୁପାରିସ କରିଛନ୍ତି। ଭତରା ଟିକେଟ ପାଇ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।


ମଞ୍ଜୁଳା ମାଝି

ସୂଚନାନୁଯାୟୀ, ମଞ୍ଜୁଳା କଂଗ୍ରେସ ପକ୍ଷରୁ ଟିକେଟ ପାଇ ଜିଲା ପରିଷଦ ଅଧ୍ୟକ୍ଷା ,ଜିଲା ପରିଷଦ ଉପାଧ୍ୟକ୍ଷା ମଧ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ମିଶି ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀଭାବେ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଲଢ଼ିଥିଲେ। ପରେ ସେ ବିଜେଡିରେ ଯୋଗଦେଇଥିଲେ।

## ସମିତିସଭ୍ୟ ପ୍ରାର୍ଥିନୀ ହେଲେ ଇଞ୍ଜିନିୟର

**କାମାକ୍ଷାନଗର, ୨୧।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର କନ୍ତିଓପୁଟସାହି ପଞ୍ଚାୟତର ସମିତିସଭ୍ୟ ପଦବୀ ଲାଗି ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରି ଚର୍ଚ୍ଚାକୁ ଆସିଛନ୍ତି ଜଣେ ବି-ଟେକ୍ ପଢୁଆ ମହିଳା। ସେ ହେଉଛନ୍ତି ସଂଘମିତ୍ରା ମିଶ୍ର। ବି-ଟେକ୍ ପାଠପଢ଼ା ପରେ ସଂଘମିତ୍ରା ୨ବର୍ଷ ହେଲା ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ ଚାକିରି କରୁଥିଲେ। କିଛିଦିନ ତଳେ ତାଙ୍କର ବିବାହ ଗ୍ରାମର ସୁନୀଲ ମିଶ୍ରଙ୍କ ସହ ହୋଇଥିଲା। ସେ ପ୍ରତିକ୍ରିୟାରେ କୁହନ୍ତି, ଜନତାଙ୍କ ସୁଖଦୁଃଖରେ ସାମିଲ ହେବାର ସୁଯୋଗ ମିଳିବ। ଦୁର୍ନୀତି ବିରୋଧରେ ଲଢ଼ିବା ଲାଗି ସେ ରାଜନୀତିକୁ ଆସିବାକୁ ମନ ବଳାଇଥିବା କହିଛନ୍ତି।

ଧରିତ୍ରୀ
DHARITRI
ଶନିବାର, ୨୨ ଜାନୁୟାରୀ, ୨୦୨୨

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୪,୪୦,୮୧,୧୨୬ | ୫୫,୯୬,୦୯୬ | ୨୭,୫୩,୫୬,୧୮୧ |
| ଭାରତ | ୩,୮୫,୬୬,୦୨୭ | ୪,୮୮,୪୨୨ | ୩,୬୦,୫୮,୮୦୬ |
| ଓଡ଼ିଶା | ୧୧,୮୭,୨୯୫ | ୮୫୦୭(+୫୩) | ୧୦,୯୯,୪୨୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ଏଏସ୍ଓ ପଦବୀ ପାଇଁ ବୟସସୀମା ବଢ଼ିଲା

- ଓପିଏସ୍‌ସି ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶିତ
- ଆବେଦନ କରିପାରିବେ ୩୮ ବର୍ଷ ବୟସର ପ୍ରାର୍ଥୀ

**କଟକ ଅଫିସ,୨୧।୧**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍ଓ) ପଦବୀ ପୂରଣ ପାଇଁ ହେବାକୁ ଥିବା ପରୀକ୍ଷାର ସଂଶୋଧିତ ବିଜ୍ଞପ୍ତି ଗୁରୁବାର ପ୍ରକାଶ ପାଇଛି। ଗୃହ ବିଭାଗ ଅଧୀନରେ ଥିବା ୭୯୬ଟି ଏଏସ୍ଓ ପଦବୀ ନିମନ୍ତେ ଏଥର ୩୮ ବର୍ଷ ବୟସର ପ୍ରାର୍ଥୀମାନେ ଆବେଦନ କରିପାରିବେ। ପୂର୍ବରୁ ୨୧ରୁ ୩୨ ବର୍ଷ ବୟସର ପ୍ରାର୍ଥୀମାନେ ଏହି ପଦବୀ ନିମନ୍ତେ ଆବେଦନ କରିପାରିବେ ବୋଲି ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ରାଜ୍ୟ ସରକାର ଚାକିରି ପାଇଁ ବୟସ ସୀମା ବୃଦ୍ଧି କରିବା ପରେ ଓପିଏସ୍‌ସି ପକ୍ଷରୁ ଏହି ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। କେବଳ ଆବେଦନ ନିମନ୍ତେ ବୟସସୀମା ପରିବର୍ତ୍ତନ କରାଯାଇଛି। ଅନ୍ୟ ସମସ୍ତ ବିଷୟ ଅପରିବର୍ତ୍ତିତ ରହିବ ବୋଲି ଓପିଏସ୍‌ସି ସଚିବ ଅଶୋକ କୁମାର ଦାସ କହିଛନ୍ତି।

ସୂଚନାଥାଉ କି, ଓପିଏସ୍‌ସି ପକ୍ଷରୁ ଗତ ଜାନୁୟାରୀ ୧ ତାରିଖରେ ଏଏସ୍ଓ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ୨୦ ତାରିଖରୁ ଏଥିପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୩୩ଟି ଜୋନ୍‌ରେ ଏହି ପରୀକ୍ଷା ହେବା ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ମୋଟ୍ ପଦବୀ ମଧ୍ୟରୁ ଏସ୍‌ଇବିସି ବର୍ଗ ନିମନ୍ତେ ୬୨, ଅନୁସୂଚିତ ଜାତି ବର୍ଗ ପାଇଁ ୧୦୯, ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ୧୭୮ ସଂରକ୍ଷିତ ରଖାଯାଇଥିବାବେଳେ ୪୪୭ଟି ଅସଂରକ୍ଷିତ ଥିବା ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଲିଖିତ ଏବଂ କମ୍ପ୍ୟୁଟରରେ ଦକ୍ଷତା ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀଙ୍କୁ ଚୟନ କରାଯିବ।

# ‘ଗ୍ରାମରୁ ତୁରନ୍ତ ପୋଲିସ ପ୍ରତ୍ୟାହାର କର’



ଫୁଲଖାଇ ମନ୍ଦିର ପରିସରରେ ପ୍ରତିନିଧି ଦଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ଢିଙ୍କିଆରେ ୧୩ ରାଜନୈତିକ ଦଳର ପ୍ରତିନିଧି

**କୁଜଙ୍ଗ,୨୧।୧(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳର ଢିଙ୍କିଆ ଗ୍ରାମରେ ଶୁକ୍ରବାର ୧୩ ରାଜନୈତିକ ଦଳର ପ୍ରତିନିଧି ପହଞ୍ଚି ଗତ ୧୪ ତାରିଖରେ ପୋଲିସ କରିଥିବା ଲାଠିଚାର୍ଜ ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହ ଗ୍ରାମରୁ ତୁରନ୍ତ ପୋଲିସ ପ୍ରତ୍ୟାହାର କରିବା ପାଇଁ ସେମାନେ ଏସ୍‌ପିଙ୍କ ନିକଟରେ ଲିଖିତ ଦାବିପତ୍ର ଦେଇଛନ୍ତି। ପ୍ରତିନିଧି ଦଳ ଢିଙ୍କିଆରେ ପହଞ୍ଚିବା ପରେ ଆନ୍ଦୋଳନକାରୀଙ୍କୁ ଭେଟି ପୋଲିସର ବର୍ବରତା ସମ୍ପର୍କରେ ବୁଝିଥିଲେ। ପରେ ଢିଙ୍କିଆର ଫୁଲଖାଇଠାରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ସେଠାରେ ଗ୍ରାମବାସୀ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ବହୁ ଆନ୍ଦୋଳନକାରୀ ପୋଲିସ ଭୟରେ ଏବେବି ଘରକୁ ଫେରି ନାହାନ୍ତି। ଏଥିସହ ପୋଲିସ ଲୋକଙ୍କୁ ଧମକାଇବା ସହ ଦସ୍ତଖତ ଏବଂ ଟିପଚିହ୍ନ ନେଇ ପାନବରଜ ଭାଙ୍ଗିବାକୁ ଉଦ୍ୟମ କରୁଛି ବୋଲି ଉପସ୍ଥିତ ଲୋକେ ଅଭିଯୋଗ କରିଥିଲେ। ପ୍ରତିନିଧି ଦଳରେ କଂଗ୍ରେସ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅମିୟ ପାଣ୍ଡବ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇଏମର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଫରୱାର୍ଡବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଛାତ୍ରୀନେତ୍ରୀ ସୁଜାତା ସାହାଣୀ, ସିପିଆଇ ଏମଏଲର ରାଜ୍ୟନେତା ମହେନ୍ଦ୍ର ପରିଡା, ପ୍ରତାପ ପ୍ରଧାନ, ଶ୍ରୀକାନ୍ତ ମହାନ୍ତି, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଏଏପି ରାଜ୍ୟ ପ୍ରବକ୍ତା ରଙ୍ଗା ଚରଣ ପ୍ରଧାନ, ଆରଜେଡି ରାଜ୍ୟ ନେତା ହେମନ୍ତ କୁମାର, ଆରପିଆଇ ରାଜ୍ୟ ସଭାପତି ସେକ୍ ଅବଦୁଲ ୱାରୀ, ଏନସିପିର ରାଜ୍ୟ ନେତା ବିକ୍ରମ ସ୍ୱାଇଁ ସାମିଲ ହୋଇଥିଲେ।

ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ପାନବରଜ ଭଙ୍ଗା କାର୍ଯ୍ୟ ଜାରି ରହିଛି। ପାଟଣା ଗ୍ରାମରେ ଶୁକ୍ରବାରଠାରୁ ବ୍ୟକ୍ତିଗତ ଜମିରେ ଗଛ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଗାଁରୁ ହାରାହାରି ୮ଶହ କାଜୁ, ନଡ଼ିଆ ଆଦି ଫଳନ୍ତି ଗଛ ଚିହ୍ନଟ କରାଯାଇଛି। ଏପର୍ଯ୍ୟନ୍ତ ପାନବରଜ ଭାଙ୍ଗିଥିବା ହିତାଧିକାରୀଙ୍କ ମଧ୍ୟରୁ ୩୮୬ ଜଣଙ୍କୁ ୮କୋଟି ୯୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତିପୂରଣ ଦିଆଯାଇଛି। ପୋସ୍କୋ ସମୟରେ ପାନବରଜ ଭାଙ୍ଗିଥିବା ହିତାଧିକାରୀଙ୍କୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଘୋଷଣା କରାଯାଇଥିବା ବର୍ଦ୍ଧିତ ୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି କ୍ରମରେ ଗୋବିନ୍ଦପୁର ଗାଁର ୨୯୦ ଜଣଙ୍କୁ ୨କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସଙ୍କ ନେତୃତ୍ୱରେ ପାନବରଜ ଭଙ୍ଗା କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବା ବେଳେ ଇଡ୍‌କୋ ପକ୍ଷରୁ ପ୍ରାଚୀର ନିର୍ମାଣ କରାଯାଉଛି।

**ଆଚରଣ ବିଧି ଉଲ୍ଲଂଘନ**

# ଜିଆର୍‌ଏସ୍‌ଙ୍କୁ କାର୍ଯ୍ୟରୁ ଅନ୍ତର

**ଚାନ୍ଦବାଲି,୨୧।୧(ଡି.ଏନ.ଏ.)**



ଜିଆର୍‌ଏସ୍ ପୁରୁଷୋତ୍ତମ ବାରିକ

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଗୋପୀନାଥପୁର ପଞ୍ଚାୟତର ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ) ପୁରୁଷୋତ୍ତମ ବାରିକଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏଥିସହ ପିଇଓ (ପଞ୍ଚାୟତ ନିର୍ବାହୀ ଅଧିକାରୀ) ଧୀରେନ୍ଦ୍ର କୁମାର ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବିଡିଓ ଜ୍ୟୋତି ବିକାଶ ଦାଶ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୧୩ ତାରିଖରେ ଏହି ପଞ୍ଚାୟତ କାର୍ଯ୍ୟାଳୟରେ ବିଜେଡି କର୍ମୀଙ୍କ ବୈଠକ ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା। ୧୯ ତାରିଖରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇବା ସହ କେତେକ ଫଟୋ ଏବଂ ଭିଡିଓ ଫୁଟେଜ ଦେଖାଇ ଜିଆର୍‌ଏସ୍ ପୁରୁଷୋତ୍ତମଙ୍କୁ ନିଲମ୍ବନ ପାଇଁ ଦାବି କରିଥିଲା। ଗୁରୁବାର ରାଜ୍ୟ ନିର୍ବାଚନ କମିଶନର ଚିଠି ନଂ.୧୨୯୦ ଅନୁସାରେ ଉକ୍ତ ପଞ୍ଚାୟତର ଜିଆର୍‌ଏସ୍‌ଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ଭଦ୍ରକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତ୍ରିଲୋଚନ ମାଝି ଚିଠି ନଂ. ୩୧୪ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।


## ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା

ତା୨୦।୦୧।୨୦୨୨ରିଖ

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ୨୦୨୨

DSPL - 397

**ସୂଚନା**

ସାଧାରଣ/ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନାମ ଓ ମୋବାଇଲ ନମ୍ବର

| କ୍ର.ସଂ. | ଜିଲ୍ଲାର ନାମ | ସାଧାରଣ ପର୍ଯ୍ୟବେକ୍ଷକଙ୍କ ନାମ ଓ ମୋବାଇଲ ନମ୍ବର | ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନାମ ଓ ମୋବାଇଲ ନମ୍ବର |
|---|---|---|---|
| (୧) | (୨) | (୩) | (୪) |
| ୧. | ଅନୁଗୋଳ | ଡା. ଅଭୟ କୁମାର ନାୟକ 9439541169 | ଶ୍ରୀ ଠାକୁରଦାସ ହାଁସଦା 8917442095, 9437180402 |
| ୨. | ବାଲେଶ୍ୱର (ସଦର ଉପଖଣ୍ଡ) | ଶ୍ରୀ ଜ୍ୟୋତିରଞ୍ଜନ ପ୍ରଧାନ 9438396893 | ଶ୍ରୀ ସୁକାନ୍ତ ପ୍ରସାଦ ଦାଶ 9437223440 |
| | ବାଲେଶ୍ୱର (ନୀଳଗିରି ଉପଖଣ୍ଡ) | ଶ୍ରୀ ରେମିସ୍ କେରକେଟା 9437049002 | |
| ୩. | ବଲାଙ୍ଗିର (ବଲାଙ୍ଗିର ଓ ପାଟଣାଗଡ଼ ଉପଖଣ୍ଡ) | ଶ୍ରୀ ମଧୁସୂଦନ ମିଶ୍ର 9438270150 | ଶ୍ରୀ ଦେବବ୍ରତ ବେହେରା 9937333069 |
| | ବଲାଙ୍ଗିର (ଟିଟିଲାଗଡ଼ ଉପଖଣ୍ଡ) | ଶ୍ରୀ ବିଶ୍ୱନାଥ ସାହୁ 9437052239 | |
| ୪. | ବରଗଡ଼ | ଶ୍ରୀ ସୁରଥ ଚନ୍ଦ୍ର ମଲ୍ଲିକ 9437578735, 9556496304 | ଶ୍ରୀ ମାୟାଧର ସାହୁ 9437139122 |
| ୫. | ଭଦ୍ରକ | ଶ୍ରୀ ସତ୍ୟନାରାୟଣ ଦାଶ 9438323549 | ଶ୍ରୀ ରମେଶ କୁମାର ପାତ୍ର 9438305359 |
| ୬. | ବୌଦ୍ଧ | ଶ୍ରୀ ତୁଷାରକାନ୍ତ ମହାନ୍ତି 6370505955 | ବେଣୁଧର ନାୟକ 9437403515 |
| ୭. | କଟକ (ସଦର ଉପଖଣ୍ଡ) | ଶ୍ରୀ ଆଲୋକ କୁମାର କର 9437204080 | ଶ୍ରୀ ସୁଶାନ୍ତ କୁମାର ରାଉତ 8895555997 |
| | (ଆଠଗଡ଼ ଓ ବାଙ୍କୀ ଉପଖଣ୍ଡ) | ଶ୍ରୀ ଚିତ୍ତରଞ୍ଜନ ପାତ୍ର 9438262010 | ଶ୍ରୀ ଦେବରାଜ ମଣ୍ଡଳ 9438323316 |
| ୮. | ଦେଓଗଡ଼ | ଶ୍ରୀ ଚନ୍ଦ୍ରମଣି ବଡ଼ନାୟକ 9438625060, 7978759729 | ଅମରେନ୍ଦ୍ର ନାୟକ 9437121871 |
| ୯. | ଢେଙ୍କାନାଳ | ଶ୍ରୀ ମନୋଜ କୁମାର ମହାନ୍ତି 9437315326 | ଶ୍ରୀ ଦୟାନିଧି ନାୟକ 7978228730 |
| ୧୦. | ଗଜପତି | ଶ୍ରୀ ବିଶ୍ୱମୋହନ ରାୟ 9438380586 | ଶ୍ରୀ ମଦନ ସିଂ 9437294895 |
| ୧୧. | ଗଞ୍ଜାମ (ବରହମପୁର ଓ ଛତ୍ରପୁର ଉପଖଣ୍ଡ) | ଶ୍ରୀ ମହେଶ୍ୱର ପାଣିଗ୍ରାହୀ 9437137919 | ଦୀପକ ରଞ୍ଜନ ବେହେରା 8763044585 |
| | ଗଞ୍ଜାମ (ଭଞ୍ଜନଗର ଉପଖଣ୍ଡ) | ଶ୍ରୀ ସୁଦର୍ଶନ ପରିଡ଼ା 9437265704 | ଶ୍ରୀ ଉମେଶ ଚନ୍ଦ୍ର ତ୍ରିପାଠୀ 9437317788 |
| ୧୨. | ଜଗତ୍‌ସିଂହପୁର | ଶ୍ରୀ ବିମଳେନ୍ଦୁ ରାୟ 9437085556 | ଶ୍ରୀ ରଜତ କୁମାର ପଟ୍ଟନାୟକ 7008632916 |
| ୧୩. | ଯାଜପୁର | ଶ୍ରୀ ପ୍ରତାପ କୁମାର ମିଶ୍ର 9437709200 | ଶ୍ରୀ ଗୁଣନିଧି ପରିଡ଼ା 9348525431, 8280536790 |
| ୧୪. | ଝାରସୁଗୁଡ଼ା | ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ 9438000044 | ଶ୍ରୀ ଅନନ୍ତ ଚରଣ ମଲ୍ଲିକ 9437433355 |
| ୧୫. | କଳାହାଣ୍ଡି | ଶ୍ରୀ ଧରମ ହାଁସଦା 9437247527 | ଶ୍ରୀ ନରେନ୍ଦ୍ର ମେହେର 9439945585 |
| ୧୬. | କନ୍ଧମାଳ | ଶ୍ରୀ ଦେବେନ କୁମାର ପ୍ରଧାନ 9438782856 | ଶ୍ରୀ ଆଲୋକ ରଞ୍ଜନ ବେହେରା 8280043512, 9337618605 |
| ୧୭. | କେନ୍ଦ୍ରାପଡ଼ା | ଡା. ଉଦ୍ଧବ ଚନ୍ଦ୍ର ମାଝୀ 9437032322 | ଶ୍ରୀ ବିଶ୍ୱଜିତ ପାଲ 9438510001 |
| ୧୮. | କେନ୍ଦୁଝର | ଶ୍ରୀ ବିଭୂତି ଭୂଷଣ ଦାସ 9438162021 | ଶ୍ରୀ ନିଲମ ପ୍ରକାଶ କୁଜୁର 9437221580 |
| ୧୯. | ଖୋର୍ଦ୍ଧା | ଶ୍ରୀ ଧନଞ୍ଜୟ ସ୍ୱାଇଁ 9437000636 | ଶ୍ରୀ ପ୍ରଶାନ୍ତ କୁମାର ମହାକୁଡ଼ 9438056808 |
| ୨୦. | କୋରାପୁଟ | ଶ୍ରୀ ଲକ୍ଷ୍ମୀକାନ୍ତ ବେହେରା 7504776047 | ଶ୍ରୀ ଅରୂପାନନ୍ଦ ପ୍ରଧାନ 9438503306 |
| ୨୧. | ମାଲକାନଗିରି | ଶ୍ରୀ ରଘୁମଣି ଗମାଙ୍ଗ 9437227093, 9937288385 | କିଶୋର କୁମାର ନାୟକ 9437075202 |
| ୨୨. | ମୟୂରଭଞ୍ଜ (କରଞ୍ଜିଆ ଉପଖଣ୍ଡ) | ଶ୍ରୀ ପ୍ରଶାନ୍ତ କୁମାର ରଥ 9437387652 | ଶ୍ରୀ ସିଦ୍ଧାର୍ଥ ଶେଖର ଆଚାର୍ଯ୍ୟ 9937479658 |
| | ମୟୂରଭଞ୍ଜ (ରାଇରଙ୍ଗପୁର ଉପଖଣ୍ଡ) | ଶ୍ରୀ ଜ୍ୟୋତି କୁମାର ଲାକ୍ରା 9438635955 | |
| | ମୟୂରଭଞ୍ଜ (ସଦର ଓ ଉଦଳା ଉପଖଣ୍ଡ) | ଶ୍ରୀ ସରୋଜ କୁମାର ପଟେଲ 8895919855 | ଶ୍ରୀ ସତ୍ୟଜିତ ଦାସ 9438022999 |
| ୨୩. | ନବରଙ୍ଗପୁର | ଶ୍ରୀ ନୃସିଂହ ଚରଣ ସ୍ୱାଇଁ 9437087975 | ଶ୍ରୀ ରାଜକିଶୋର ପଲେଇ 9437307338 |
| ୨୪. | ନୟାଗଡ଼ | ଶ୍ରୀ ଭରତ ଚନ୍ଦ୍ର ବେହେରା 9437390497 | ଶ୍ରୀ ଅଶୋକ କୁମାର ମହାନ୍ତି – ୩ 9437286031 |
| ୨୫. | ନୂଆପଡ଼ା | ଶ୍ରୀ ପ୍ରଦୀପ କୁମାର ଗରଡ଼ିଆ 9437151190 | ଶ୍ରୀ ମନୋରଞ୍ଜନ ସାମନ୍ତରାୟ 9437904261 |
| ୨୬. | ପୁରୀ | ଶ୍ରୀ ଅବନିକାନ୍ତ ପଟ୍ଟନାୟକ 9437160565 | ଶ୍ରୀ ରୁଦ୍ରନାରାୟଣ ଆଚାର୍ଯ୍ୟ 9437231259 |
| ୨୭. | ରାୟଗଡ଼ା | ଶ୍ରୀ ଲକ୍ଷ୍ମୀକାନ୍ତ ପ୍ୟାରେଲାଲା ପ୍ରଧାନ 9437165172 | ଶ୍ରୀ ମନୋରଞ୍ଜନ ମହାପାତ୍ର 9437504055 |
| ୨୮. | ସମ୍ବଲପୁର | ଶ୍ରୀ ସୁଶାନ୍ତ କୁମାର ଦାଶ 9437109914 | ଅମ୍ବିକା ଭୋଇ 9437110354, 6371587450 |
| ୨୯. | ସୁବର୍ଣ୍ଣପୁର | ଶ୍ରୀ ବିଶ୍ୱଜିତ ବିଶ୍ୱାଳ 9437791525 | ଶ୍ରୀ ଚିତ୍ତରଞ୍ଜନ ଦାସମିଶ୍ର 9437340022 |
| ୩୦. | ସୁନ୍ଦରଗଡ଼ | ଶ୍ରୀ ଦିଲ୍ଲିପ କୁମାର ରାୟ 9692548263 | ଶ୍ରୀ ରାଜେନ୍ଦ୍ର ନାରାୟଣ ଜେନା 9668859188, 8249871686 |
| | | | ଶ୍ରୀ ବାବୁଲାଲ ପାତ୍ର 9853368913 |

ସଚିବ
ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶା

OIPR-12009/13/0006/2122


# ଜାତୀୟସ୍ତରରେ ଅନ୍ୟାଅନ୍ୱେଷା ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୨୧।୧**


**ବୀରଗାଥା ଚିତ୍ରାଙ୍କନ ପ୍ରତିଯୋଗିତା**



ଅନ୍ୟାଅନ୍ୱେଷା ମିଶ୍ର

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଅନ୍ୟାଅନ୍ୱେଷା ମିଶ୍ର ସର୍ବଭାରତୀୟସ୍ତରରେ ଆୟୋଜିତ ‘ବୀରଗାଥା ଚିତ୍ରାଙ୍କନ ପ୍ରତିଯୋଗିତା’ରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏଥିଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ଜାନୁୟାରୀ ୨୬ରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଜାତୀୟ ପରେଡ୍ ଲାଗି ତାଙ୍କୁ ନିମନ୍ତ୍ରିତ କରାଯାଇଛି।

ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ପକ୍ଷରୁ ‘ବୀରଗାଥା ଚିତ୍ରାଙ୍କନ ପ୍ରତିଯୋଗିତା’ ଆୟୋଜନ କରାଯାଇଥିଲା। ଏଥିରେ ଦେଶର ୭ ହଜାର ୮୮୮ ସ୍କୁଲର ୮ଲକ୍ଷ ୩ହଜାର ୯୭୮ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ସୁପର-୨୫ ଚୟନ କରାଯାଇଥିବାବେଳେ ଅନ୍ୟାଅନ୍ୱେଷା ସମସ୍ତଙ୍କୁ ପଛରେ ପକାଇ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ସହର ଭାଗୀରଥି ବିହାରରେ ରହୁଥିବା ଜତୀନ୍ଦ୍ର କୁମାର ମିଶ୍ର ଏବଂ ନମିତା ତ୍ରିପାଠୀଙ୍କ ଝିଅ ହେଉଛନ୍ତି ଅନ୍ୟାଅନ୍ୱେଷା। ଚିତ୍ରାଙ୍କନ, କୁଇଜ୍‌ରେ ରୁଚି ରଖୁଥିବା ଏହି ମେଧାବୀ ଛାତ୍ରୀଜଣକ ଜିଲା, ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପାଇଁ ଅନ୍ୟାଅନ୍ୱେଷା ଗର୍ବ ବୋଲି ବିଦ୍ୟାଳୟର ପ୍ରିନ୍ସିପାଲ ଅକ୍ଷୟ କୁମାର ମଲ୍ଲିକ କହିଛନ୍ତି।



ଅନ୍ୟାଅନ୍ୱେଷାଙ୍କ ବୀରଗାଥା ଚିତ୍ରାଙ୍କନ

# ସ୍କାନ୍ ଷ୍ଟିଲରେ ଦୁର୍ଘଟଣା, ଜଣେ ମୃତ

**କୁତ୍ରା,୨୧।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଧୀନ ଗଙ୍ଗାଜଳ ସ୍ଥିତ ସ୍କାନ୍ ଷ୍ଟିଲ କାରଖାନାରେ ଶୁକ୍ରବାର ସକାଳ ପ୍ରାୟ ୮ଟା ବେଳେ ଏକ ଦୁର୍ଘଟଣା ଘଟିଛି। ସିଫ୍ଟ ଅଦଳବଦଳ ସମୟରେ ହଠାତ ବ୍ଲାଷ୍ଟ ଫର୍ନେସରେ ବିସ୍ଫୋରଣ ଘଟି ୩ ଜଣ ଶ୍ରମିକ ଆହତ ହୋଇଥିଲେ। ଆହତ ଶ୍ରମିକମାନେ ହେଲେ ବାଳମୁକୁନ୍ଦ ସିଂ, ଗୁକୁନା ମଲ୍ଲିକ ଏବଂ ଅନ୍ୟ ଜଣେ। ସମସ୍ତ ଆହତଙ୍କୁ ରାଉରକେଲା ସ୍ଥିତ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବାଳମୁକୁନ୍ଦ ସିଂଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନ୍ୟ ଆହତଙ୍କ ଆବଶ୍ୟକ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା କାରଖାନା ଓ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୯ରେ ଓଏସ୍ଏସ୍‌ଟିଇଟି

**କଟକ ଅଫିସ,୨୧।୧:** ଆସନ୍ତା ଫେବୃୟାରୀ ୯ ତାରିଖରେ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି)ର ଦ୍ୱିତୀୟ ପରୀକ୍ଷା ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଫର୍ମ ପୂରଣ କରିଥିବା ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟରୁ ଆଡ୍‌ମିଟ କାର୍ଡ ପାଇପାରିବେ। ତେବେ ଆଡ୍‌ମିଟ କାର୍ଡରେ ପରୀକ୍ଷାର୍ଥୀଙ୍କ ତଥ୍ୟ ଭୁଲ୍ ଥିଲେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି ପରୀକ୍ଷାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଯଦି ଲେଖିବା କିମ୍ବା ପଢିବା ପାଇଁ ଅକ୍ଷମ ଥିବେ, ତା’ହେଲେ ସେମାନେ ଆସନ୍ତା ୪ ତାରିଖ ପୂର୍ବରୁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଯୋଗାଯୋଗ କରିପାରିବେ। ଏହାଦ୍ୱାରା ସେମାନଙ୍କ ପାଇଁ କେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିବ। ସୂଚନାଥାଉ କି, ଗତ ଡିସେମ୍ବର ୧୨ରେ ଓଏସ୍ଏସ୍‌ଟିଇଟି ନିମନ୍ତେ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଏନ୍ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶିତ

**କଟକ ଅଫିସ, ୨୧।୧:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନ୍ଆର୍‌ଟିଏସ୍) ପରୀକ୍ଷାର ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହାର ଫଳ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ଅଛି। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୬ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୩୪୭ ସେଣ୍ଟରରେ ୫୫,୯୪୭ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୫୩,୮୭୭ ଜଣ ପରୀକ୍ଷା ଦେଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷକ ବଦଳି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

**ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତଦନ୍ତ ନିର୍ଦ୍ଦେଶ**

**ଭୁବନେଶ୍ୱର, ୨୧।୧(ବ୍ୟୁରୋ):** ଟ୍ରାନ୍ସଫର୍ ପୋର୍ଟାଲ ଜରିଆରେ ହୋଇଥିବା ବଦଳି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ହୋଇଛି। ଢେଙ୍କାନାଳ ଜିଲାର ଦୁଇ ଶିକ୍ଷୟିତ୍ରୀ ଅସାଧୁ ଉପାୟରେ ବଦଳି ହୋଇଥିବା ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ ହୋଇଛି। ଘଟଣାର ତଦନ୍ତ କରି ତ୍ୱରିତ ରିପୋର୍ଟ ଦାଖଲ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଢେଙ୍କାନାଳ ଜିଲାର ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀଦ୍ୱୟଙ୍କର ନିଯୁକ୍ତି ପୂର୍ବରୁ କାମାକ୍ଷାନଗର ଓ ପରଜଙ୍ଗ ବ୍ଲକରେ ହୋଇଥିବାବେଳେ ବଦଳି କରାଯାଇ ସେମାନଙ୍କୁ ସଦର ବ୍ଲକରେ ନିଯୁକ୍ତ କରାଯାଇଛି। ହେଲେ ଏଥିରେ ଅନିୟମିତତା କରାଯାଇଥିବା ସଂଘ ଲିଖିତ ଅଭିଯୋଗ କରିଥିଲା।




**ଆଜିର ମନ୍ତବ୍ୟ**
ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ହିଂସା ଭିଆଇବା ବାମପନ୍ଥୀ ଶାସନର ହଲ୍‌ମାର୍କ ।
-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ପୂର୍ଣ୍ଣମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କଥାକୁ ଧର୍ମେନ୍ଦ୍ରଙ୍କ ପ୍ରଶଂସା

ଭୁବନେଶ୍ୱର,୨୧।୧(ବ୍ୟୁରୋ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଇଣ୍ଡିଆ ଗେଟ୍‌ରେ ସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି । ଏହି ଐତିହାସିକ ନିର୍ଣ୍ଣୟ ଏକ କୃତଜ୍ଞ ରାଷ୍ଟ୍ର ତରଫରୁ ଭାରତମାତାର ବୀର ସନ୍ତାନକୁ ଠିକ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଛନ୍ତି । ଗ୍ରାନାଇଟ୍ ପଥରରେ ନେତାଜୀଙ୍କ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ଇଣ୍ଡିଆ ଗେଟ୍‌ରେ ତାଙ୍କର ଏକ 'ହଲୋଗ୍ରାମ୍ ଷ୍ଟାଚ୍ୟୁ' ପ୍ରଦର୍ଶନ କରାଯିବ । ୧୨୫ ତମ ନେତାଜୀ ଜୟନ୍ତୀ ଅବସରରେ ଏହି 'ହଲୋଗ୍ରାମ୍ ଷ୍ଟାଚ୍ୟୁ' ପ୍ରଧାନମନ୍ତ୍ରୀ ଅନାବରଣ କରିବେ । ଧର୍ମେନ୍ଦ୍ର କହିଛନ୍ତି, ସ୍ୱତନ୍ତ୍ରତା ସଂଗ୍ରାମର ମହାନାୟକ ସୁଭାଷ ଚନ୍ଦ୍ର ବୋଷ ଏଭଳି ଜଣେ ବୀର ଥିଲେ, ଯାହାଙ୍କ ଧମନିରେ ସର୍ବଦା ଦେଶଭକ୍ତିର ରକ୍ତ ପ୍ରବାହିତ ହେଉଥିଲା । ନେତାଜୀ ଦେଶର ଆଗାମୀ ପିଢ଼ିଙ୍କ ପାଇଁ ଯୁଗପୁରୁଷ ହୋଇ ରହିବେ ବୋଲି ସେ କହିଛନ୍ତି ।

## ଠଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ୍ଡ ହୋଇ ଦେହକୁ ମଣ୍ଡେ,**
**ରାଜା ହୋଇ ପରଜା ତଣ୍ଡେ,**
**ଗୃହସ୍ତ ହୋଇ ପତ୍ନୀକୁ ଦଣ୍ଡେ,**
**ସାହୁ ହୋଇ ଖାତକ ତଣ୍ଡେ ।**

ବିଧବା ନାରୀଙ୍କ ପକ୍ଷେ ଅଳଙ୍କାର ପିନ୍ଧିବା ସମାଜ ଦୃଷ୍ଟିରେ ଗ୍ରହଣୀୟ ହୋଇନଥାଏ । ରାଜା ହୋଇ ପ୍ରଜାଙ୍କ ଉପରେ ଜୁଲମ କରିବା ଅନ୍ୟାୟ । ପତ୍ନୀ ପ୍ରତି ଅବିଚାର କରିବା ସହ ଶାରୀରିକ ଯନ୍ତ୍ରଣା ଦେବା କାପୁରୁଷତାର ଲକ୍ଷଣ ହୋଇଥାଏ । ସେହିପରି ମହାଜନ ହୋଇ ଖାତକ ପ୍ରତି ଅତ୍ୟାଚାର କରିବା ବା ଠକିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ରସିକ,**
**କଖାରୁ ଫୁଲରେ ପାରୁଡ଼ା ପୋକ ।**

ରସିକ ପଣରେ ଠିକ,ମାତ୍ର ଦୃଷ୍ଟିକୋଣ ଖୁବ ନିରସ । କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୁନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୁହୁଡ଼ି ଯୋଗୁ ବିମାନ ଚଳାଚଳ ବାଧାପ୍ରାପ୍ତ

ଭୁବନେଶ୍ୱର, ୨୧।୧(ବ୍ୟୁରୋ) - ଘନ କୁହୁଡ଼ି ଯୋଗୁ ଶୁକ୍ରବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା । ସକାଳ ପ୍ରାୟ ସାଢ଼େ ୯ଟା ପର୍ଯ୍ୟନ୍ତ କୌଣସି ବିମାନ ଚଳାଚଳ ହୋଇ ପାରି ନ ଥିଲା । ସକାଳ ୯ଟାରେ ଦିଲ୍ଲୀରୁ ଭୁବନେଶ୍ୱର ଆସିବାକୁ ଥିବା ଇଣ୍ଡିଗୋର ୬ଇ ୨୧୭୮ ବିମାନଟି ଅବତରଣ କରି ନ ପାରି ଗତିପଥ ପରିବର୍ତ୍ତନ କରି ରାୟପୁରକୁ ଚାଲିଯାଇଥିଲା । ତେବେ ସକାଳ ୯ଟା ୨୭ରେ ପ୍ରଥମେ ଇଣ୍ଡିଗୋର ୬ଇ ୭୬୨୩ ବିମାନଟି କୋଲକାତାରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା ।

# 'ରାଷ୍ଟ୍ରପିତାଙ୍କ ଅପମାନ - ସହିବ ନାହିଁ ହିନ୍ଦୁସ୍ଥାନ'



ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ଅଭିଯାନର ସୂଚୀ ପୋଷ୍ଟରକୁ ଉନ୍ମୋଚନ କରାଯାଉଛି ।

## ୨୩ରୁ ୩୦ ରାଷ୍ଟ୍ରୀୟ ଅଭିଯାନ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ପ୍ରତି ସାମ୍ପ୍ରଦାୟିକ ଶକ୍ତିଙ୍କ ଅଶୋଭନୀୟ ଆଚରଣ ଯୋଗୁ ବିଶ୍ୱରେ ଭାରତର ଛବି ମଳିନ ହେଉଛି । ଦେଶ ବିଭାଜନକାରୀ ଏହି ଶକ୍ତିଙ୍କୁ ଉଚିତ ଜବାବ ଦେବା ସହ ଦେଶର ଶାନ୍ତିକାମୀ ଜନଗଣଙ୍କୁ ଜାଗ୍ରତ କରାଇବା ଲକ୍ଷ୍ୟରେ ଆସନ୍ତା ୨୩ ତାରିଖ ନେତାଜୀ ସୁଭାଷ ବୋଷଙ୍କ ଜନ୍ମ ଦିବସରୁ ଓଡ଼ିଶା ବ୍ୟାପୀ ରାଷ୍ଟ୍ରୀୟ ଅଭିଯାନ 'ରାଷ୍ଟ୍ରପିତାଙ୍କ ଅପମାନ - ସହିବ ନାହିଁ ହିନ୍ଦୁସ୍ଥାନ' ଆରମ୍ଭ ହେବ । ଏହା ଗାନ୍ଧିଜୀଙ୍କ ବଳିଦାନ ଦିବସ ଜାନୁୟାରୀ ୩୦ ପର୍ଯ୍ୟନ୍ତ ଚାଲିବ । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଶୁକ୍ରବାର ଲୋହିଆ ଏକାଡ଼େମୀଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି । ସମସ୍ତ ଜିଲାର ଶତାଧିକ ସ୍ଥାନରେ ଏହି କାର୍ଯ୍ୟକ୍ରମ ଚାଲିବ । ଏଥିରେ ଗାନ୍ଧିବାଦୀ ସଙ୍ଗଠନ ସମୂହଙ୍କ ସମେତ ଗଣତନ୍ତ୍ରପ୍ରେମୀ, ଧର୍ମ ନିରପେକ୍ଷତାରେ ବିଶ୍ୱାସୀ ସଙ୍ଗଠନଗୁଡ଼ିକ ସାମିଲ ହୋଇ ଧର୍ମାନ୍ଧ ଓ ସାମ୍ପ୍ରଦାୟିକ ଶକ୍ତିମାନଙ୍କୁ ଦୃଢ଼ ଜବାବ ଦେବାକୁ ଆହ୍ୱାନ ଦିଆଯାଇଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସଂଯୋଜକ ଡ. ବିଶ୍ୱଜିତ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଷ୍ଟ୍ରୀୟ ସମିତି ସଦସ୍ୟ ମାନସ ପଟ୍ଟନାୟକ କହିଛନ୍ତି, ଭାରତର ସ୍ୱାଧୀନତା ସଂଗ୍ରାମର ମୂଳମନ୍ତ୍ର ଥିଲା ସର୍ବ ଧର୍ମ ସମଭାବ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ, ଶିଖ ଆଦି ଧର୍ମାବଲମ୍ବୀଙ୍କୁ ଏକତ୍ର କରି ମହାତ୍ମା ଗାନ୍ଧୀଙ୍କ ସଂଗ୍ରାମର ଫଳସ୍ୱରୂପ ଆମେ ସ୍ୱାଧୀନତାର ସ୍ୱାଦ ଚାଖି ପାରିଲେ । କିନ୍ତୁ ଏବେ ରାଷ୍ଟ୍ରପିତାଙ୍କୁ ଭାରତରେ ଖଳନାୟକ ସଜାଇବା ପାଇଁ କେନ୍ଦ୍ରରେ କ୍ଷମତାରେ ଥିବା ଦଳ ଓ ତାହା ପଛରେ ରହିଥିବା ସାମ୍ପ୍ରଦାୟିକ ଶକ୍ତି ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଚଳାଇଛନ୍ତି । ଗତ କିଛିଦିନ ତଳେ ଦିଲ୍ଲୀଠାରୁ ଆରମ୍ଭ କରି ହରିଦ୍ୱାର ଓ ରାୟପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅଧର୍ମୀମାନେ ଧର୍ମ ନାଁରେ ଅଧର୍ମ ସଭା କରି ସଂଖ୍ୟାଲଘୁଙ୍କ ବିରୋଧରେ ବିଷୋଦଗାର କରିବା ସହ ରାଷ୍ଟ୍ରପିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତକୁ ଭାଙ୍ଗିବାର ଅପଚେଷ୍ଟା କରୁଥିବା ଶକ୍ତି ବିରୋଧରେ ରାଷ୍ଟ୍ରୀୟ ଅଭିଯାନ ନିଶ୍ଚୟ ଏକ ଆହ୍ୱାନ ଆଣିବ ବୋଲି ସେମାନେ କହିଛନ୍ତି । ଏହି ସମ୍ମିଳନୀରେ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଲୋହିଆ ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟ, ରାମ ଶଙ୍କର ରାମ ପ୍ରମୁଖ ଉପସ୍ଥିତ ଥିଲେ ।


# classifieds Everyday
0674-2580101, 2549302




**SALE**

Plot for Sale at Chhatabar per sqft. @99/-. 8249017091, 9937816565. D-22860

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22912

Private plot for sale Patrapada & Kolathia Khandagiri yellowzone 999/-. 9437335686, 7008487006. D-22909

ମୋର ନିଜସ୍ୱ ପ୍ଲଟ୍ କଳିଙ୍ଗବିହାର K-4ରେ ଘାଟିକିଆରେ ୨୦୦ft. ରୋଡ୍‌କୁ ଲାଗିକରି ଅଛି ଏବଂ କୋଳଥିଆରେ readymade plot ଅଛି । କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ । **9438166196.** D-22914

**30' road** ଘରବାରି ପ୍ଲଟ୍ ପାଚେରି ସହ **Sum Hospital**ରୁ **4K.M.** ଘଙ୍ଗାପାଟଣାରେ ମିଳୁଛି । **Owner- 8249779595.** D-71763

ସୁନ୍ଦରପଦାରୁ-ଜଟଣୀ ଏବଂ କାଟେଣୀରୁ-ପିତାପଲ୍ଲୀ ରୋଡ୍‌ରେ immediately ଘର କଲାଭଳି ପ୍ଲଟ୍ ଦିଆଯାଉଛି । 9938016295. D-71782

ଭୁବନେଶ୍ୱର ଭିଙ୍ଗାରପୁର **Oxford College** ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡ଼ି ପ୍ଲଟ୍ ବିକ୍ରିହେବ । **6370025920, 9937674302.** D-71774

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22911




Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334

M Planets - 7008550473. Contact for Simplex/ Duplex Construction @250 and Interior Design (Modular Kitchen/ TV-Unit/ Wardrobe) @300. D-22913




**Roadside Unit for rent at Patrapada Square, Bhubaneswar (For Office Purpose), 1st floor: 2500sqft. 2nd floor: 1500sqft. Contact: 9040004140, 9438295792.** D-22916

3BHK for rent Ratnakar Bag1 Tankapani road, Mob: 9902406161. D-22880




Ashirvaad Saloon and SPA get good massage for your health tha best therapy. 7077181074. D-71852

Full body massage, refresh your mind, relaxed by expert Lady Therapist. 8480939300. D-22828

**Refreshing your mind, body with tha best therapy at Lotus SPA. 8018891951.** D-71850

Newly Open Saikrupa Panchakarma Spa positively health benefits with Expert. 8984068077. D-22888

Newly opening SPA positively health benefits with expert therapist. 8917332216. D-71932

Newly open full body massage ladies and gents. 8327740003. D-71853

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ଶେଷ ଦିନରେ...

ଗ୍ରହଣ ସକାଳ ୭ଟାରୁ ଦିନ ୧୨ଟା ମଧ୍ୟରେ ହେଉଥିଲା । ଭୋଟ ଗ୍ରହଣ ଅବଧିକୁ ୧ ଘଣ୍ଟା ବୃଦ୍ଧି କରାଯାଇଛି । ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ରାଜ୍ୟର ମୋଟ ୨କୋଟି ୭୯ଲକ୍ଷ ୩୫ହଜାର ୫୨୦ ଭୋଟର ନିଜର ମତଦାନ କରିବେ । ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଥିବାରୁ ଶନିବାର ଠାରୁ ପ୍ରଚାର ଆହୁରି ଜମିବ । କୋଭିଡ୍ କଟକଣା ସତ୍ତ୍ୱେ ପ୍ରାର୍ଥୀମାନେ ସାଙ୍ଗରେ ବହୁ ସଂଖ୍ୟକ ଲୋକଙ୍କୁ ନେଇ ପ୍ରଚାର କରୁଥିବା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି । ଏହାକୁ ନେଇ ରାଜ୍ୟ ନିର୍ବାଚନ କମିଶନ ଉଦ୍‌ବେଗ ପ୍ରକାଶ କରିବା ସହ ଭିଡ଼କୁ ଏଡ଼ାଇବା ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭିଡ଼ ଉପରେ ନଜର ରଖିବା ପାଇଁ ଜିଲାର ଜଣେ ଡିଏସ୍‌ପି ପାହ୍ୟାର ପୋଲିସ ଅଧିକାରୀଙ୍କୁ କୋଭିଡ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି ।

# ନାମାଙ୍କନପତ୍ର ଦାଖଲ କଲେ ନାହିଁ ୫ ପଞ୍ଚାୟତବାସୀ

ଦେବଗଡ଼,୨୧।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମନୋନୟନପତ୍ର ଦାଖଲ ନିମନ୍ତେ ଶୁକ୍ରବାର ଅନ୍ତିମ ଦିବସ ଥିଲା । ଦେବଗଡ଼ ଜିଲା ତିଲେଇବଣି ବ୍ଲକର ଅନୁନ୍ନତ ପାରପୋଷି, ଗଣ୍ଡମ, ଝରାଗୋଗୁଆ, ଡିମିରିକୁଦା ଓ ଖାରମୁଣ୍ଡା ଆଦି ୫ ଗ୍ରାମପଞ୍ଚାୟତରେ ୱାର୍ଡ ସଦସ୍ୟ, ସରପଞ୍ଚ କିମ୍ବା ସମିତି ସଦସ୍ୟ ଆସନ ନିମନ୍ତେ ଜଣେ ହେଲେ ନାମାଙ୍କନପତ୍ର ଦାଖଲ କରି ନାହାନ୍ତି । ଫଳରେ ଏହି ଅଞ୍ଚଳରେ ନିର୍ବାଚନ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ମୋବାଇଲ ସେବା ନ ଥିବା ପ୍ରତିବାଦରେ ଅଞ୍ଚଳବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ । କେହି ନାମାଙ୍କନପତ୍ର ଦାଖଲ କଲେ ପଞ୍ଚାୟତ ବିରୋଧୀ ଘୋଷଣା କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଥିବାରୁ ଭୟରେ କେହି ଦାଖଲ କରି ନ ଥିବା ଜଣାପଡ଼ିଛି ।

**ମୋବାଇଲ ଟାୱାର ନ ଥିବାରୁ ଅଭିନବ ପ୍ରତିବାଦ**

ସୂଚନାଯୋଗ୍ୟ ଯେ, ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକର ଉପରୋକ୍ତ ୫ ଗ୍ରାମ ପଞ୍ଚାୟତର ଜନସାଧାରଣ ମୋବାଇଲ ସେବା ଯୋଗାଇବା ନିମନ୍ତେ ଦୀର୍ଘବର୍ଷ ହେଲା ଦାବି କରିଆସୁଛନ୍ତି । ମାତ୍ର ଦାବି ପୂରଣ ହୋଇ ନ ଥିବାରୁ ପଞ୍ଚାୟତବାସୀ ପ୍ରାର୍ଥୀପତ୍ର ଦାଖଲ ନ କରିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରିଥିଲେ ।

ଏହି ସମସ୍ୟା ନେଇ ପୂର୍ବରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଓ ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକ ପ୍ରମୁଖ ସମ୍ପୃକ୍ତ ଅଞ୍ଚଳକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା । ପରେ ଗତ ବୁଧବାର ପୁଣି ଥରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଧାନଙ୍କ ସହ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ତିଲେଇବଣି ବିଡିଓ, ଦେବଗଡ ତହସିଲଦାର ଓ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଝରାଗୋଗୁଆ ଗ୍ରାମକୁ ଯାଇଥିଲେ । ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଅପେକ୍ଷାରତ ପାରପୋଷି, ଗଣ୍ଡମ, ଝରାଗୋଗୁଆ, ଡିମିରିକୁଦା ଓ ଖାରମୁଣ୍ଡା ଗ୍ରାମପଞ୍ଚାୟତର ପ୍ରତିନିଧିଙ୍କ ସହ ଆଲୋଚନା

## ପ୍ରଥମ ପୃଷ୍ଠାରୁ...

କରିଥିଲେ । ଅଧିକାରୀମାନେ ଗ୍ରାମବାସୀଙ୍କୁ ଆନ୍ଦୋଳନ ନ କରି ନିର୍ବାଚନ ପ୍ରକ୍ରିୟାରେ ସହଯୋଗ କରିବାକୁ ବୁଝାଇବା ସହ ସମ୍ପୃକ୍ତ ଅଞ୍ଚଳରେ ଏକାଧିକ ମୋବାଇଲ ଟାୱାର ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବା ଓ ଏଥିପାଇଁ ଜିଲା ପ୍ରଶାସନ ଏନ୍‌ଓସି ପ୍ରଦାନ କରିସାରିଥିବା ପ୍ରକାଶ କରିଥିଲେ । ମାତ୍ର ଆନ୍ଦୋଳନକାରୀ ନିଜ ଜିଦରେ ଅଟଳ ରହିବା ସହ ମୋବଇଲ ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ରୋକଠୋକ୍ କହିଥିଲେ । ଫଳରେ ଆଲୋଚନା ବିଫଳ ହୋଇଥିଲା । ଜିଲା ପଞ୍ଚାୟତ ଅଧିକାରୀ ଲବ କିଷାନଙ୍କ ମତାମତ ଲୋଡିବାରୁ ଅଞ୍ଚଳବାସୀଙ୍କ ଜିଦ ଯୋଗୁ ଉପରୋକ୍ତ ୫ ପଞ୍ଚାୟତରେ କେହି ନାମାଙ୍କନପତ୍ର ଦାଖଲ କରି ନ ଥିବା ପ୍ରକାଶ କରିଛନ୍ତି ।

## ନବୀନ ପୁଣି ...

୬୭.୫% ରେଟିଂ ମିଳିଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ୬୧.୮%, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ୬୧.୧%, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୫୭.୯%, ଆସାମର ହିମନ୍ତ ବିଶ୍ୱଶର୍ମା ୫୬.୬% ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ୫୧.୪% ଉତ୍ତରଦାତାଙ୍କ ସମର୍ଥନ ପାଇଛନ୍ତି । ତେବେ ମୁଡ୍ ଅଫ୍ ଦି ନେଶନ୍ ସର୍ଭେରେ ଭାଜପା ଶାସିତ ରାଜ୍ୟର ଜଣେ ମାତ୍ର ମୁଖ୍ୟମନ୍ତ୍ରୀ ୫୦% ରେଟିଂକୁ ଛୁଇଁପାରିଛନ୍ତି । ଆସାମ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କ ପ୍ରଦର୍ଶନ ୪୦% ରେଟିଂରୁ ଊର୍ଦ୍ଧ୍ୱ ରହିଛି ।

ହିମାଚଳ ପ୍ରଦେଶ, କର୍ଣାଟକ ଓ ବିହାର (୩ ଭାଜପା/ଏନ୍‌ଡିଏ ଶାସିତ ରାଜ୍ୟ)ର ମୁଖ୍ୟମନ୍ତ୍ରୀଙ୍କୁ ୩୫-୪୦% ମଧ୍ୟରେ ରେଟିଂ ମିଳିଛି । ସେହିପରି ହରିୟାଣା, କର୍ଣାଟକ, ପଣ୍ଡିଚେରୀ ଓ ଗୋଆ ମୁଖ୍ୟମନ୍ତ୍ରୀମାନଙ୍କ ରେଟିଂ ୨୭ରୁ ୩୫ ପ୍ରତିଶତ ମଧ୍ୟରେ ରହିଛି । ଗୋଆରେ ଭାଜପା ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ମାତ୍ର ୨୭.୨% ଲୋକ ପସନ୍ଦ କରିଛନ୍ତି । ଅନ୍ୟପକ୍ଷେ ଦେଶର ୫୮% ଉତ୍ତରଦାତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦର୍ଶନକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । ୫୨.୫% ଲୋକ ତାଙ୍କୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିବା କହିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୬.୮%, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ୫.୭%, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ୩.୫% ଏବଂ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ୨.୬% ଲୋକ ପ୍ରଧାନମନ୍ତ୍ରୀ ହେବା ଯୋଗ୍ୟ ବୋଲି ବିବେଚନା କରୁଥିବା ଏହି ଜାତୀୟ ସ୍ତରୀୟ ସର୍ଭେରୁ ଜଣାପଡ଼ିଛି ।

## ମୋଦି ବିଶ୍ୱର ସର୍ବାଧିକ....

ସ୍କଟ୍ ମୋରିସନ୍ (ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ), ପେଡ୍ରୋ ସାନ୍‌ଚେଜ୍ (ସ୍ପେନ୍ ପ୍ରଧାନମନ୍ତ୍ରୀ), ଓଲାଫ୍ ସ୍କୋଲ୍‌ଜ(ଜର୍ମାନୀ ଚାନ୍ସଲର) ଏବଂ ଜଷ୍ଟିନ୍ ଟ୍ରୁଡୋ (କାନାଡା ପ୍ରଧାନମନ୍ତ୍ରୀ) । ମର୍ନିଂ କନ୍‌ସଲ୍ଟ ପଲିଟିକାଲ ଇଣ୍ଟେଲିଜେନ୍ସ ସମ୍ପ୍ରତି ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଟାଲୀ, ଜାପାନ, ମେକ୍ସିକୋ, ଦକ୍ଷିଣ କୋରିଆ, ସ୍ପେନ୍, ବ୍ରିଟେନ ଓ ଆମେରିକାରେ ସରକାରୀ ନେତାମାନଙ୍କ ଆପ୍ରୁଭାଲ ରେଟିଂକୁ ଟ୍ରାକ୍ କରୁଛି । ସମସ୍ତ ୧୩ ରାଷ୍ଟ୍ରରେ ୨୦୨୨ ଜାନୁୟାରୀ ୧୩ରୁ ୧୯ ମଧ୍ୟରେ ବୟସ୍କମାନଙ୍କଠାରୁ ଏହି ତଥ୍ୟ ସଂଗ୍ରହ କରାଯାଇଥିଲା ।

## ୨ ଅଫିସରଙ୍କୁ ପିଟିଲେ ...

ଇସ୍ତଫା ଦେଉ ନାହାନ୍ତି । କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପକୁ ନେଇ ମନ୍ତ୍ରୀମାନେ ପ୍ରେରଣା ପାଇ ଆଇନକୁ ହାତମୁଠାରେ ରଖି ଏପରି କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ସଚେତନ ନାଗରିକମାନେ ଏହାର ଉଚିତ ଜବାବ ଦେବେ । ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସେ କହିଛନ୍ତି ।

ଏ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କୁ ପଚାରିବାରୁ ସେ ମାଡ଼ ମାରିବା ଘଟଣାକୁ ଅସ୍ୱୀକାର କରିଛନ୍ତି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ତାଙ୍କୁ ବଦ୍‌ନାମ କରିବା ପାଇଁ ବିରୋଧୀଙ୍କ ଏହା ଏକ ଷଡ଼ଯନ୍ତ୍ର । ଅଧିକାରୀମାନେ ରିଭ୍ୟୁ ପାଇଁ ଆସିଥିଲେ, ବ୍ୟସ୍ତ ଥିବାରୁ ମନା କରିଦେଇଥିଲି । ସେମାନେ ଫେରିଯାଇଥିଲେ ବୋଲି ସେ କହିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ତର୍କବିତର୍କ କାରଣରୁ ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ । କିନ୍ତୁ ବନ୍ଧୁଙ୍କ କାମରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହେବେ । ବାଧ୍ୟବାଧକତାରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ବନ୍ଧୁଙ୍କ ନିକଟରୁ ଅର୍ଥପ୍ରାପ୍ତିରେ ବିବାଦ ଦେଖାଦେବ ।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ଫଳ ପାଇବେ । କର୍ମକ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ । ପରିବାରରେ ମଧ୍ୟ ଇଚ୍ଛା ନ ଥାଇ କେତେକ କାମ କରିବାକୁ ପଡ଼ିବ । ଅଫିସ୍ କାମରେ ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ ।

**ମିଥୁନ**
ପାରିବାରିକ ସ୍ତରରେ ଅଭାବ ଅସୁବିଧା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ । ପାରିବାରିକ ଜଞ୍ଜାଳ ବୃଦ୍ଧି ସଙ୍ଗକୁ ସମସ୍ୟାରେ ମଧ୍ୟ ବ୍ୟସ୍ତତା ପ୍ରକାଶ କରିବେ । ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସହ ବୁଦ୍ଧିଜୀବୀଙ୍କ ପ୍ରଶଂସାର ପାତ୍ର ହେବେ । ସାମୂହିକ କାମରେ ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ ।

**କର୍କଟ**
ଦିନଟିରେ କିଛି ସୁବିଧା ସଙ୍ଗକୁ କିଛି ଅସୁବିଧା ରହିଥିବାରୁ ମାନସିକ ଦ୍ୱନ୍ଦ୍ୱ ଦେଇ ଗତି କରିବେ । ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ । କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ଅଧିକ ସମୟ ବିନିଯୋଗ କରିପାରନ୍ତି । ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ଆଜିର ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହେବ ।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ । ପାରିବାରିକ ସ୍ତରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ବନ୍ଧୁମାନଙ୍କ ମନ ଧରିଲା ଭଳି କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ । ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି ।

**କନ୍ୟା**
କୌଣସି ବନ୍ଧୁ ଅଯାଚିତ ଭାବରେ ଆର୍ଥିକ ସମସ୍ୟାକୁ ସୁଧାରି ନେବେ । ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହା କି ଅଶାନ୍ତିର କାରଣ ହୋଇପାରେ ।

**ତୁଳା**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନାହିଁ । କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ମନରେ ଆଶଙ୍କା ସୃଷ୍ଟି ହେବାର ରହିଛି । କାର୍ଯ୍ୟବ୍ୟସ୍ତ ଯୋଗୁ ନିଜ କାମ କରିବା ସକାଶେ ସୁଅବସର ପାଇବେ ନାହିଁ । ପାରିବାରିକ ସମସ୍ୟା ବଡ଼ ଚିନ୍ତାର କାରଣ ହେବ ।

**ବିଛା**
କର୍ମକ୍ଷେତ୍ରରେ ପରିସ୍ଥିତି ବିଗିଡ଼ି ଯାଉଥିବାରୁ ମନସ୍ତାପ ମଧ୍ୟରେ ଗତି କରିବାକୁ ବାଧ୍ୟ ହେବେ । ପାରିବାରିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି । ଅଭାବ ପୂରଣ ପରିପ୍ରେକ୍ଷୀରେ ଋଣ ସୂତ୍ରରେ ଅର୍ଥଲାଭ କରିବାକୁ ବାଧ୍ୟହେବେ । ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ ।

**ଧନୁ**
ଅଭିଳାଷ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ । ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି । ଅଜଣା ଜାଗାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ ।

**ମକର**
ମନକଥା ମନରେ ରଖି ଲକ୍ଷ୍ୟ ହାସଲ ଦିଗରେ ଚେଷ୍ଟା କଲେ ଉପକୃତ ହେବେ । ବନ୍ଧୁମାନଙ୍କ ସହାୟତାରେ ଅର୍ଥ ସଂଗ୍ରହ ଅଭିଯାନ ଜାରି ରଖିଲେ ସଫଳତା ପାଇପାରନ୍ତି । ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ । ପ୍ରତିଦାନ ସ୍ୱରୂପ ଭ୍ରାତୃପ୍ରୀତି ମିଳିପାରେ, ଯାହା କି ସହଯୋଗ ରୂପେ ପ୍ରାପ୍ତ ହେବ ।

**କୁମ୍ଭ**
ଶାରୀରିକ ସୁସ୍ଥତା ସଙ୍ଗକୁ ମାନସିକ ସ୍ଥିରତା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରଦାନ କରିବ । ଅଧିକ ଆଶା କରି ନିରାଶ ହୋଇପାରନ୍ତି । ପାରିବାରିକ ସମସ୍ୟା ବିଷୟ କ୍ଷେତ୍ରରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାର ପୁନର୍ବିଚାର କରିବା ଭଲ ହେବ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ ; ଉପକୃତ ହେବେ ।

**ମୀନ**
ଆପଣ ଯାହା ଚିନ୍ତା କରୁଛନ୍ତି ତାହା ଅବଶ୍ୟ ସୁବିଧାରେ ହୋଇଯିବ । ଏଜେନ୍ସି, ସାହିତ୍ୟ ଚର୍ଚ୍ଚା, ସଭାସମିତି, ମାଙ୍ଗଳିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ । ପରୋକ୍ଷ ଶତ୍ରୁତା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ । ଈର୍ଷାପରାୟଣ ବ୍ୟକ୍ତିମାନେ ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ନିନ୍ଦା ରଚନା କରିପାରନ୍ତି ।

ଧରିତ୍ରୀ DHARITRI
ଶନିବାର, ୨୨ ଜାନୁୟାରୀ, ୨୦୨୨



**ସଂକ୍ଷେପରେ**

## ଆର୍ଟିଇ ପାରଦର୍ଶୀ ପୋର୍ଟାଲରେ ନାମଲେଖା

### ଫେବୃୟାରୀ ୧୦ରୁ ଆବେଦନ

ଭୁବନେଶ୍ୱର,୨୧।୧(ବ୍ୟୁରୋ): ଘରୋଇ ସ୍କୁଲର ୨୫ ପ୍ରତିଶତ ସଂରକ୍ଷିତ ସିଟ୍‌ରେ ଆର୍ଥିକ ଅନଗ୍ରସର ବର୍ଗର ପିଲା ମାଗଣାରେ ପାଠ ପଢ଼ିବେ। ଏଥିଲାଗି ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଆର୍ଟିଇ ପାରଦର୍ଶୀ ପୋର୍ଟାଲ ଅଧୀନରେ ନାମ ଲେଖାଇବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଫେବୃୟାରୀ ୧୦ରୁ ପଞ୍ଜୀକରଣ ସହ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଜାନୁୟାରୀ ୩୧ ତାରିଖ ମଧ୍ୟରେ ଘରୋଇ ସ୍କୁଲଗୁଡ଼ିକ ପୂର୍ବ ବର୍ଷର ତଥ୍ୟ ଅନ୍‌ଲାଇନରେ ଅପ୍‌ଲୋଡ୍ କରିବେ। ଏହି ସମୟସୀମା ମଧ୍ୟରେ ସ୍କୁଲଗୁଡ଼ିକ ପୋର୍ଟାଲରେ ନିଜକୁ ପଞ୍ଜୀକରଣ କରାଇ ନେବା ପାଇଁ ନିର୍ଦ୍ଦେଶାଳୟ ପରାମର୍ଶ ଦେଇଛି। ଫେବୃୟାରୀ ୭ରେ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀମାନେ ସ୍କୁଲଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଅନ୍‌ଲାଇନରେ ସାରିବେ। ସେହିପରି ପିଲାଙ୍କ ନାମଲେଖା ପାଇଁ ଅଭିଭାବକମାନେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୧୦ ମଧ୍ୟରେ ପଞ୍ଜୀକରଣ କରିବେ। ମାର୍ଚ୍ଚ ୧୭ ସୁଦ୍ଧା ପିଲାଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ପ୍ରକ୍ରିୟା ବ୍ଲକ୍ ଶିକ୍ଷାଧିକାରୀମାନେ ସାରିବେ। ମାର୍ଚ୍ଚ ୨୫ରେ ପ୍ରଥମ ପର୍ଯ୍ୟାୟ ଲଟେରି ଓ ପିଲାଙ୍କୁ ସ୍କୁଲ ଆଲଟ୍‌ମେଣ୍ଟ ଏବଂ ୩୧ ତାରିଖ ସୁଦ୍ଧା ଏହି ପିଲାଙ୍କ ନାମଲେଖା ପ୍ରକ୍ରିୟା ସରିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ ଏପ୍ରିଲ ୨ରୁ ଆରମ୍ଭ ହୋଇ ୧୬ତାରିଖରେ ସରିବ। ୨୦ ତାରିଖରେ ଡକ୍ୟୁମେଣ୍ଟ ଯାଞ୍ଚ ପ୍ରକ୍ରିୟା ସରିବା ପରେ ୨୨ ତାରିଖରେ ଲଟେରି ଓ ଆଲଟ୍‌ମେଣ୍ଟ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏପ୍ରିଲ ୨୩ରୁ ୩୦ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିବ। ଏ ନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ସମସ୍ତ ଜିଲାର ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀ ଓ ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି।

# ଭିମ୍‌ସାର ପ୍ରିନ୍ସିପାଲଙ୍କ ଅଫିସ ସିଲ୍

■ କୋର୍ଟଙ୍କ ନିର୍ଦ୍ଦେଶ ପରେ ପଦକ୍ଷେପ

■ ଚତୁର୍ଥ ଶ୍ରେଣୀ କର୍ମଚାରୀ କରିଥିଲେ ମାମଲା

ସମ୍ବଲପୁର,୨୧।୧(ବ୍ୟୁରୋ)

ସମ୍ବଲପୁର ଜିଲ୍ଲା ବୁର୍ଲାର ଭିମ୍‌ସାର ପ୍ରିନ୍ସିପାଲଙ୍କ ଅଫିସ ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ତାଲା ପକାଇ ସିଲ୍ କରିଦେଇଛି। ଭିମ୍‌ସାରରେ ପୂର୍ବରୁ କାମ କରୁଥିବା ସୁଇପର (ଚତୁର୍ଥଶ୍ରେଣୀ କର୍ମଚାରୀ)ଙ୍କ ମାମଲାର ଶୁଣାଣି କରି ସୋନପୁର ସିନିୟର ସିଭିଲ କୋର୍ଟ ଅଫିସ ସିଲ୍ କରି ସମସ୍ତ ସାମଗ୍ରୀ ଜବତ କରିବାକୁ ରାୟ ଶୁଣାଇଥିଲେ। ସମ୍ବଲପୁର କୋର୍ଟର ନିଜାରତଙ୍କୁ ଜାନୁୟାରୀ ୨୪ ଭିତରେ ପଦକ୍ଷେପ ଗ୍ରହଣ କରି ସ୍ଥିତି ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଅଫିସ କାର୍ଯ୍ୟ ଚାଲିଥିବା ସମୟରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବାହାରକୁ ଆସିବାକୁ କହି ଅଫିସ ସିଲ୍ କରି ଦିଆଯାଇଥିଲା। ଏଥିରେ ପ୍ରିନ୍ସିପାଲଙ୍କ ବ୍ୟକ୍ତିଗତ ଚାମ୍ବର ସହ ଭିମ୍‌ସାର ପ୍ରଶାସନିକ ବିଭାଗ ରହିଛି।

ମିଳିଥିବା ରିପୋର୍ଟ ଅନୁସାରେ ଭିମ୍‌ସାର କଲେଜରେ ଅସ୍ଥାୟୀ ଭାବେ ସୁଇପରମାନେ କାମ କରୁଥିଲେ। ୨୦୧୦ରେ କୌଣସି କାରଣରୁ ୨୨ଜଣ କର୍ମଚାରୀଙ୍କୁ ଚାକିରିରୁ ବାହାର କରାଯାଇ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଅସ୍ଥାୟୀ କର୍ମଚାରୀ ଏ ନେଇ ପ୍ରଥମେ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ପରେ ସେମାନେ ସମ୍ବଲପୁର ଶ୍ରମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ମଧ୍ୟରୁ ରେବତିକାନ୍ତ କଲେତ, କ୍ଷୀରୋଦ କୁମାର ସାହୁ, ଶମ୍ଭୁନାଥ ସାହୁ ନ୍ୟାୟ ପାଇଁ ନ୍ୟାୟପାଳିକାର ଆଶ୍ରୟ ନେଇଥିଲେ। କୋର୍ଟ ୨୦୧୬ରେ ରାୟ ଶୁଣାଇ ସେମାନଙ୍କୁ ଚାକିରି ଦେବାକୁ କହିଥିଲେ। ଏହା ସହ ରେବତୀ ଓ କ୍ଷୀରୋଦଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ଏବଂ ଶମ୍ଭୁନାଥଙ୍କୁ ୨୯ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଭିମ୍‌ସାର ପକ୍ଷରୁ କ୍ଷତିପୂରଣ ଦିଆଗଲା ନାହିଁ। ପରେ ଏହି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟ ମାମଲାର ଶୁଣାଣି ପାଇଁ ସମ୍ବଲପୁର ସିନିୟର ସିଭିଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିନେଇ ଆନ୍ଦୋଳନ ଚାଲିଥିବାରୁ ମାମଲା ସୋନପୁର କୋର୍ଟଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଭିମ୍‌ସାର ଓ ଅନ୍ୟପକ୍ଷ ସୋନପୁର କୋର୍ଟରେ ନିଜ ପକ୍ଷ ରଖିଥିଲେ। ବିଳମ୍ବ ହେବାରୁ ପୁଣି ହାଇକୋର୍ଟରେ ୩ ଜଣ କର୍ମଚାରୀ ଆବେଦନ କରିଥିଲେ। ୩ ମାସ ଭିତରେ ମାମଲା ଶୁଣାଣି କରିବାକୁ ହାଇକୋର୍ଟ ସୋନପୁର କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୨୧ରେ ସୋନପୁର ସିନିୟର ଡିଭିଜନ କୋର୍ଟ ରାୟ ଶୁଣାଇଥିଲେ। ଏ ନେଇ ସମ୍ବଲପୁର କୋର୍ଟଙ୍କୁ ଚିଠି କରାଯାଇଥିଲା। ଜାନୁୟାରୀ ୨୪ ଭିତରେ ଅଫିସ ସିଲ୍ କରି ସାମଗ୍ରୀ ଯଥା କମ୍ପ୍ୟୁଟର, ପ୍ରିଣ୍ଟର, ୨ ଗୋଟି ଗାଡ଼ି, ଟେବୁଲ ଆଦି ଜବତ କରିବାକୁ ଚିଠିରେ ଉଲ୍ଲେଖ ହୋଇଥିଲା। ଏ ସମ୍ପର୍କରେ ଭିମ୍‌ସାର ଲିଗାଲ ସେଲ୍ ଅଧିକାରୀ ଅଶୋକ ପାଣିଗ୍ରାହୀ କହିଛନ୍ତି, ଶ୍ରମିକମାନେ ସପ୍ତାହରେ ୨ଦିନ କାମ କରୁଥିଲେ। ସେ ସମୟରେ ନିଯୁକ୍ତି ପ୍ରକ୍ରିୟାରେ ଅନ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ଅନେକ କର୍ମଚାରୀ କରିଥିବା ମାମଲାରେ ଭିମ୍‌ସାର ସପକ୍ଷରେ ରାୟ ପ୍ରକାଶ ପାଇଛି। କୋର୍ଟଙ୍କ ରାୟକୁ ସ୍ୱାଗତ କରୁଛୁ। ହେଲେ କୋଭିଡ୍ ସମୟରେ ବିନା ନୋଟିସରେ ହଠାତ୍ ସିଲ୍ କରିଦେବା ଠିକ୍ ନୁହେଁ। ଆମର ହାଇକୋର୍ଟରେ ମାମଲା ଜାରି ରହିଛି। ଶୀଘ୍ର ଶୁଣାଣି କରିବାକୁ ପୁଣି ଅନୁରୋଧ କରାଯିବ ବୋଲି କହିଥିଲେ।



ଭିମ୍‌ସାର ପ୍ରିନ୍ସିପାଲଙ୍କ ଅଫସ ସିଲ୍ କରିଦିଆଯାଇଛି ।

# ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା ଅଫିସ,୨୧।୧

ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀ ଭାଗମାତ ଟୁଡୁ (୬୭)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ, ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୩ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୭ ସେପ୍ଟେମ୍ବର ୩୦ରେ ବିଶୋଇ ଥାନା ଅଞ୍ଚଳର ଜନୈକା ନାବାଳିକା ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ଭାଗମାତ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ପରେ ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୫୭/୧୭) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋଲିସର ତଦନ୍ତ ରିପୋର୍ଟ, ଡାକ୍ତରୀ ରିପୋର୍ଟ ଓ ୧୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ, ଜରିମାନା

ନାବାଳିକା ବଳାତ୍କାର ମାମଲା

କଟକ ଅଫିସ,୨୧।୧

ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକ ପୋକ୍‌ସୋ କୋର୍ଟ ଅଭିଯୁକ୍ତ ଆଲୋକ ଦେହୁରୀଙ୍କୁ ୧୪ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଏଥିସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ ଫେବୃୟାରୀ ୧୨ ତାରିଖରେ କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଆଲୋକ ଅପହରଣ କରି ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ବଡମ୍ବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ପଛୁଆବର୍ଗ କମିଶନଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଓବିସି ଗଣନା, ୨୭ ପ୍ରତିଶତ ସଂରକ୍ଷଣ ଦାବି

ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ର ଛାତ୍ରୀଛାତ୍ରଙ୍କ ନାମ ଲେଖା ପାଇଁ ୨୭ ଭାଗ ସ୍ଥାନ ସଂରକ୍ଷଣ ଲାଗୁ କରିବା ଦିଗରେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବାକୁ ରାଜ୍ୟ ପଛୁଆବର୍ଗ କମିଶନଙ୍କ ନିକଟରେ ଦାବି କରିଛି ସମାଜବାଦୀ ପାର୍ଟି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଦୁଇଜଣିଆ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ରାଜ୍ୟ ପଛୁଆବର୍ଗ କମିଶନ ଅଧ୍ୟକ୍ଷ ବିଚାରପତି ରଘୁନାଥ ବିଶ୍ୱାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିଟ୍-ପି.ଜି. ପରୀକ୍ଷାକୁ ନେଇ ସୁପ୍ରିମକୋର୍ଟର ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ ଓ ବିଚାରପତି ଏ.ଏସ୍. ବୋପାନାଙ୍କ ଖଣ୍ଡପୀଠ ଦେଇଥିବା ରାୟରେ ଉଲ୍ଲେଖ କରାଯାଇଛି ଯେ, ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗଙ୍କୁ ୨୭ଭାଗ ସ୍ଥାନ ସଂରକ୍ଷଣ ନୀତିଗତ ତଥା ଆଇନଗତ ଦୃଷ୍ଟିରୁ ବୈଧ ଓ ସାମ୍ବିଧାନିକ। ସଂରକ୍ଷଣ ଦ୍ୱାରା ମେଧାର କୌଣସି କ୍ଷତି ହେବନାହିଁ। ଅନ୍ୟାନ୍ୟ ସାମାଜିକ ପ୍ରସଙ୍ଗକୁ ନେଇ ବ୍ୟକ୍ତିର ମେଧା ଓ ସଂରକ୍ଷଣର ପ୍ରାସଙ୍ଗିକତା ଉପରେ ବିଚାର ଆଲୋଚନା ହେବା ଉଚିତ ବୋଲି ଏହି ଖଣ୍ଡପୀଠ ମତବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶାରେ ପଛୁଆବର୍ଗ ଜନସଂଖ୍ୟାର ଗଣନା ହୋଇପାରୁନାହିଁ। ଇତିମଧ୍ୟରେ ରାଜ୍ୟର ମୋଟ ଜନସଂଖ୍ୟାର ୫୨ ପ୍ରତିଶତ ପଛୁଆ ବର୍ଗ ହୋଇଥିଲେ ମଧ୍ୟ ବହୁବର୍ଷ ତଳର ତଥ୍ୟ ଆଧାରରେ ସେମାନେ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେବାରେ ଲାଗିଛନ୍ତି। ପୁରୁଣା ସଂଖ୍ୟାର ଆଳ ଦେଖାଇ ସଂରକ୍ଷଣ ସୁବିଧା ଦିଆଯାଉନି। ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ। ତେଣୁ ପଛୁଆବର୍ଗ ଜନସଂଖ୍ୟାର ତୁରନ୍ତ ଜନଗଣନା କରିବା ଦରକାର ବୋଲି ସ୍ମାରକପତ୍ରରେ ଦାବି କରାଯାଇଛି।

# ଦୋକାନ ଭିତରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା ଅଫିସ,୨୧।୧:** ଝାରସୁଗୁଡା ସହର ସରବାହାଲସ୍ଥିତ ଏକ ଆଟୋମୋବାଇଲ୍ ଦୋକାନ ଭିତରେ ଶୁକ୍ରବାର ଅପରାହ୍ଣରେ ଜଣେ ବ୍ୟବସାୟୀ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସ୍ଥାନୀୟ ସରବାହାଲ ମାରୱାଡିପଡାର ଚନ୍ଦନ ଗିବ୍ରେୱାଲ(୪୦)। ଟାଉନ ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ୮/୨୨) ରୁଜୁକରି ତଦନ୍ତ ଚଳାଇଛି। ଚନ୍ଦନ ପ୍ରତିଦିନ ଭଳି ଶୁକ୍ରବାର ସକାଳେ ଦୋକାନ ଖୋଲିଥିଲେ। ସେଲସ୍‌ମ୍ୟାନ୍ ମଧ୍ୟ ଆସିଥିଲେ। ମଧ୍ୟାହ୍ନରେ ଦୋକାନ ବନ୍ଦକରି ସମସ୍ତେ ଖାଇବାକୁ ଯାଇଥିଲେ । ସେଲସ୍‌ମ୍ୟାନ୍ ଆସିବା ପୂର୍ବରୁ ଚନ୍ଦନ ଦୋକାନ ଭିତରୁ ଶଟର୍ ପକାଇ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ସେଲସ୍‌ମ୍ୟାନ୍ ଶଟର ଖୋଲିବା ପରେ ଚନ୍ଦନଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଡାକ୍ତରଙ୍କ ନିକଟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

**ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ**

**ବିଜ୍ଞାପନ**

ଏତଦ୍ୱାରା ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଅନୁରୋଧ କରାଯାଉଅଛି କି ଯେଉଁମାନେ ଆଜି ପର୍ଯ୍ୟନ୍ତ ସେମାନଙ୍କର KYC ଦସ୍ତାବିଜ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟରେ ଅପ୍-ଟୁ-ଡେଟ୍ କରିନାହାନ୍ତି ସେମାନେ ଭାରତୀୟ ରିଜର୍ଭ ବ୍ୟାଙ୍କଙ୍କ ନିୟମ ଅନୁସାରେ ଏହା କରିବା ଅନିବାର୍ଯ୍ୟ ଅଟେ।

ଏଣୁ ଗ୍ରାହକ ବନ୍ଧୁମାନଙ୍କୁ ବିନୀତ ଅନୁରୋଧ ସେମାନେ ନିଜ ନିଜ ଶାଖା କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହିତ ଉପସ୍ଥିତ ରହି ଏକମାସ ମଧ୍ୟରେ ଏହା ନିଶ୍ଚିତ ଭାବରେ କରି ନିଅନ୍ତୁ ଏବଂ ବିନା ଅସୁବିଧାରେ ଆପଣମାନଙ୍କ ବ୍ୟାଙ୍କିଙ୍ଗ୍ କାରବାର ଜାରି ରଖନ୍ତୁ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

**Urgent Required**
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8130157637

# ୪୭,୫୪୧ କୋଟିର ଟିକସ ପାଇବେ ରାଜ୍ୟ

ଭୁବନେଶ୍ୱର,୨୧।୧

ଓଡ଼ିଶା ପାଇବ ୨୧୫୨ କୋଟି

କେନ୍ଦ୍ର ସରକାର କରୋନା ମହାମାରୀର ମୁକାବିଲା ପାଇଁ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ଦେବାକୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଟିକସ ବାବଦର ଅଗ୍ରିମ କିସ୍ତି ବଣ୍ଟନ କରିବାକୁ ନିକଟରେ ଆବଶ୍ୟକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟଗୁଡ଼ିକୁ ଟିକସ ଭାଗର ୨ୟ ଅଗ୍ରିମ କିସ୍ତି ପ୍ରଦାନ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ୨ୟ ଅଗ୍ରିମ କିସ୍ତିରେ ରାଜ୍ୟଗୁଡ଼ିକୁ ମୋଟ ୪୭,୫୪୧ କୋଟି ଟଙ୍କା ପ୍ରଦାନ କରାଯିବ। ଜାନୁୟାରୀରେ ମିଳିବାକୁ ଥିବା ୪୭,୫୪୧ କୋଟିର ନିୟମିତ ଟିକସ ଭାଗ ସହ ଅତିରିକ୍ତ ଭାବେ ଏହି ଅଗ୍ରିମ ରାଶି ମିଶାଇ ମୋଟ ୯୫ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ଏହି ନିୟମିତ କିସ୍ତି ଓ ଅଗ୍ରିମ କିସ୍ତି ବାବଦରେ ଓଡ଼ିଶା ପ୍ରାୟ ୨୧୫୨.୬୬ କୋଟି ଟଙ୍କା ପାଇବ। ଏଣୁ ନିୟମିତ ଓ ଅଗ୍ରିମ କିସ୍ତିକୁ ମିଶାଇ ଚଳିତ ମାସରେ ଓଡ଼ିଶା ମୋଟ ୪୩୦୫.୩୨ କୋଟି ଟଙ୍କା ପାଇବ। କେନ୍ଦ୍ର ସରକାର ଗତ ନଭେମ୍ବର ୨୨ରେ ଟିକସ ଭାଗର ପ୍ରଥମ ଅଗ୍ରିମ କିସ୍ତି ରାଜ୍ୟଗୁଡ଼ିକୁ ପ୍ରଦାନ କରିଥିଲେ। ଏହି ୨ କିସ୍ତିକୁ ମିଶାଇ ରାଜ୍ୟଗୁଡ଼ିକ ଜାନୁୟାରୀ ସୁଦ୍ଧା ଅତିରିକ୍ତ ୯୦,୦୮୨ କୋଟି ଟଙ୍କା ପାଇସାରିଲେଣି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜିଏସ୍‌ଟି କ୍ଷତିପୂରଣ ବାବଦରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଋଣ ଆକାରରେ ୧.୫୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିସାରିଛନ୍ତି। ଟିକସ ସଂଗ୍ରହର ୪୧% ଅଂଶ ରାଜ୍ୟଗୁଡିକୁ ମିଳିଥାଏ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ସଂକ୍ରମଣ ସାମାନ୍ୟ ହ୍ରାସ, ଆଉ ୬ ମୃତ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

■ ଏବେ ବି ୬ ପ୍ରତିଶତ ରୋଗୀ ଭେଣ୍ଟିଲେଟରରେ

■ ସାମାନ୍ୟ ଲକ୍ଷଣ ଦେଖାଦେଲେ ଟେଷ୍ଟ କରାଇବାକୁ ପରାମର୍ଶ



ରାଜ୍ୟରେ କରୋନା ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଦୈନିକ ସଂକ୍ରମଣର ୧୦ ହଜାର ଟ୍ରେଣ୍ଡ୍‌ରେ କିଛିଟା ପରିବର୍ତ୍ତନ ହୋଇଛି। ଦୁଇଦିନ ଧରି ଆକ୍ରାନ୍ତଙ୍କ ସଂଖ୍ୟା ଓ ସଂକ୍ରମଣ ହାର କମିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୭୪,୪୪୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୯,୮୩୩ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୧୩.୨୧%କୁ ଖସି ଆସିଛି। ଏମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୯୭୨ ରହିଛନ୍ତି। ତେବେ ଖୋର୍ଦ୍ଧାରୁ ସର୍ବାଧିକ ୨,୯୪୬ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୧,୧୩୪, କଟକ ୭୭୪, ବାଲେଶ୍ୱର ୨୮୬, ବଲାଙ୍ଗୀର ୨୮୮, ଅନୁଗୋଳ ୧୧୪, ବରଗଡ଼ ୧୭୨, ଭଦ୍ରକ ୧୨୯, ବୌଦ୍ଧ ୧୨୦, ଜଗତ୍‌ସିଂହପୁର ୧୫୨, ଯାଜପୁର ୨୫୬, ଝାରସୁଗୁଡ଼ା ୧୬୮, କଳାହାଣ୍ଡି ୧୭୧, କେନ୍ଦୁଝର ୧୬୮, କୋରାପୁଟ ୧୭୪, ମୟୂରଭଞ୍ଜ ୨୯୫, ନବରଙ୍ଗପୁର ୧୫୬, ନୟାଗଡ଼ ୨୯୨, ନୂଆପଡ଼ା ୧୭୩, ପୁରୀ ୧୪୬, ରାୟଗଡ଼ା ୨୭୪, ସମ୍ବଲପୁର ୨୦୬ ଓ ସୋନପୁରରୁ ୧୧୭ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୮୭,୨୯୫କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୬ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଟକରୁ ୨ଜଣ ଥିବାବେଳେ ଅନୁଗୋଳ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୫୦୭ରେ ପହଞ୍ଚିଛି। ତେବେ ରାଜ୍ୟର ସଂକ୍ରମଣ ସ୍ଥିତି ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଗତ ୨୪ ଘଣ୍ଟାର ରିପୋର୍ଟରେ କରୋନା ତଳମୁହାଁ ହୋଇଥିବା ଦେଖାଯାଇଛି। କିନ୍ତୁ ପ୍ରକୃତରେ ଏହାର ସ୍ଥିତି ଜାଣିବା ପାଇଁ ଆହୁରି ୪/୫ ଦିନ ଲାଗିବ। ଏ ନେଇ ଏବେ କିଛି କହି ହେବନାହିଁ। ଏବେ କୋଭିଡ୍ ଟେଷ୍ଟିଂ କମିନାହିଁ। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ସେର୍ଭେଲାନ୍ସ ଚାଲିଛି। ସାମାନ୍ୟ ଲକ୍ଷଣ ଦେଖାଦେଲେ ଟେଷ୍ଟ କରାଇ ନେବା ଲାଗି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଯେଉଁମାନେ ସଂକ୍ରମିତ ହେଉଛନ୍ତି ସେମାନେ ଆଇସୋଲେଶନରେ ରହିଲେ ସଂକ୍ରମଣକୁ କମାଯାଇପାରିବ। ଭାରିଆଣ୍ଟ ବଦଳିପାରେ, ଏବେ ସୁଦ୍ଧା ସେଭଳି କିଛି ତଥ୍ୟ ଆସିନି। କୋଭିଡ୍ କିଭଳି ବ୍ୟବହାର କରିବ, ତାହା ମ୍ୟୁଟେସନ ଉପରେ ନିର୍ଭର କରୁଛି। ରାଜ୍ୟରେ ଏବେ ବି ୬ ପ୍ରତିଶତ ରୋଗୀ ଭେଣ୍ଟିଲେଟରରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୦ରୁ ୯୦ ପ୍ରତିଶତ ରୋଗୀଙ୍କର ମୃତ୍ୟୁ ଆଶଙ୍କା ରହିଛି।

**STATE POLLUTION CONTROL BOARD, ODISHA**
(Department of Forest, Environment & Climate Change Govt. of Odisha)
Paribesh Bhawan, A/118, Nilakanthanagar, Unit -VIII, Bhubaneswar - 751012
Fax: 2562822/2560955, Tel.: 2564033/2563924, EPABX: 2561909/2562847
E-mail: paribesh1@ospcboard.org, Website: www.ospcboard.org

ପତ୍ର ସଂଖ୍ୟା: 968/IND-II-NoC-MISC-289 ତାରିଖ: 21.01.2022

**ସର୍ବସାଧାରଣ ବିଜ୍ଞପ୍ତି**

No. CAD: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମେସର୍ସ ରାଧିକାପୁର (ପୂର୍ବ) କୋଇଲା ଖଣିର ମେସର୍ସ EMMRLକୁ ବାର୍ଷିକ ୫ ମିଲିୟନ ଟନ୍ କୋଇଲା ଖଣି ତଥା ବାର୍ଷିକ ୫ ମିଲିୟନ ଟନ୍ କ୍ଷମତାବିଶିଷ୍ଟ କୋଇଲା ୱାସରୀ ସ୍ଥାପନା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ଟର୍ମ ଅଫ୍ ରେଫରେନ୍ସ ହାସଲ କରିଛି ଏବଂ ପରିବେଶ ପ୍ରଭାବ ଆକଳନ (EIA)/ପରିବେଶ ପରିଚାଳନା ଯୋଜନା (EMP) ପ୍ରସ୍ତୁତି ପାଇଁ ଯାହାକି ପରିବେଶୀୟ ପ୍ରଭାବ ମୂଲ୍ୟାୟନ ସାରଣୀ ବିଜ୍ଞପ୍ତି ୨୦୦୬ ସଂଶୋଧିତର ଧାରା 7(ii) ଅନୁଯାୟୀ ପୁନଃଜନଶୁଣାଣି ବ୍ୟତୀତ ପ୍ରସ୍ତୁତ ହେବ।

ରାଧିକାପୁର (ପୂର୍ବ) କୋଇଲା ଖଣିଟି ତାଳଚେର କୋଇଲା ଖଣି ଅଞ୍ଚଳ, ଅନୁଗୁଳ ଜିଲ୍ଲାର ଦକ୍ଷିଣ ମଧ୍ୟଭାଗରେ ଅବସ୍ଥିତ। ଉକ୍ତ ଖଣିଟି ଭାରତୀୟ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ଟୋପୋସିଟ ନଂ. ୭୩ଡି/୧୩ (R.F.1: 50,000) ଓ ଅକ୍ଷାଂଶ (ଉ) – 20°57'32" - 20°59'35" ଏବଂ ଦ୍ରାଘିମା (ପୂ) - 84°53'15" - 84°55'46" ମଧ୍ୟରେ ଅବସ୍ଥିତ। ଭାରତ ସରକାର ଜୁନ୍ ୨୦୨୦ରେ କୋଇଲା ଖଣି ସମୂହ (ବିଶେଷ ବ୍ୟବସ୍ଥା) ଅଧିନିୟମ, ୨୦୧୫ ଏବଂ ଏମଏମଡିଆର ଆଇନ, ୧୯୫୭ (MMDR Act, 1957) ଅନୁଯାୟୀ ବାଣିଜ୍ୟିକ କୋଇଲା ଖନନ ଉଦ୍ଦେଶ୍ୟରେ (୩୮ ଖଣି) ନିଲାମ ପ୍ରକ୍ରିୟା ଆରମ୍ଭ କରିଥିଲେ। ମେସର୍ସ ଏସେଲ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ନିଜସ୍ୱ ପୂର୍ଣ୍ଣ ମାଲିକାନାଭୁକ୍ତ କମ୍ପାନୀ ଇଏମଆଇଏଲ ମାଇନ୍ସ ଆଣ୍ଡ ମିନେରାଲ ରିସୋର୍ସେସ୍ ଲିମିଟେଡ (EMMRL) ମାଧ୍ୟମରେ ୬ ନଭେମ୍ବର, ୨୦୨୦ରେ ଖଣି ନିଲାମରେ ଭାଗ ନେଇ ସଫଳତା ଅର୍ଜନ କରିଥିଲେ। ଇଏମଆଇଏଲ ମାଇନ୍ସ ଆଣ୍ଡ ମିନେରାଲ ରିସୋର୍ସେସ୍ ଲିମିଟେଡ (EMMRL) ୧୧ ଜାନୁୟାର, ୨୦୨୧ରେ ରାଧିକାପୁର କୋଇଲା ଖଣି ଖନନ ପାଇଁ କୋଇଲା ଖଣି ବିକାଶ ଏବଂ ଉତ୍ପାଦନ ଚୁକ୍ତିନାମାରେ (CMDPA) ହସ୍ତାକ୍ଷର କରିଛନ୍ତି। ରାଧିକାପୁର (ପୂର୍ବ) କୋଇଲା ବ୍ଲକ (ଉତ୍କଳ ବ୍ଲକ - ଏଫ୍ ସହିତ) (ବର୍ତ୍ତମାନ ରାଧିକାପୁର କୋଇଲା ଖଣି ନାମରେ ନାମିତ) କୋଇଲା ଖଣି ପୂର୍ବ ଆବଣ୍ଟନ ନିର୍ଦ୍ଦେଶନାମା ଅନୁସାରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଦ୍ୱାରା ୭ ଫେବୃୟାରୀ ୨୦୦୬ରେ ମେସର୍ସ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ ସହ ମେସର୍ସ ସ୍କ (SCAW) ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଏବଂ ଏସପିଏସ୍ (SPS) ସ୍ପଞ୍ଜ ଲିମିଟେଡଙ୍କୁ ମିଳିତ ଭାବେ ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ସ୍ପଞ୍ଜ ଆଇରନ କାରଖାନାରେ ବ୍ୟବହାର ନିମନ୍ତେ ଆବଣ୍ଟନ କରିଥିଲେ। କୋଇଲା ମନ୍ତ୍ରଣାଳୟ, ୨୦୧୪ ମସିହାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ୨୦୧୪ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସର ଆଦେଶକ୍ରମେ ଏବଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ କୋଇଲା ଖଣିର ପୂର୍ବ ଆବଣ୍ଟନକୁ ରଦ୍ଦ କରିଥିଲେ।

ବର୍ତ୍ତମାନ EMMRL ବାର୍ଷିକ ୫ ମିଲିୟନ ଟନ୍ କ୍ଷମତାବିଶିଷ୍ଟ ଖୋଲାମୁହାଁ କୋଇଲା ଖଣି ସହିତ ଏକ ବାର୍ଷିକ ୫ ମିଲିୟନ ଟନ୍ ଉତ୍ପାଦନ କ୍ଷମତାବିଶିଷ୍ଟ କୋଇଲା ୱାସେରୀ ସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଛନ୍ତି। ରାଧିକାପୁର (ପୂ) କୋଇଲା ଖଣି (ରୟତି ଜମି – 658.6677 ହେକ୍ଟର, ଅଣ-ଜଙ୍ଗଲ ସରକାରୀ ଜମି – 141.1674 ହେକ୍ଟର ଓ ରାଜସ୍ୱ ଜଙ୍ଗଲ କିସମ ଜମି – 230.0889 ହେକ୍ଟର) ସମୁଦାୟ 1029.925 ହେକ୍ଟର ମଧ୍ୟରେ ସୀମିତ।

**ଖଣିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା:**

୧. ରାଧିକାପୁର (ପୂର୍ବ) କୋଇଲା ଖଣି ଯାହାକି ଅନୁଗୁଳ ଜିଲ୍ଲାରେ ୧୦୨୯.୯୨୫ ହେକ୍ଟର ଜମି ଉପରେ ପ୍ରସ୍ତାବିତ ହୋଇଥିଲା, ତାହାର ପରିବେଶ ମଞ୍ଜୁରୀ ନିମନ୍ତେ ମେସର୍ସ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ ତଥା ଅନ୍ୟ ଦୁଇ ସହଯୋଗୀ କମ୍ପାନୀ ଯଥା ମେସର୍ସ ସ୍କ (SCAW) ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଏବଂ ଏସପିଏସ୍ (SPS) ସ୍ପଞ୍ଜ ଲିମିଟେଡ୍ – ନିମନ୍ତେ ୩୭ତମ ପରିବେଶୀୟ ମୂଲ୍ୟାୟନ କମିଟି ଦ୍ୱାରା ତା୨୮ ଓ ୨୯ ନଭେମ୍ବର, ୨୦୧୧ରେ ପରିବେଶ ମଞ୍ଜୁରୀ ନିମନ୍ତେ ୨୮ ମାର୍ଚ୍ଚ ୨୦୧୨ରେ ଆବଶ୍ୟକୀୟ ସୁପାରିସ କରାଯାଇଥିଲା। ଉକ୍ତ ସୁପାରିସ ଏହି ସର୍ତ୍ତରେ ପ୍ରଦାନ କରାଯାଇଥିଲା କି ପ୍ରକଳ୍ପ କର୍ତ୍ତୃପକ୍ଷ ଜଙ୍ଗଲ ମଞ୍ଜୁରୀ (ପ୍ରଥମ ସୋପାନ) ହାସଲ କରିବେ।

୨. [illegible] J-11015/1073/2007-IA-IIM [illegible]

୩. [illegible]

୪. [illegible] EMMRLକୁ [illegible]

୫. [illegible] EMMRLକୁ [illegible]

[illegible] publichearing@ospcboard.org [illegible]

OIPR-08012/11/0259/2122

ସ୍ୱା./- ସଦସ୍ୟ ସଚିବ

**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(EMERGENCY SECTION)**
E mail- dklemgv@gmail.com

No. F-301- ଏତଦ୍ୱାରା ଢେଙ୍କାନାଳ ଜିଲ୍ଲା ଅଧୀନସ୍ଥ ସମସ୍ତ ବ୍ଲକର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, CAPS PORTALରେ ଥିବା Audited COVID Death Listରେ ଥିବା ମୃତ ବ୍ୟକ୍ତିମାନଙ୍କ ନାମ ଅନୁଯାୟୀ ନିମ୍ନଲିଖିତ ଏକାବନ (୫୧) ଜଣ ବ୍ୟକ୍ତିଙ୍କର ଉତ୍ତରାଧିକାରୀମାନଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଅଛି । କିନ୍ତୁ ସେମାନଙ୍କ ସମ୍ବନ୍ଧରେ କୌଣସି ଠିକଣା କିମ୍ବା ଫୋନ୍ ନମ୍ବର ଅଦ୍ୟାବଧି ମିଳୁ ନ ଥିବାରୁ ସେମାନଙ୍କର ପରିବାରକୁ ନିର୍ଦ୍ଧାରିତ ସରକାରୀ ସହାୟତା ରାଶି ବଣ୍ଟନ ହୋଇପାରିନାହିଁ ।

ଏଣୁ ଏହା ଅନୁରୋଧ କରାଯାଉଛି ଯେ, ନିମ୍ନ ବର୍ଣ୍ଣିତ ବ୍ୟକ୍ତିଙ୍କର ପରିବାରବର୍ଗ କିମ୍ବା ଅନ୍ୟ କାହା ପାଖରେ ଯଦି କୌଣସି ତଥ୍ୟ ଥାଏ, ତୁରନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ / ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ / ତହସିଲ କାର୍ଯ୍ୟାଳୟର ଅଧିକାରୀଙ୍କୁ ଅବଗତ କରାଇବେ ।

**ନିଖୋଜ ବ୍ୟକ୍ତିମାନଙ୍କ ନାମର ତାଲିକା**

| କ୍ର. ନଂ. | ବ୍ଲକ୍‌ର ନାମ | ମୃତ ବ୍ୟକ୍ତିଙ୍କ ନାମ | ବୟସ | ଲିଙ୍ଗ | ଠିକଣା |
|---|---|---|---|---|---|
| ୧ | ଗଁଦିଆ | ଶାନ୍ତିଲତା ନାୟକ | ୨୬ | ମହିଳା | ଗଁଦିଆ |
| ୨ | ଗଁଦିଆ | ଶୁଭ୍ରାଂଶୁ ଶେଖର ସାହୁ | ୩୪ | ପୁରୁଷ | ଗଁଦିଆ |
| ୩ | ଗଁଦିଆ | ସୌଦାମିନୀ ଦାସ | ୫୭ | ମହିଳା | ଗଁଦିଆ |
| ୪ | ଗଁଦିଆ | ତପନ ଜ୍ୟୋତି ନନ୍ଦ | ୫୩ | ପୁରୁଷ | ମନ୍ଦାର |
| ୫ | ଭୁବନ | ଲକ୍ଷ୍ମୀଧର ପାତ୍ର | ୬୨ | ପୁରୁଷ | ଭୁବନ |
| ୬ | ଭୁବନ | ଶଶିକାନ୍ତ ବାରିକ | ୪୫ | ପୁରୁଷ | ଭୁବନ |
| ୭ | କଙ୍କଡ଼ାହାଡ଼ | ସତ୍ୟପ୍ରିୟ ବେହେରା | ୫୯ | ପୁରୁଷ | ଚନ୍ଦ୍ରପୁର |
| ୮ | କଙ୍କଡ଼ାହାଡ଼ | ବାଇଧର ମଲ୍ଲିକ | ୮୦ | ପୁରୁଷ | ଭୀମରାଜପୁର |
| ୯ | ପର୍ଜଙ୍ଗ | ମଞ୍ଜୁଲତା ନେଲ | ୫୦ | ମହିଳା | ପର୍ଜଙ୍ଗ |
| ୧୦ | ପର୍ଜଙ୍ଗ | ଗତିକୃଷ୍ଣ ପାଢ଼ୀ | ୭୪ | ପୁରୁଷ | ପର୍ଜଙ୍ଗ |
| ୧୧ | ପର୍ଜଙ୍ଗ | ମନୋଜ ସାହୁ | ୫୭ | ପୁରୁଷ | ପର୍ଜଙ୍ଗ |
| ୧୨ | ପର୍ଜଙ୍ଗ | ସରୋଜ କୁମାର ସାହୁ | ୨୩ | ପୁରୁଷ | ପର୍ଜଙ୍ଗ |
| ୧୩ | ପର୍ଜଙ୍ଗ | ପଙ୍କଜ ନାଏକ | ୭୫ | ପୁରୁଷ | ପର୍ଜଙ୍ଗ |
| ୧୪ | ପର୍ଜଙ୍ଗ | ଉମା ରାଉତ | ୬୫ | ମହିଳା | ପର୍ଜଙ୍ଗ |
| ୧୫ | ପର୍ଜଙ୍ଗ | ରବୀନ୍ଦ୍ର ସେଠ | ୫୫ | ପୁରୁଷ | ପର୍ଜଙ୍ଗ |
| ୧୬ | ପର୍ଜଙ୍ଗ | ସତ୍ୟବାନ ସାହୁ | ୫୫ | ପୁରୁଷ | ପର୍ଜଙ୍ଗ |
| ୧୭ | ପର୍ଜଙ୍ଗ | ଅଶୋକ କୁମାର ବିଶ୍ୱାଳ | ୬୦ | ପୁରୁଷ | ବସୋଇ |
| ୧୮ | ଓଡ଼ାପଡ଼ା | ସତ୍ୟାନନ୍ଦ ବେହେରା | ୪୨ | ପୁରୁଷ | ଓଡ଼ାପଡ଼ା |
| ୧୯ | ଓଡ଼ାପଡ଼ା | ଜୟେଶ୍ୱର ଦେହୁରୀ | ୫୫ | ପୁରୁଷ | କଣ୍ଟାବଣିଆ |
| ୨୦ | କାମାକ୍ଷାନଗର | କାଳନ୍ଦି ଚରଣ ସାହୁ | ୮୩ | ପୁରୁଷ | ଡୁମୁଶିଙ୍ଘା |
| ୨୧ | କାମାକ୍ଷାନଗର | ନାଗା ନାୟକ | ୪୦ | ପୁରୁଷ | ଡୁମୁଶିଙ୍ଘା |
| ୨୨ | କାମାକ୍ଷାନଗର | ରାଜକିଶୋର ନାଏକ | ୨୫ | ପୁରୁଷ | ଡୁମୁଶିଙ୍ଘା |
| ୨୩ | କାମାକ୍ଷାନଗର | ଚାରୁଲତା ସେଠୀ | ୫୨ | ମହିଳା | ଡୁମୁଶିଙ୍ଘା |
| ୨୪ | କାମାକ୍ଷାନଗର | ଗରୁଡ଼ ମହାରାଣା | ୩୨ | ପୁରୁଷ | କାମାକ୍ଷାନଗର |
| ୨୫ | କାମାକ୍ଷାନଗର | ବ୍ରହ୍ମାନନ୍ଦ ପୁଆଣ | ୬୦ | ପୁରୁଷ | କାମାକ୍ଷାନଗର |
| ୨୬ | କାମାକ୍ଷାନଗର | ରଞ୍ଜନ କୁମାର ରାଉତ | ୮୫ | ପୁରୁଷ | - |
| ୨୭ | ଢେଙ୍କାନାଳ ସଦର | ଚନ୍ଦ୍ରକାନ୍ତ ସ୍ୱାଇଁ | ୩୮ | ପୁରୁଷ | ସଦର |
| ୨୮ | ଢେଙ୍କାନାଳ ସଦର | ଦୁଷ୍ମନ୍ତ ସାହୁ | ୩୬ | ପୁରୁଷ | ଭାପୁର |
| ୨୯ | ଢେଙ୍କାନାଳ ସଦର | ମଞ୍ଜୁଲତା ସାହୁ | ୪୨ | ମହିଳା | ଢେଙ୍କାନାଳ |
| ୩୦ | ଢେଙ୍କାନାଳ ସଦର | ପ୍ରଜ୍ଞାଧୀର ସାମନ୍ତ | ୨୫ | ପୁରୁଷ | ଢେଙ୍କାନାଳ |
| ୩୧ | ଢେଙ୍କାନାଳ ସଦର | ରଶ୍ମିତା ନାୟକ | ୨୧ | ମହିଳା | ରାଇଡ଼ିହି |
| ୩୨ | ଢେଙ୍କାନାଳ ସଦର | ନମିତା ଦେହୁରୀ | ୪୭ | ମହିଳା | ଢେଙ୍କାନାଳ |
| ୩୩ | ଢେଙ୍କାନାଳ ସଦର | ଭବାନୀ ଚରଣ ସାହୁ | ୪୩ | ପୁରୁଷ | ମହିଷପାଟ |
| ୩୪ | ଢେଙ୍କାନାଳ ସଦର | ଲକ୍ଷ୍ମୀଧର ମହାନ୍ତି | ୭୦ | ପୁରୁଷ | ହାଟରୋଡ |
| ୩୫ | ଢେଙ୍କାନାଳ ସଦର | ଗୋଲାବରାୟ ପାରେଖ | ୬୮ | ପୁରୁଷ | କାରିଗରସାହି |
| ୩୬ | ଢେଙ୍କାନାଳ ସଦର | ତ୍ରୈଲୋକ୍ୟ ପୃଷ୍ଟି | ୪୪ | ପୁରୁଷ | ଢେଙ୍କାନାଳ |
| ୩୭ | ଢେଙ୍କାନାଳ ସଦର | ମମତା ସେନାପତି | ୪୫ | ମହିଳା | ଢେଙ୍କାନାଳ |
| ୩୮ | ଢେଙ୍କାନାଳ ସଦର | ପରମାନନ୍ଦ ସାହୁ | ୬୫ | ପୁରୁଷ | ଢେଙ୍କାନାଳ |
| ୩୯ | ଢେଙ୍କାନାଳ ସଦର | ଗମ୍ଭୀର ସାମଲ | ୭୦ | ପୁରୁଷ | ଢେଙ୍କାନାଳ |
| ୪୦ | ଢେଙ୍କାନାଳ ସଦର | ତିଳୋତ୍ତମା ବେହେରା | ୬୦ | ମହିଳା | ଜଗନ୍ନାଥରୋଡ |
| ୪୧ | ଢେଙ୍କାନାଳ ସଦର | ଝରଣା ଲେଙ୍କା | ୩୯ | ମହିଳା | ଢେଙ୍କାନାଳ |
| ୪୨ | ଢେଙ୍କାନାଳ ସଦର | ଆଦିତ୍ୟ ବିଶ୍ୱାଳ | ୩୯ | ପୁରୁଷ | ଢେଙ୍କାନାଳ |
| ୪୩ | ଢେଙ୍କାନାଳ ସଦର | ସତ୍ୟବାନ ସାହୁ | ୭୮ | ପୁରୁଷ | ଅମଲାପଡ଼ା |
| ୪୪ | ହିନ୍ଦୋଳ | ପୂର୍ଣ୍ଣଚନ୍ଦ୍ର ସାହୁ | ୭୧ | ପୁରୁଷ | ବାଲିମି |
| ୪୫ | ହିନ୍ଦୋଳ | ବିଦ୍ୟାଧର ଦୁଡୁ | ୫୪ | ପୁରୁଷ | ପଡ଼ିଆବେଡ଼ା |
| ୪୬ | ହିନ୍ଦୋଳ | ବଭ୍ରୁବାହନ ସାମଲ | ୫୬ | ପୁରୁଷ | ଗମୁଆ |
| ୪୭ | ହିନ୍ଦୋଳ | ଡଲି ବିଶ୍ୱାଳ | ୩୦ | ମହିଳା | ବାଲିମି |
| ୪୮ | ହିନ୍ଦୋଳ | ସଜନୀ ନାଏକ | ୪୦ | ମହିଳା | ହିନ୍ଦୋଳ |
| ୪୯ | ହିନ୍ଦୋଳ | ମନୋଜ କୁମାର ବରାଳ | ୪୯ | ପୁରୁଷ | ନୂଆପାଣିସାହି |
| ୫୦ | ହିନ୍ଦୋଳ | ମହେଶ୍ୱର ଦାସ | ୪୮ | ପୁରୁଷ | ଚାନ୍ଦୋଳ |
| ୫୧ | ହିନ୍ଦୋଳ | ସୁବାସ ଚନ୍ଦ୍ର ପଟ୍ଟନାୟକ | ୫୦ | ପୁରୁଷ | ବାଲିମି |

Sd./- ଜିଲ୍ଲାପାଳ, ଢେଙ୍କାନାଳ
OIPR-24066/11/0005/2122

ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ । ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ – ସଂକୀର୍ଣ୍ଣ ସୀମାର ଘେର ଭିତରୁ –ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ । –ଶ୍ରୀମା

# ଭିଆଇପି ସଂସ୍କୃତିକୁ ବିରୋଧ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସାଧାରଣ ଲୋକଙ୍କ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଭିଆଇପି ସଂସ୍କୃତିକୁ ତୀବ୍ର ବିରୋଧ କରିଛନ୍ତି। ସହରରେ ଲୋକମାନଙ୍କ ମଧ୍ୟରେ ତାଙ୍କର ଗ୍ରହଣୀୟତା ରହିଛି ବୋଲି ଆମ ମନରେ ବିଶ୍ୱାସ ଜନ୍ମାଇବାକୁ ସେ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସୁବିଧାରେ ଯିବା ଲାଗି ନଗାଁଓ ଜିଲାର ଡେପୁଟି କମିଶନର ନିସର୍ଗ ହଭାରେ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରଖିଥିବା ଦେଖି ଶର୍ମା ସେଠାରେ ଅଟକି ଯାଇଥିଲେ। ଯାତ୍ରା କରୁଥିବା ଲୋକଙ୍କ ଅସୁବିଧାକୁ ଲକ୍ଷ୍ୟ କରି ସେ ଡେପୁଟି କମିଶନରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଟ୍ରାଫିକ୍ ବନ୍ଦଥିବା ରାସ୍ତା ନିକଟରେ ଥିବା ଆଉ ଏକ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଯାଉଥିଲେ। ଲୋକପ୍ରିୟତା ବଢ଼ାଇବା ଲାଗି ଏଭଳି ବ୍ୟବହାରକୁ ଗୁପ୍ତରେ କ୍ୟାମେରାରେ ରେକର୍ଡ କରାଯାଇଥିଲା କି ନାହିଁ ଆମେ ନିଶ୍ଚିତ ନୁହେଁ। ତେବେ ଯାହା ହୋଇଥାଉ ନା କାହିଁକି, ଏହି ଘଟଣା ଅତ୍ୟଧିକ ପ୍ରସାରିତ ହେଲା। ଏହାକୁ ନେଇ ସ୍ୱାଭାବିକ ଭାବେ ବହୁ ପ୍ରଶ୍ନ ଏବେ ଉଠିଛି। ଉଦାହରଣ ସ୍ୱରୂପ, ଶର୍ମା ଏମିତି କ'ଣ ଉଦ୍‌ଘାଟନ କରୁଥିଲେ କି ? ରାସ୍ତାରେ ଗହଳି କମ୍ ଥିବା ସମୟରେ କାହିଁକି ଏଥିପାଇଁ ଯୋଜନା କରାଗଲା ନାହିଁ? ମୁଖ୍ୟମନ୍ତ୍ରୀ ସାଧାରଣରେ କାହିଁକି ଭିଆଇପିଙ୍କ ଯାତାୟାତ ପାଇଁ ରହିଥିବା ପ୍ରୋଟୋକଲକୁ ଅନୁସରଣ କରୁଥିବା ଜଣେ ଆଇଏଏସ୍ ଅଧିକାରୀଙ୍କୁ ଅପମାନିତ କଲେ ? ଯଦି ଶର୍ମା ତାଙ୍କ କଥାକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିଛନ୍ତି ବୋଲି ଭାବୁଛନ୍ତି, ତେବେ ତାହା ଭୁଲ୍ ହୋଇପାରେ। ଏବେ ସାଧାରଣ ଜନତା ଉଚ୍ଚଗଣ୍ୟମାନ୍ୟ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଭିଆଇପି ସଂସ୍କୃତି ଦୂର କରିବା ସମ୍ପର୍କିତ ଉପଦେଶ ବା ପଦକ୍ଷେପରେ କମ୍ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଦୁଃଖର ବିଷୟ, ଶର୍ମାଙ୍କର ଏଭଳି ମନୋଭାବ ଦ୍ୱାରା ତାଙ୍କର କ୍ଷତି ହୋଇପାରେ।

### ରାଜ୍ୟକୁ ଉପେକ୍ଷା

ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ଓ ଏଥିରେ ଥିବା ଆଇଏଏସ୍ ଅଧିକାରୀମାନଙ୍କ ପଦବୀର ନିୟମଗୁଡ଼ିକରେ ସଂଶୋଧନ ଲାଗି କେନ୍ଦ୍ର ପଦକ୍ଷେପ ନେଇଛି। ଏଥିରେ ରାଜ୍ୟ ସରକାରଗୁଡ଼ିକର ମତକୁ ଉପେକ୍ଷା କରାଯିବା ଦ୍ୱାରା ଅଣ ଭାଜପା ରାଜ୍ୟଗୁଡ଼ିକ ସହ କେନ୍ଦ୍ରର ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବ। ଅଣ ଭାଜପା ଶାସିତ ରାଜ୍ୟଗୁଡ଼ିକ ସ୍ପଷ୍ଟ ଭାବେ ରାଜନୈତିକ ଆଧାରରେ ବହୁ ସମୟରେ କେନ୍ଦ୍ରୀୟ ଡେପୁଟେଶନରେ ଅଧିକାରୀମାନଙ୍କୁ ପଠାଇବା ଲାଗି ମନା କରିଦେଉଛନ୍ତି। ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରଙ୍କ ସହ ବିବାଦୀୟ ସ୍ଥିତିରେ ଏଭଳି ପ୍ରସ୍ତାବର ଆବଶ୍ୟକତା ଥିଲା। ଗତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଶ୍ଚିମବଙ୍ଗ ଗସ୍ତ ସମୟରେ ସେତେବେଳର ମୁଖ୍ୟ ଶାସନ ସଚିବ ଅଲ୍ପନ ବନ୍ଦୋପାଧ୍ୟାୟ ନକାରାତ୍ମକ ବ୍ୟବହାରକୁ କେନ୍ଦ୍ର କରି ଏଭଳି ସଂଶୋଧନ କରାଯିବ ବୋଲି ଆଶା କରାଯାଉଥିଲା। ସୂତ୍ରରୁ ଜଣାପଡ଼ିଛି, କେନ୍ଦ୍ର ସମସ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଚିଠି ଲେଖି ଡେପୁଟେଶନ ନିୟମ ସଂଶୋଧନ ଉପରେ ସେମାନଙ୍କ ଦୃଷ୍ଟିକୋଣ ଜାଣିବା ଲାଗି ଚାହିଁଛନ୍ତି। ତେବେ ଏହି ପ୍ରସ୍ତାବ ନର୍ଥବ୍ଲକ ଓ ନବାନ୍ନ(ମମତା ବାନାର୍ଜୀଙ୍କ ନୂଆ ଅଫିସ୍) ମଧ୍ୟରେ ବିବାଦକୁ ବଢ଼ାଇବାର ଅଧିକ ସମ୍ଭାବନା ରହିଛି। ଏହାସହ ଅନ୍ୟ ଅଣ ଭାଜପା ଶାସିତ ରାଜ୍ୟଗୁଡ଼ିକରୁ ଏହା ପ୍ରତିରୋଧର ସମ୍ମୁଖୀନ ହେବ। କେନ୍ଦ୍ରର ପ୍ରସ୍ତାବ ଯଦି ପାସ୍ ହୋଇଯାଏ, ତେବେ ଗୋଟିଏ ରାଜ୍ୟରେ କେତେ ଜଣ ଅଧିକାରୀ ରହିବେ ତାହା ସ୍ଥିର କରିବାକୁ କେନ୍ଦ୍ରକୁ ଅଧିକାର ମିଳିଯିବ। କୌଣସି ରାଜ୍ୟର ମତାମତ ନ ନେଇ ସମ୍ପୃକ୍ତ ରାଜ୍ୟରୁ ଏକତରଫା ଭାବେ ଯେ କୌଣସି ଅଧିକାରୀଙ୍କୁ କେନ୍ଦ୍ର ନେଇପାରିବ ବୋଲି ଏକ ପ୍ରକାର ଭୟ ରହିଛି। ଏହା ରାଜ୍ୟଗୁଡ଼ିକର ସ୍ୱାର୍ଥରେ କ୍ଷତି ଘଟାଇବ।

### ସ୍ଥାୟୀ ନିଯୁକ୍ତି ଅପେକ୍ଷାରେ

ଅଏଲ ଆଣ୍ଡ୍ ନାଚୁରାଲ ଗ୍ୟାସ କର୍ପୋରେଶନ( ଓଏନ୍‌ଜିସି) ବା ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମର ମାନବ ସମ୍ବଳ ନିର୍ଦ୍ଦେଶକ ଅଲକା ମିତ୍ତଲଙ୍କୁ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସରକାରୀ ମାଲିକାନାରେ ଥିବା ଏହି କମ୍ପାନୀ ଇତିହାସରେ ପ୍ରଥମ ଥର ଲାଗି ଜଣେ ମହିଳାଙ୍କୁ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ସରକାର କହିଛନ୍ତି ଯେ, ଜଣେ ସ୍ଥାୟୀ ବା ପୂର୍ଣ୍ଣକାଳିକ ସିଏମ୍‌ଡି ନିଯୁକ୍ତି ନ ପାଇବା କିମ୍ବା ପୁନର୍ବାର ଅର୍ଡର ପ୍ରକାଶ ନ ପାଇବା ଯାଏ ଆଗାମୀ ୬ ମାସ ସକାଶେ ମିତ୍ତଲ ତାଙ୍କ ନୂଆ ଦାୟିତ୍ୱରେ ରହିବେ। ଏବେସୁଦ୍ଧା ପବ୍ଲିକ୍ ସେକ୍ଟର ୟୁନିଟ୍‌ଗୁଡ଼ିକର ଶୀର୍ଷ ପଦବୀ ନିଯୁକ୍ତିରେ ବିଳମ୍ବ ହୋଇଆସୁଛି ଓ ଏହାକୁ ନେଇ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ସରକାରଙ୍କର ସବୁଠୁ ଲାଭଜନକ କମ୍ପାନୀ ଓଏନ୍‌ଜିସିରେ ଏଭଳି କାର୍ଯ୍ୟଧାରା କାହିଁକି ଜାରି ରହିଛି ତାହା ବୁଝି ହେଉନାହିଁ। ପବ୍ଲିକ ଏଣ୍ଟରପ୍ରାଇଜ ସିଲେକ୍‌ଶନ ବୋର୍ଡ (ପିଇଏସ୍‌ବି) ସିଏମ୍‌ଡି ପଦବୀ ପାଇଁ ଦୁଇ ଜଣ କାର୍ଯ୍ୟରତ ଆଇଏଏସ୍ ଅଧିକାରୀଙ୍କ ସମେତ ୯ ଜଣଙ୍କ ଇଣ୍ଟରଭ୍ୟୁ କରିଥିଲା। କିନ୍ତୁ କାହାକୁ ଚୟନ କରିପାରିଲା ନାହିଁ। ଏହା ବଦଳରେ ତାହା ଏକ ସର୍ଚ୍ଚ କମିଟି ଗଠନ କରିବା ଲାଗି ଘୋଷଣା କରିଥିଲା, ଯେଉଁଥିରେ ବିଳମ୍ବ ଘଟିଲା। ଗତ ବର୍ଷ ମାର୍ଚ୍ଚରେ ଶଶୀ ଶଙ୍କର ଅବସର ନେବାପରଠାରୁ ଓଏନ୍‌ଜିସିର ସ୍ଥାୟୀ ସିଏମ୍‌ଡି ନାହାନ୍ତି। ପେଟ୍ରୋଲିୟମ ବାବୁମାନେ ଏବଂ ପିଇଏସ୍‌ବି ଓଏନ୍‌ଜିସିର ଜଣେ ସ୍ଥାୟୀ ସିଏମ୍‌ଡିଙ୍କୁ ନିଯୁକ୍ତି ଦେବାରେ ବେଶି ସମୟ ନେବେ ନାହିଁ ବୋଲି ଆଶା କରାଯାଏ।

Email: dilipcherian@gmail.com

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 4 | | | | 8 | | 1 | 5 |
| | | | | | | 3 | | |
| | | 3 | 6 | 1 | | | | 4 |
| | | | | | | | | |
| 8 | | | | | 9 | 2 | 3 | 7 |
| | | | 3 | | 1 | 5 | 9 | |
| | | 7 | | | | | | |
| | | | | | 3 | 1 | 2 | |
| | 1 | | 2 | 4 | | | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 4 | 2 | 5 | 3 | 1 | 8 | 6 |
| 3 | 1 | 2 | 6 | 8 | 4 | 7 | 5 | 9 |
| 5 | 8 | 6 | 1 | 7 | 9 | 4 | 3 | 2 |
| 7 | 5 | 9 | 4 | 6 | 1 | 3 | 2 | 8 |
| 6 | 3 | 1 | 7 | 2 | 8 | 9 | 4 | 5 |
| 4 | 2 | 8 | 3 | 9 | 5 | 6 | 7 | 1 |
| 8 | 6 | 5 | 9 | 3 | 7 | 2 | 1 | 4 |
| 1 | 9 | 3 | 8 | 4 | 2 | 5 | 6 | 7 |
| 2 | 4 | 7 | 5 | 1 | 6 | 8 | 9 | 3 |

ଗତକାଲିର ଉତ୍ତର

# ସମୟର ଆହ୍ୱାନ



ବିମଳ ପ୍ରସନ୍ନ ଦାସ

ସମୟ ଏକ ନିରବଚ୍ଛିନ୍ନ ଧାରା। ତାକୁ ଆମେ ବର୍ଷ, ମାସ, ଦିନ ଦଣ୍ଡରେ ପରିଣତ କରୁ। ସେହି ନୀତି ନିୟମରେ ବର୍ଷଟିଏ ଯିବା ଏବଂ ବର୍ଷଟିଏ ଆସିବା ଏକ ସ୍ୱାଭାବିକ ପ୍ରକ୍ରିୟା। ତାହା ସତ୍ତ୍ୱେ ଏହି ସ୍ୱାଭାବିକ ପ୍ରକ୍ରିୟା ସଚେତନ କରିଦିଏ ଯେ, ଆମେ କ'ଣ ପାଇଛୁ, କ'ଣ ହରାଇଛୁ, ଆଗକୁ କ'ଣ ହରାଇବାକୁ ହେବ, ସଫଳତାର ପ୍ରଚାର ଭିତରେ ସମୀକ୍ଷା କରିବାକୁ ହେବ ଆମ ବିଫଳତାର କାରଣ। ଓଡ଼ିଶା ଆଗରେ 'ଓମିକ୍ରନ୍' ବ୍ୟାଧି ନିୟନ୍ତ୍ରଣଠାରୁ ଆରମ୍ଭକରି ସୀମାସୁରକ୍ଷା ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ସେଥିରୁ କେତୋଟି ସମ୍ପର୍କରେ ଆଲୋଚନା ଏ ଉପସ୍ଥାପନାର ଉଦ୍ଦେଶ୍ୟ।

କୋଭିଡ୍‌ର ଦୁଇଟି ଲହର ପରେ ଏବେ 'ଓମିକ୍ରନ୍' ନୂଆ ରୂପରେ ଆସିଛି। ମହାରାଷ୍ଟ୍ର ଏବଂ ଦେଶର ରାଜଧାନୀ ଦିଲ୍ଲୀରେ ଓମିକ୍ରନ୍ ଭୟସଞ୍ଚାର କଲାବେଳେ ଓଡ଼ିଶାରେ ଏଥିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହସ୍ପିଟାଲ ପ୍ରସ୍ତୁତ ରଖିବା ସହିତ କୋଭିଡ୍ (ଓମିକ୍ରନ୍) ସଂକ୍ରମଣ ଯେପରି ଜୀବିକା ଉପରେ ପ୍ରଭାବ ନ ପକାଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆମ ରାଜ୍ୟରେ ୬,୦୦୦ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ସେସବୁ ଗତ ୨ ବର୍ଷ ଧରି 'କରୋନା' ପାଇଁ ବନ୍ଦ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହି ମାସ ୩ ତାରିଖରୁ ଖୋଲିବାର ନିଷ୍ପତ୍ତି ଘୋଷଣା କରିଥିଲେ ମଧ୍ୟ 'ଓମିକ୍ରନ୍'ର ଦ୍ରୁତ ସଂକ୍ରମଣ ହେତୁ ସେ ତାଙ୍କ ପୂର୍ବ ନିଷ୍ପତ୍ତିକୁ ସ୍ଥଗିତ କରିବାକୁ ବାଧ୍ୟ ହେଲେ। ଅନଲାଇନ୍‌ରେ ସୁଦୂର ଆଦିବାସୀ ଅଞ୍ଚଳର ପିଲାମାନଙ୍କ ପାଠପଢ଼ା ଠପ ହୋଇଛି। ସେମାନଙ୍କ ପାଖରେ ନା ଅଛି ମୋବାଇଲ ଫୋନ୍ ନା ଅନ୍ୟ କିଛି ପଠପଢ଼ାର ବ୍ୟବସ୍ଥା। ଏହା ଘୋର ଚିନ୍ତାର ବିଷୟ। ସୁରକ୍ଷା ଭିତରେ ପିଲାଏ କିପରି ପାଠ ପଢ଼ିବେ ତାହା ବର୍ତ୍ତମାନ ଅଭିଭାବକ ତଥା ସରକାରଙ୍କ ପାଇଁ ଘୋର ଚିନ୍ତାର ବିଷୟ।

ସୀମା ସୁରକ୍ଷା ଓଡ଼ିଶାର ଅନ୍ୟ ଏକ ମୁଣ୍ଡବ୍ୟଥାର ସମସ୍ୟା। ତାହା ହେଉଛି 'କୋଟିଆ' ଓ 'ଦେଓମାଳି'। କୋରାପୁଟର କୋଟିଆ ଗ୍ରାମଗୁଡ଼ିକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଅଛିଣ୍ଡା ଅଙ୍କ ପରି ଲାଗିରହିଛି। ସୁପ୍ରିମକୋର୍ଟରେ ଏହି ମାମଲା ବିଚାରାଧୀନ ଥିଲାବେଳେ ଆନ୍ଧ୍ର ସରକାର ବାରମ୍ବାର ବେଆଇନ କାର୍ଯ୍ୟକଳାପରେ ଲାଗିଛନ୍ତି। ଏ ଦିଗରେ ଓଡ଼ିଶା ସରକାର ପଛେଇ ଯାଉଥିବାର ଗଣମାଧ୍ୟମ ସମାଲୋଚନା କରୁଛି। ନଭେମ୍ବର ୨୦୨୧ରେ ଆନ୍ଧ୍ରର ଷାଠିଏରୁ ଅଧିକ ସରକାରୀ ଅଧିକାରୀ ଆସି ଦେଓମାଳି ଅଞ୍ଚଳରେ ବଣଭୋଜି କରିଥିଲେ। ଆନ୍ଧ୍ର ସରକାର ଦେଓମାଳି ପର୍ବତରେ ଅମୂଲ୍ୟ ଖଣିଜ ସମ୍ପଦ ଉପରେ ଆନ୍ଧ୍ର ସରକାରଙ୍କ ଦୃଷ୍ଟି ନିହିତ ବୋଲି ସାଧାରଣ ଲୋକେ କହୁଛନ୍ତି। ମାତ୍ର ଏହାକୁ ରୋକିବା ପାଇଁ ଓଡ଼ିଶା ସରକାରଙ୍କ ଆଡୁ ତତ୍ପରତା ଯେପରି ହେବା କଥା ତାହା ହେଉନାହିଁ। ଆନ୍ଧ୍ର ପୋଲିସ ଏଠାରେ ଚେକ୍‌ପୋଷ୍ଟ ମଧ୍ୟ ନିର୍ମାଣ କରିଛି। ''କୋଟିଆ ଓ ଦେଓମାଳି ସୁରକ୍ଷା ଏବେ ଆମ ରାଜ୍ୟ ସରକାରଙ୍କ ପାଇଁ ଏକ ଜରୁରୀ ଆହ୍ୱାନ।''

ମରୁଡ଼ି, ବାତ୍ୟା ଓ ବର୍ଷାଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିରସହଚର ବୋଲି କୁହାଯାଏ। ଏ ବର୍ଷ ବର୍ଷା ଠିକ୍ ସମୟରେ ନ ହେବାରୁ ଚାଷକାମ-କୃଷି ବିଶେଷ ପ୍ରଭାବିତ ହୋଇଥିଲା। 'ବୋଝ ଉପରେ ନଳିତା ବିଡ଼ା' ପରି ଠିକ୍ ଅମଳ ସମୟକୁ ଅଦିନିଆ ବର୍ଷା ବାତ୍ୟା 'ଜୱାଦ' ହେବାରୁ ଚାଷୀମାନେ ଅଭାବନୀୟ ପରିସ୍ଥିତି ନେଇ ଗତି କରୁଛନ୍ତି। ସରକାରୀ ଆକଳନ ଅନୁସାର ରାଜ୍ୟର ୧୨ଟି ଜିଲାର ୧୩୧ବ୍ଲକରେ ୫.୭୮ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଗଲା। ବୈଦ୍ୟୁତିକ ଗଣମାଧ୍ୟମରେ ଏହାର କରୁଣ ଚିତ୍ର ଦେଖିବାକୁ ମିଳିଛି। କଟା ଧାନ ଗଦା ଭାସି ଯାଇଛି। ପନିପରିବା ଫସଲ ଉଜୁଡି ଯାଇଛି। ଋଣ କରି ଫସଲ କରିଥିବା ଚାଷୀ ଆତ୍ମହତ୍ୟା କଲେ। ଏ ମର୍ମନ୍ତୁଦ ଘଟଣା ବରଗଡ଼ ଓ କଳାହାଣ୍ଡି ଜିଲାରେ ଘଟିଛି। ରିଲିଫ୍ କୋଡ୍ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦିଆଯାଇଥିଲେ ମଧ୍ୟ ଏହା ସମୁଦ୍ରକୁ ଶଙ୍ଖେ ବୋଲି ବିରୋଧୀ ଦଳ ନେତା ଓ ଚାଷୀନେତାମାନେ କହିବା ସ୍ୱାଭାବିକ। ଚିରସ୍ଥାୟୀ ବ୍ୟବସ୍ଥା ହିଁ ସମାଧାନ, କାରଣ ଓଡ଼ିଶା କୃଷିପ୍ରଧାନ ରାଜ୍ୟ। କ୍ଷତି ଅନୁଯାୟୀ ସାହାଯ୍ୟ ଓ ଅଭାବୀ ବିକ୍ରି ଉପରେ ଅଙ୍କୁଶ ଲଗାଇବା ହିଁ ଆହ୍ୱାନ। ଦେଶର ଅନ୍ନଦାତାମାନେ ହନ୍ତସନ୍ତ ଆଉ ନ ହୁଅନ୍ତୁ।

ଦାରିଦ୍ର୍ୟ ଓଡ଼ିଶାରେ ବସା ବାନ୍ଧିଛି। ନଭେମ୍ବର ୨୦୨୧ରେ ନିତି ଆୟୋଗ କହିଛନ୍ତି, ରାଜ୍ୟର ୩୦ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଅଛନ୍ତି। ଦାରିଦ୍ର୍ୟ ଦୂରୀକରଣ ଦିଗରେ ମାଳମାଳ ସରକାରୀ ଯୋଜନାକୁ ଏହା ଏକ ଶକ୍ତ ପ୍ରହାର। ମଲ୍‌ଟିଡାଇମେନସନାଲ ପଭର୍ଟି ଇଣ୍ଡେକ୍ସ ୨୦୨୧ରେ ଦେଶ ୧୦ଟି ଦରିଦ୍ର ରାଜ୍ୟର ତାଲିକାରେ ଓଡ଼ିଶା ସ୍ଥାନ ପାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲୋକଙ୍କ ଜୀବନଧାରଣର ମାନ ଆଦି ଦିଗକୁ ନେଇ ତାଲିକା କରାଯାଇଥାଏ। ଏହି ରିପୋର୍ଟରୁ ଅତ୍ୟନ୍ତ ଚିନ୍ତାଜନକ କଥା ଜଣାଯାଇଛି। ତାହାହେଲା ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଆଦି ଆଦିବାସୀବହୁଳ ଜିଲା ସହିତ, ଖଣିଖାଦାନରେ ଭରପୂର କେନ୍ଦୁଝର ମଧ୍ୟ ଉତ୍କଟ ଦାରିଦ୍ର୍ୟରେ ଶଢୁଛି। ସମସ୍ତ ସରକାରୀ ଯୋଜନାର କାର୍ଯ୍ୟକାରିତା ସତେଯେପରି ଏ ସବୁ ଜିଲା ପାଇଁ ଏକ ପ୍ରହସନ ପରି ମନେହୁଏ।

ଦାରିଦ୍ର୍ୟ ସାଙ୍ଗକୁ ବେକାରି ଅନ୍ୟ ଏକ ମହାମାରୀ। କରୋନା କାଳରେ ଏହା ବହୁଗୁଣିତ ହୋଇଯାଇଛି। ୨୦୨୧ ଏପ୍ରିଲ୍‌ରେ ରାଜ୍ୟର ବେରୋଜଗାରୀ ୨ ପ୍ରତିଶତ ଥିବାବେଳେ ମେ ମାସରେ ତାହା ୭ ପ୍ରତିଶତକୁ ବୃଦ୍ଧି ପାଇଛି। ''ସେଣ୍ଟର୍ ଫର୍ ମନିଟରିଂ ଇଣ୍ଡିଆନ ଇକୋନମିର (ମେ-ଅଗଷ୍ଟ, ୨୦୨୧ ଅନୁସାରେ ଆଗରୁ କାମ ପାଇଥିବା ପ୍ରାୟ ଦୁଇଲକ୍ଷ ଲୋକ ଏବେ ସୁଦ୍ଧା ବେକାର ହୋଇ ରହିଛନ୍ତି। ପ୍ରବାସୀ ଶ୍ରମିକମାନଙ୍କଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପାନୁଷ୍ଠାନ ଓ କମ୍ପାନୀଗୁଡ଼ିକରେ କାମ କରୁଥିବା ବୃତ୍ତିଜନିତ ସଙ୍କଟ ବୃଦ୍ଧି ପାଇଛି। ଯୁବତୀଯୁବକମାନଙ୍କ ପାଇଁ ରାଜ୍ୟରେ ନିଯୁକ୍ତି ସୁଯୋଗ ନ ଥିବାରୁ ବାଧ୍ୟ ହୋଇ ସେମାନେ ଅନ୍ୟ ରାଜ୍ୟକୁ ଯିବାର ଧାରା ଆରମ୍ଭ ହୋଇଯାଇଛି। କରୋନାର ଭୟାବହତା ହେତୁ ପ୍ରାୟ ୨୦ଲକ୍ଷ ପ୍ରବାସୀ ଶ୍ରମିକ ଫେରି ଆସିଲେ। ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୋନପୁର, ବୌଦ୍ଧ ଅଞ୍ଚଳରେ ଏମାନେ ରାଜ୍ୟରେ ମଧ୍ୟ କର୍ମ ସଂସ୍ଥାନ ପାଉନାହାନ୍ତି। କର୍ମନିଯୁକ୍ତି ସୃଷ୍ଟିକରି ସେମାନଙ୍କୁ ରକ୍ଷାକରିବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ।

ଦରଦାମ୍ ବୃଦ୍ଧି ଏବେ ଆକାଶଛୁଆଁ । ବିଶେଷତଃ ପେଟ୍ରୋଲ, ଡିଜେଲ ଏବଂ ଖାଇବା ତେଲ, ଡାଲି ଇତ୍ୟାଦି। ପେଟ୍ରୋଲ ଲିଟର ପିଛା ଶହେ ଟଙ୍କାରୁ ଅଧିକ ହୋଇ ଯିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚିନ୍ତିତ । ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ପରିବହନ ମୂଲ୍ୟ ମଧ୍ୟ ବଢ଼ିବାରୁ ବଜାର ଦର ପ୍ରତି ସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢ଼ିଗଲା। ଏହା କିପରି ନିୟନ୍ତ୍ରଣାଧୀନ ହେବ ସରକାର ପ୍ରତିକାର ଚିନ୍ତା କରିବା ହିଁ ଅନ୍ୟତମ ଆହ୍ୱାନ।


ଦୁର୍ନୀତି କାୟାବିସ୍ତାର କରି ଚାଲିଛି। ଗତ ଦୁଇବର୍ଷ ମଧ୍ୟରେ ଅନେକ ସରକାରୀ ଅଫିସର ଓ କର୍ମଚାରୀ ବେଆଇନ ସମ୍ପତ୍ତି ଠୁଳକରି ଧରା ପଡ଼ିଛନ୍ତି। ଦୁର୍ନୀତି ଓ ଲାଞ୍ଚ କାରବାର ରାଜ୍ୟର ସମ୍ମାନ ଓ ପ୍ରଗତିରେ ବାଧକ ହୋଇଥିବାରୁ ଏହାର ତୁରନ୍ତ ପ୍ରତିକାର କରିବା ହିଁ ଏକ ଜରୁରୀ ଆହ୍ୱାନ।

ବିଗତ କିଛି ବର୍ଷ ଧରି ରାଜନୈତିକ ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ହେତୁ ହିଂସାକାଣ୍ଡଗୁଡ଼ିକରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା କାଠିକର ପାଠ ପାଲଟିଛି। 'ପରୀ ହତ୍ୟା' ମାମଲା, 'ମାହାଙ୍ଗା ଡବଲ ମର୍ଡର', 'ମମିତା ମେହେର' ଓ 'ଚିତ୍ତରଞ୍ଜନ ପଲେଇ ହତ୍ୟାକାଣ୍ଡ', ଆଦି ଘଟଣାରେ ରାଜନୈତିକ ବ୍ୟକ୍ତିମାନଙ୍କର ସମ୍ପୃକ୍ତି ହେତୁ ପୋଲିସ ହାତବାନ୍ଧି ବସିଛି। ନାରୀ ହିଂସା, ନାରୀ ନିର୍ଯାତନା ଓ ଶିଶୁ ଅପହରଣ ଆଦିକୁ ରାଜ୍ୟ ସରକାର ତୀକ୍ଷ୍ଣ ଦୃଷ୍ଟି ଦେବା ଏକ ଜରୁରୀ ଆହ୍ୱାନ।

ନିଶା ନିବାରଣ ଏକ ଦୁରାରୋଗ୍ୟ ବ୍ୟାଧିରେ ପରିଣତ ହୋଇଛି। ୨୦୨୧ ଅକ୍ଟୋବର ସୁଦ୍ଧା ୪୫.୨୮ କିଲୋଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ବର୍ଷକୁ ବର୍ଷ ଏହା ବଢ଼ି ଚାଲିଛି। ବାଲେଶ୍ୱରର ଜଳେଶ୍ୱର ଏହାର ପେଣ୍ଠସ୍ଥଳ ବୋଲି ଜଣାପଡ଼ିବା ସତ୍ତ୍ୱେ ଏହା ରୋକାଯାଇ ପାରୁନାହିଁ। ଗଞ୍ଜେଇ ଚାଲାଣ ଏକ ଦୈନନ୍ଦିନ ପ୍ରକ୍ରିୟା। ରାଜ୍ୟର ଯୁବବର୍ଗଙ୍କୁ ଏଥିରୁ ମୁକ୍ତ ରଖିବା ରାଜ୍ୟ ସରକାରଙ୍କ ପାଇଁ ଏକ ଗୁରୁଦାୟିତ୍ୱ। ଗତ ୩ବର୍ଷ ଧରି ଲକ୍ଷ ଲକ୍ଷ ଲୋକ କରୋନାରେ ମୃତ୍ୟୁବରଣ କଲେଣି। ଏବେ ନୂଆ ରୂପ 'ଓମିକ୍ରନ୍' ବନାଗ୍ନି ପରି ହୁ ହୁ ମାଡ଼ି ଚାଲିଥିବାରୁ ଦେଶବାସୀଙ୍କୁ ଏଥିରୁ ରକ୍ଷା କରିବା ସରକାର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ।

ମୋ :୯୪୩୮୧୮୬୨୨୬

# ପ୍ରଜ୍ଞାପନ ମେଢ଼କୁ ସ୍ଥାନ ମିଳୁ



ଡ. ପ୍ରମୋଦ କୁମାର ପଣ୍ଡା

ଭାରତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକ ବାସ କରନ୍ତି। ମରୁଭୂମିଠୁ ହିମପାତ ଅଞ୍ଚଳ ତଥା ସମୁଦ୍ରତଟ ଦ୍ୱୀପ ଅଞ୍ଚଳ ପରିବେଷ୍ଟିତ ଭାରତବର୍ଷ, ପୃଥିବୀର ସମସ୍ତ ପ୍ରକାର ଜଳବାୟୁରେ ଆଚ୍ଛାଦିତ। ସେହିପରି ସମୁଦ୍ରପତନ ଠାରୁ ହିମାଳୟର ଉତ୍ତୁଙ୍ଗ ହିମ ଶିଖର ପର୍ଯ୍ୟନ୍ତ ଭୂମିରୂପ ବିବିଧତା ଓ ବୈଚିତ୍ର୍ୟର ଏହା ଗନ୍ତାଘର। ୧୯,୫୦୦ ଭାଷାରୁ ଦେଶରେ ଦଶ ହଜାରରୁ ଅଧିକ ଲୋକ କହୁଥିବା ଭାଷାର ସଂଖ୍ୟା ୧୨୧, ଏହା ବିବିଧତାର ପରିଚୟ ନୁହେଁ ତ ଆଉ କ'ଣ ହୋଇପାରେ। କେବଳ ଯେ ଭାଷାଗତ ବିବିଧତା ଏ ଦେଶରେ ଭରିରହିଛି ତାହା ନୁହେଁ, ତା'ର ଜଳବାୟୁ ଓ ଭୂମିରୂପକୁ ଆଧାର କରି ବିଭିନ୍ନ ଭାଷା ସହିତ ଭିନ୍ନ ଭିନ୍ନ ପୋଷାକ, ଖାଦ୍ୟପେୟ, ପର୍ବପର୍ବାଣି, ଚାଲି ଚଳନ, ସାହିତ୍ୟ ଆଦି ଗଢ଼ି ଉଠିଛି କେଉଁ ଆଦିମ କାଳରୁ। ଏ ଦେଶ ବିଶ୍ୱ ସଭ୍ୟତାକୁ ଅନେକ କିଛି ଦେଇଛି ତା'ର ସାହିତ୍ୟ, ବିଜ୍ଞାନ, ସ୍ଥପତି, କଳା, ଭାସ୍କର୍ଯ୍ୟ, ସଂସ୍କୃତି, ପୋଷାକ ଓ ଖାଦ୍ୟ ପେୟ ମାଧ୍ୟମରେ। ଆଜି ବି ଏ ଦେଶରେ ଅନେକ ଐତିହ୍ୟ ବିଶ୍ୱବାସୀଙ୍କ ନଜର ଆଢୁଆଳରେ ଅପହଞ୍ଚ ହିସାବରେ ରହିଯାଇଛି।

ବିଭିନ୍ନ ଅଞ୍ଚଳର ଅପରୂପ ସୌନ୍ଦର୍ଯ୍ୟ ତା'ର ବିବିଧତାକୁ ଆହୁରି ରଙ୍ଗାୟିତ କରିଥାଏ। ତା'ର ଜଳପ୍ରପାତ, ନଦନଦୀ, ପାହାଡ଼ ପର୍ବତ, ଝରଣା, ଶସ୍ୟଶାମଳା କ୍ଷେତ, ଗାଈ ଗୋଷ୍ଠ, ହସ୍ତଶିଳ୍ପ, ପଶୁପକ୍ଷୀ, ଅରଣ୍ୟ, ସମୁଦ୍ରତଟ, ମନ୍ଦିର, ଫଳଫୁଲ ବଗିଚା, ନାଚ ଗୀତ ସବୁଥିରେ ସ୍ପଷ୍ଟରୂପେ ବିବିଧତା ବାରିହୋଇପଡ଼େ। ମାତ୍ର ଏହି ବିବିଧତା ବା ସୌନ୍ଦର୍ଯ୍ୟର ଏ ପର୍ଯ୍ୟନ୍ତ ପୂର୍ଣ୍ଣ ରୂପେ ପ୍ରଚାର ଓ ପ୍ରସାର ହୋଇପାରି ନାହିଁ ଓ ଆମେ ବିଶ୍ୱ ପର୍ଯ୍ୟଟନ ବଜାରରେ ଅତି ନଗଣ୍ୟ ସ୍ତରରେ ଅଛନ୍ତି। ଆମ ରାଜ୍ୟଗୁଡ଼ିକରେ ଥିବା ସ୍ୱତନ୍ତ୍ରତା ଓ ବିବିଧତା ପ୍ରଦର୍ଶନର ଏକ ବଳିଷ୍ଠ ମାଧ୍ୟମ ହେଉଛି ସ୍ୱତନ୍ତ୍ରତା ଦିବସ ପରେଡ। ଏହି ପରେଡକୁ କେବଳ ଦିଲ୍ଲୀବାସୀ ନୁହନ୍ତି, ଟିଭି ମାଧ୍ୟମରେ ଆମ ଦେଶର କୋଟି କୋଟି ଲୋକ ଦେଖିଥାନ୍ତି। ତା' ଛଡ଼ା ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ କୋଟି କୋଟି ଜନତା ମଧ୍ୟ ଏହାକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅବଲୋକନ କରିଥାନ୍ତି। ମାତ୍ର ଦୁଃଖର କଥା ଯେ ବିଭିନ୍ନ କାରଣରୁ କେତେକ ରାଜ୍ୟର ପ୍ରଜ୍ଞାପନ ମେଢ଼କୁ ଜାତୀୟ ପରେଡରେ ଅଂଶ ଗ୍ରହଣ କରିବାକୁ ଅନୁମତି ମିଳୁନାହିଁ। ଦେଶ ହିଁ ରାଜ୍ୟକୁ ନେଇ ହୋଇଥାଏ। ରାଜ୍ୟ ପୁଣି ତା'ର ସଂସ୍କୃତି ଓ ସଭ୍ୟତାକୁ ନେଇ। ଆମେ ଯଦି କୌଣସି ରାଜ୍ୟର ମେଢ଼କୁ ପ୍ରତ୍ୟାଖ୍ୟାନ କରନ୍ତି, ତା' ହେଲେ ବିଶ୍ୱର କୋଟି କୋଟି ଜନତା ସେ ସବୁକୁ ଦେଖିବାରୁ ବଞ୍ଚିତ ହେବେ ଓ ତା'ର ପ୍ରଚାର ପ୍ରସାର ହେବ ନାହିଁ। ଆଗକାଳରେ ସୈନ୍ୟବାହିନୀର ସଂଖ୍ୟାରେ ଦେଶର ଦକ୍ଷତା ମପାଯାଉଥିଲା। ମାତ୍ର ବର୍ତ୍ତମାନ ଯାହା ପାଖରେ ଯେତେ ଆଧୁନିକ ହତିଆର ଯଥା ମିଶାଇଲ, ପରମାଣୁ ବୋମା, ଯୁଦ୍ଧବାହୀ ଉଡ଼ାଜାହାଜ, ବୁଡ଼ାଜାହାଜ ଆଦି ମହଜୁଦ ଅଛି ସେ ସେତେ ଅଧିକ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ତେଣୁ ସବୁପ୍ରକାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରକୁ ଗଣତନ୍ତ୍ର ଦିବସରେ ପ୍ରଦର୍ଶିତ କରାଯାଉ। ଚିରାଚରିତ ପ୍ରଥାରେ ଆମେ ବିଭିନ୍ନ ରେଜିମେଣ୍ଟ ପରେଡକୁ ସାମିଲ କରିଥାଉ। ସେଥିପାଇଁ ଅଧିକ ସମୟ ଆବଶ୍ୟକ ହୋଇଥାଏ। ମାତ୍ର ବିଭିନ୍ନ ରେଜିମେଣ୍ଟର ପରେଡକୁ ପରେଡ ଗ୍ରାଉଣ୍ଡରେ ସୀମିତ ରଖି ଖାଲି ପାଳି ଅନୁସାରେ ପ୍ରତିବର୍ଷ ଗୋଟେ ଦୁଇଟି ରେଜିମେଣ୍ଟର ପରେଡକୁ ସ୍ୱତନ୍ତ୍ରତା ଦିବସରେ ପ୍ରଦର୍ଶିତ କରିବା ଆବଶ୍ୟକ। ଏହା ସହିତ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱତନ୍ତ୍ରତା ବହନ କରୁଥିବା ମେଢ଼କୁ ଦେଶର ସ୍ୱତନ୍ତ୍ରତା କିମ୍ବା ଗଣତନ୍ତ୍ର ଦିବସ ପରେଡରେ ପ୍ରଦର୍ଶନ କରିବାକୁ ବାଧ୍ୟତାମୂଳକ କରାଯିବା ଆବଶ୍ୟକ। ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟର ସମ୍ପର୍କ ମଜଭୁତ ହେବ। ପ୍ରତ୍ୟେକ ରାଜ୍ୟବାସୀ ତାଙ୍କ ସଂସ୍କୃତି ଓ ଅବଦାନ ପାଇଁ ନିଜକୁ ଗର୍ବିତ ମନେକରିବେ। ଭାରତର ଅନ୍ୟାନ୍ୟ ରାଜ୍ୟର ଲୋକ ଓ ବିଦେଶବାସୀ ସେ ସବୁକୁ ଦେଖିବାକୁ ସୁଯୋଗ ପାଇବେ ଓ ସେ ରାଜ୍ୟର ପର୍ଯ୍ୟଟନ ବଜାର ଆଗକୁ ବଢ଼ିବ। ପ୍ରତିବର୍ଷ ରାଜ୍ୟଗୁଡ଼ିକୁ ସେ ସବୁକୁ ପରିବର୍ତ୍ତନ କରି ନୂଆ ନୂଆ ଜିନିଷ ଦେବାକୁ କୁହାଯିବା ଆବଶ୍ୟକ। କିଛି ସ୍କୁଲ ପିଲା, ସାହସୀ ପିଲା, ମହିଳା, ସାହସିକ ଗାଡ଼ି ଚାଳନା, ଭାରତ ସରକାରଙ୍କ ବିଭିନ୍ନ ବିଭାଗର ଅଂଶ ଗ୍ରହଣ ଯେପରି ରହୁଥିଲା, ସେପରି ରଖାଯାଇପାରିବ। ଯଦି ପୂର୍ବ ପ୍ରଚଳିତ ସମସ୍ତ କାର୍ଯ୍ୟକ୍ରମକୁ ରଖିବାକୁ ଚାହାନ୍ତି, ତା' ହେଲେ ସାଧାରଣତନ୍ତ୍ର ଦିବସରେ ପରେଡର ଅବଧିକୁ ବୃଦ୍ଧି କଲେ ସମସ୍ତ ରାଜ୍ୟର ସଂସ୍କୃତି ପ୍ରଦର୍ଶନ ଖୁବ୍ ସୁରୁଖୁରୁରେ ହୋଇପାରନ୍ତା।

ବହୁ ସମୟରେ ବିଭିନ୍ନ କାରଣ ଦର୍ଶାଇ ରାଜ୍ୟଗୁଡ଼ିକ ଦେଇଥିବା ପ୍ରଜ୍ଞାପନ ମେଢ଼କୁ ପ୍ରଦର୍ଶନରୁ ବଞ୍ଚିତ କରିବା ଠିକ ନୁହେଁ। କେବେ କେବେ କୌଣସି ରାଜ୍ୟରେ କେନ୍ଦ୍ର ବିପରୀତ ସରକାର ରହିଲେ ସେମାନଙ୍କୁ ବୈମାତୃକ ଦୃଷ୍ଟିରେ ଦେଖାଯାଉଛି ବୋଲି ରାଜ୍ୟ ସରକାର ମଧ୍ୟ ଅଭିଯୋଗ କରନ୍ତି । ସଙ୍ଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସମ୍ପର୍କ ସୁଦୃଢ଼ ରହିବା ନିହାତି ଆବଶ୍ୟକ। ତା' ଛଡ଼ା ସାଧାରଣତନ୍ତ୍ର ଦିବସରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସବୁ କାର୍ଯ୍ୟ କରିବା କଥା। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏ ବର୍ଷ ଯଦି ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ ଭାରତର ପ୍ରଥମ ସାଧୀନତା ସଂଗ୍ରାମର ପ୍ରତୀକକୁ ଦେଶର ସାଧୀନତାର ୭୫ ତମ ବର୍ଷରେ ପ୍ରଦର୍ଶିତ ହେବାର ସୁଯୋଗ ନ ମିଳିଲା, ତା' ହେଲେ ଆମେ କି ପ୍ରକାର ପୂଜ୍ୟପୂଜା ଆଗାମୀ ପିଢ଼ିଙ୍କୁ ପ୍ରଦାନ କରିବାକୁ ଯାଉଛନ୍ତି। କୌଣସି ରାଜ୍ୟର କେଉଁ ଜିନିଷ ଭାରତର ଗଣତନ୍ତ୍ର ଦିବସ ପରେଡରେ ପ୍ରଦର୍ଶିତ ହେବ, ତାହା ସେ ରାଜ୍ୟର ନିର୍ବାଚିତ ଶାସକ ଓ ବୁଦ୍ଧିଜୀବୀଙ୍କ ଉପରେ ନ୍ୟସ୍ତ କରିବା ଉଚିତ । ଅବଶ୍ୟ ପ୍ରଜ୍ଞାପନ ମେଢ଼ଗୁଡ଼ିକ କୌଣସି ଜାତି, ଧର୍ମ, ବ୍ୟକ୍ତି, ସଂସ୍ଥା ଇତ୍ୟାଦି ବିରୋଧରେ ହେବା ଉଚିତ ନୁହେଁ ; ଯାହା କି ସମାଜରେ ଅସ୍ଥିରତା ସୃଷ୍ଟି କରିବାର କାରଣ ହୋଇପାରେ । ମୋ ମତରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଜ୍ଞାପନ ମେଢ଼ର ଅଂଶ ଗ୍ରହଣ ବାଧ୍ୟତାମୂଳକ ହେଉ। ଏହାଦ୍ୱାରା ଆମର ସଂସ୍କୃତି ଓ ପର୍ଯ୍ୟଟନର ପ୍ରଚାର ପ୍ରସାର ସହଜରେ ହୋଇପାରିବ।

ଗତବର୍ଷ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସାଧାରଣତନ୍ତ୍ର ଦିବସରେ ସ୍ଥାନିତ ହୋଇପାରି ନ ଥିଲା। ଏ ବର୍ଷ ମଧ୍ୟ କୌଣସି କାରଣରୁ ତାହା ପୁଣି ସ୍ଥାନିତ ହୋଇନାହିଁ। ଏହିପରି ଅନ୍ୟ ରାଜ୍ୟଗୁଡ଼ିକ ଅବସ୍ଥା ମଧ୍ୟ ହୋଇଥିବ। ରାଜ୍ୟଗୁଡ଼ିକର ପ୍ରଜ୍ଞାପନ ମେଢ଼ ମୂଲ୍ୟାଙ୍କନରେ କଠିନ ମାପଦଣ୍ଡ ରଖିବା ବି ଠିକ୍ ନୁହେଁ। କାରଣ ଏକ ଅଞ୍ଚଳର ସଂସ୍କୃତି ଓ ସଭ୍ୟତାକୁ ଅନ୍ୟ ଅଞ୍ଚଳ ସହିତ ତୁଳନା କରିବା ଠିକ୍ ନୁହେଁ । ଏକ ଅଞ୍ଚଳର ନାଚ ଗୀତ, ଖାଦ୍ୟପାନୀୟ ଓ ଐତିହ୍ୟକୁ କିପରି ଅନ୍ୟ ଅଞ୍ଚଳ ସହିତ ତୁଳନା କରାଯାଇ, ଭଲ ଖରାପ ବଛାଯାଇ ପାରିବ ? ଯଦି ନ୍ୟୂନ ମାପଦଣ୍ଡ ପାଇଁ କୌଣସି ରାଜ୍ୟକୁ ବାରମ୍ବାର ପ୍ରଦର୍ଶନର ସୁଯୋଗ ନ ଦିଆଯିବ, ସେ ରାଜ୍ୟର ଅଧିବାସୀମାନଙ୍କ ମନରେ ବିଦ୍ରୋହାତ୍ମକ ଭାବନା ଜନ୍ମ ନେବା ଅସମ୍ଭବ ନୁହେଁ; ଯାହା କି ପରବର୍ତ୍ତୀ ସମୟରେ ସଙ୍ଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିପାରେ। ତେଣୁ ଗଣତନ୍ତ୍ର ଦିବସ ଭଳି ପବିତ୍ର ଦିନରେ ଦେଶର ସବୁ ଅଞ୍ଚଳର ସ୍ୱତନ୍ତ୍ରତା ପ୍ରଦର୍ଶିତ କରି ପ୍ରତ୍ୟେକ ଅଞ୍ଚଳର ଜନସାଧାରଣଙ୍କର ମନରେ ଆନନ୍ଦୋଲ୍ଲାସ ଭରିଦେବା ଉଚିତ।

ମୈତ୍ରୀବିହାର, ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

କପ୍‌ରେ ଚା' ପିଇବା ପରେ ତାହାକୁ ବିସ୍କୁଟ ଭଳି ଖାଇପାରିବେ। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏଭଳି କପ୍ ତିଆରି କରୁଛନ୍ତି ପୁନିତ ଦତ୍ତ। 'ଆଟାବେୟର କଟ୍‌ଲେରି ଷ୍ଟାର୍ଟଅପ୍' ମାଧ୍ୟମରେ ଏଭଳି କପ୍ ତିଆରି କରାଯାଉଛି। ପ୍ଲାଷ୍ଟିକ୍ ଡିସ୍ପୋଜାଲର ବିକଳ୍ପ ଭାବେ ଏହା ବ୍ୟବହାର ହେଉଛି। ଅଟା, ଗୁଡ, ବାଜରା, ମକା ସମେତ ଆଉ କିଛି ଶସ୍ୟରେ ଏହି କପ୍ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ସେ ଅନ୍ୟ ସବୁ ଖାଇବା ଯୋଗ୍ୟ ପାତ୍ର ମଧ୍ୟ ତିଆରି କରୁଛନ୍ତି। ଯମୁନା ନଦୀରେ ଭାସୁଥିବା ପ୍ଲାଷ୍ଟିକ ଜିନିଷକୁ ଦେଖିବା ପରେ ଏହାର ବିକଳ୍ପ କଥା ଚିନ୍ତା କରିଥିଲେ ପୁନିତ। ପରେ ସେ ଷ୍ଟାର୍ଟଅପ୍ ଗଠନ କରି ଏଡିବଲ୍ ଜିନିଷ ପ୍ରସ୍ତୁତ କରୁଛନ୍ତି, ଯାହାକୁ ବ୍ୟବହାର କରାଯିବା ପରେ ଖାଇହେଉଛି। ପୁନିତଙ୍କର ପ୍ରଥମ ଏଡିବଲ ପ୍ରଡକ୍ଟ ଥିଲା କପ୍। ପରେ ପ୍ଲେଟ୍, ଚାମଚ ମଧ୍ୟ ତିଆରି କରାଗଲା। ହେଲେ ସେ କପ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତି ସପ୍ତାହରେ ୯.୫ ଲକ୍ଷ କପ୍ ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କ ଭିନ୍ନ ଭିନ୍ନ ପସନ୍ଦକୁ ଲକ୍ଷ୍ୟ କରି ଖାଇବା ଯୋଗ୍ୟ କପ୍‌କୁ ଭିନ୍ନ ସ୍ୱାଦ ଦିଆଯାଉଛି ଓ ଏଥିରେ ଅଦା, ଅଳେଇଚ, ପିଜୁଳି, ତୁଳସୀ, ଷ୍ଟ୍ରବେରୀ ଆଦି ସାମିଲ କରାଯାଉଛି। ପୁନିତଙ୍କ ଏଭଳି ଜ୍ଞାନକୌଶଳରେ ଟନ୍‌ଟନ୍ ପ୍ଲାଷ୍ଟିକ ବ୍ୟବହାର କମାଯାଇପାରିବ। ଲକ୍‌ଡାଉନ ସମୟରେ ସେ ଏହି କାର୍ଯ୍ୟରେ ୫୦ ଜଣ କର୍ମଚାରୀଙ୍କ ପାଇଁ ୬ ହଜାର କାର୍ଯ୍ୟ ଦିବସ ସୃଷ୍ଟି କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜାନୁୟାରୀ ୧୯୯୭

- ପାକିସ୍ତାନର ହାଇଦ୍ରାବାଦ ସହରରେ ବିଷାକ୍ତ ଦେଶୀମଦ ପିଇ ୩୪ ଜଣ ମୃତ।
- ଆଲଜେରିଆର ରାଜଧାନୀ ଆଲଜିୟର୍ସଠାରେ ବୋମା ବିସ୍ଫୋରଣ ଘଟି ୧୧ ନିହତ।
- ଜାପାନର ଖ୍ୟାତନାମା ଔପନ୍ୟାସିକ ହିସାହିତେ ସୁଗିମୋରିଙ୍କ ୮୪ ବର୍ଷ ବୟସରେ ପରଲୋକ।
- ସୁଇଜରଲାଣ୍ଡ୍ କର୍ତ୍ତୃପକ୍ଷ ବର୍ଣ୍ଣଠାରେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ବୋଫର୍ସ ଖରିଦ ସଂକ୍ରାନ୍ତ ଗୁପ୍ତ ସୁଇସ୍ ବ୍ୟାଙ୍କ ଦଲିଲ ହସ୍ତାନ୍ତର କରିଛନ୍ତି।
- ପଶ୍ଚିମବଙ୍ଗସ୍ଥିତ ମୁର୍ସିଦାବାଦ ଜିଲା ଭାଗାବାଙ୍ଗୋଲା ଥାନା ଅନ୍ତର୍ଗତ ଛର ବୁଠିବାଡ଼ି ଗାଁ ନିକଟସ୍ଥ ପଦ୍ମାନଦୀରେ ନୌକା ବୁଡ଼ିଯିବା ଫଳରେ ୧୧ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା–
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର-ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ-ଶକତି,
ଅନ୍ନପୂର୍ଣ୍ଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା !
–(ପୁରୁଷ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇ-ଟଏଲେଟ ଅଚଳ

ମହାଶୟ,

ବିଏମ୍‌ସି ଅଧୀନରେ ଥିବା ମଧୁସୂଦନ ପାର୍କ ଭୁବନେଶ୍ୱରର ସର୍ବବୃହତ୍ ପାର୍କ। ୩୦ ଏକର ପରିବେଷ୍ଟିତ ଏହି ପାର୍କରେ ପ୍ରାତଃ ଓ ସନ୍ଧ୍ୟାରେ ଶହ ଶହ ଆବାଳ ବୃଦ୍ଧବନିତା ସମାଗମ ହୁଅନ୍ତି। ପାଦଚଲା ରାସ୍ତାରେ ବୁଲିବା ସଙ୍ଗେ ସଙ୍ଗେ ଜିମ୍, ଯୋଗ ପ୍ରାଣାୟାମ କରିଥାନ୍ତି। ପ୍ରତିଦିନ ସକାଳେ ଛାତ୍ରୀଛାତ୍ର ସ୍କେଟିଂ ଖେଳନ୍ତି। ଏଠାରେ ୨ଟି ପାଇଖାନା ପୁରୁଷ ଓ ମହିଳାଙ୍କ ପାଇଁ ରହିଛି। ତାହା ଅନେକ ସମୟରେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ହକି ମହାକୁମ୍ଭ ସମୟରେ ଏଠାରେ ୨ଟି ଟଏଲେଟ ନିର୍ମାଣ କରାଯାଇଥିଲା, ମାତ୍ର ବର୍ଷକ ମଧ୍ୟରେ ତା'ର ସେନ୍‌ସର ଖରାପ ହୋଇଯିବାରୁ ଅଚଳ ହୋଇପଡ଼ିଛି। ପୁରୁଷ ଓ ମହିଳା, ଛାତ୍ରୀଛାତ୍ରମାନେ ବିଶେଷ ହଇରାଣ ହେଉଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ଏହାକୁ ମରାମତି କରିବା ଆବଶ୍ୟକ।

–ନିର୍ମଳ ଚନ୍ଦ୍ର ସାମଲ, ପୋଖରିପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅନିଲ ଚୌଧୁରୀ ଏସାର କ୍ୟାପିଟାଲ ଲିମିଟେଡ୍‌ର ସିଇଓ

**ଭୁବନେଶ୍ୱର,୨୧।୧:** ଏସାର ଗ୍ଲୋବାଲ ଫଣ୍ଡ ଲିମିଟେଡ୍‌ର ନିବେଶ ପରିଚାଳନା ସଂସ୍ଥା ଏସାର କ୍ୟାପିଟାଲ ଲିମିଟେଡ୍ ପକ୍ଷରୁ ଏହାର ଧାତବ ଓ ଖଣି ବ୍ୟବସାୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଅନିଲ କୁମାର ଚୌଧୁରୀଙ୍କୁ ନିଯୁକ୍ତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅନିଲ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଏବଂ ଦେଶ ଓ ବିଦେଶରେ ଧାତବ ଓ ଖଣି କ୍ଷେତ୍ରର ନିବେଶ ରଣନୀତି ଓ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ଚୌଧୁରୀଙ୍କ ପାଖରେ ଧାତବ ଓ ଖଣି ବ୍ୟବସାୟ ପରିଚାଳନାର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ଏ ସମ୍ପର୍କରେ ମେଟାଲ୍ସ ଆଣ୍ଡ ମାଇନିଂର ଉପାଧ୍ୟକ୍ଷ ଓ ଅପରେଟିଂ ପାର୍ଟନର ଜେ. ମେହେରା କହିଛନ୍ତି, ଆମେ ଅନିଲଙ୍କୁ ଏସାର ପରିବାରକୁ ସ୍ୱାଗତ କରୁଛୁ ଏବଂ ଆମର ଦୃଢ଼ବିଶ୍ୱାସ ଯେ ନେତୃତ୍ୱ ଓ ବ୍ୟବସାୟ ପରିଚାଳନାର ଅଦମ୍ୟ ଟ୍ରାକ୍ ରେକର୍ଡକୁ ସେ ଆଣିବେ ଏବଂ ଧାତବ ଓ ଖଣି ବ୍ୟବସାୟକୁ ନୂଆ ଶିଖରରେ ପହଞ୍ଚାଇବେ।

### ଅଲ୍ଟିମେଟ୍ ପରଫର୍ମର ରିଅଲ୍‌ମି ୯ ଆଇ ଉନ୍ମୋଚିତ

**ଭୁବନେଶ୍ୱର,୨୧।୧:** ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଏହାର ଅଲ୍ଟିମେଟ୍ ପରଫର୍ମର ରିଅଲ୍‌ମି ୯ଆଇର ଉନ୍ମୋଚନ ଘୋଷଣା କରାଯାଇଛି। ରିଅଲ୍‌ମି ୯ଆଇ ପ୍ରଥମ ସ୍ମାର୍ଟଫୋନ୍, ଯାହାକି ୬ଏନ୍‌ଏମ୍ ପ୍ରୋସେସ୍ ଉପରେ ଆଧାରିତ କ୍ୱାଲ୍‌କମ୍ ସ୍ନାପ୍‌ଡ୍ରାଗନ ୬୮୦ ଦ୍ୱାରା ପରିଚାଳିତ। ରିଅଲ୍‌ମି ୯ଆଇ କ୍ୱାଲ୍‌କମ୍ ସ୍ନାପ୍‌ଡ୍ରାଗନ୍ ୬୮୦, ଆଡ୍‌ଭାନ୍ସଡ୍ ୬ଏନ୍‌ଏମ୍ ପ୍ରୋସେସର ସହ ସୁସଜ୍ଜିତ ରହିଛି। ଏଥିରେ ସେଗ୍‌ମେଣ୍ଟର ପ୍ରଥମ ୩୩ୱାଟ୍ ଡାର୍ଟ ଚାର୍ଜିଂ ସଲ୍ୟୁଶନ, ୫୦୦୦ ଏମ୍‌ଏଏଚ୍‌ର ବିଶାଳ ବ୍ୟାଟେରି, ଆଡାପ୍ଟିଭ୍ ୯୦ଏଚ୍‌ଜେଡ୍ ସ୍ମୁଥ୍ ଡିସ୍‌ପ୍ଲେ, ୫୦ ଏମ୍‌ପି ନାଇଟ୍‌ସ୍କେପ୍ ଟ୍ରିପଲ୍ କ୍ୟାମେରା ସହିତ ୧୧ ଜିବି ପର୍ଯ୍ୟନ୍ତ ଡାଇନାମିକ୍ ରାମ୍ ଏକ୍ସପାନ୍‌ସନ ଟେକ୍ନୋଲୋଜି (ଡିଆର୍‌ଇ) ଫିଚର ରହିଛି। ଏ ସମ୍ପର୍କରେ ରିଅଲ୍‌ମି ଇଣ୍ଡିଆର ସିଇଓ, ରିଅଲ୍‌ମିର ଭିପି ଓ ରିଅଲ୍‌ମି ଇଣ୍ଟରନ୍ୟାଶନାଲ ବିଜନେସ୍ ଗ୍ରୁପ୍‌ର ଅଧ୍ୟକ୍ଷ ମାଧବ ସେଠ୍ କହିଛନ୍ତି, ଆମେ ୯ ସିରିଜ୍‌ରେ ପ୍ରଥମ ପ୍ରବେଶକାରୀ ରିଅଲ୍‌ମି ୯ଆଇର ଶୁଭାରମ୍ଭ କରି ଉତ୍ସାହିତ ରହିଛୁ।

# ୧୦ ଡିଜିଟାଲ ମୁଦ୍ରାର ମୂଲ୍ୟ ହ୍ରାସ

**ନୂଆଦିଲ୍ଲୀ,୨୧।୧**



### ୧୫୦ ବିଲିୟନ ଡଲାର କ୍ଷତି

ବିଟ୍‌କଏନକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। କେତେବେଳେ ଏହାର ମୂଲ୍ୟ ବୃଦ୍ଧି ତ ଆଉ କେତେବେଳେ ଏହାର ପ୍ରଚଳନକୁ ନେଇ ବିଭିନ୍ନ ଦେଶରେ ନିଷେଧାଦେଶ ଜାରି ରହିଛି। ବିଟ୍‌କଏନ୍‌ର ମୂଲ୍ୟ ହ୍ରାସ ଯୋଗୁ ଏହାର ନିବେଶକମାନେ ମଧ୍ୟ ଆଶଙ୍କାରେ ପଡ଼ିଯାଇଛନ୍ତି। ଶୁକ୍ରବାର ବିଟ୍‌କଏନ୍‌ର ମୂଲ୍ୟ ବ୍ୟାପକ ପରିମାଣରେ ହ୍ରାସ ପାଇଥିଲା। ସେହିଭଳି ଇଥର ସମେତ ଅନ୍ୟ କେତେକ ଡିଜିଟାଲ ମୁଦ୍ରାର ମୂଲ୍ୟ ହ୍ରାସ ଯୋଗୁ କ୍ରିପ୍ଟୋ ବଜାରରେ ପ୍ରାୟ ୧୫୦ ବିଲିୟନ ଡଲାର କ୍ଷତି ଘଟିଥିବା କୁହାଯାଉଛି। ବିଟ୍‌କଏନ୍ ପ୍ରାୟ ୧୦% ହ୍ରାସ ପାଇ ୩୮,୪୨୫ ଡଲାରରେ କାରବାର କରୁଛି ବୋଲି ଶୁକ୍ରବାର ମୁଦ୍ରା ମେଟ୍ରିକ୍ସ ସୂଚନା ଦେଇଛି। ସେହିଭଳି ଦ୍ୱିତୀୟ ବୃହତ୍ତମ କ୍ରିପ୍ଟୋକରେନ୍ସି ଇଥରର ମାର୍କେଟ କ୍ୟାପ୍ ମଧ୍ୟ ୧୨% ରୁ ଅଧିକ ଖସି ୨,୮୦୭ ଡଲାରରେ ରହିଛି। କ୍ରିପ୍ଟୋ କରେନ୍ସିଗୁଡିକର ମୂଲ୍ୟ ହ୍ରାସ ଯୋଗୁ ୱାଲ୍ ଷ୍ଟ୍ରିଟ୍‌ରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି। ସେହିପରି ନାସ୍‌ଡାକ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଡିଜିଟାଲ ମୁଦ୍ରା ମୂଲ୍ୟ ୫% ହ୍ରାସ ପାଇଛି। ଫେଡେରାଲ ରିଜର୍ଭ ଏହାର ବାଲାନ୍ସ ଶିଟ୍ ହ୍ରାସ କରିବା ସହିତ ସୁଧ ହାର ବୃଦ୍ଧି କରିବା ପାଇଁ ଯୋଜନା କରୁଛି। ଏହା ଏକ ସାଧାରଣ ବିନିଯୋଗ ମାମଲା ହୋଇ ରହିନାହିଁ, ସରକାରୀ ଉତ୍ସର ପରିଣାମ ସହ ମୁଦ୍ରାସ୍ଫୀତି ବିରୋଧରେ ଏକ ଆବଦ୍ଧ ଭାବରେ କାର୍ଯ୍ୟ କରିଥାଏ। ସପ୍ତାହକ ପରେ ଏହାର ପରିମାଣ ହ୍ରାସ ପାଇଲା ପରେ ମଧ୍ୟ ବୈଦେଶିକ ମୁଦ୍ରା ବାଣିଜ୍ୟ ସଂସ୍ଥା ଓଣ୍ଡାର ସିନିୟର ମାର୍କେଟ ଆନାଲିଷ୍ଟ ଏଡ୍‌ୱାର୍ଡ ମୋୟା କହିଛନ୍ତି , ନଭେମ୍ବରଠାରୁ ବିଟ୍‌କଏନ୍ ମୂଲ୍ୟ ତୀବ୍ର ହ୍ରାସ ପାଇ ପ୍ରାୟ ୬୯,୦୦୦ ଡଲାର ରେକର୍ଡରୁ ୪୦%ରୁ ଅଧିକ ହ୍ରାସ ପାଇଛି। ଗତ ବର୍ଷ କ୍ରିପ୍ଟୋ କରେନ୍ସିରେ ବ୍ୟାପକ ପରିମାଣରେ ନିବେଶ ହୋଇଛି। ଲାଭକୁ ନଜରରେ ରଖି ନିବେଶକମାନେ ଆଖିବୁଜି ନିବେଶ କରିଥିଲେ। ହେଲେ ବର୍ଷ ଆରମ୍ଭରୁ ବଜାର କ୍ଷତିରେ ପଡିଛି। ଅନିୟମିତ ବଜାର ଯୋଗୁ ବିଟ୍ କଏନ୍ ମୂଲ୍ୟରେ ୬% ପର୍ଯ୍ୟନ୍ତ ହ୍ରାସ ହେବା ନିବେଶକଙ୍କୁ ନିରାଶ କରିଛି। ବିଟ୍ କଏନ ମୂଲ୍ୟରେ ବ୍ୟାପକ ହ୍ରାସ ଦେଖାଯାଇଛି। ୫.୮୯ ପ୍ରତିଶତ ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ଯୋଗୁ ବିଟ୍ କଏନ୍‌ର ବଜାର ପୁଞ୍ଜୀକରଣ ହ୍ରାସ ହୋଇ ୫୪.୭ ବିଲିୟନ ଟଙ୍କାରେ ରହିଛି। କେବଳ ବିଟ୍‌କଏନ ନୁହେଁ ଇଥେରିୟମ ଦର ମଧ୍ୟ ହ୍ରାସ ହୋଇଛି। ଇଥେରିୟମ ମୂଲ୍ୟରେ ୬.୮୮ % ହ୍ରାସ ହୋଇଥିବା ବିନାନ୍ସ, ପୋଲ୍କାଡଟ୍, ଡଜ୍ କଏନ, ଶିବାଇନୁ ଓ ଲାଇଟ୍ କଏନ ମଧ୍ୟ ମୂଲ୍ୟ ହ୍ରାସର ସମ୍ମୁଖୀନ ହୋଇଛନ୍ତି।

# ଭୁବନେଶ୍ୱରରେ 'କରିମ୍' ରେଷ୍ଟୁରାଣ୍ଟର ଶୁଭାରମ୍ଭ




**ଭୁବନେଶ୍ୱର,୨୧।୧**

ଗତ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ମନକୁ ପାଇଲା ଭଳି ନାନା ପ୍ରକାର ଖାଦ୍ୟ ପରିବେଷଣ କରୁଥିବା ଦେଶର ଅଗ୍ରଣୀ ରେଷ୍ଟୁରାଣ୍ଟ 'କରିମ୍' ବର୍ତ୍ତମାନ ଓଡ଼ିଶାରେ ଶାଖା ଆରମ୍ଭ କରିଛି। ଏହି ରେଷ୍ଟୁରାଣ୍ଟର ପ୍ରଥମ ଶାଖା ଶୁକ୍ରବାର ସ୍ଥାନୀୟ କିଟ୍ ରୋଡ୍‌ରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି କହିଥିଲେ, ଏହା ଏକ ସର୍ବଭାରତୀୟ ସ୍ତରର ରେଷ୍ଟୁରାଣ୍ଟ। ଏହାର ସମସ୍ତ ଖାଦ୍ୟ ବେଶ୍ ରୁଚିକର ଓ ସ୍ୱାଦିଷ୍ଟ ବୋଲି ସାହୁ ମତବ୍ୟକ୍ତ କରିଛନ୍ତି। ଏକ ଛୋଟ ଷ୍ଟଲ୍‌ରୁ ଆରମ୍ଭ ହୋଇଥିବା କରିମ୍ ଆଜି ବିଶାଳ ରେଷ୍ଟୁରାଣ୍ଟ ଚେନ୍‌ରେ ପରିଣତ ହୋଇଛି। ଗ୍ରାହକଙ୍କୁ ଭଲ ଖାଇବା ଦେଲେ ସମ୍ପର୍କ ବୃଦ୍ଧି ସାଙ୍ଗକୁ ବ୍ୟବସାୟ ମଧ୍ୟ ଭଲ ଭାବରେ ଆଗକୁ ବଢ଼ିଥାଏ ବୋଲି କରିମ୍ ରେଷ୍ଟୁରାଣ୍ଟ (ଦିଲ୍ଲୀ, ଜାମା ମସ୍‌ଜିଦ)ର ପ୍ରତିଷ୍ଠାତା ଆସିଫଉଦ୍ଦିନ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର କରିମ୍‌ର ଫ୍ରାଞ୍ଚାଇଜ ମୁଖ୍ୟ ଅଭିନାଶ ପଣ୍ଡା କହିଛନ୍ତି, କରିମ୍ ଖାଲି ନାଁ ନୁହେଁ ଏହା ଏକ ବ୍ରାଣ୍ଡ ଭାବେ ସାରା ଭାରତରେ ପରିଚିତ। ଏହାର ସମସ୍ତ ଖାଦ୍ୟ (ଡିସ୍) ଗୁଡିକ ପୁଷ୍ଟିକର ଓ ଗୁଣାତ୍ମକମାନର ବୋଲି ପଣ୍ଡା ମତବ୍ୟକ୍ତ କରିଛନ୍ତି। ଏହି ରେଷ୍ଟୁରାଣ୍ଟ ଓଡ଼ିଶାର ବିଶେଷକରି ଭୁବନେଶ୍ୱରରେ ପ୍ରଥମ ହେଲେ ଏହାର ଚାହିଦା ସବୁ ବର୍ଗଙ୍କ ନିକଟରେ ରହିଛି। ଏଠାରେ ସବୁପ୍ରକାର ଖାଦ୍ୟ ଗ୍ରାହକଙ୍କ ମନକୁ ପାଇବ। ବିଶେଷ କରି ଏହାର ମୋଗଲାଇ ଥାଳି ମୁଖ୍ୟ ଆକର୍ଷଣ ରହିବ। ସାରା ଦେଶରେ ଏହା ମୋଗଲାଇ ଗୁରୁ ଭାବେ ବେଶ୍ ପରିଚିତ। ଏହା ସବୁବର୍ଗର ଗ୍ରାହକଙ୍କ ପସନ୍ଦ ବୋଲି ମୀରା ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ପଣ୍ଡା, ଅଭିଜିତ ପଣ୍ଡା ଏବଂ ପଣ୍ଡା ପରିବାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ମିଡିଆ ସଞ୍ଚାଳକ ପ୍ରଣୟ ଜେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ହିଲକ୍ସର ବଜାର ପ୍ରବେଶ

**ଭୁବନେଶ୍ୱର,୨୧।୧**




### ଭାରତୀୟ ଗ୍ରାହକଙ୍କ ପ୍ରଥମ ପସନ୍ଦ

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ସୌଖୀନ ଯାନ 'ହିଲକ୍ସ' ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଟୟୋଟା ମୋଟର କର୍ପୋରେଶନ (ଟିଏମ୍‌ସି)ର ଚିଫ୍ ଇଞ୍ଜିନିୟର ୟୋଶିକି କୋନିଶି, ଟୟୋଟା ରିଜିଓନାଲ ଚିଫ୍ ଇଞ୍ଜିନିୟର ଜୁରାଚାର୍ଟ ଜୋଙ୍ଗୁସୁକ୍, ଟୟୋଟା କିର୍ଲୋସ୍କର ମୋଟର ପରିଚାଳନା ନିର୍ଦ୍ଦେଶକ ମାସାକାଜି ୟୋଶିମୁରା, ଟୟୋଟା କିର୍ଲୋସ୍କର ମୋଟର ସେଲ୍‌ସ ଏବଂ କଷ୍ଟମର ସର୍ଭିସ୍ ଉପ ସଭାପତି ତାଦାଶି ଆସାଜୁମା, ଟୟୋଟା କିର୍ଲୋସ୍କର ମୋଟର ଷ୍ଟ୍ରାଟେଜିକ୍ ବିଜନେସ୍ ୟୁନିଟ୍ ଜେନେରାଲ ମ୍ୟାନେଜର ୱାଇଜ୍‌ଲାଇନ୍ ସିଗାମନି ପ୍ରମୁଖ ଉପସ୍ଥିତ ଥିଲେ।

ଏହା ଏକ ଶକ୍ତିଶାଳୀ, ଅତ୍ୟାଧୁନିକତା ଏବଂ ବିଳାସପୂର୍ଣ୍ଣ ଯାନ। ଏଥିରେ ବହୁ ସ୍ୱତନ୍ତ୍ର ଏବଂ ସୁବିଧାଜନକ ବୈଶିଷ୍ଟ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାର ୱାଟର ୱାଡିଂ କ୍ଷମତା ୭୦୦ଏମ୍‌ଏମ୍ ରହିଛି। ଏଥିରେ ୧୮ ଇଞ୍ଚର ଆଲଏ ହ୍ୱିଲ୍, ଏଲ୍‌ଇଡି ରିୟର କମ୍ବି ଲ୍ୟାମ୍ପ, ଫ୍ରଣ୍ଟ ପାର୍କିଂ ସେନ୍‌ସର, ଟ୍ୟାବ୍‌ଲେଟ୍ ଷ୍ଟାଇଲ୍ ୮ଇଞ୍ଚ ଟଚ୍ ସ୍କ୍ରିନ୍ ଇନ୍‌ଫୋଟାନ୍‌ମେଣ୍ଟ ସିଷ୍ଟମ୍, ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ କାର୍ ପ୍ଲେ ଆଦି ବୈଶିଷ୍ଟ୍ୟ ରହିଛି। ଏହା ସହିତ ଏଥିରେ ଏବିଏସ୍, ଇବିଡି, ବ୍ରେକ୍ ଆସିଷ୍ଟ ସିଷ୍ଟମ୍, ହିଲ୍ ଷ୍ଟାର୍ଟ ଆସିଷ୍ଟ କଣ୍ଟ୍ରୋଲ ଆଦି ବ୍ୟବସ୍ଥା ରହିଛି। ହିଲକ୍ସରେ ଏସ୍‌ଆର୍‌ଏସ୍ ୭ଏୟାର ବ୍ୟାଗ୍, ଡାଉନ ହିଲ୍ ଆସିଷ୍ଟ କଣ୍ଟ୍ରୋଲ, ଭେହିକିଲ୍ ଷ୍ଟାବିଲିଟି କଣ୍ଟ୍ରୋଲ ଆଦି ସୁରକ୍ଷା ବୈଶିଷ୍ଟ୍ୟ ଅଛି। ଏଥିରେ ୫୦୦ ଏନ୍‌ଏମ୍ ଟର୍କ,ଟ୍ରୁବୋ ଇଞ୍ଜିନ୍, ଆଇଏମ୍‌ଭି ଫ୍ରେମ୍ ବୈଶିଷ୍ଟ୍ୟ ରହିଛି। ଏହାର ଡେଲିଭରି ୨୦୨୨ଏପ୍ରିଲଠାରୁ ଆରମ୍ଭ ହେବ। ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର ସେଲ୍ ଏବଂ କଷ୍ଟମର ସର୍ଭିସ୍ ଉପ ସଭାପତି ତାଦାଶି ଆସଜୁମା କହିଥିଲେ, ଏହାର କ୍ୱାଲିଟି, ଡ୍ୟୁରାବିଲିଟି, ରିଲାଏବିଲିଟି ଆଦି ଉଚ୍ଚକୋଟୀର। ଏହା ଗ୍ରାହକଙ୍କୁ ନୂତନ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ୪ ଦିନରେ ସେନ୍‌ସେକ୍ସ ୨୫୦୦ ପଏଣ୍ଟ ହ୍ରାସ

**ମୁମ୍ବାଇ,୨୧।୧**

ଦଲାଲ ଷ୍ଟ୍ରିଟ୍‌ରେ କ୍ରମାଗତ ଚତୁର୍ଥ ଦିନ ଲାଗି ନିବେଶକମାନେ କ୍ଷତିରେ ପଡ଼ିଛନ୍ତି। ଓମିକ୍ରନ୍ ସାଙ୍ଗକୁ କୋଭିଡ୍ ସଂକ୍ରମଣର ଭୟ ଶେୟାର ବଜାର ଉପରେ ପଡ଼ିଛି। ଫଳରେ ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୪୨୭ ପଏଣ୍ଟ ଖସି ୫୯,୦୩୭ ଅଙ୍କରେ ରହିଥିଲା ବେଳେ ଏନ୍‌ଏସ୍‌ଇ ନିଫ୍ଟିରେ ୧୪୦ ପଏଣ୍ଟ ହ୍ରାସ ଘଟି ୧୭,୬୧୭ ଅଙ୍କରେ କାରବାର ଶେଷ କରିଛି। ଗତ ୪ଦିନ ମଧ୍ୟରେ ସେନ୍‌ସେକ୍ସରେ ପ୍ରାୟ ୨୫୦୦ ପଏଣ୍ଟ ହ୍ରାସ ଘଟିଥିବା ବେଳେ ନିଫ୍ଟିରେ ମଧ୍ୟ ୭୦୦ ପଏଣ୍ଟ କମିଥିବା ଜଣାପଡିଛି। ଜାନୁୟାରୀ ୨୧ତାରିଖ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୪୨୭.୪୪ ପଏଣ୍ଟ ହ୍ରାସ ପାଇ ୫୯,୦୩୭.୧୮ରେ ରହିଥିବା ବେଳେ ନିଫ୍ଟି ୧୩୯.୮୫ ପଏଣ୍ଟ ଖସି ୧୭,୬୧୭. ୧୫ ରେ କାରବାର ବନ୍ଦ କରିଛି। ଶୁକ୍ରବାର ଏଚ୍‌ୟୁଏଲ୍ ଶୀର୍ଷ ସେନ୍‌ସେକ୍ସ ୩% ଲାଭକାରୀ ଭାବେ ଗଣାହୋଇଥିବା ବେଳେ ମାରୁତି ସୁଜୁକି, ଏଚ୍‌ଡିଏଫ୍‌ସି , ନେସ୍‌ଲେ ଇଣ୍ଡିଆ ଏବଂ କୋଟାକ୍ ବ୍ୟାଙ୍କ ପ୍ରମୁଖ ଲାଭକାରୀ ଥିଲେ।

# ପିଏନ୍‌ବି ପକ୍ଷରୁ ସ୍ୱଚ୍ଛତା ପକ୍ଷ

**ଭୁବନେଶ୍ୱର,୨୧।୧**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳିତ ହେଉଛି। ଓଡ଼ିଶା ଅଧୀନରେ ଥିବା ସମସ୍ତ ନିୟନ୍ତ୍ରଣ କାର୍ଯ୍ୟାଳୟ ଏବଂ ଶାଖାଗୁଡିକ ମଧ୍ୟ ନିଜ ନିଜ ଅଞ୍ଚଳରେ ଏହି ସ୍ୱଚ୍ଛତା ପକ୍ଷ ପାଳନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ସହ ପରିବେଶର ସ୍ୱଚ୍ଛତା ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ । ସେ ମଧ୍ୟ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧ ରହିବାକୁ ଏବଂ ନିଜ ଅଞ୍ଚଳରେ ସ୍ୱଚ୍ଛ ଭାରତ ମିଶନର ପ୍ରଚାର ପ୍ରସାର କରିବାକୁ ଅନୁରୋଧ କରିଛନ୍ତି । ସ୍ୱଚ୍ଛତା ପକ୍ଷ ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱଚ୍ଛତା ଆପଣେଇବାକୁ ଶପଥ ପାଠ କରିବା ସହ ଏକ ସ୍ୱଚ୍ଛତା ଡ୍ରାଇଭ୍‌ରେ ଅଂଶ ଗ୍ରହଣ କରି ଆଞ୍ଚଳିକ କାର୍ଯ୍ୟାଳୟର ଆଖପାଖ ଅଞ୍ଚଳକୁ ପରିଷ୍କାର କରିଥିଲେ।

## ଫୁର୍‌ସତ୍

# ସାଉଥ୍ ଅଭିନେତ୍ରୀଙ୍କ ପ୍ରେମରେ ଭାଇଜାନ



ସଲମାନ ଖାନ୍

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍ ବର୍ତ୍ତମାନ ସାଉଥ୍ ଅଭିନେତ୍ରୀଙ୍କ ପ୍ରେମରେ। ଉଭୟଙ୍କୁ ରୋମାଣ୍ଟିକ ଅନ୍ଦାଜରେ ମଧ୍ୟ ଦେଖିବାକୁ ମିଳିଛି। ଏପରି କିଛି ବାସ୍ତବ ଜୀବନରେ ନୁହେଁ ବରଂ ସଲମାନଙ୍କ ଅପକମିଂ ଆଲବମ୍ ଗୀତରେ ଦେଖିବାକୁ ମିଳିବ। ଏହାର ଟିଜର ରିଲିଜ ହୋଇଛି। ଆଲବମ୍‌ରେ ଭାଇଜାନଙ୍କୁ ଭିନ୍ନ ଲୁକ୍‌ରେ ଦେଖିବାକୁ ମିଳିଥିବା ବେଳେ ତାଙ୍କ ସହ ନଜର ଆସିଛନ୍ତି ସାଉଥ୍ ଅଭିନେତ୍ରୀ ପ୍ରଜ୍ଞା ଜସୱାଲ। ରିଲିଜ ହୋଇଥିବା ଟିଜରରେ ସଲମାନ ଲମ୍ବା ଚୁଟି ରଖି ପଞ୍ଜାବୀ ଗେଟ୍‌ଅପରେ ନଜର ଆସିଛନ୍ତି। ଏଥିସହ ସଲମାନ ଓ ପ୍ରଜ୍ଞାଙ୍କ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଏହି ଗୀତକୁ ସୁପରହିଟ୍ ପପ୍ ସିଙ୍ଗର ଗୁରୁ ରନ୍ଧାୱା ଏବଂ ସଲମାନଙ୍କ କଥିତ ଗର୍ଲଫ୍ରେଣ୍ଡ ଲୁଲିଆ ଭନ୍ତୁର ମିଶି ଗାଇଛନ୍ତି। ଗୀତର ଲିରିକ୍ସ ଲେଖିଛନ୍ତି ଶବ୍ବିର ଅହମ୍ମଦ। ଶନିବାର ଗୀତଟି ରିଲିଜ ହେବ। ଏ ନେଇ ସଲମାନ ନିଜେ ଟୁଇଟ କରି ସୂଚନା ଦେଇଛନ୍ତି। ଏହି ଗୀତକୁ ନେଇ ଏବେ ସଲମାନଙ୍କ ଫ୍ୟାନମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଛି। ସଲମାନଙ୍କୁ ଶେଷଥର ପାଇଁ ଫିଲ୍ମ 'ଅନ୍ତିମ'ରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ବକ୍ସ ଅଫିସରେ ହିଟ୍ ହୋଇଥିଲା।

# ସୁନା ହୋଟେଲ



**ଜୟପୁର:** ଏମିତି ଏକ ହୋଟେଲ ଅଛି, ଯେଉଁଠି ବାଥରୁମ୍‌ରେ ଲାଗିଛି ସୁନାର ନଳ। ଏକଥା ଶୁଣି ହୁଏତ କାହାର ବିଶ୍ୱାସ ହେଉ ନ ଥିବ। କିନ୍ତୁ ଏମିତି ଏକ ହୋଟେଲ ଅଛି ରାଜସ୍ଥାନର ଜୟପୁରଠାରେ, ଯାହାକୁ ନେଇ ଢେର୍ ଚର୍ଚ୍ଚା। ରାଜସ୍ଥାନର ଏହି ହୋଟେଲର ନାଁ ହେଉଛି 'ରାଜ୍ ପ୍ୟାଲେସ୍'। ସେଠାରେ ଅତିଥିମାନଙ୍କୁ ସୁନାର ଥାଳିରେ ଭୋଜନ ପରଷା ଯାଇଥାଏ। ଏହା ସହିତ ଶୋଇବା ପାଇଁ ରହିଛି ରୁପା ପଲଙ୍କ। ଏସିଆର ସବୁଠୁ ମହଙ୍ଗା ହୋଟେଲ ଭାବେ ପରିଗଣିତ ରାଜ୍ ପ୍ୟାଲେସ୍‌ରେ ସବୁକିଛି ଅତ୍ୟନ୍ତ ଦାମୀ ଏବଂ ସୁନ୍ଦର ଭାବେ ଡିଜାଇନ୍ କରାଯାଇଛି। ହୋଟେଲର ପ୍ରତ୍ୟେକ ରୁମ୍‌କୁ ଆଧୁନିକ ରୂପ ଦିଆଯାଇଛି। କିନ୍ତୁ ସବୁ ଡିଜାଇନ୍ ଭିତରେ ରାଜକୀୟ ଶୈଳୀକୁ ବେଶି ଗୁରୁତ୍ୱ ଦିଆଯାଇଛି। ତେଣୁ ହୋଟେଲ ଭିତରକୁ ପ୍ରବେଶ କରିବା ମାତ୍ରେ ଏକ ରାଜମହଲ ଭିତରକୁ ଯିବା ଭଳି ଅନୁଭବ ହେବ। ସେଥିପାଇଁ ତ ଏହି ହୋଟେଲରେ ରହିବା ଏବଂ ଖାଇବା ପାଇଁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଆପଣ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହେବେ କି ହୋଟେଲରେ ଥିବା ଏକ ଖାସ୍ ହଲ୍ (ଦରବାର) ସୁଟ୍‌ରେ ସାରା ରାତି ରହିବା ପାଇଁ ୧୮ ଲକ୍ଷ ଟଙ୍କା ଦେବାକୁ ହୋଇଥାଏ। ଏହି ହୋଟେଲରେ ୬୮ଟି ଆଲିଶାନ୍ ରୁମ୍ ରହିଛି ଏବଂ ପ୍ରତି ରୁମ୍‌ରେ ମାର୍ବଲ ପଥରର ବିଭିନ୍ନ କାରୁକାର୍ଯ୍ୟ କରାଯାଇଛି। ହୋଟେଲର କାରୁକାର୍ଯ୍ୟ ଶୈଳୀ ଏତେ ଚମତ୍କାର ହୋଇଛି ଯେ ୨୦୦୭ ମସିହାରେ ଏଥିପାଇଁ ରାଷ୍ଟ୍ରୀୟ ପର୍ଯ୍ୟଟନ ପୁରସ୍କାର ବିଭାଗରେ ସର୍ବଶ୍ରେଷ୍ଠ ପ୍ରାସାଦ ଭାବେ ପୁରସ୍କାର ପାଇଥିଲା। ହୋଟେଲର କାରୁକାର୍ଯ୍ୟ ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ଏଠାରେ ଅନେକ ଫିଲ୍ମ ଏବଂ ସିରିଏଲର ଶୁଟିଂ ମଧ୍ୟ କରାଯାଇଛି।

## ମନେ ପଡ଼ନ୍ତି

### ଅଷ୍ଟମ ବର୍ଷ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗିରିଧାରୀ ମହାନ୍ତି**

ବାପୁଜୀନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରର୍ଗ ।

ଧ-୭୦୨୬୧

# ବନ୍ଧୁପତ୍ନୀଙ୍କୁ କରିନେଲେ ବିବାହ

**ଅ**ସୁବିଧା ବେଳେ ସଚ୍ଚା ବନ୍ଧୁଟିଏ ପ୍ରଥମେ ସହାୟତାର ହାତ ବଢ଼ାଇଥାଏ। ଠିକ୍ ସେମିତି ଘଟଣା ଘଟିଛି ଜଣେ ବ୍ୟକ୍ତିଙ୍କ ଠାରେ। ଦୁଇ ବନ୍ଧୁ ଆଲେକ୍ସ ଲୋ ଏବଂ କୋନାର୍ଡ ଏଙ୍କର କେବେ ବି ଅଲଗା ହେବେନାହିଁ ବୋଲି ଚିନ୍ତା କରୁଥିଲେ। ୧୯୯୯ରେ ଆଲେକ୍ସ ୨୬୦୦୦ ଫୁଟ ଉଚ୍ଚ ପର୍ବତ ଶିଶାପାଙ୍ଗମାରୁ ପଡ଼ି ମୃତ୍ୟୁବରଣ କରିଥିଲେ। ଏହି ସମୟରେ କୋନାର୍ଡ ତାଙ୍କ ସହ ଥିଲେ। ଏକୁଟିଆ କୋନାର୍ଡ ବଞ୍ଚି ଯାଇଥିଲେ। ଏ ବିଷୟରେ ସେ ଆଲେକ୍ସଙ୍କ ସ୍ତ୍ରୀଙ୍କୁ ଖବର ଦେଇଥିଲେ। କୋନାର୍ଡଙ୍କ ମନରେ ଥିଲା ସେ ତାଙ୍କ ବନ୍ଧୁଙ୍କ ପରିବାରକୁ ସାହାଯ୍ୟ ସହଯୋଗ କରିବେ। କୋନାର୍ଡ ସାହସ ଜୁଟାଇ ବନ୍ଧୁଙ୍କ ସ୍ତ୍ରୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଏଥିରେ ବି ରାଜି ହୋଇଯାଇଥିଲେ ଆଲେକ୍ସଙ୍କ ସ୍ତ୍ରୀ। କୋନାର୍ଡ ୩ ସନ୍ତାନଙ୍କ ପିତା ହୋଇଗଲେ। ଏହି କାହାଣୀ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଛି। କିଛି ଲୋକ ଏହା ଜାଣି ଭାବପ୍ରବଣ ହୋଇଯାଇଛନ୍ତି।

# ଫେବୃୟାରୀରେ ଆସିବ ରଙ୍ଗସ୍ଥଳମ୍‌ର ହିନ୍ଦୀ ଭର୍ସନ



**ମୁମ୍ବାଇ:** ଉତ୍ତର ଭାରତର ଦର୍ଶକଙ୍କ ମନକୁ ଖୁସି କରିବାକୁ ଫିଲ୍ମ ନିର୍ମାତା 'ରଙ୍ଗସ୍ଥଳମ'ର ହିନ୍ଦୀ ଭର୍ସନ ରିଲିଜ କରିବାକୁ ପ୍ଲାନିଂ କରୁଛନ୍ତି । ୨୦୧୮ରେ ସୁକୁମାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ରାମ ଚରଣ, ସାମନ୍ଥା ରୁଥ୍ ପ୍ରଭୁଙ୍କ ଷ୍ଟାରର 'ରଙ୍ଗସ୍ଥଳମ' ଫିଲ୍ମ ତେଲଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ସବୁଠାରୁ ବଡ଼ ସୁପରହିଟ ଫିଲ୍ମ ସାବ୍ୟସ୍ତ ହୋଇଥିଲା । ଏହି ଫିଲ୍ମ ଟଲିଉଡକୁ ନମ୍ବର ୱାନକୁ ନେଇ ଆସିଥିଲା । ଏବେ ଦର୍ଶକେ ତେଲଗୁ ଫିଲ୍ମର ହିନ୍ଦୀ ଭର୍ସନ ଦେଖିବାକୁ ପସନ୍ଦ କରୁଛନ୍ତି । ତେଣୁ ଉତ୍ତର ଭାରତର ଦର୍ଶକଙ୍କ ରୁଚିକୁ ଧ୍ୟାନରେ ରଖି ଏହାର ହିନ୍ଦୀ ଭର୍ସନ ଆଣିବାକୁ ଚିନ୍ତା କରିଛନ୍ତି ମେକର୍ସ । ୨୦୨୨ ଫେବୃୟାରୀରେ ଏହା ରିଲିଜ କରିବାକୁ ଯୋଜନା କରାଯାଇଛି । ଆଲୋଚନା ହେଉଛି କି ଏହି ସମୟ ମଧ୍ୟରେ ବଲିଉଡ୍‌ର କିଛି ଫିଲ୍ମ ରିଲିଜ ହେବାକୁ ନ ଥିବା ବେଳେ ଏମିତି କିଛି ସାଉଥ ମୁଭିର ହିନ୍ଦୀ ରିମେକ କରି ରିଲିଜ କରାଯିବାକୁ ଯୋଜନା କରାଯାଇଛି ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାର ବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶୀକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୨/୨୦୨୨ Berhampur, Saturday, January 22/ 2022

# ଦକ୍ଷିଣ ଆଫ୍ରିକା ସିରିଜ ବିଜୟୀ



ଶତକୀୟ ଭାଗୀଦାରି ଅବସରରେ ଜାନେମନ ମଲନ ଓ କ୍ୱିଣ୍ଟନ ଡି'କକ୍।

**ପର୍ଲ,୨୧।୧:** ଭାରତ ବିପକ୍ଷ ଦିନିକିଆ ସିରିଜରେ ଘରୋଇ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ଦକ୍ଷିଣ ଆଫ୍ରିକା ୧୧ ବଲ ବାକି ଥାଇ ୭ ଉଇକେଟରେ ଭାରତକୁ ପରାସ୍ତ କରିଛି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଘରୋଇ ଦଳ ୨-୦ରେ ଅଗ୍ରଣୀ ହାସଲ କରିବା ସହ ଆଗୁଆ ସିରିଜ ହାତେଇ ନେଇଛି। ରବିବାର କେପ୍ ଟାଉନ୍‌ର ନ୍ୟୁଲାଣ୍ଡ୍ସ ଷ୍ଟାଡିୟମରେ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ। ସ୍ଥାନୀୟ ବୋଲାଣ୍ଡ ପାର୍କରେ ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୨୮୭ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୮.୧ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

୨୮୮ ରନ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ଜବରଦସ୍ତ ଆରମ୍ଭ କରିଥିଲା। ଦୁଇ ଓପନର କ୍ୱିଣ୍ଟନ ଡିକକ୍ ଓ ଜାନେମନ ମଲନ ପ୍ରଥମ ଉଇକେଟରେ ୧୩୨ ବଲରୁ ସମାନ ୧୩୨ ରନ ସଂଗ୍ରହ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଡିକକ୍ ୬୬ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୩ ଛକା ସହ ଦ୍ରୁତ ୭୮ ରନକରି ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମେ ଅମ୍ପାୟର ନଟ୍‌ଆଉଟ ଦେଇଥିଲେ। ତେବେ ଠାକୁର ରିଭ୍ୟୁ ପାଇଁ ମିଡ୍ ଉଇକେଟରେ ଫିଲ୍ଡିଂ କରୁଥିବା ଲୋକେଶ ରାହୁଲଙ୍କୁ କହିଥିଲେ। ଉଇକେଟକିପର ପନ୍ତଙ୍କ ପରାମର୍ଶରେ ଅନିଚ୍ଛା ସତ୍ତ୍ୱେ ରାହୁଲ ରିଭ୍ୟୁ ନେଇଥିଲେ ଓ ଏହା କାମ ଦେଇଥିଲା। ଡିକକ୍ ଆଉଟ ଘୋଷିତ ହୋଇଥିଲେ। ଏଥିସହ ଡିକକ୍ ଦିନିକିଆରେ ୪୩ ଥର ୫୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛନ୍ତି। ମଲନ ୯୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୦୮ଟି ବଲର ସମ୍ମୁଖୀନ ହୋଇ ସେ ୮ ଚୌକା ଓ ୧ ଛକା ମାରିଥିଲେ। ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇ ସେ ମାତ୍ର ୯ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅଧିନାୟକ ଟେମ୍ବା ବଭୁମା ୩୬ ବଲ ଖେଳି ୩ ଚୌକା ସହ ୩୫ ରନକରି ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ବଲ୍ ବ୍ୟାଟ୍‌ର ଲିଡିଂ ଏଜ୍ ନେଇଥିଲା ଓ ଚହଲ ଫଲୋଥ୍ରୁରେ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଦ୍ୱିତୀୟ ଉଇକେଟରେ ବଭୁମା ଓ ମଲନ ୭୬ ବଲରୁ ୮୦ ରନ ସଂଗ୍ରହ କରିଥିଲେ। ଏହାପରେ ରସି ଭାନ ଡେର ଡୁସେନ ଓ ଏଡେନ ମାରାକ୍ରାମ ଚତୁର୍ଥ ଉଇକେଟରେ ୭୫ ବଲରୁ ଅପରାଜିତ ୭୪ ରନକରି ଦଳକୁ ଜିତାଇଥିଲେ। ମାରାକ୍ରମ ୩୭ ଓ ଡୁସେନ ୩୭ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା, ଯୁଜବେନ୍ଦ୍ର ଚହଲ ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦୁଇ ଓପନର ଶିଖର ଧାୱନ ଓ ଅଧିନାୟକ ଲୋକେଶ ରାହୁଲ ଓପନିଂ ଯୋଡ଼ିରେ ୬୩ ରନ ଯୋଗକରି ଦଳ ପାଇଁ ଭଲ ଆରମ୍ଭ କରିଥିଲେ। ଧାୱନ ୩୮ ବଲ୍‌ରୁ ୨୯ (୫ ଚୌକା) ରନ କରି ଆଉଟ ହେବା ପରେ ବିରାଟ କୋହଲି ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିବା ଭାରତକୁ ଶକ୍ତ ଝଟକା ଦେଇଥିଲା। ସ୍ପିନର କେଶବ ମହାରାଜଙ୍କ ଅଫ୍‌ଷ୍ଟମ୍ପ ବାହାରର ବଲ୍‌କୁ ଡ୍ରାଇଭ୍ କରିବାକୁ ଯାଇ କୋହଲି କଭର ଅଞ୍ଚଳରେ ବିପକ୍ଷ ଦଳର ଅଧିନାୟକ ଟେମ୍ବା ବଭୁମାଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ତେବେ ରାହୁଲ ଓ ରିଷଭ ପନ୍ତ ୩ୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ଦୁହେଁ ୧୧୧ ବଲ୍‌ରୁ ୧୧୫ ରନ ସଂଗ୍ରହ କରିବା ପରେ ରାହୁଲ ବ୍ୟକ୍ତିଗତ ୫୫ (୭୯ ବଲ, ୪ ଚୌକା) ରନ କରି ଦ୍ରୁତ ବୋଲର ସିସନ୍ଦା ମାଗଲାଙ୍କ ବଲ୍‌ରେ ଭାନ୍ ଡର୍ ଡୁସେନଙ୍କୁ କ୍ୟାଚ ଦେଇଥିଲେ। ଅନ୍ତର୍ଜାତୀୟ ଦିନିକିଆରେ ମାଗଲାଙ୍କର ଏହାଥିଲା ପ୍ରଥମ ଉଇକେଟ। ଦୃଢ଼ ଆତ୍ମବିଶ୍ୱାସର ସହ ଖେଳି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ ରିଷଭ। ମାତ୍ର ୭୧ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହାୟତାରେ ୮୫ ରନ କରିଥିବାବେଳେ ପନ୍ତ ୨ଟି ଡଟ୍ ବଲ୍ ଖେଳିବା ପରେ ଧୈର୍ଯ୍ୟ ହରାଇ ଟାବ୍ରାଇଜ୍ ସାମ୍‌ସିଙ୍କୁ ବଡ଼ ଶଟ୍ ମାରିବାକୁ ଯାଇ ଏଡେମ ମାରକ୍ରାମ୍‌ଙ୍କୁ କ୍ୟାଚ ଦେଇଥିଲେ। ଶ୍ରେୟାସ ଆୟାର (୧୧) ପୁଣି ବିଫଳ ହୋଇଥିବା ବେଳେ ଭେଙ୍କଟେଶ୍ ଆୟାର ୩୩ ବଲ୍‌ରୁ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷଭାଗରେ ରବିଚନ୍ଦ୍ରନ ଅଶ୍ୱିନ ୨୪ ବଲ୍‌ରୁ ୨୫ (୧ ଚୌକା, ୧ ଛକା) ଓ ଶାର୍ଦ୍ଦୁଳ ଠାକୁର ୩୮ ବଲ୍‌ରୁ ୪୦ (୩ ଚୌକା, ୧ ଛକା) ରନରେ ଅପରାଜିତ ରହିବା ସହ ଅସମାପ୍ତ ୭ମ ଉଇକେଟରେ ୩୮ ବଲ୍‌ରୁ ୪୮ ରନ ଯୋଗ କରିବାରୁ ଭାରତ ୨୮୭ ରନର ସମ୍ମାନଜନକ ସ୍କୋର କରି ପାରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟାବ୍ରାଇଜ୍ ସାମ୍‌ସି ୨ଟି ଏବଂ ସିସନ୍ଦା ମାଗଲା, ଏଡେନ ମାରାକ୍ରାମ, କେଶବ ମହାରାଜ ଓ ଆଡିଲେ ଫେଲୁକ୍ୱାୟୋ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୮୭/୬ (ରିଷଭ ପନ୍ତ-୮୫, ଲୋକେଶ ରାହୁଲ-୫୫, ଶାର୍ଦ୍ଦୁଳ ଠାକୁର-୪୦*, ଟାବ୍ରାଇଜ୍ ସାମ୍‌ସି-୨/୫୭, ସିସନ୍ଦା ମାଗଲା-୧/୬୪, ଏଡେନ ମାରକ୍ରାମ-୧/୩୪, କେଶବ ମହାରାଜ-୧/୫୨, ଆଡିଲେ ଫେଲୁକ୍ୱାୟୋ-୧/୪୪)। ଦକ୍ଷିଣ ଆଫ୍ରିକା ୪୮.୧ ଓଭରରେ ୨୮୮/୩ (ମଲନ- ୯୧, ଡିକକ୍- ୭୮, ବଭୁମା- ୩୫, ମାରାକ୍ରାମ- ୩୭*, ଡୁସେନ-୩୭*, ବୁମ୍‌ରା- ୧/୩୭, ଚହଲ-୧/୪୭, ଠାକୁର- ୧/୩୫)।



ପ୍ରୋ କବାଡ଼ି ଲିଗ୍‌ରେ ଶୁକ୍ରବାର ଦବଙ୍ଗ ଦିଲ୍ଲୀ ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସେମିରେ ସିନ୍ଧୁ, ପ୍ରଣୟ ଆଉଟ୍

**ସୟଦ ମୋଦି ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ**

**ଲକ୍ଷ୍ନୌ,୨୧।୧**

ଭାରତୀୟ ତାରକା ଏଚ୍.ଏସ୍. ପ୍ରଣୟ ଏଠାରେ ଚାଲିଥିବା ସୟଦ ମୋଦି ଅନ୍ତର୍ଜାତୀୟ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ତେବେ ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ସିନ୍ଧୁ ଶୁକ୍ରବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡର ସୁପାନିଡା କେଟଥିଙ୍ଗ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଟପ୍ ସିଡ୍ ସିନ୍ଧୁ ଏକ ଘଣ୍ଟା ୫ ମିନିଟ୍‌ରେ ଷଷ୍ଠ ସିଡ୍ ସୁପାନିଡାଙ୍କୁ ୧୧-୨୧, ୨୧-୧୨, ୨୧-୧୭ରେ ପରାସ୍ତ କରିଛନ୍ତି। ସେମିରେ ସିନ୍ଧୁ ଏବେ ରୁଷିଆର ଏଭ୍‌ଗେନିଆ କୋସେଟସ୍କାୟାଙ୍କୁ ଭେଟିବେ।

ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରଣୟ ସିଧାସଳଖ ଗେମ୍‌ରେ ଫ୍ରାନ୍ସର ଅର୍ନାଉଡ୍ ମେର୍କେଲଙ୍କଠାରୁ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି। ପଞ୍ଚମ ସିଡ୍ ପ୍ରଣୟ କ୍ୱାର୍ଟରରେ ୧୯-୨୧, ୧୬- ୨୧ରେ ମାତ୍ର ୫୯ ମିନିଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ବିଜୟ ସହ ମେର୍କେଲ ସେମିରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟତମ ଭାରତୀୟ ଖେଳାଳି ମିଥୁନ ମଞ୍ଜୁନାଥ ସେମିଫାଇନାଲକୁ ଉଠିଛନ୍ତି। ସେ କ୍ୱାର୍ଟର ଫାଇନାଲରେ ରୁଷିଆର ସେର୍ଗେ ସିରାଣ୍ଟଙ୍କୁ ଏକ ଘଣ୍ଟା ଏକ ମିନିଟ୍‌ରେ ୧୧-୨୧, ୨୧-୧୨, ୨୧-୧୮ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ସେମିରେ ସେ ମେର୍କେଲଙ୍କୁ ଭେଟିବେ।

ଅନ୍ୟପଟେ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାରତୀୟ ଯୋଡି ଏମ୍.ଆର. ଅର୍ଜ୍ଜୁନ ଓ ତ୍ରିସା ଜୋଲି ୪୨ ମିନିଟ୍‌ରେ ଫ୍ରାନ୍ସ ଯୋଡି ୱିଲିୟମ ଭିଲେଗେର ଓ ଆନେ ଟ୍ରାନ୍‌ଙ୍କୁ ୨୪-୨୨, ୨୧-୧୭ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିରେ ଏହି ଯୋଡି ନିଜ ଦେଶର ସପ୍ତମ ସିଡ୍ ଯୋଡି ଇଶାନ ଭଟନାଗର ଓ ତନିଶା କ୍ରାଷ୍ଟୋଙ୍କୁ ଭେଟିବେ। ସେହିପରି ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ଭାରତର ରାମ୍ୟା ଭେଙ୍କଟେଶ ଟିକ୍‌ମେନାହାଲି ଓ ଅପେକ୍ଷା ନାୟକ ୱାକ୍ ଓଭର ପାଇ ସେମିରେ ପ୍ରବେଶ କରିଛନ୍ତି। ମାଲେସିଆ ଯୋଡି ଅନ୍ନା ଚିଙ୍ଗ୍ ୟିକ ଚେଙ୍ଗ ଓ ଟେହ ମେଇ ଜିଙ୍ଗ କ୍ୱାର୍ଟର ଫାଇନାଲ ଖେଳିପାରି ନ ଥିଲେ। ଫଳରେ ଭାରତୀୟ ଯୋଡିଙ୍କୁ ୱାକଓଭର ମିଳିଥିଲା।

# ମୁମ୍ବାଇ ସିଟି ଦଳରେ ବ୍ରାଜିଲିଆନ ଫରୱାର୍ଡ ମୌରିସିଓ

**ମୁମ୍ବାଇ, ୨୧।୧(ପି.ଟି.)**

ଗତ ଥରର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) ଚାମ୍ପିୟନ ମୁମ୍ବାଇ ସିଟି ଏଫ୍‌ସି ବ୍ରାଜିଲର ଅଭିଜ୍ଞ ଫରୱାର୍ଡ ଡିଏଗୋ ମୌରିସିଓଙ୍କ ସହ ଏକ ସଂକ୍ଷିପ୍ତ ଚୁକ୍ତି କରିଛି। ୩୦ ବର୍ଷୀୟ ଏହି ଖେଳାଳି କ୍ଲବ ସହ ମେ' ୩୧ ପର୍ଯ୍ୟନ୍ତ ରହିବେ। ମୌରିସିଓ ବ୍ରାଜିଲର ପ୍ରସିଦ୍ଧ ଏକାଡେମୀ ଫ୍ଲେମେଙ୍ଗୋ ସହ ତାଙ୍କ ଫୁଟ୍‌ବଲ କ୍ୟାରିୟର ଆରମ୍ଭ କରିଥିଲେ। ସେ ବ୍ରାଜିଲ (ସ୍ପୋର୍ଟ୍ସ ରିସିଫ୍ ଓ ରେଡ୍‌ବୁଲ୍ ବ୍ରାଗାଣ୍ଟିନୋ), ରୁଷିଆ (ଏଫ୍‌ସି ସ୍ପାର୍ଟାକ୍ ଭ୍ଲାଡିକାଭ୍‌କାଜ୍), ପର୍ତ୍ତୁଗାଲ (ଭିକ୍ଟୋରିଆ ଏଫ୍‌ସି),



ଡିଏଗୋ ମୌରିସିଓ

ସୌଦି ଆରବ (ଅଲ୍ କ୍ୱାଦିସିଆ), ଚାଇନା (ଚାଙ୍ଗ୍‌ଝୋ ମାଇଟି ଲାୟନ୍ସ) ଓ ଦକ୍ଷିଣ କୋରିଆ (ଗଙ୍ଗଓନ୍ ଏଫ୍‌ସି ଓ ବୁସାନ ଆଇପାର୍କ)ର ବିଭିନ୍ନ କ୍ଲବ ତରଫରୁ ଖେଳିବା ପରେ ୨୦୨୦ରେ ବ୍ରାଜିଲକୁ ଫେରି ସେଣ୍ଟ୍ରୋ ସ୍ପୋର୍ଟିଭୋ ଅଲାଗୋଆନୋ ଦଳରେ ଯୋଗ ଦେଇଥିଲେ। ୨୦୨୦-୨୧ ସିଜନରେ ସେ ଆଇଏସ୍ଏଲ ଦଳ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ କାତାର ଦ୍ୱିତୀୟ ଡିଭିଜନ ଦଳ ଅଲ୍ ସାହିନା ଦଳରୁ କିଛି ସମୟ ପାଇଁ ଆସି ମୁମ୍ବାଇ ସିଟି ଦଳ ପକ୍ଷରୁ ଖେଳିବେ।

# ଇଂଲଣ୍ଡ,ପାକିସ୍ତାନ କ୍ୱାର୍ଟରଫାଇନାଲରେ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

**ବାସେଟିରେ (ସେଣ୍ଟ କିଟ୍ସ), ୨୧।୧(ପି.ଟି.):** ଅଧିନାୟକ ଟମ୍ ପ୍ରିଷ୍ଟଙ୍କ ଅପରାଜିତ ୧୫୪ରନ (୧୧୯ବଲ୍, ୧୩ ଚୌକା, ୪ ଛକା) ସହାୟତାରେ ପୂର୍ବତନ ଚାମ୍ପିୟନ ଇଂଲଣ୍ଡ ୧୮୯ ରନରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ପରାସ୍ତ କରି ଚଳିତ ଆଇସିସି ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୩୬୨ ରନ କରିଥିଲା। ପ୍ରିଷ୍ଟଙ୍କ ବ୍ୟତୀତ ଜାକବ ବିଥେଲ ୬୨, ୱିଲିୟମ ଲକ୍ସଟନ ୪୭ ଓ ଜର୍ଜ ଥୋମାସ ୪୧ ରନ କରିଥିଲେ। ଜବାବରେ ୟୁଏଇ ୩୮.୨ ଓଭରରେ ୧୭୩ ରନରେ ଅଲଆଉଟ ହୋଇଥିଲା। ଟପ୍ ସ୍କୋରର ଅଲି ନାସେର ୪୪ ବଲରୁ ୫୪ ରନ କରିଥିଲେ। ଇଂଲଣ୍ଡର ସବୁଠାରୁ ସଫଳ ବୋଲର ଲେଗ୍ ସ୍ପିନର ରେହାନ ଅହମଦ ୩୦ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ପରେ ଟମ୍ ପ୍ରିଷ୍ଟ।

**ଆଫଗାନିସ୍ତାନ ହାରିଲା**

ଆଫଗାନିସ୍ତାନ ବିପକ୍ଷରେ ୨୪ରନରେ ବିଜୟ ହାସଲ କରି ପାକିସ୍ତାନ ପ୍ରତିଯୋଗିତାର ସୁପର ଲିଗ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍ ସି'ର ଏକ ମ୍ୟାଚରେ ଆଫଗାନିସ୍ତାନ ଭଲ ପ୍ରଦର୍ଶନ କରି ପାକିସ୍ତାନକୁ ୨୩୯/୯ରେ ସୀମିତ କରିଦେଇଥିଲା। ପାକିସ୍ତାନ ଟପ୍ ସ୍କୋରର ଅବଦୁଲ ଫାସ ୬୮, ମହମଦ ସେହେଜାଦ ୪୩, ଅଧିନାୟକ କ୍ୱାସିମ ଆକ୍ରାମ ୩୮ରନ କରିଥିଲେ। ଆଫଗାନିସ୍ତାନର ଇଜହାରୁଲ୍‌ହକ୍ ୩ ଉଇକେଟ ନେଇଥିଲେ। ହେଲେ ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୨୧୫ ରନ କରିବାରେ ସକ୍ଷମ ହୋଇଥିଲା।





ଇଣ୍ଡିଆନ ସୁପରଲିଗ୍‌ର ଫତୋର୍ଦାରେ ହେବାକୁଥିବା ଆଗାମୀ ମ୍ୟାଚ ପୂର୍ବରୁ ଶୁକ୍ରବାର ଅଭ୍ୟାସରତ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସିର ସୁହେର ଓ ଚେନ୍ନାଇନ୍ ଏଫ୍‌ସିର ଅନିରୁଦ୍ଧ ଥାପା।

# ହରଭଜନ ସିଂ କୋଭିଡ୍ ପଜିଟିଭ୍

**ନୂଆଦିଲ୍ଲୀ, ୨୧।୧ (ପି.ଟି.):** ଭାରତର ପୂର୍ବତନ ସ୍ପିନର ହରଭଜନ ସିଂ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସେ ନିଜ ଘରେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ୪୧ ବର୍ଷୀୟ ଭାରତର ଏହି ପୂର୍ବତନ ସ୍ପିନର ଗତ ମାସରେ କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ତାଙ୍କଠାରେ କୋଭିଡ୍‌ର ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଥିଲା। କୋଭିଡ୍ ଟେଷ୍ଟ କରାଯିବାରୁ ତାଙ୍କର ପଜିଟିଭ ଆସିଥିଲା। ହରଭଜନ ମସ୍କଟଠାରେ ଚାଲିଥିବା ଲିଜେଣ୍ଡ ଲିଗ୍ ଟୁର୍ନାମେଣ୍ଟରେ ଭାଗ ନେଇଥାନ୍ତେ। ଅସୁସ୍ଥ ଥିବାରୁ ସେ ଜାନୁୟାରୀ ୨୪ରୁ ଆରମ୍ଭ ହେବାକୁଥିବା ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଭାଗ ନେବେ ବୋଲି ଆଶା କରାଯାଉଛି। ଭାରତର ଅନ୍ୟତମ ସଫଳ ଅଫ୍-ସ୍ପିନର ଭାବେ ପରିଗଣିତ ହେଉଥିବା ହରଭଜନ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ୧୦୩ ଟେଷ୍ଟରେ ୪୧୭ ଉଇକେଟ, ୨୩୬ ଅନ୍ତର୍ଜାତୀୟ ଦିନିକିଆରେ ୨୬୯ ଉଇକେଟ ଏବଂ ୨୮ଅନ୍ତର୍ଜାତୀୟ ଟି୨୦ରେ ୨୫ ଉଇକେଟ ଅକ୍ତିଆର କରିଛନ୍ତି।

# ପ୍ରଗତି ସ୍ପୋର୍ଟିଂ ବିଜୟୀ




ଆୟୁଷ ସୂତାରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଗାଡ଼କଣ ସ୍ଥିତ ଗଡ଼େଶ୍ୱର ଖେଳପଡିଆରେ ଶୁକ୍ରବାରଠାରୁ ଗ୍ରୀନ୍ସ ସିଲଡ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଲିଗ ମ୍ୟାଚରେ ସହିଦ ସ୍ପୋର୍ଟିଂକୁ ୧୩୧ ରନରେ ପ୍ରଗତି ସ୍ପୋର୍ଟିଂ ପରାସ୍ତ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରି ପ୍ରଗତି ନିର୍ଦ୍ଧାରିତ ୩୫ ଓଭରରେ ୪ ଉଇକେଟ ହରାଇ ୨୧୮ ରନ କରିଥିଲା। ଦଳ ପକ୍ଷରୁ ଅସୀମ ବରାଡ଼ ୫୭ ଏବଂ ଆୟୁଷ ସୂତାର ଅପରାଜିତ ୫୫ ରନ କରିଥିଲେ। ୨୧୮ ରନର ବିଜୟ ଲକ୍ଷ୍ୟ ନେଇ ସହିଦ ସ୍ପୋର୍ଟିଂ ମାତ୍ର ୮୭ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ କ୍ରିସ ସିଂ ସର୍ବାଧିକ ୪୧ ରନ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଆୟୁଷଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ସରୋଜ ଜେନା। ଓସିଏ ପ୍ୟାନେଲ ଅମ୍ପାୟାର ପ୍ରଦୀପ ଜେନା ଓ ସୁଶୀଲ ପରିଡା ମ୍ୟାଚ ପରିଚାଳନା କରିଥିବା ବେଳେ ଅନ ଲାଇନ ସ୍କୋରିଂରେ ଅଭିଷେକ ମହାନ୍ତି ସହାୟତା କରିଥିଲେ। ଶନିବାର ରାମେଶ୍ୱର ସ୍ପୋର୍ଟିଂ ଓ ଆୟୋଜକ ଗ୍ରୀନ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୨/୨୦୨୨ (୮+୮=୧୬ ପୃଷ୍ଠା) | Berhampur, Saturday, January 22/2022 | ପୃଷ୍ଠା-୧



## ଓସ୍କାର ଦୌଡ଼ରେ ଜୟ୍ ଭୀମ, ମରକ୍କାର

ସୁରିୟାଙ୍କ ଅଭିନୀତ ଚଳଚ୍ଚିତ୍ର 'ଜୟ ଭୀମ' ଏବଂ ମୋହନଲାଲଙ୍କ ମରକ୍କାର: ଆରବିକାଦଲିଣ୍ଟେ ସିମହାମ' ଓସ୍କାର ଶ୍ରେଷ୍ଠ ଫିଚର ଫିଲ୍ମ ଦୌଡ଼ରେ ରହିଥିବା ଜଣାପଡ଼ିଛି।

୦୨

୦୮

## ଓସାକାଙ୍କୁ ହରାଇଲେ ଆନିସିମୋଭା

ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସରେ ଗତଥରର ଚାମ୍ପିୟନ ଜାପାନର ନାଓମି ଓସାକାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଆମେରିକାର ଆମଣ୍ଡା ଆନିସିମୋଭା।






# କୋ-ୱିନ୍‌ରୁ କୋଭିଡ୍ ତଥ୍ୟ ପ୍ରଘଟ

*କରୋନା ମହାମାରୀ ମୁକାବିଲା ପାଇଁ କେନ୍ଦ୍ର ସରକାର କୋ-ୱିନ୍ ପୋର୍ଟାଲ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ସେହି ସର୍ଭରରୁ ୨୦ ହଜାର ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଥିବା ଜଣାପଡ଼ିଛି। ଏତିକି ନୁହେଁ, ଉକ୍ତ ସମ୍ବେଦନଶୀଳ ଡାଟାକୁ ସାଇବର ଅପରାଧୀମାନେ ବିକ୍ରି ପାଇଁ ତାଲିକାଭୁକ୍ତ କରିଥିବା ସାମ୍ନାକୁ ଆସିଛି। ଏଥିଯୋଗୁ ପ୍ରିଭେସିକୁ ନେଇ ଭାରତୀୟଙ୍କ ମନରେ ଅସୁରକ୍ଷା ଭାବ ବୃଦ୍ଧି ପାଇଛି।*



**ନୂଆଦିଲ୍ଲୀ,୨୧।୧**

ଏକ ସରକାରୀ ସର୍ଭରରୁ ହଜାର ହଜାର ଭାରତୀୟଙ୍କ କୋଭିଡ୍ ଡାଟା ଲିକ୍ ହୋଇଛି। ଏଥିରୁ ସେମାନଙ୍କ ନାମ, ମୋବାଇଲ ନମ୍ବର, ଠିକଣା ଓ କୋଭିଡ୍ ଟେଷ୍ଟ ରିଜଲ୍ଟ ସାମ୍ନାକୁ ଆସିଛି। ଅନ୍‌ଲାଇନ୍ ସର୍ଚ୍ଚ କଲେ ଏସବୁ ଉପଲବ୍ଧ ହେଉଛି। ପ୍ରଘଟ ହୋଇଥିବା ସମ୍ବେଦନଶୀଳ ତଥ୍ୟଗୁଡ଼ିକୁ ରେଡ୍ ଫୋରମ୍ସ ୱେବ୍‌ସାଇଟ୍‌ରେ ବିକ୍ରି ପାଇଁ ରଖାଯାଇଛି। ଅପରାଧୀମାନେ ୨୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ରଖିଥିବା ଏଥିରେ ଦାବି କରିଛନ୍ତି।

ରେଡ୍ ଫୋରମ୍ସରେ ଉପଲବ୍ଧ ଡାଟା ମଧ୍ୟରେ ରହିଛି ନାମ, ବୟସ, ଲିଙ୍ଗ, ମୋବାଇଲ ନମ୍ବର, ଠିକଣା ଓ କୋଭିଡ୍-୧୯ ଟେଷ୍ଟ କରାଇଥିବା ତାରିଖ ଏବଂ ଫଳାଫଳ ରିପୋର୍ଟ। ସାଇବର ସିକ୍ୟୁରିଟି ଗବେଷକ ରାଜଶେଖର ରାଜହରିଆ ଟୁଇଟ୍ କରିଛନ୍ତି, ବ୍ୟକ୍ତିଗତ ଚିହ୍ନଟଯୋଗ୍ୟ ସୂଚନା(ପିଆଇଆଇ)ରେ ନାମ ଓ କୋଭିଡ୍-୧୯ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟ ସମେତ ଅନ୍ୟ କେତେକ ତଥ୍ୟ ଏକ କଣ୍ଟେଣ୍ଟ ଡେଲିଭରି ନେଟ୍‌ୱର୍କ(ସିଡିଏନ୍) ଜରିଆରେ ସାର୍ବଜନୀନ କରାଯାଇଛି। ଗୁଗଲ ସର୍ଚ୍ଚ ଇଞ୍ଜିନ ପ୍ରଭାବିତ ସିଷ୍ଟମ୍‌ରୁ ପ୍ରାୟ ୯ ଲକ୍ଷ ଘରୋଇ ଓ ସରକାରୀ ଦସ୍ତାବିଜର ଡାଟାକୁ ସୂଚୀବଦ୍ଧ କରିଛି। ଏବେ ରୋଗୀଙ୍କ ଡାଟା ଡାର୍କ ୱେବ୍‌ରେ ତାଲିକାଭୁକ୍ତ କରାଯାଇଛି। ଏହାକୁ ତୁରନ୍ତ ହଟାଯିବା ଜରୁରୀ ବୋଲି ରାଜହରିଆ ଟୁଇଟରରେ କହିଛନ୍ତି।

ପ୍ରକାଶ ଯେ, ପ୍ରଘଟ ହୋଇଥିବା ଏହି ତଥ୍ୟ କୋ-ୱିନ୍ ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ରେଡ୍ ଫୋରମ୍ସରେ ଶେୟାର ☞ପୃଷ୍ଠା-୬

## ଡାଟା ଲିକ୍ ପରେ ନୂଆ ଗାଇଡ୍‌ଲାଇନ

### ଯୋଗାଯୋଗ ପାଇଁ ହ୍ୱାଟ୍ସଆପ୍, ଟେଲିଗ୍ରାମ ବ୍ୟବହାର ନ କରିବାକୁ ଅଧିକାରୀଙ୍କୁ କହିଲା କେନ୍ଦ୍ର

**ନୂଆଦିଲ୍ଲୀ,୨୧।୧**

ଗୋପନୀୟ ସୂଚନାର ପ୍ରଘଟ ରୋକିବା ପାଇଁ ଉଦ୍ଦିଷ୍ଟ ଜାତୀୟ ଯୋଗାଯୋଗ ଗାଇଡ୍‌ଲାଇନ୍ସ ଓ ସରକାରୀ ନିର୍ଦ୍ଦେଶାବଳୀର କ୍ରମାଗତ ଉଲ୍ଲଂଘନ ମଧ୍ୟରେ କେନ୍ଦ୍ର ଏକ ନୂଆ ଆଡ୍‌ଭାଇଜରି ଜାରି କରିଛି। ବର୍ତ୍ତମାନର ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ଦେଶର ସୁରକ୍ଷା ଏଜେନ୍ସିଗୁଡ଼ିକ ସମୀକ୍ଷା କରିବା ପରେ ଏହାକୁ ପ୍ରସ୍ତୁତ କରାଯାଇଛି।

ସୂତ୍ରରୁ ଜଣାପଡ଼ିଛି ଯେ, ଗୋପନୀୟ ତଥ୍ୟଗୁଡ଼ିକୁ ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ଆଦି ବ୍ୟବହାର ନ କରିବାକୁ ନୂଆ କମ୍ୟୁନିକେଶନ ଗାଇଡ୍‌ଲାଇନ୍ସରେ ସମସ୍ତ ସରକାରୀ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ଆପ୍‌ଗୁଡ଼ିକ ବିଦେଶୀ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ଭାରତ ବିରୋଧୀ ତତ୍ତ୍ୱ ସୂଚନାର ଦୁରୁପଯୋଗ କରିପାରନ୍ତି ବୋଲି ଆଶଙ୍କା ରହିଛି। ଏପରି କି ୱାର୍କ ଫ୍ରମ୍ ହୋମ୍ ସମୟରେ ଅଧିକାରୀମାନେ କେବଳ ଇ-ଅଫିସ୍ ଆପ୍ଲିକେଶନଗୁଡ଼ିକୁ ଯୋଗସୂତ୍ର ପାଇଁ ବ୍ୟବହାର କରିବେ ବୋଲି ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ଉଲ୍ଲଂଘନକୁ ରୋକିବା ପାଇଁ ସମସ୍ତ ମନ୍ତ୍ରୀଙ୍କୁ ଜରୁରୀ ପଦକ୍ଷେପ ନେବାକୁ କୁହାଯାଇଛି। ଗୋପନୀୟ ବିଷୟ ପ୍ରେରଣ ବେଳେ ନିରାପତ୍ତା ନୀତି ଓ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଦୁଇବର୍ଷ ଧରି କୋଭିଡ୍-୧୯ ଲାଗିରହିଥିବାରୁ କିପରି ଭର୍ଚୁଆଲ ବୈଠକ କରାଯିବ ତାହା ଉପରେ ମଧ୍ୟ ଗାଇଡ୍‌ଲାଇନ୍‌ରେ ବିସ୍ତୃତ ନିୟମ ରହିଛି। ଗୁଗଲ ମିଟ୍ କିମ୍ବା ଜୁମ୍ ଆପ୍ ଭଳି ଘରୋଇ ଆପ୍ଲିକେଶନ ଜରିଆରେ ଭର୍ଚୁଆଲ ମିଟିଂ ନ କରି ଡିପାର୍ଟମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି), ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି) ଦ୍ୱାରା ବିକଶିତ ଭିଡିଓ କନ୍‌ଫରେନ୍ସ ସୁବିଧା ଆପଣାଇବାକୁ କୁହାଯାଇଛି।

## ୧୧ ବରିଷ୍ଠ ଓଏଏସ୍ ଅଫିସର ଆଇଏଏସ୍‌କୁ ପଦୋନ୍ନତି

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ ୧୧ ଜଣ ବରିଷ୍ଠ ଓଏଏସ୍ ଅଫିସର ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେମାନେ ହେଲେ ସୁଷମାରାଣୀ ଦେବୀ, ଦିଲୀପ ରାଉତରାୟ, ସୁଧାକର ବୁର୍ଗୀ, ଉଦ୍ଧବ ଚନ୍ଦ୍ର ମାଝି, ଜ୍ୟୋତି କୁମାର ଲେଙ୍କା, ଇନ୍ଦ୍ରମଣି ତ୍ରିପାଠୀ, ସୁବ୍ରତ ଶତପଥୀ, ତ୍ରିଲୋଚନ ପ୍ରଧାନ, ଆଲୋକ କୁମାର କର, ସୁଶାନ୍ତ କୁମାର ଦାଶ ଏବଂ କମଲଲୋଚନ ମିଶ୍ର। କେନ୍ଦ୍ର ସରକାରଙ୍କ ପର୍ସୋନେଲ, ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗ ରାଜ୍ୟ ସରକାରଙ୍କ ସହ ଆଲୋଚନ ପରେ ଉକ୍ତ ଅଧିକାରୀମାନଙ୍କୁ ୨୦୨୦ ଓଡ଼ିଶା କ୍ୟାଡରଭୁକ୍ତ କରିଛନ୍ତି। ରାଜ୍ୟ ସରକାର ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ଯୁଦ୍ଧ ସ୍ମାରକୀରେ ବିଲୀନ ହେଲା ଅମର ଯବାନ ଜ୍ୟୋତି

- **ଇତିହାସ ପୋଛିଦେବାକୁ ଉଦ୍ୟମ: କଂଗ୍ରେସ**
- **ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନ କହିଲେ ବିରୋଧୀ**

**ନୂଆଦିଲ୍ଲୀ,୨୧।୧ (ପି.ଟି.)**

ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଦୀର୍ଘ ୫୦ ବର୍ଷ ହେଲା ଜଳିଆସୁଥିବା ଅମର ଯବାନ ଜ୍ୟୋତିକୁ ଶୁକ୍ରବାର ଜାତୀୟ ଯୁଦ୍ଧ ସ୍ମାରକୀ (ଏନ୍‌ଡବ୍ଲ୍ୟୁଏମ୍)ରେ ଥିବା ଅନନ୍ତ ଜ୍ୟୋତିରେ ମିଶାଇ ଦିଆଯାଇଛି। ଅମର ଯବାନ ଜ୍ୟୋତିକୁ ଲିଭାଇ ଦିଆଯାଇଥିବାରୁ ଲୋକେ ଏଣିକି ଏନ୍‌ଡବ୍ଲ୍ୟୁଏମ୍‌ସ୍ଥିତ ଅନନ୍ତ ଜ୍ୟୋତିଠାରେ ସମ୍ମାନ ପ୍ରଦର୍ଶନ କରିବେ ବୋଲି ସେନା ଅଧିକାରୀମାନେ କହିଛନ୍ତି। ୧୯୭୧ରେ ଭାରତ ପାକିସ୍ତାନକୁ ପରାଜିତ କରିବା ପରେ ଦେଶ ପାଇଁ ଶହୀଦ ହୋଇଥିବା ଭାରତୀୟ ଯବାନମାନଙ୍କ ସ୍ମୃତିରେ ଅମର ଯବାନ ଜ୍ୟୋତି ନିର୍ମାଣ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୨ ଜାନୁୟାରୀ ୨୬ରେ ଏହାକୁ ଉଦ୍‌ଘାଟନ କରିଥିଲେ। ୨୦୧୯ ଫେବୃୟାରୀ ୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡବ୍ଲ୍ୟୁଏମ୍ ଉଦ୍‌ଘାଟନ କରିଥିଲେ, ଯେଉଁଥିରେ ୨୫,୯୪୨ ନାମ ଗ୍ରାନାଇଟ୍ ଟାବ୍‌ଲେଟ ଉପରେ ସ୍ୱର୍ଣ୍ଣିମ ଅକ୍ଷରରେ ଲେଖାଯାଇଛି। ଶୁକ୍ରବାର ଅପରାହ୍ନରେ ଏକ ସଂକ୍ଷିପ୍ତ ଉତ୍ସବ ସହ ଅମର ଯବାନ ଜ୍ୟୋତିର କିଛି ଅଂଶ ନିଆଯାଇ ଏହାକୁ ୪୦୦ ମିଟର ଦୂରରେ ଅବସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀ ଜ୍ୟୋତିରେ ବିଲୀନ କରାଯାଇଛି। ସମନ୍ୱିତ ପ୍ରତିରକ୍ଷା ଷ୍ଟାଫ୍ ମୁଖ୍ୟ ଏୟାର ମାର୍ଶାଲ ବି.ଆର୍. କ୍ରିଷ୍ଣା ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ।

ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଅମର ଯବାନ ଜ୍ୟୋତିକୁ ଜାତୀୟ ଯୁଦ୍ଧ ସ୍ମାରକୀର ଅନନ୍ତ ଜ୍ୟୋତିରେ ମିଶ୍ରଣକୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଦୁଃଖଦାୟକ ଏବଂ ଇତିହାସକୁ ଲିଭାଇଦେବାର ପ୍ରୟାସ ବୋଲି ବିରୋଧୀ ନେତାମାନେ କହିଛନ୍ତି। ବିଭିନ୍ନ ନେତା ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାକୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଅସମ୍ମାନ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ନେତାମାନଙ୍କ ଅସନ୍ତୋଷ ଅପ୍ରତ୍ୟାଶିତ ବୋଲି ସରକାର କହିଛନ୍ତି। ଅମର ଯବାନ ଜ୍ୟୋତିକୁ ଲିଭାଇବା ଘଟଣାକୁ କଂଗ୍ରେସ ସମାଲୋଚନା କରିବା ସହ ଭାଜପା ସରକାର ଇତିହାସକୁ ପୋଛିଦେବା ଲାଗି ଉଦ୍ୟମ କରୁଥିବା ଅଭିଯୋଗ କରିଛି। କେତେଜଣ ଲୋକ ଦେଶପ୍ରେମ ଏବଂ ବଳିଦାନକୁ ବୁଝିପାରନ୍ତି ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିବା ସହ ତାଙ୍କ ଦଳ ପୁଣିଥରେ ଅମର ଯବାନ ଜ୍ୟୋତି ଜାଳିବ ବୋଲି କହିଛନ୍ତି। ଅମର ଯବାନ ଜ୍ୟୋତିକୁ ଯୁଦ୍ଧ ସ୍ମାରକୀରେ ମିଶାଇ ଦିଆଯିବା ଅର୍ଥ ଇତିହାସକୁ ପୋଛିଦେବା ବୋଲି ବରିଷ୍ଠ କଂଗ୍ରେସ ନେତା ମନିଷ ତିୱାରୀ କହିଛନ୍ତି। ଏହା ଜାତୀୟ ଦୁଃଖ ଓ ଇତିହାସ ପୁନର୍ଲିଖନ ଲାଗି ଉଦ୍ୟମ। ଭାଜପା ଜାତୀୟ ଯୁଦ୍ଧ ସ୍ମାରକୀ ନିର୍ମାଣ କରିବା ଅର୍ଥ ଅମର ଯବାନ ଜ୍ୟୋତି ଲିଭାଇଦେବା ନୁହେଁ ବୋଲି ତିୱାରୀ କହିଛନ୍ତି। ☞ପୃଷ୍ଠା-୬



ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶୁକ୍ରବାର ଅମର ଯବାନ ଜ୍ୟୋତିକୁ ଅନନ୍ତ ଜ୍ୟୋତିରେ ବିଲୀନ କରାଯାଉଛି।

## ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନଙ୍କ ପରଲୋକ



**ବରଗଡ଼ ଅଫିସ/ସୋହେଲା, ୨୧।୧(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ବ୍ଲକର ସଂଗ୍ରାମୀ ପୀଠ ପାଣିମୋରାର ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନଙ୍କ ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୩ ବର୍ଷ ହୋଇଥିଲା। ସ୍ୱାଧୀନତା ସଂଗ୍ରାମ ତଥା ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ପାଣିମୋରାର ୩୨ ସଂଗ୍ରାମୀଙ୍କ ମଧ୍ୟରୁ ଜିତେନ୍ଦ୍ର ଶେଷ ଜୀବିତ ଥିଲେ। ସେ ସ୍ୱାଧୀନତା ସଂଗ୍ରାମରେ ଜେଲ ଏବଂ ଅର୍ଥଦଣ୍ଡ ଭୋଗିଥିଲେ। ଗତ ପୌଷ ପୂର୍ଣ୍ଣିମା ଦିନ ସେ କଫଜନିତ ରୋଗରେ ପୀଡିତ ହେବାରୁ ତାଙ୍କୁ ଭୀମସାର, ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କୁ ଘରକୁ ଫେରାଇ ଅଣାଯାଇଥିଲା ଏବଂ ସେ ଶଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକରେ ବରଗଡ଼ ଜିଲାରେ ଗଭୀର ଶୋକପ୍ରକାଶ ପାଇଛି। ୧୯୧୯ ମସିହାରେ ଜନ୍ମିତ ସ୍ୱର୍ଗତ ପଧାନ ପ୍ରାୟ ୧୫ବର୍ଷ ତଳେ ସ୍ତ୍ରୀ କୁଣ୍ଡବତୀ ଦେବୀଙ୍କୁ ହରାଇଥିଲେ। ସ୍ୱର୍ଗତ ପଧାନ ନିଜ ଭାଇଙ୍କ ପୁଅ (ପୁତୁରା) କେଶନ ଏବଂ କିଶୋରଙ୍କ ସହ ରହୁଥିଲେ। ତାଙ୍କର ନିଜର ପୁଅ ନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ☞ପୃଷ୍ଠା-୬

# ବାପା ସାମ୍ନାରେ ଟ୍ରାକ୍ଟର ଚଢ଼ାଇ ପୁଅକୁ ହତ୍ୟା

**ଢେଙ୍କାନାଳ ଅଫିସ, ୨୧।୧**

ନଦୀଘାଟରୁ ବାଲି ଚୋରାଚାଲାଣର ପ୍ରତିବାଦ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ବାପା, ଭାଇଙ୍କ ସମ୍ମୁଖରେ ଟ୍ରାକ୍ଟର ଚଢ଼ାଇ ସମ୍ପୃକ୍ତ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ଅଜୟ କୁମାର ରାଉତ (୩୫)। ଢେଙ୍କାନାଳ ସଦର ଥାନା ଅଧୀନ ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ ବାଲିଘାଟରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏଭଳି ଜଘନ୍ୟ ହତ୍ୟାକାଣ୍ଡ ସାରା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ନଂ. ୪୮/୨୨, ଦଫା ୩୦୨ ଓ ୩୪ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ୨ଟି ଟ୍ରାକ୍ଟରକୁ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।



ଜିଲା ଚିକିତ୍ସାଳୟରେ ପୋଲିସ ତଦନ୍ତ କରୁଛି।

### ବାଲି ଚୋରାଚାଲାଣ ପ୍ରତିବାଦ କାଳ ହେଲା

**୨ ଟ୍ରାକ୍ଟର ଜବତ, ୩ ଅଟକ**

ପୋଲିସ ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ଗ୍ରାମର ଅଜୟ ସ୍ଥାନୀୟ ସୁର ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟରରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ତେବେ କିଛିଦିନ ତଳେ ଗାଡ଼ି ମାଲିକ ତାଙ୍କୁ କାର୍ଯ୍ୟରୁ ବାହାର କରିଦେଇଥିଲେ। ଅଜୟ ବକେୟା ପାଉଣା ଦାବି କରିବାରୁ ଟ୍ରାକ୍ଟର ମାଲିକ ଏବଂ ତାଙ୍କ ସହଯୋଗୀଙ୍କ ସହ ବଚସା ହୋଇଥିଲା। ☞ପୃଷ୍ଠା-୬

# ୨୮ କୋଟି ଟଙ୍କାର ହିସାବ ଦେଉନାହାନ୍ତି ୧୩୫ କଲେଜ

### ଚିଠି ଲେଖିଲା ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ବାତ୍ୟା 'ଫନୀ 'ରେ ପ୍ରଭାବିତ ହୋଇଥିବା ୫ଟି ଜିଲାର ୧୪୫ଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ମରାମତି ଓ ନବୀକରଣ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ଏହି ଟଙ୍କା କେଉଁ ବାଟରେ କଲେଜଗୁଡ଼ିକ ଖର୍ଚ୍ଚ କଲେ ତା'ର ହିସାବ ଏଯାଏ ବିଭାଗକୁ ପ୍ରଦାନ କରାଯାଇନାହିଁ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଲେଜଗୁଡ଼ିକୁ ଚିଠି କରାଯାଇ ତୁରନ୍ତ ଖର୍ଚ୍ଚ ହୋଇଥିବା ଟଙ୍କାର ହିସାବ ଦେବା ସହ ବଳକା ଟଙ୍କା ଫେରାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୨୦୧୯ରେ ହୋଇଥିବା ଏହି ବାତ୍ୟାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାର ୧୪୫ଟି ଅନୁଦାନପ୍ରାପ୍ତ କଲେଜକୁ ୩୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ୩ବର୍ଷ ବିତିଯାଇଥିଲେ ମଧ୍ୟ ଅନୁଦାନ ପାଇଥିବା ସମସ୍ତ କଲେଜ ସେମାନଙ୍କ ଖର୍ଚ୍ଚର ହିସାବ ଏଯାଏ ଦେଇନାହାନ୍ତି। ୧୪୫ଟି କଲେଜ ମଧ୍ୟରୁ କେବଳ ୧୦ଟି କଲେଜ ୨ କୋଟି ଟଙ୍କାର ହିସାବ ପ୍ରଦାନ କରିଥିବାବେଳେ ବାକି ୧୩୫ଟି କଲେଜ ୨୮ କୋଟିର ହିସାବ ଦେଇନାହାନ୍ତି। ତୁରନ୍ତ ଉକ୍ତ ଟଙ୍କାର ହିସାବ (ୟୁଟିଲାଇଜେଶନ ସାର୍ଟିଫିକେଟ୍) ପ୍ରଦାନ କରିବା ଲାଗି ବିଭାଗୀୟ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।



## ଦ୍ରୌପଦୀଙ୍କ ଅଭିଶାପରୁ ମୁକ୍ତ କରିବାକୁ ଆସିଛି

**ମିରଟ,୨୧।୧:** ଉତ୍ତର ପ୍ରଦେଶର ହସ୍ତିନାପୁର ବିଧାନସଭା ଆସନରୁ ବୋଲ୍ଡ ଆଣ୍ଡ ବ୍ୟୁଟିଫୁଲ ଆକ୍ଟ୍ରେସ୍ ଅର୍ଚ୍ଚନା ଗୌତମଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ଅର୍ଚ୍ଚନା ଜଣେ ବିକିନି ମଡେଲ ହୋଇଥିବାରୁ ତାଙ୍କ ପ୍ରାର୍ଥିତ୍ୱକୁ ହିନ୍ଦୁବାଦୀ ସଙ୍ଗଠନଗୁଡ଼ିକ ବିରୋଧ କରୁଛନ୍ତି। ୨୬ ବର୍ଷୀୟା ଦଳିତ ଝିଅ ଅର୍ଚ୍ଚନା ଶୁକ୍ରବାର ନାମାଙ୍କନପତ୍ର ଦାଖଲ ପରେ ନିଜ ବିଜୟ ନେଇ ଆଶାବାଦୀ ଥିବା କହିଛନ୍ତି। ମହାଭାରତର ଦ୍ରୌପଦୀ ହସ୍ତିନାପୁରକୁ ଦେଇଥିବା ଅଭିଶାପରୁ ସହରକୁ ମୁକ୍ତ କରିବା ପାଇଁ ସେଠାରେ ପ୍ରାର୍ଥୀ ହୋଇଥିବା ଅର୍ଚ୍ଚନା ହିନ୍ଦୁବାଦୀମାନଙ୍କୁ କଟାକ୍ଷ କରିଛନ୍ତି।



ଇଣ୍ଡିଆ ଗେଟ୍‌ରେ ଅମରଜ୍ୟୋତି ଲିଭାଇବା ପ୍ରତିବାଦରେ ନୂଆଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ମହାମାରୀ ଯିବ, କୋଭିଡ୍ ରହିବ

**ନୂଆଦିଲ୍ଲୀ,୨୧।୧**

ବିଭିନ୍ନ ପୁନରାବର୍ତ୍ତକ ରୋଗ ଭଳି କୋଭିଡ୍-୧୯ ବିଶ୍ୱରେ ରହିବ ବୋଲି ଲାନ୍‌ସେଟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ଭୂତାଣୁ ଭିନ୍ନ ଭିନ୍ନ ରୂପରେ ସଂକ୍ରମଣ ଜାରି ରଖିବ, ତେବେ ମହାମାରୀ ନିକଟ ଭବିଷ୍ୟତରେ ଦୂର ହୋଇଯିବ ବୋଲି ଲାନ୍‌ସେଟ୍ କହିଛି। ୨୦୧୯ରେ କୋଭିଡ୍-୧୯ ସୃଷ୍ଟି ହେବା ପରେ ଏହାର ଅନେକ ଭାରିଆଣ୍ଟ ଇତିମଧ୍ୟରେ ବିଭିନ୍ନ ଦେଶକୁ ଆକ୍ରାନ୍ତ କଲାଣି। ଏବେ ଓମିକ୍ରନ୍ ଭାରିଆଣ୍ଟ ଯୋଗୁ କୋଭିଡ୍‌ର ତୃତୀୟ ଲହର ଆସିଛି। ଆଗାମୀ ଦିନରେ ଅନ୍ୟ କୋଭିଡ୍ ଲହର ଆସିବ, ହେଲେ ତାହା ମହାମାରୀ ହେବନାହିଁ ବୋଲି ଲାନ୍‌ସେଟ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଅର୍ଥାତ୍ ବିଭିନ୍ନ ପୁନରାବର୍ତ୍ତକ ରୋଗ ଭଳି ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ସମାଜ ଏହାକୁ ପରିଚାଳନା କରିବାକୁ ହେବ। ସରକାର ଏବଂ ସମାଜ କୋଭିଡ୍ ସଂକ୍ରମଣ ରୋକିବାକୁ ଯେଉଁଭଳି ଅସାଧାରଣ ପଦକ୍ଷେପମାନ ଗ୍ରହଣ କରୁଛନ୍ତି, ସେ ଯୁଗର ପରିସମାପ୍ତି ଘଟିବ ବୋଲି ଅଧ୍ୟୟନରେ କୁହାଯାଇଛି।

ସଂକ୍ରମଣ ଏବଂ ଟିକାକରଣ ଯୋଗୁ ଲୋକଙ୍କଠାରେ ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ପାଉଛି। କେତେକ ଋତୁରେ ଏହି କ୍ଷମତା କମିଯିବାରୁ ଭୂତାଣୁ ସଂକ୍ରମିତ ହେବା ଲାଗି ସୁଯୋଗ ସୃଷ୍ଟି ହେବ। ବିଶେଷ କରି ଶୀତଦିନେ ସଂକ୍ରମଣ ବୃଦ୍ଧି ପାଇବ। ତେବେ ଭୂତାଣୁର ପ୍ରଭାବ ଯଥେଷ୍ଟ କମିଯିବ। କାରଣ ଭୂତାଣୁ ଦ୍ୱାରା ପୂର୍ବରୁ ସଂକ୍ରମିତ ହୋଇଥିଲେ, ଏହାକୁ ପ୍ରତିରୋଧ କରିବା ଲାଗି ଶରୀରରେ କ୍ଷମତା ସୃଷ୍ଟି ହୋଇଥିବ। ସେହିପରି ନିୟମିତ ବ୍ୟବଧାନରେ ଟିକାକରଣ ମଧ୍ୟ ନୂଆ ଭାରିଆଣ୍ଟକୁ ପ୍ରତିରୋଧ କରିବ। ସେହିପରି ପୂର୍ବ ସଂକ୍ରମଣରୁ ମିଳିଥିବା ଅଭିଜ୍ଞତା ମଧ୍ୟ ଭବିଷ୍ୟତ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇପାରିବ। ଅର୍ଥାତ୍ ଭବିଷ୍ୟତରେ ଲୋକେ ଉନ୍ନତ ମାନର ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ବିଭିନ୍ନ ପଦକ୍ଷେପ ନେବେ।

କେତେକ ଦେଶରେ ଓମିକ୍ରନ୍ ସଂକ୍ରମଣ ଶୀର୍ଷରେ ପହଞ୍ଚିଥିବାବେଳେ ଅନ୍ୟ ଦେଶରେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଉଦାହରଣ ସ୍ୱରୂପ ପୂର୍ବ ୟୁରୋପୀୟ ଦେଶ ଏବଂ ଦକ୍ଷିଣପୂର୍ବ ଏସିଆରେ ଓମିକ୍ରନ୍‌ର ଲହର ଏପର୍ଯ୍ୟନ୍ତ ଆସିନାହିଁ। ଆଗାମୀ ଦିନରେ ସେଠାରେ ଲହର ଶୀର୍ଷ ଛୁଇଁବ। ଏହାକୁ ରୋକିବା ଲାଗି ବିଭିନ୍ନ କଟକଣା ଲାଗୁ ହେଲେ ମଧ୍ୟ ତାହା ଲହର କମାଇବାରେ ବିଶେଷ ଫଳପ୍ରଦ ହେବ ନାହିଁ। ସେଥିପାଇଁ କୋଭିଡ୍ ନିୟନ୍ତ୍ରଣ ନିମନ୍ତେ ନୂଆ କୌଶଳ ଅବଲମ୍ବନ କରିବାକୁ ପଡ଼ିବ ବୋଲି ଲାନ୍‌ସେଟ ଅଧ୍ୟୟନରେ କୁହାଯାଇଛି।



## ଦିନକରେ ୩.୪୭ ଲକ୍ଷ ସଂକ୍ରମିତ

**ନୂଆଦିଲ୍ଲୀ,୨୧।୧ (ପି.ଟି.)**

ଭାରତରେ ଗୋଟିଏ ଦିନରେ ୩,୪୭,୨୫୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଶୁକ୍ରବାର ସକାଳ ସୁଦ୍ଧା ୩,୮୫,୬୬,୦୨୭ରେ ପହଞ୍ଚିଛି। ସେଥିରୁ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୯,୬୯୨ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସକ୍ରିୟ ମାମଲା ସଂଖ୍ୟା ୨୦,୧୮,୮୨୫କୁ ବୃଦ୍ଧି ପାଇଛି, ଯାହାକି ଗତ ୨୩୫ ଦିନ ମଧ୍ୟରେ ସର୍ବାଧିକ। ସେହିପରି ୨୪ ଘଣ୍ଟା ମଧ୍ୟରେ ୭୦୩ ଜଣ କରୋନାରେ ପ୍ରାଣ ହରାଇଛନ୍ତି। ଏପର୍ଯ୍ୟନ୍ତ ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୪,୮୮,୩୯୬ ହେଲାଣି। ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ପୂର୍ବଦିନ ତୁଳନାରେ ୪.୩୬% ବୃଦ୍ଧି ପାଇଛି। ସକ୍ରିୟ ମାମଲା ସଂଖ୍ୟା ମୋଟ ମାମଲାରୁ ୫.୨୩ ପ୍ରତିଶତକୁ ବଢ଼ିଥିବାବେଳେ ଆରୋଗ୍ୟ ହାର ୯୩.୫୦%କୁ ହ୍ରାସ ପାଇଛି।

## ୨୩ରେ ତାମିଲନାଡୁ ସମ୍ପୂର୍ଣ୍ଣ ଲକ୍‌ଡାଉନ

**ଚେନ୍ନାଇ,୨୧।୧**

କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଆସନ୍ତା ରବିବାର ରାଜ୍ୟରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିଛନ୍ତି। ଜନସାଧାରଣଙ୍କ ମଙ୍ଗଳ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଗତ ୧୬ ତାରିଖରେ ମଧ୍ୟ ରାଜ୍ୟରେ ଲକ୍‌ଡାଉନ କରାଯାଇଥିଲା। ସେହିପରି ୨୩ ତାରିଖ ଲକ୍‌ଡାଉନ ବେଳେ ଅତ୍ୟାବଶ୍ୟକ ସେବା ଓ ପରିବହନ ଜାରି ରହିବ। କୋଭିଡ୍ ସଂକ୍ରମଣ ରୋକିବା ଦିଗରେ ସହଯୋଗ କରିବା ଲାଗି ଷ୍ଟାଲିନ୍ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।



## ୟେମେନ୍ ଜେଲରେ ଏୟାରଷ୍ଟ୍ରାଇକ୍
## ୨୦୦ ବନ୍ଦୀ ମୃତାହତ

**ସାନା,୨୧।୧**

ମଧ୍ୟପ୍ରାଚ୍ୟ ରାଷ୍ଟ୍ର ୟେମେନସ୍ଥିତ ଏକ ଜେଲ୍‌ରେ ଶୁକ୍ରବାର ଆକାଶମାର୍ଗରୁ ରକେଟ ମାଡ଼ କରାଯାଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ କଏଦୀ ମୃତାହତ ହୋଇଥିବା ଜଣାପଡ଼ିଛି। ଏୟାରଷ୍ଟ୍ରାଇକ୍ ପରେ ଅନ୍ୟ ଏକ ବିସ୍ଫୋରଣରେ ଅନ୍ୟୁନ ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ସଂଘର୍ଷ ଲାଗିରହିଥିବା ୟେମେନରେ ହିଂସାର ନାଟକୀୟ ବୀଭତ୍ସ ଦୃଶ୍ୟ ଦେଖିବାକୁ ମିଳିଛି। ହୁଥି ବିଦ୍ରୋହୀମାନେ ଏକ ଭିଡିଓ ଜାରି କରିଛନ୍ତି। ଉତ୍ତର ଭାଗରେ ଥିବା ସାଦ ସହରର ଏକ ଜେଲରୁ ବନ୍ଦୀମାନଙ୍କ ମୃତଦେହଗୁଡ଼ିକ ବିଛାଡ଼ି ହୋଇପଡ଼ୁଥିବା ଏଥିରେ ଦେଖିବାକୁ ମିଳିଛି। ସେହିପରି ସାଉଦି ନେତୃତ୍ୱାଧୀନ ସାମରିକ ମେଣ୍ଟ ବନ୍ଦର ସହର ହୋଦେଇଦାରେ ଏୟାରଷ୍ଟ୍ରାଇକ୍ କରିଛନ୍ତି। ଏଥିରେ ଏକ ଟେଲିଫୋନ୍ ଟାୱାର ଧ୍ୱଂସ ହୋଇଯାଇଛି। ଟାୱାର ନିକଟ ଏକ ଫୁଟ୍‌ବଲ ପଡ଼ିଆରେ ଖେଳୁଥିବା ୩ ଜଣ ଶିଶୁ ପ୍ରାଣ ହରାଇଛନ୍ତି। ୟେମେନରେ ଦେଶବ୍ୟାପୀ ଇଣ୍ଟରନେଟ ସେବା ବନ୍ଦ ହୋଇଯାଇଛି। ହୁଥି ବିଦ୍ରୋହୀମାନେ ଆବୁଧାବିରେ ସୋମବାର ଆକ୍ରମଣ କରି ୩ ଜଣଙ୍କ ଜୀବନ ନେବା ପରେ ୭ ବର୍ଷ ଧରି ଚାଲିଥିବା ଯୁଦ୍ଧ ଅଧିକ ଉଗ୍ର ହୋଇଛି। ଏହାର ପ୍ରତିଶୋଧ ନେବାକୁ ଯାଇ ସାଉଦି ନେତୃତ୍ୱାଧୀନ ମେଣ୍ଟ ଏଭଳି ଜବାବ ଦେଇଥିବା କୁହାଯାଉଛି।

## ସଂକ୍ଷେପରେ

### ବିସ୍ଫୋରକ ଭର୍ତ୍ତି ଟ୍ରକ୍ ଦୁର୍ଘଟଣାରେ ୧୭ ମୃତ



ଆକ୍ରା,୨୧।୧ : ଘାନାର ଏକ ଖଣିକୁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌ରେ ବିସ୍ଫୋରଣ ଘଟିବାରୁ ୧୭ ଜଣଙ୍କ ମୃତ୍ୟୁ ହେବା ସହ ୫୯ ଜଣ ଆହତ ହୋଇଛନ୍ତି। ରାଜଧାନୀ ଆକ୍ରାଠାରୁ ୩୦୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ବୋଗୋସୋ ସହର ନିକଟରେ ଗୁରୁବାର ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘଟଣାସ୍ଥଳରେ ଗଭୀର ଗର୍ତ୍ତ ସୃଷ୍ଟି ହେବା ସହ ବହୁସଂଖ୍ୟାରେ ବିଲ୍ଡିଂ ଧ୍ୱଂସ ହୋଇଯାଇଛି। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଥିବା ଘାନା ସୂଚନା ମନ୍ତ୍ରୀ ସୂଚନା ଦେଇଛନ୍ତି। କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି।

### ଆମେରିକା-କାନାଡା ସୀମାରେ ୪ ଭାରତୀୟଙ୍କ ମୃତଦେହ

**ଟରଣ୍ଟୋ,୨୧।୧ (ପି.ଟି.):** ଆମେରିକା ସୀମାବର୍ତ୍ତୀ କାନାଡ଼ା ପାର୍ଶ୍ୱରେ ଏକ ଭାରତୀୟ ପରିବାରର ୪ ଜଣଙ୍କ ମୃତଦେହ ମିଳିଛି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ପ୍ରବଳ ଥଣ୍ଡାରେ ସେମାନଙ୍କ ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ସେମାନେ ସୀମା ଅତିକ୍ରମ କରି ଆମେରିକାରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ଏହା ଅତ୍ୟନ୍ତ ଦୁଃଖଦ ତଥା ହୃଦୟବିଦାରକ ଘଟଣା ବୋଲି ଆର୍‌ସିଏମ୍‌ପି ସହକାରୀ କମିଶନର ଜାନେ ମାଲାଚି ଉକ୍ତ ଫଟୋକୁ ଶେୟାର କରିବା ସହ କହିଛନ୍ତି। ପ୍ରାଥମିକ ଅନୁଧାନରୁ ସେମାନେ ପ୍ରବଳ ଥଣ୍ଡାରେ ପ୍ରାଣ ହରାଇଥିବା କୁହାଯାଉଛି। ଆମେରିକାରେ ପ୍ରବେଶ ଉଦ୍ୟମ କରୁଥିବା ଏକ ଗୋଷ୍ଠୀ ସହ ସେମାନେ ସାମିଲ ଥିଲେ। ଅନ୍ୟମାନେ ସେମାନଙ୍କୁ ପ୍ରବଳ ଥଣ୍ଡାରେ ଛାଡ଼ି ସେଠାରୁ ଖସିପଳାଇଥିବା ଅନୁମାନ କରାଯାଉଛି। ମୃତକମାନଙ୍କ ଚିହ୍ନଟ ଲାଗି ଉଦ୍ୟମ ଜାରି ରହିଛି।

### ଓସ୍କାର ଦୌଡ଼ରେ ଜୟ ଭୀମ, ମରକ୍କାର




**ଚେନ୍ନାଇ,୨୧।୧:** ଗତବର୍ଷ ନଭେମ୍ବରରେ ଆମାଜନ ପ୍ରାଇମ୍ ଭିଡିଓରେ ମୁକ୍ତିଲାଭ କରିଥିବା ଟି.ଜେ. ଜ୍ଞାନଭେଲ୍‌ଙ୍କ ନିର୍ଦ୍ଦେଶିତ ସୁରିୟାଙ୍କ ଅଭିନୀତ ଚଳଚ୍ଚିତ୍ର 'ଜୟ ଭୀମ' ୨୦୨୨ ଓସ୍କାର ଦୌଡ଼ରେ ରହିଛି। ଏଥିସହିତ ମୋହନଲାଲଙ୍କ ମରକ୍କାର: ଆରବିକାଦଲିଣ୍ଟେ ସିମହାମ' ମଧ୍ୟ ଶ୍ରେଷ୍ଠ ଫିଚର ଫିଲ୍ମ କାଟାଗୋରିରେ ସାମିଲ ହେବା ଲାଗି ଦୌଡ଼ରେ ରହିଥିବା ଜଣାପଡ଼ିଛି। ଫେବୃୟାରୀ ୮ରେ ଚୂଡ଼ାନ୍ତ ମନୋନୟନ ତାଲିକା ଘୋଷଣା କରାଯିବ। ତାମିଲ ଚଳଚ୍ଚିତ୍ର ଜୟଭୀମରେ ଇରୁଲାର ଆଦିବାସୀ ସଦସ୍ୟମାନଙ୍କ ପ୍ରତି ଅନ୍ୟାୟ ଏବଂ ପୋଲିସ ଅତ୍ୟାଚାରକୁ ପ୍ରଦର୍ଶନ କରାଯାଇଛି। ୯୪ତମ ଏକାଡେମିକ୍ ପୁରସ୍କାରରେ ଏହାକୁ ଶ୍ରେଷ୍ଠ ଫିଚର ଫିଲ୍ମ ବର୍ଗରେ ସ୍ଥାନିତ କରିବା ଲାଗି ସଂକ୍ଷିପ୍ତ ତାଲିକାରେ ରଖାଯାଇଛି।

## ଲଖିମପୁର ହିଂସା ମାମଲାରେ ଦ୍ୱିତୀୟ ଚାର୍ଜଶିଟ୍



**ନୂଆଦିଲ୍ଲୀ,୨୧।୧ (ପି.ଟି.)**

ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ମାମଲାରେ ଦ୍ୱିତୀୟ ଚାର୍ଜଶିଟ୍ ଶୁକ୍ରବାର ଦାଖଲ ହୋଇଛି। ପୂର୍ବରୁ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଏବଂ ଅନ୍ୟମାନଙ୍କ ନାମ ରହିଥିଲା। ଗାଡ଼ି ମଡ଼ାଇ ୪ ଚାଷୀ ଓ ଜଣେ ଖବରଦାତାଙ୍କୁ ମାରିବା ନେଇ ସେମାନଙ୍କୁ ଅଭିଯୁକ୍ତ କରାଯାଇଥିଲା। ଦ୍ୱିତୀୟ ଚାର୍ଜଶିଟ୍‌ରେ ଦୁଇଜଣ ଭାଜପା କର୍ମୀ ଓ ଜଣେ ଡ୍ରାଇଭରଙ୍କୁ ପିଟି ମାରିବା ଅଭିଯୋଗରେ କେତେଜଣ ଚାଷୀଙ୍କୁ ଅଭିଯୁକ୍ତ କରାଯାଇଛି। ମାମଲାର ତଦନ୍ତ ବେଳେ ୭ ଚାଷୀଙ୍କୁ ଗିରଫ କରାଯାଇଥିଲା। ତେବେ ସମସ୍ତଙ୍କ ବିରୋଧରେ ହତ୍ୟା ଅଭିଯୋଗ ଲାଗିଛି କି ନାହିଁ ଜଣାପଡ଼ିନାହିଁ।

ସ୍ଥାନୀୟ ଭାଜପା କର୍ମୀ ସୁମିତ୍ ଜୟସ୍ୱାଲଙ୍କ ଅଭିଯୋଗକ୍ରମେ ପୋଲିସ କେତେଜଣ ଚାଷୀଙ୍କ ବିରୋଧରେ ଦ୍ୱିତୀୟ ମାମଲା ଦାଏର କରିଥିଲା। ସେମାନେ ହିଂସାକୁ ଉସୁକାଇଥିବା ଅଭିଯୋଗ ହୋଇଥିଲା। ଏସ୍‌ୟୁଭି ମଡ଼ାଇ ୪ ଚାଷୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆଶିଷ ମିଶ୍ରାଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ପୂର୍ବରୁ ସ୍ଥାନୀୟ ଅଦାଲତରେ ୫,୦୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା ଯେଉଁଥିରେ ୧୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା।



ପୋଙ୍ଗଲ ଅବସରରେ ତାମିଲନାଡୁର ତ୍ରିଚିଠାରେ ଶୁକ୍ରବାର ଷଣ୍ଢ କାବୁ କରିବା ପାଇଁ ପ୍ରତିଯୋଗୀମାନେ ଉଦ୍ୟମ କରୁଛନ୍ତି।

## ସୁପ୍ରିମକୋର୍ଟ ଆଗରେ ଆତ୍ମାହୁତି ଉଦ୍ୟମ

**ନୂଆଦିଲ୍ଲୀ,୨୧।୧**

ଜାତୀୟ ରାଜଧାନୀ ଦିଲ୍ଲୀରେ ସୁପ୍ରିମକୋର୍ଟ ନିକଟରେ ଶୁକ୍ରବାର ଜଣେ ୫୦ ବର୍ଷୀୟ ବ୍ୟକ୍ତି ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଅପରାହ୍ନ ୨ଟାରେ ସର୍ବୋଚ୍ଚ ଅଦାଲତର ନୂଆ କୋଠା ବାହାରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ତାଙ୍କ ଶରୀରର କେତେକ ଭାଗ ପୋଡ଼ିହୋଇଯାଇଛି। ପୋଲିସ ତୁରନ୍ତ ତାଙ୍କୁ ଉଦ୍ଧାର କରି ଲୋକନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ନୋଏଡା ବାସିନ୍ଦା ରାଜଭର ଗୁପ୍ତା ବୋଲି ହସ୍ପିଟାଲ ସୂତ୍ରରୁ ପ୍ରକାଶ। ତେବେ ସେ ଏଭଳି ଚରମପନ୍ଥା ଆପଣାଇବାକୁ କାହିଁକି ନିଷ୍ପତ୍ତି ନେଲେ ତାହା ଜଣାପଡ଼ିନାହିଁ। ଦିଲ୍ଲୀ ପୋଲିସର କ୍ରାଇମ୍ ଟିମ୍ ଘଟଣାସ୍ଥଳରେ ପ୍ରମାଣ ସଂଗ୍ରହ କରୁଛି।

# ଇସ୍ରୋର ରକେଟ୍ ଇଞ୍ଜିନ୍ ପରୀକ୍ଷା

**ଚେନ୍ନାଇ,୨୧।୧ (ଆଇଏଏନ୍‌ଏସ୍)**

ମହାକାଶକୁ ଭାରତର ପ୍ରଥମ ମ୍ୟାନ୍ ମିଶନ ଲାଗି ପ୍ରସ୍ତୁତ ରକେଟର ଉଚ୍ଚ କ୍ଷମତାସମ୍ପନ୍ନ ଇଞ୍ଜିନ 'ବିକାଶ'ର ସଫଳ ପରୀକ୍ଷା କରାଯାଇଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଏହାର ଗଗନୟାନ ବା ମହାକାଶକୁ ମାନବ ପ୍ରେରଣ ଲାଗି ପ୍ରସ୍ତୁତ କରିଥିବା ବିକାଶ ଇଞ୍ଜିନ୍‌କୁ ଏହାର ତାମିଲନାଡୁର ମହେନ୍ଦ୍ରଗିରିସ୍ଥିତ ଇସ୍ରୋ ପ୍ରପଲଶନ କମ୍ପ୍ଲେକ୍ସ(ଆଇପିଆର୍‌ସି)ରେ ୨୫ ସେକେଣ୍ଡ ପାଇଁ ପରୀକ୍ଷା କରାଯାଇଥିଲା। ଦୁଇଟି ଇଞ୍ଜିନକୁ ଗୁରୁବାର ମୋଟ ୪୮୦ ସେକେଣ୍ଡ ପାଇଁ ନାମମାତ୍ର ପରିଚାଳନା



ସ୍ଥିତିର ପରୀକ୍ଷା ପାଇଁ ନିଆଯାଇଥିଲା। ଇଞ୍ଜିନ୍‌ର ଦୃଢ଼ତା ଯାଞ୍ଚ କରିବା ଏହି ପରୀକ୍ଷାର ଉଦ୍ଦେଶ୍ୟ ଥିଲା। ଏହା ଆବଶ୍ୟକ ଲକ୍ଷ୍ୟ ପୂରଣ କରିପାରିଥିବା ଇସ୍ରୋ କର୍ତ୍ତୃପକ୍ଷ କହିଛନ୍ତି। ଆଉ ୩ ଥରରେ ମୋଟ ୭୫ ସେକେଣ୍ଡ ପାଇଁ ବିଭିନ୍ନ ଅପରେଟିଂ ସ୍ଥିତିରେ ପରୀକ୍ଷା କରାଯିବ। ଗଗନୟାନ କାର୍ଯ୍ୟକ୍ରମ ଲାଗି ବିକାଶ ଇଞ୍ଜିନ୍‌କୁ ସମ୍ପୂର୍ଣ୍ଣ ଯୋଗ୍ୟ ସାବ୍ୟସ୍ତ କରିବା ପାଇଁ ପୁଣିଥରେ ୨୪୦ ସେକେଣ୍ଡ ପରୀକ୍ଷା କରାଯିବ ବୋଲି ଇସ୍ରୋ କହିଛି।

### ଭାରତର ପ୍ରଥମ ମ୍ୟାନ୍ ମିଶନ ପାଇଁ ପ୍ରସ୍ତୁତି

## ତ୍ୟାଗୀ, ନରସିଂହାନନ୍ଦଙ୍କ ଜାମିନ ଖାରଜ

### ଧର୍ମ ସଂସଦ ମାମଲା

**ଡେରାଡୁନ୍,୨୧।୧**

ବିବାଦୀୟ ଧର୍ମ ସଂସଦ ମାମଲାରେ ଗିରଫ ହୋଇଥିବା ଯତି ନରସିଂହାନନ୍ଦ ଏବଂ ଜିତେନ୍ଦ୍ର ନାରାୟଣ ତ୍ୟାଗୀଙ୍କ ଜାମିନ ଆବେଦନକୁ ହରିଦ୍ୱାରର ଏକ ଅଦାଲତ ଖାରଜ କରିଦେଇଛନ୍ତି। ଗତ ମାସରେ ହରିଦ୍ୱାରରେ ଅନୁଷ୍ଠିତ ଧର୍ମ ସଂସଦରେ ସେମାନେ ମୁସଲମାନ ସମ୍ପ୍ରଦାୟ ବିରୋଧରେ ଉତ୍ତେଜନାପୂର୍ଣ୍ଣ ବକ୍ତବ୍ୟ ଦେଇଥିଲେ। ଜାନୁୟାରୀ ୧୫ରେ ନରସିଂହାନନ୍ଦଙ୍କୁ ଗିରଫ କରାଯାଇଥିଲା ଓ ୧୬ରେ ହରିଦ୍ୱାର କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିଲେ। ଏହାର ଦୁଇଦିନ ପୂର୍ବରୁ ତ୍ୟାଗୀ ଓରଫ ୱରଫ ୱାସିମ୍



ରିଜ୍‌ଭିଙ୍କୁ ଗିରଫ କରାଯାଇଥିଲା। ହରିଦ୍ୱାର ମାଜିଷ୍ଟ୍ରେଟ କୋର୍ଟ ନରସିଂହାନନ୍ଦଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି। ଅତିରିକ୍ତ ଜିଲା ଓ ଦୌରା ଜଜ୍ ଗୁରୁବାର ତ୍ୟାଗୀଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ।

## ସଂକ୍ଷେପରେ

### ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକସଭା

ବ୍ରହ୍ମପୁର ଅଫିସ୍,୨୧।୧-ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶୁକ୍ରବାର କ୍ରୀଡାବିତ ତଥା ଜାତୀୟ ଭେଟରାନ ଧାବକ ଓ ସମ୍ମିଳନୀର ଗଞ୍ଜାମ ଜିଲା କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାଣିଗ୍ରାହୀ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଉତ୍କଳ ସମ୍ମିଳନୀ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସଭାରେ ଉତ୍କଳ ସମ୍ମିଳନୀ ସଭାପତି ଡ.ସୁବ୍ରତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ମନ୍ମଥ ପାଢ଼ୀ, ରାଜ୍ୟ ସଭାପତି ପ୍ରଫେସର ଡ.ଅଦ୍ୱୈତ କୁମାର ପାତ୍ର, ସଂପାଦକ ଦୀନବନ୍ଧୁ ଶ୍ରୀପଲବ, ମାଧ୍ୟମିକ ଶିକ୍ଷା ପରିଷଦର ସହକାରୀ ସଚିବ ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ସମ୍ମିଳନୀର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣାରେ ୩ ଆହତ

ପାତ୍ରପୁର,୨୧।୧(ଡି.ଏନ.ଏ.)- ପାତ୍ରପୁର ବ୍ଲକ ସୁରଙ୍ଗୀ ଖାରିଆଗୁଡ଼ା ଡାହାଣୀ ବଟ ଛକନିକଟରେ ଶୁକ୍ରବାର ବାଇକ ଦୁର୍ଘଟଣା ହେବାରୁ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ତୁରିବୁଡି ପଞ୍ଚାୟତ ପୁହୁଣ୍ଡି ଗ୍ରାମର ରବୀନ୍ଦ୍ର ନାଇକ, ସାଇପ୍ରସାଦ ନାଇକ ଏବଂ ଦେବଶଙ୍କର ନାଇକ। ସମସ୍ତଙ୍କୁ ପାତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ରବୀନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ରବୀନ୍ଦ୍ରଙ୍କ ସାତବର୍ଷ ପୁଅର ପାଞ୍ଚଦିନ ପୂର୍ବେ ମୃତ୍ୟୁ ହୋଇଥିଲା। ତାହାର ଶୁଦ୍ଧି ପାଇଁ ହାଇଦ୍ରାବାଦରେ ରହୁଥିବା ଭାଇ ଏବଂ ପୁତୁରାଙ୍କୁ ପାତ୍ରପୁରରୁ ବାଇକ୍ ଯୋଗେ ଆଣୁଥିବା ବେଳେ କଲଭଟକୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଛି।

### ବ୍ଲକ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଧରାକୋଟ,୨୧।୧(ଡି.ଏନ୍.ଏ.)-ଦୀର୍ଘ ଦିନରୁ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିବା ଯୋଗୁ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଏଥିରେ ହସ୍ତକ୍ଷେପ କରିବା ପରେ ଦିଗପହଣ୍ଡି ବ୍ଲକ ଶିକ୍ଷା ଅଧିକାରୀ କୋରେଶ ସେଠୀ ଶୁକ୍ରବାର ଧରାକୋଟ ବିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମିଳିତ ଶିକ୍ଷକ ସଂଘର ସଭାପତି ଶୁକ୍ରୁ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ଭଞ୍ଜନଗର ,୨୧।୧( ଡି.ଏନ.ଏ)
ଭଞ୍ଜନଗର ଥାନା ମୁଜାଗଡ଼ ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି । ସେ ହେଲେ ଖୁସି ସାହୁ (୨୦)। ଫୁଲବାଣୀର ଖୁସି ଗତ କିଛି ଦିନ ତଳେ ମୁଜାଗଡ଼ ର ଗଣେଶ ନାଇକଙ୍କୁ ପ୍ରେମ ବିବାହ କରିଥିଲେ। କିନ୍ତୁ ଆଜି ସକାଳ ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ଖୁସି ଘରର ଠାକୁର ଘରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ଖୁସି ପ୍ରେମ ବିବାହ କରିଥିବାରୁ ଖବର ପାଇ ନିଜ ବାପା ଘର ଲୋକ ଆସିନଥିବା ବେଳେ ମୃତଦେହ ଗ୍ରାମରେ ୪ରୁ୫ ଘଣ୍ଟା ପଡିରହିଥିଲା। ସନ୍ଧ୍ୟାରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ବଡ ମେଡିକାଲକୁ ପଠାଇଛି।

# ଏମ୍‌କେସିଜି ମେଡିକାଲରେ ବିଶ୍ରାମ ସଦନ କାମ ଆରମ୍ଭ

- ୬ କୋଟି ବ୍ୟୟ ଅଟକଳ, ୧୩୦ ଶଯ୍ୟା ସୁବିଧା
- ଉପକୃତ ହେବେ ରୋଗୀଙ୍କ ସମ୍ପର୍କୀୟ

ବ୍ରହ୍ମପୁର ଅଫିସ,୨୧।୧

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ପରିସରରେ ବିଶ୍ରାମ ସଦନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ପ୍ରାଥମିକ ବଜେଟ୍ ପ୍ରାୟ ୬କୋଟି ଟଙ୍କା ରଖାଯାଇଛି। ବର୍ଷକ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ବିଶ୍ରାମ ସଦନରେ ୧୩୦ଟି ଶଯ୍ୟା ସୁବିଧା କରାଯିବ। ଏହାଦ୍ୱାରା ରୋଗୀ ସମ୍ପର୍କୀୟମାନେ ଉପକୃତ ହେବେ ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର କହିଛନ୍ତି।

ଏମକେସିଜି ମେଡିକାଲ ଉପରେ ଦକ୍ଷିଣ ଓଡ଼ିଶା ସମେତ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସୀମାନ୍ତ ଇଲାକାରେ ରହୁଥିବା ଅଞ୍ଚଳବାସୀ ନିର୍ଭର କରନ୍ତି। ନିକଟରେ ବହୁ ନୂତନ କୋଠା କାର୍ଯ୍ୟକ୍ଷମ ହୋଇଛି। କିନ୍ତୁ ରୋଗୀ ସମ୍ପର୍କୀୟଙ୍କ ରହିବା ପାଇଁ ସେଭଳି ସୁବିଧା ନ ଥିବାରୁ ସେମାନେ ବାରଣ୍ଡାରେ ପଡ଼ି ରହୁଥିବା ଦେଖାଯାଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ପାୱାର୍ ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ରୋଗୀ ସମ୍ପର୍କୀୟଙ୍କ ନିମନ୍ତେ ବିଶ୍ରାମ ସଦନ ତିଆରି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏ ନେଇ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌କେସିଜି କର୍ତ୍ତୃପକ୍ଷ ଜମି ଚିହ୍ନଟ କରି ସରକାରଙ୍କୁ ଅବଗତ କରିଥିଲେ। ମେଡିକାଲ ପରିସରରେ ପିଜି ହଷ୍ଟେଲ୍ ପାର୍ଶ୍ୱରେ ଥିବା ଖାଲି ଜାଗା ଚିହ୍ନଟ କରାଯାଇଛି। ସେଠାରେ ୬ମହଲା ବିଶିଷ୍ଟ ବିଶ୍ରାମ ସଦନ ନିର୍ମାଣ ପାଇଁ ଶୁଭ ଦିଆଯାଇ ସାରିଛି। ବିଶ୍ରାମ ସଦନର ୫ଟି ମହଲାରେ ରୋଗୀ ସମ୍ପର୍କୀୟ ରହିବା ପାଇଁ ବ୍ୟବସ୍ଥା କରାଯିବ। ତଳ ମହଲାରେ କ୍ୟାଣ୍ଟିନ୍ ରହିବ। ସେଠାରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରସ୍ତାବ ରହିଛି। ପୂର୍ବରୁ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତା ନିକଟରେ ଏକ ରୋଗୀ ଆଟେଣ୍ଡାଣ୍ଟ୍ ରେଷ୍ଟ ସେଡ୍ ନିର୍ମାଣ କରାଯାଇଥିଲା। ଗତ କିଛିବର୍ଷ ହେଲା ତାହା ବନ୍ଦ ପଡ଼ିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ଗୃହ ଏବେ ଖତ ଖାଉଛି। ତେଣୁ ନୂତନ ରେଷ୍ଟ ସେଡ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହେଉଥିଲା। ବର୍ତ୍ତମାନ ପାୱାର୍ ଗ୍ରୀଡ୍ ବିଶ୍ରାମ ସଦନ ନିର୍ମାଣ କରୁଛି।



ଏମକେସିଜି ମେଡିକାଲ।

# ୨୬ ଜିଲା ପରିଷଦ ଆସନ ପାଇଁ ୯୮ ନାମାଙ୍କନ


ଭଞ୍ଜନଗର ବ୍ଲକ ବିଜେଡ଼ି ଜିଲା ପରିଷଦ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

**ଭଞ୍ଜନଗର ଉପଖଣ୍ଡ**

ଭଞ୍ଜନଗର,୨୧।୧(ଡି.ଏନ୍.ଏ.)

ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ଶୁକ୍ରବାର ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଜିଲା ପରିଷଦ ଜୋନ ପାଇଁ ମୋଟ ୪୮ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ୨୬ଟି ଜିଲା ପରିଷଦ ଜୋନ ପାଇଁ ବିଭିନ୍ନ ଦଳରୁ ୯୮ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଭଞ୍ଜନଗର ବ୍ଲକର ୨୨ଟି ସମିତିସଭ୍ୟ ପଦବୀ ପାଇଁ ୭୪ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅଳ୍ପଦିନ ତଳେ କଂଗ୍ରେସ ଛାଡି ଭାଜପାରେ ମିଶିଥିବା ଯୁବନେତା ଅଯୋଧ୍ୟା ନାଥ ମହାପାତ୍ର ଜିଲୁଣ୍ଡି, ଗୁଣ୍ଡିରିବାଡ଼ି , ବଡକୋଦଣ୍ଡା ଓ ତିଳିସିଙ୍ଗି ପଞ୍ଚାୟତରୁ ସମିତିସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରି ଚର୍ଚ୍ଚାରେ ରହିଛନ୍ତି। ୨୨ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

# ନୂଆ ଚେହେରାଙ୍କୁ ପ୍ରାର୍ଥୀ କରିଛି ବିଜେଡି

- ଗଞ୍ଜାମ ଜିଲା ପରିଷଦ ଜୋନ ନିର୍ବାଚନ
- ଗୋପାଳପୁର, ସାନଖେମୁଣ୍ଡିକୁ ଫୋକସ୍

ବ୍ରହ୍ମପୁର ଅଫିସ,୨୧।୧

ଗଞ୍ଜାମ ଜିଲା ପରିଷଦ ନିର୍ବାଚନରେ ବିଜେଡି ଅଧିକ ସଂଖ୍ୟକ ନୂଆ ଚେହେରାଙ୍କୁ ପ୍ରାର୍ଥୀ କରିଛି। ଫଳରେ ପୁରୁଣା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ନିର୍ବାଚନରେ ବିଦ୍ରୋହୀମାନେ କଣ୍ଟା ସାଜିବା ଆଶଙ୍କା କରାଯାଇଛି। ଜିଲାରେ ୬୯ଟି ଜିଲା ପରିଷଦ ଜୋନ ଥିବାବେଳେ ନିୟମାନୁସାରେ ୫୦% ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ୨୦୧୭ ନିର୍ବାଚନରେ ନିର୍ବାଚିତ ବିଜେଡି ମହିଳା ସଦସ୍ୟାଙ୍କ ମଧ୍ୟରୁ ଏଥର ଅନେକ ବାଦ ପଡ଼ିଛନ୍ତି। ଦଳର ହାଇକମାଣ୍ଡଙ୍କ ଆକ୍ରୋଶର ଶିକାର ହେବା ଭୟରେ କେହି ପାଟି ଖୋଲୁ ନ ଥିଲେ ମଧ୍ୟ ଅସନ୍ତୋଷ ବଢ଼ିଛି।

ଗତ ନିର୍ବାଚନରେ ବିଜେଡିର ଏକତରଫା ବିଜୟ ହୋଇଥିଲା। ୬୯ ଜୋନରୁ ୬୪ଟି ଦଖଲ କରିଥିଲା। ତେବେ ଚଳିତ ନିର୍ବାଚନରେ ଦଳର ନେତାଙ୍କୁ ଗୁରୁତ୍ୱ ଦିଆ ନ ଯାଇଥିବାରୁ ବିଜେଡି ସଂଖ୍ୟା ଗରିଷ୍ଠ ହେଲେ ମଧ୍ୟ ଗତଥର ଅପେକ୍ଷା ସଂଖ୍ୟା କମିବା ଆଶଙ୍କା ପ୍ରକାଶ ପାଇଛି। ବ୍ରହ୍ମପୁରରେ ବିଜେଡିର ଜିଲା କାର୍ଯ୍ୟାଳୟ ଥିଲେ ବି ଦଳର ନିର୍ବାଚନୀ ତଥ୍ୟ ମିଳୁନାହିଁ। ସମସ୍ତ ଜୋନର ପ୍ରାର୍ଥୀ ତାଲିକା ଜିଲା ସଭାପତିଙ୍କ ପାଖରେ ନ ଥିବା ରହସ୍ୟଘେରକୁ ଆସିଛି। ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ କହିବାନୁସାରେ ରାଜ୍ୟ ସଂଗଠନ ପକ୍ଷରୁ ବିଧାୟକମାନଙ୍କୁ ଟିକେଟ ଦିଆଯାଇଛି। ସେମାନେ ନିଜ ଅଞ୍ଚଳରେ ମନୋନୀତମାନଙ୍କୁ ଟିକେଟ ବାଣ୍ଟୁଛନ୍ତି।

ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଦଳର ଜିଲା ପର୍ଯ୍ୟବେକ୍ଷକ ଅଛନ୍ତି। ସେ ବ୍ରହ୍ମପୁରରେ ନିର୍ବାଚନୀ ସମୀକ୍ଷା କରିଛନ୍ତି। ବିଧାୟିକା ଓ ବିଧାୟକମାନଙ୍କୁ ଠିକ ଭାବେ ନିର୍ବାଚନ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ସାନଖେମୁଣ୍ଡି ଓ ଗୋପାଳପୁରକୁ ଅଧିକ ଫୋକସ କରିଛି ବିଜେଡି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହୋଇଥିବା ବେଳେ ସାନଖେମୁଣ୍ଡି ଆସନ ହାତରୁ ଖସିଯାଇଛି। ସେଠାରୁ କଂଗ୍ରେସ ବିଧାୟକ ନିର୍ବାଚିତ ହୋଇଛନ୍ତି। ଗୋପାଳପୁରରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ସବୁ ବୁଝୁଛନ୍ତି। ସେହି ନିର୍ବାଚନ ମଣ୍ଡଳୀରେ ୪ ଜିଲା ପରିଷଦ ଜୋନ ଅଛି। ୨୦୧୭ରେ ଦୁଇଟି ଜୋନରେ ଭାଜପା ବାଜିମାତ କରିଥିଲା। ଚଳିତ ନିର୍ବାଚନରେ ସମସ୍ତ ଜୋନ ଦଖଲ ନିମନ୍ତେ ବିଜେଡି ପ୍ରୟାସ କରୁଛି।

ସେହିପରି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଧରାକୋଟ ବ୍ଲକରେ ୩ ଏବଂ ସାନଖେମୁଣ୍ଡି ବ୍ଲକରେ ୪ ଜୋନ ଅଛି। ଗତ ନିର୍ବାଚନରେ ସାନଖେମୁଣ୍ଡିରୁ ଗୋଟିଏ ଜୋନରେ ଭାଜପା ଜିତିଥିଲା। ଏଥର ପୁରା ଦଖଲ ପାଇଁ କସରତ ଆରମ୍ଭ ହୋଇଛି। ସେଠାର ପୂର୍ବତନ ବିଧାୟକ ଥିବା ସତ୍ତ୍ୱେ ଦଳର ନେତା ତଥା ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ କରାଯାଇଛି। ସେ ଘନଘନ ଧରାକୋଟ ଓ ସାନଖେମୁଣ୍ଡି ବ୍ଲକ ଗସ୍ତ କରୁଛନ୍ତି। ଚଳିତଥର ବିଜେଡିକୁ ଟକ୍କର ଦେବା ପାଇଁ ଭାଜପା ରଣନୀତି ପ୍ରସ୍ତୁତ କରିଛି। ଗତ ନିର୍ବାଚନ ଅପେକ୍ଷା ଏଥର ଅଧିକ ସଂଖ୍ୟକ ଜୋନ ହାତେଇବ ବୋଲି ଜିଲା କଂଗ୍ରେସ ଆଶା ରଖିଛି। ତେଣୁ ତ୍ରିମୁଖୀ ଲଢ଼େଇ ହେବା ପ୍ରାକ୍‌ସଂକେତ ମିଳିଛି।

## ୭ ବର୍ଷ ହେଲା ଜିଆର୍‌ଏସ୍ ମମତାଙ୍କ ପତ୍ତା ମିଳୁନି

### ପାଣ ସମାଜର ଆନ୍ଦୋଳନ ଚେତାବନୀ

ଫୁଲବାଣୀ ଅଫିସ, ୨୧।୧

୨୦୧୪ ସାଧାରଣ ନିର୍ବାଚନରେ ଚକାପାଦ ବ୍ଲକରେ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟ କରୁଥିବା ମମତା ନାୟକଙ୍କ ଡ୍ୟୁଟି ପଡିଥିଲା । ହେଲେ ସେ ସେଠାରୁ ନିଖୋଜ ହୋଇ ଯାଇଥିଲେ । ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ମଧ୍ୟ ମମତାଙ୍କର କୌଣସି ପତ୍ତା ମିଳୁନାହିଁ। ଏହି ଘଟଣାର ତଦନ୍ତ ହୋଇଥିଲେ ବି ତଦନ୍ତ ରିପୋର୍ଟ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଅନ୍ୟପକ୍ଷରେ ଘଟଣାରେ ସଂପୃକ୍ତ ଥିବା ଅଧିକାରୀଙ୍କୁ ଜାଣିଶୁଣି ତଦନ୍ତ ପରିସର ବାହାରେ ରଖାଯାଇଛି ବୋଲି ପାଣ ସମାଜ କନ୍ଧମାଳ ଡିଏସପି କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ମମତା ନିଖୋଜ ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଧରା ନ ଗଲେ ଆଗାମୀ ଦିନରେ ପାଣ ସମାଜ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଗୁରୁବାର ଖବରଦାତା ସମ୍ମିଳନୀରେ ସମାଜର ନଗର ସଭାପତି ତ୍ରିନାଥ ମାଝୀ ଓ ସଂପାଦକ ପଙ୍କଜ ବେହେରା ପ୍ରକାଶ କରିଛନ୍ତି।

# ୧୮୩ ଦିନରେ ବିଜୁଳି କର୍ମଚାରୀ ସଂଘର ଧାରଣା


ଧାରଣାରତ କର୍ମଚାରୀ।

ବ୍ରହ୍ମପୁର ଅଫିସ୍,୨୧।୧

ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଓଡିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଧାରଣା ଶୁକ୍ରବାର ୧୮୩ ଦିନରେ ପହଞ୍ଚିଛି। ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ଅଧୀନସ୍ଥ ଟିପିଏସଓଡିଏଲ, ଟିପିସିଓଡିଏଲ, ଟିପିଏନସିଡିଏଲ, ଟିପିଡବ୍ଲ୍ୟୁଡିଏଲ୍, ଓପିଟିସିଏଲ, ଓଏଚପିସିର ସଭ୍ୟ ଧାରଣାସ୍ଥଳକୁ ଆସି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଆଗାମୀ ଦିନରେ ଠିକା କର୍ମଚାରୀମାନଙ୍କର ଦାବି ପୂରଣ ନ ହେଲେ ଏହା ବିରାଟ ଆନ୍ଦୋଳନର ରୂପ ନେବ ଓ ସଂଘ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ମହାସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସୂଚନାଯୋଗ୍ୟ ଧାରଣାରେ ସିଟି ସର୍କଲ, ବ୍ରହ୍ମପୁର, ଆସିକା, ଭଞ୍ଜନଗର, ରାୟଗଡା ଆଦି ସର୍କଲର ଠିକା କର୍ମଚାରୀ ସାମିଲ ହୋଇଛନ୍ତି। କିନ୍ତୁ ଏବେ ସୁଦ୍ଧା ଟିପିଏସଓଡିଏଲ କର୍ତ୍ତୃପକ୍ଷ ସଂଘର ଦାବି ଶୁଣୁନାହାନ୍ତି। ଧାରଣାକୁ ସମର୍ଥନ ଜଣାଇ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଉପଦେଷ୍ଟା ଦୁର୍ଗା ମାଧବ ଆଚାର୍ଯ୍ୟ, ସାଧାରଣ ସଂପାଦକ ଅମର କୁମାର ପ୍ରତାପ ସିଂ, ଯୁଗ୍ମ ସଂପାଦକ ପ୍ରିୟବ୍ରତ ନାୟକ, ଜୋନାଲ ସମ୍ପାଦକ ମନୋରଞ୍ଜନ ବିଶ୍ୱାଳ, ହରିଶ୍ଚନ୍ଦ୍ର ଦାଶ, ତାପସ କୁମାର ନାଥଙ୍କ ସମେତ ରମେଇ ତରାଇ, ଧନଞ୍ଜୟ ପରିଡା, ରାକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବାବନପୁର ଆକ୍ରମଣ ଘଟଣା, ୨ ଅଟକ

ପାତ୍ରପୁର,୨୧।୧(ଡି.ଏନ.ଏ.)

ପାତ୍ରପୁର ବ୍ଲକ ବାବନପୁର ଆକ୍ରମଣ ଘଟଣାରେ ଜଣେ ଗୁରୁତରକୁ ଶୁକ୍ରବାର କଟକ ସ୍ଥାନାନ୍ତର କରାଯାଇଥିଲା ବେଳେ ଗ୍ରାମର ୨ ଜଣକୁ ଜରଡା ପୋଲିସ ଅଟକ ରଖିଛି। ପଞ୍ଚାୟତ ନିର୍ବାଚନ ଲାଗି ଗୁରୁବାର ପାତ୍ରପୁର ବ୍ଲକ ବାବନପୁର ଗ୍ରାମର ଦୁଇ ଗୋଷ୍ଠୀ ନାମାଙ୍କନପତ୍ର ଦାଖଲ କରିବାକୁ ଖମ୍ବାରିଗାଁ ପଞ୍ଚାୟତରୁ ଗ୍ରାମକୁ ଫେରିବା ବେଳେ ଗ୍ରାମ ନିକଟରେ ଥିବା ପଥର କ୍ୱାରିଠାରେ ଗୋଟିଏ ଗୋଷ୍ଠୀ, ଗ୍ରାମର ପି ନକେୟାଙ୍କୁ ମରଣାନ୍ତକ ଆକ୍ରମଣ କରି ନିକଟ ବିଲ ମଧ୍ୟକୁ ଫିଙ୍ଗି ଦେଇଥିଲେ। ଏହା ପରେ ସେହି ଆକ୍ରମଣକାରୀ ଗ୍ରାମରେ ପହଞ୍ଚି କେ ଭିମା ରାଓ କେ ଶିବା ଏବଂ କେ କଟେସୁଙ୍କୁ ଆକ୍ରମଣ କରିଥିଲେ। ଆହତ ୪ଜଣଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପି ନକେୟାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ପରେ ଶୁକ୍ରବାର ଶଙ୍କଟାପନ୍ନ ଅବସ୍ଥାରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଜରଡ଼ା ଥାନା ଅଧିକାରୀ ଭବାନନ୍ଦ ପ୍ରଧାନ ପୋଲିସ ଟିମ ସହିତ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଗ୍ରାମର ୧୪ ଜଣକ ନାମରେ ଥାନାରେ ଏତଲା ଦିଆଯାଇଥିଲା।

# ହସ୍ପିଟାଲରେ ଉତ୍ତମ ସେବା ପ୍ରଦାନ ଦାବି

ବ୍ରହ୍ମପୁର ଅଫିସ,୨୧।୧

ଏମକେସିଜି ମେଡିକାଲ ଓ ସିଟି ହସ୍ପିଟାଲରେ ଉତ୍ତମ ରୋଗୀ ସେବା ପ୍ରଦାନ ପାଇଁ ଡ.ଆମ୍ବେଡକର ସାଂସ୍କୃତିକ ଯୁବକ ସଂଘ ଦାବି କରିଛି। ସଂଘ ପକ୍ଷରୁ ଗୁରୁବାର ଶଙ୍କରପୁର ସାହିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଭାପତି ପ୍ରଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଉପରୋକ୍ତ ଦୁଇ ହସ୍ପିଟାଲ ଉପରେ ବ୍ରହ୍ମପୁର ସମେତ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲାର ରୋଗୀ ନିର୍ଭରଶୀଳ। ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ସୁଫଳ ପାଇବା ପାଇଁ ଗରିବ ଓ ନିରୀହ ଲୋକେ ସରକାରୀ ଡାକ୍ତରଖାନାକୁ ଆସୁଛନ୍ତି। ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା ବୃଦ୍ଧି ପାଇପାରୁ ନ ଥିବା ସଂଘ ଅଭିଯୋଗ କରିଛି। ଡାକ୍ତର, କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ଯନ୍ତ୍ରପାତିର ସଦବିନିଯୋଗ ହୋଇପାରୁ ନାହିଁ। ଯଦ୍ୱାରା ରୋଗୀ ଘରୋଇ ଚିକିତ୍ସାଳୟକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏଣୁ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତିକରଣ ସହ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ସଂଘ ଦାବି କରିଛି। ମେଡିକାଲ କର୍ମଚାରୀ ସଂଘର ନେତା ରବି ରଥ, ସାଧାରଣ ସଂପାଦକ ପଦ୍ମଚରଣ ନାୟକ ଓ ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀଙ୍କ ସମେତ ସଂଘର ବହୁ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

# ବିଏମ୍‌ସି ପକ୍ଷରୁ ସ୍ୱଚ୍ଛତା ମହୋତ୍ସବ

ବ୍ରହ୍ମପୁର ଅଫିସ,୨୧।୧

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପରିସରରେ ଶୁକ୍ରବାର ସ୍ୱଚ୍ଛତା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗ ଦେଇଥିଲେ। ବ୍ରହ୍ମପୁର ସହରକୁ ଦେଶର ଶ୍ରେଷ୍ଠ ୧୦ଟି ସହର ମଧ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ସଭିଏଁ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇ କହିଥିଲେ ଯେ, ଗତବର୍ଷ ବ୍ରହ୍ମପୁର ସର୍ବଭାରତୀୟ ସ୍ତରରେ ୫୬ତମ ସହରରେ ରହିଥିଲା। ସହରକୁ ପୁନଃ ର୍‍ୟାଙ୍କିଂରେ ଆଣିବାକୁ ହେଲେ ସହରବାସୀଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବ୍ରହ୍ମପୁର ସହରର ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ବ୍ରାଣ୍ଡ ଆମ୍ବାସଡର ଭାବେ ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବିଜୟୀ ଚନ୍ଦନ ସାହୁଙ୍କୁ ଘୋଷଣା କରାଯାଇଥିଲା। ଏଥିସହ ବିଏମ୍‌ସି ପକ୍ଷରୁ ମାସ୍କଟ ଉନ୍ମୋଚନ କରାଯାଇଥିଲା। ସ୍ୱଚ୍ଛ ବିଦ୍ୟାଳୟ ଭାବେ ଆସିକାରୋଡ ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ରେଷ୍ଠ ହସ୍ପିଟାଲ ଭାବେ ଗୁଡସେଡ ରୋଡ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ରେଷ୍ଠ ବଜାର ଭାବେ ସାଇ କମ୍ପ୍ଲେକ୍ସ, ଶ୍ରେଷ୍ଠ ସରକାରୀ କାର୍ଯ୍ୟାଳୟ ଭାବେ ବ୍ରହ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ, ଶ୍ରେଷ୍ଠ ଆବାସିକ ଅଞ୍ଚଳ ଭାବେ ରାଜାରାଣୀ ଆପାର୍ଟମେଣ୍ଟ ଓ ସ୍ୱଚ୍ଛ ଧର୍ମାଞ୍ଚଳ ଭାବେ ହିଲପାଟଣା ଗଣେଶ ମନ୍ଦିରକୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଏମସି ପକ୍ଷରୁ ଶ୍ରେଷ୍ଠ ସ୍ୱଚ୍ଛ ସୁପରଭାଇଜର, ଶ୍ରେଷ୍ଠ ସ୍ୱଚ୍ଛ ସାଥୀ ଓ ଶ୍ରେଷ୍ଠ ଜମାଦାରଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଉପସ୍ଥିତ ସହରବାସୀଙ୍କୁ ବ୍ରହ୍ମପୁରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ, ବିଏମସି ଅତିରିକ୍ତ କମିଶନର ଆଶୁତୋଷ ସାମଲ, ଡେପୁଟି କମିଶନର ଅଦ୍ୱୈତ କୁମାର ସ୍ୱାଇଁ ଓ ଏନଫୋର୍ସମେଣ୍ଟ ଅଧିକାରୀ ତରୁଣ କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଦ୍ୱାରା ଶପଥ ପାଠ କରାଯାଉଛି।

## ସସ୍ମିତା, ସନାତନଙ୍କ ନାମାଙ୍କନପତ୍ର ଦାଖଲ

ଗଞ୍ଜାମ,୨୧।୧(ଡି.ଏନ.ଏ.)
ଗଞ୍ଜାମ ବ୍ଲକର ୧୪ ଓ ୧୫ ନମ୍ବର ଜୋନ୍ ପାଇଁ ସସ୍ମିତା ସ୍ୱାଇଁ ଏବଂ ଗଞ୍ଜାମ ଓ ଖୋର୍ଦ୍ଧା ଜିଲା କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ଛତ୍ରପୁର ଉପଜିଲାପାଳ କାର୍ଯ୍ୟାଳୟରେ ବିଧାୟକ, ବିଜେଡି ନେତୃ ମଣ୍ଡଳୀ ଓ ସମର୍ଥକମାନଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବୁଗୁଡ଼ା,୨୧।୧(ଡି.ଏନ.ଏ.)
ବୁଗୁଡ଼ା ଥାନା ଚିଲିଖମା ଗ୍ରାମ ପୋଖରୀରେ ବୁଡ଼ି ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସହଦେବ ଗୌଡ଼। ସହଦେବ ମଧ୍ୟାହ୍ନରେ ଗାଁ କାଳୀମନ୍ଦିର ନିକଟ ପୁରୁଣା ପୋଖରୀକୁ ଶୌଚ ପାଇଁ ଯାଇଥିବା ସମୟରେ ଅସାବଧାନତାବଶତଃ ଗଭୀର ପାଣିକୁ ଖସି ପଡ଼ିଥିଲେ। କିଛି ସମୟ ପରେ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ଗାଁର କିଛି ଲୋକ ସହଦେବ ପାଣିରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ୍ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି.ନଂ. ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ନେଇ ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ପିଇବାପାଣିରୁ ବଞ୍ଚିତ ଅମ୍ବିକା ନଗରବାସୀ

**ପାଇପ୍ ବିଛା ଯାଇଛି, ପାଣି ଆସିନି**

ବ୍ରହ୍ମପୁର ଅଫିସ୍,୨୧।୧

ବ୍ରହ୍ମପୁର ମହାନଗର ନିଗମ ୨୩ନଂ. ୱାର୍ଡ ଅନ୍ତର୍ଗତ ଅମ୍ବିକାନଗର ଏକ୍ସଟେନଶନ ସମେତ ପ୍ରାୟ ୭ ସାହିବାସିନ୍ଦା ଦୀର୍ଘଦିନ ହେଲା ପିଇବା ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ଏହି ସମସ୍ୟାକୁ ନେଇ ବିଏମ୍‌ସି କର୍ତ୍ତୃପକ୍ଷ, ଜନ ସ୍ୱାସ୍ଥ୍ୟ ବିଭାଗ ଓ ଜନପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ସ୍ଥାନୀୟ ବାସିନ୍ଦା କହିଛନ୍ତି, ଏହି ୱାର୍ଡର ମଶାଣି ପଛ ପାର୍ଶ୍ୱରେ ଥିବା ଅମ୍ବିକା ନଗର ଏକ୍ସଟେନଶନ ଲେନ ଠାରୁ ଆରମ୍ଭ କରି ପ୍ରାୟ ୭ଟି ସାହିରେ ୭ ବର୍ଷରୁ ଉର୍ଦ୍ଧ୍ୱ ହେବ ପିଇବା ପାଣି ଯୋଗାଣ ହେଉନାହିଁ। ପାଇପ ଲାଇନ ବିଛା ଯାଇଥିଲେ ବି ପାଣି ଆସିନାହିଁ। ଏପରିକି ସାହି ମଧ୍ୟରେ ନଳକୂପଟିଏ ନାହିଁ। ଫଳରେ ଖରାଦିନେ ସାହି ବାସିନ୍ଦା ପିଇବା ପାଣି ପାଇଁ ଅନ୍ୟ ସାହି ଉପରେ ନିର୍ଭର କରୁଛନ୍ତି। ଏଠାରେ ପ୍ରତି ଘରକୁ ଜାନିବିଲି ପ୍ରକଳ୍ପରୁ ଜଳ ଯୋଗାଣ ପାଇଁ ପାଇପ ଲାଇନ ବିଛାଯିବା ସହ ମିଟର ମଧ୍ୟ ଲାଗିଛି। ହେଲେ ପାଣି ଆସୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ପ୍ରାୟ ୫୦୦ ଘର ପିଇବା ପାଣିରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏହି ଅଞ୍ଚଳରେ ପାଇପ ଲାଇନ ବିଛା ହୋଇଥିବା ବେଳେ ରାସ୍ତା ଉପରେ ପାଣି ଅନବରତ ଭାବେ ନଷ୍ଟ ହେଉଛି। କିନ୍ତୁ ଘରକୁ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି। ବାସିନ୍ଦା ଅମ୍ବିକା ପାଢ଼ୀ କହିଛନ୍ତି ଯେ, ପାଣି ପାଇଁ ପାଇପ ବିଛାଇ ଦେଲେ କିନ୍ତୁ ପାଣି ଆସୁ ନାହିଁ। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ.ସୀତାରାମ ପଣ୍ଡାଙ୍କୁ ମୋବାଇଲ ନଂ–୯୪୩୭୧୯୨୩୫୯ରେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନି।


ବିଛା ହୋଇଥିବା ପାଇପ ଲାଇନ।

## ସଂକ୍ଷେପରେ

### ସଂଯୁକ୍ତ କୃଷକ ମୋର୍ଚ୍ଚାର ଦାବିପତ୍ର

ଭଞ୍ଜନଗର,୨୧।୧(ଡି.ଏନ.ଏ.): ସଂଯୁକ୍ତ କୃଷକ ମୋର୍ଚ୍ଚା, ଭଞ୍ଜନଗର ପକ୍ଷରୁ ଗୁରୁବାର ପ୍ରତିବାଦ ସଭା ସହ ରାଜ୍ୟବ୍ୟାପୀ ଢିଙ୍କିଆ ସଂହତି ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ସ୍ମାରକପତ୍ର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ପ୍ରଦାନ କରାଯାଇଛି। ଗତ ୧୪ ତାରିଖରେ ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଢିଙ୍କିଆ ଗ୍ରାମବାସୀଙ୍କ ଉପରେ ପୋଲିସ ବର୍ବରୋଚିତ ଆକ୍ରମଣ କରିଥିଲା। ଏହି ଘଟଣାର ତଥ୍ୟ ଅନୁସନ୍ଧାନ ପାଇଁ ଯାଇଥିବା ପ୍ରତିନିଧିମଣ୍ଡଳୀ ଉପରେ ମଧ ଆକ୍ରମଣ ହୋଇଥିଲା। ଏଭଳି ଏକ ଘଟଣାରେ ମୁଖ୍ୟମନ୍ତ୍ରୀ, ଶିଶୁ ସୁରକ୍ଷା, ମହିଳା ସୁରକ୍ଷା, ଦଳିତଙ୍କ ସୁରକ୍ଷା ପାଇଁ ଥିବା କମିଶନରମାନେ ନୀରବଦ୍ରଷ୍ଟା ସାଜିବା ଦୁଃଖର ବିଷୟ। ଉଚ୍ଚ ନ୍ୟାୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନ କରି ଘଟଣାର ତଦନ୍ତ, ଦମନଲୀଳାରେ ସଂପୃକ୍ତ ଅଫିସରମାନଙ୍କୁ ଗିରଫ, ଢିଙ୍କିଆରୁ ପୋଲିସ ବଳକୁ ହଟାଇବା ଓ ସେଠାରେ ହେବାକୁ ଥିବା ପ୍ରକଳ୍ପକୁ ବାତିଲ କରିବା, ଗିରଫ ହୋଇଥିବା ନେତା ଓ କର୍ମୀଙ୍କୁ ନିଃସର୍ତ୍ତ ଖଲାସ କରିବା ପାଇଁ ଦାବି ହୋଇଛି। ପ୍ରତିବାଦ ସଭାରେ ଅଖିଳ ଭାରତ କୃଷକ ସଭାର ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ଜିଲା ସମ୍ପାଦକ ଟୁନା ମଲ୍ଲିକ, ଆଦିବାସୀ ଭାରତ ମହାସଭାର ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ, ଶଶୀ ଗୌଡ, ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଜିଲା ପରିଷଦ ଜୋନ୍ ପାଇଁ ପ୍ରାର୍ଥିପତ୍ର ଦାଖଲ

ଗୋପାଳପୁର,୨୧।୧(ଡି.ଏନ.ଏ.)- ଗୋପାଳପୁର ନିର୍ବାଚନମଣ୍ଡଳୀର ତିନୋଟି ଜିଲା ପରିଷଦ ଜୋନ୍ ନିମନ୍ତେ ବିଜେଡି ଓ ଭାଜପା ପକ୍ଷରୁ ନାମାଙ୍କନପତ୍ର ଦାଖଲ ହୋଇଛି। ପୂର୍ବାହ୍ନରେ ଏହି ନିର୍ବାଚନ ମଣ୍ଡଳୀର ୫୩ନଂ ଜୋନ୍ ନିମନ୍ତେ ବିଜେଡି ପ୍ରାର୍ଥୀ ଭାବେ ଏସ.ରାଜେଶ୍ୱରୀ ଦୋରା ଓ ଭାଜପାରୁ କାଜଲ ପାତ୍ର, ୫୪ନଂ ଜୋନ୍‌ରେ ବିଜେଡିରୁ ଦୀପକ କୁମାର ସାମନ୍ତ ଓ ଭାଜପାରୁ ସୁବାଶିଷ ସାହୁ, ୫୫ନଂ ଜୋନ୍‌ରେ ବିଜେଡିରୁ ତଅପୋଇ ଦାସ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବାଲିଗୁଡା,୨୧।୧(ଡି.ଏନ୍.ଏ.)- ବାଲିଗୁଡ଼ା ଥାନା ଗଟାଙ୍ଗି ଘାଟିରେ ଏକ ବାଇକ୍ ଗୋଟିଏ ଗଛରେ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫିରିଙ୍ଗିଆ ଅଞ୍ଚଳର ନରେନ୍ଦ୍ର କହଁର(୨୮)। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି।

### ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୨୧।୧(ଡି.ଏନ.ଏ.)- ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଠାବ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏହି ଥାନା ଅନ୍ତର୍ଗତ କନିଷି ହାଟସ୍ଥିତ ରାମହରିନଗରରେ ଜଣେ ଯୁବକଙ୍କ ମୃତଦେହ ପଡ଼ି ରହିଥିଲା। ଖବର ପାଇ ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଏ ନେଇ ଥାନା ନଂ. ୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତ ଯୁବକ ଜଣକ ମାନସିକ ବିକୃତ ଓ ଏହି ଅଞ୍ଚଳରେ ଭିକ୍ଷାବୃତ୍ତି କରି ରହୁଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜାଣିପାରିଛି।

### ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କିତ ଭର୍ଚୁଆଲ୍ ବୈଠକ

ଦିଗପହଣ୍ଡି,୨୧।୧(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ବମକେଇ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ପୁରାତନ ଛାତ୍ରମାନେ ଅଣ୍ଟା ଭିଡିଛନ୍ତି। ଏ ସମ୍ପର୍କରେ ଭର୍ଚୁଆଲ୍ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ଛାତ୍ରମାନେ ଏକତ୍ରିତ ହୋଇଥିଲେ। ଦିଲୀପ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚନ୍ଦ୍ର ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ବେହେରା, ମନୋଜ ପାଣିଗ୍ରାହୀ, ହରପ୍ରସାଦ ମିଶ୍ର, ଶିବ କୁମାର ଆଚାର୍ଯ୍ୟ, ସୁରେନ୍ଦ୍ର ପଟ୍ଟନାୟକ, ନବୀନ ପ୍ରଧାନ, ବାଳକୃଷ୍ଣ ସୁବୁଦ୍ଧି, ଶିବରାମ ପ୍ରଧାନ, ଜଗନ୍ନାଥ ବାଡତ୍ୟା, ବିକ୍ରମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଏନେଇ ସମାରୋହ ସମ୍ପର୍କିତ ବିଭିନ୍ନ ପ୍ରକାର ପ୍ରସ୍ତାବ ଆଗତ ହୋଇଥିଲା। ଚଳିତ ମାସ ୩୦ ତାରିଖରେ ପୁଣି ବୈଠକ ଆୟୋଜନ କରାଯାଇ ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମିଳିଥିବା ସୂଚନାରୁ ଜଣାପଡିଛି।

# ନିଖୋଜ ଶିଶୁକନ୍ୟାର ମୃତଦେହ ଠାବ

ଗୋପାଳପୁର,୨୧।୧(ଡି.ଏନ.ଏ.)



ଘଟଣାସ୍ଥଳରେ ବ୍ରହ୍ମପୁର ଏସ୍‌ପି ତଦନ୍ତ କରୁଛନ୍ତି।

ଗୁରୁବାର ନିଖୋଜ ଥିବା ଜଣେ ଶିଶୁକନ୍ୟାର ମୃତଦେହକୁ ଶୁକ୍ରବାର ଗୋପାଳପୁର ପୋଲିସ ଏକ ପୋଖରୀରୁ ଠାବ କରିଛି। ମୃତ ଶିଶୁକନ୍ୟା ହେଲେ ଚମାଖଣ୍ଡି ଅଞ୍ଚଳର ମୁରଲୀ ବେହେରାଙ୍କ କନ୍ୟା ତୃପ୍ତି ବେହେରା (୬)। ଖବର ଅନୁସାରେ ଗତ ଏକ ସପ୍ତାହ ହେଲା ମୁରଲୀ ବେହେରା ଓ ତାଙ୍କ ସ୍ତ୍ରୀ ଶିଶୁକନ୍ୟାକୁ ଧରି ଗୋପାଳପୁର ଥାନା ନାରାୟଣପୁର ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ଗୁରୁବାର ମୁରଲୀଙ୍କ ସ୍ତ୍ରୀ ସମ୍ପର୍କୀୟଙ୍କଘରଠାରୁ ୫୦ ମିଟର ଦୂରତାରେ କାଠ ଗଣ୍ଡି ସଜାଉଥିଲେ। ଏହି ସମୟରେ ତୃପ୍ତି ମା'ଙ୍କ ନିକଟକୁ ଆସୁଥିବା ବେଳେ ମା' ଚପଲ ପିନ୍ଧି ଆସିବାକୁ କହିଥିଲେ। ପରବର୍ତ୍ତୀ ସମୟରେ ତୃପ୍ତି ଆଉ ସେଠାକୁ ଯାଇ ନ ଥିଲେ। ପରେ ମା' ଘରକୁ ଫେରିବା ପରେ ତୃପ୍ତି ଘରେ ନ ଥିଲେ। ଏନେଇ ପରିବାର ପକ୍ଷରୁ ବହୁ ଖୋଜାଖୋଜି ପତ୍ତା ନ ମିଳିବାରୁ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୯/୨୨ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ଶୁକ୍ରବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ, ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସନ୍ଦେହ କରି ପୋଲିସ ଗ୍ରାମରେ ଥିବା ଏକ ପୋଖରୀରୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଖୋଜିଥିଲେ। କିଛି ସମୟ ପରେ ଶିଶୁକନ୍ୟାଙ୍କ ମୃତଦେହ କ୍ଷତାକ୍ତ ଅବସ୍ଥାରେ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସଦର ଏସଡିପିଓ ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ପ୍ରାଥମିକ ତଦନ୍ତରୁ ପୋଖରୀରେ ଗୋଡ଼ ଖସି ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ନେଇ ସନ୍ଦେହ କରୁଛି।

# ୧୮ ଜିଲା ପରିଷଦ ଜୋନ୍ ଲାଗି ୭୬ ପ୍ରାର୍ଥିପତ୍ର ଦାଖଲ

ଫୁଲବାଣୀ ଅଫିସ, ୨୧।୧

**କନ୍ଧମାଳ ଜିଲା**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ଶେଷଦିନ ଶୁକ୍ରବାର କନ୍ଧମାଳ ଜିଲାରେ ବହୁ ସଂଖ୍ୟକ ନାମାଙ୍କନପତ୍ର ଦାଖଲ ହୋଇଛି। ଜିଲା ପରିଷଦରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ଗହଣରେ ଆସି ଫୁଲବାଣୀ ଏବଂ ବାଲିଗୁଡା ଉପ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ସେହିପରି ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଏବଂ ୱାର୍ଡମେମ୍ବରମାନେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସମିତି ସଭ୍ୟ ପ୍ରାର୍ଥୀ ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଥିଲେ ।

ଜିଲାରେ ମୋଟ ୧୮ଟି ଜିଲା ପରିଷଦ ଆସନ ଲାଗି ୩ ପ୍ରମୁଖ ଦଳ ସମେତ ଅନ୍ୟ ଦଳ ପକ୍ଷରୁ ମୋଟ ୭୬ ଜଣ ପ୍ରାର୍ଥିପତ୍ର ଦାଖଲ ହୋଇଛି। ଜିଲାର ସମସ୍ତ ୧୭୧ ପଞ୍ଚାୟତରୁ ସରପଞ୍ଚ ପଦବୀ ଲାଗି ୭୧୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସମିତି ସଭ୍ୟ ପଦବୀ ଲାଗି ୫୯୯ ଏବଂ ୱାର୍ଡ ମେମ୍ବର ଲାଗି ୨୬୩୧ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲାରେ ଏହି ତ୍ରିସ୍ତରୀୟ ନିର୍ବାଚନରେ ମୋଟ ୪,୦୨୫ ଜଣ ପ୍ରାର୍ଥୀ ନାମାଙ୍କନ କରିଛନ୍ତି।

ସରପଞ୍ଚ ପଦବୀ ଲାଗି ସବୁଠି ପ୍ରାର୍ଥୀମାନଙ୍କ ମଧରେ କଡା ମୁକାବିଲା ହେବ । ସେହିପରି ବ୍ଲକ ଅଧକ୍ଷ ଲାଗି ପୂର୍ବତନ ବିଧାୟକ ପ୍ରାର୍ଥୀ, ବ୍ଲକ ଅଧକ୍ଷ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଜିଲା ପରିଷଦ ଅଧକ୍ଷ ସିଟ ପାଇଁ ମଧ ସବୁ ଦଳ କସରତ ଆରମ୍ଭ କରିଛି। ମୋଟ ୧୮ଟି ଜୋନରେ ଗତ ଥର ବିଜେଡି ୯ଟି ସିଟ୍ ହାତେଇ ଜଣେ ସ୍ୱାଧିନ ପ୍ରାର୍ଥୀଙ୍କୁ ଧରି ଅଧକ୍ଷ ପଦବୀ ହାତେଇଥିଲା । ଚଳିତ ନିର୍ବାଚନରେ ବି ବିଜେଡି ଏହି ସିଟକୁ ନିଜ ହାତକୁ ନେବାକୁ ଆପ୍ରାଣ ଉଦ୍ୟମ କରୁଥିବା ବେଳେ ବିରୋଧୀ ଭାଜପା ଏବଂ କଂଗ୍ରେସ ମଧ ସେମାନଙ୍କ ରଣନୀତି ପ୍ରସ୍ତୁତ କରିଛନ୍ତି। ପୂର୍ବ ତ୍ରିସ୍ତରୀୟ ନିର୍ବାଚନ ଅପେକ୍ଷା ଏଥର ନିର୍ବାଚନରେ ପ୍ରାର୍ଥୀଙ୍କ ମଧରେ କଡା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆକଳନ କରାଯାଉଛି।

# ବିନା ଟିସିରେ ସରକାରୀ ସ୍କୁଲରେ ନାମଲେଖା ବନ୍ଦ ଦାବି

ପାରଳାଖେମୁଣ୍ଡି,୨୧।୧(ଡି.ଏନ୍.ଏ.)




ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଶିକ୍ଷକମାନେ ।

ବିନା ଟିସିରେ ନାମ ଲେଖା ଦ୍ୱାରା ଗତ ଦୁଇ ବର୍ଷ ହେଲାଣି ଜିଲାର ସମସ୍ତ ବେସରକାରୀ ବିଦ୍ୟାଳୟ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଚାଲୁଛି। କେବଳ ଡ୍ରପ ଆଉଟ ପିଲାଙ୍କୁ ବିନା ଟିସିରେ ନାମ ଲେଖାଇବାର ନିୟମ ରହିଥିଲେ ମଧ ଗତ ଦୁଇ ବର୍ଷରେ ପ୍ରାୟ ୨ ଲକ୍ଷ ପିଲାଙ୍କୁ ଡ୍ରପଆଉଟ ଦର୍ଶାଇ ସରକାରୀ ସ୍କୁଲରେ ନାମ ଲେଖାଯାଉଛି। ଗୋଟିଏ ପଟେ ବେସରକାରୀ ସ୍କୁଲରେ ନାମ ଲେଖାଇ ଅନ୍‌ଲାଇନ କ୍ଲାସର ସୁବିଧା ନେଉଥିବା ବେଳେ ସେମାନଙ୍କ ଅଭିଭାବକମାନେ ପିଲାଙ୍କୁ ସରକାରୀ ସ୍କୁଲରେ ନାମ ଲେଖାଇ ଦେଉଛନ୍ତି, ଫଳରେ ବେସରକାରୀ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦରମା ଦେବା ମଧ କର୍ତ୍ତୃପକ୍ଷଙ୍କ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସେମାନଙ୍କୁ ସରକାରୀ ସହାୟତା ସହ ବିନା ଟିସିରେ ସରକାରୀ ସ୍କୁଲରେ ନାମ ଲେଖା ବନ୍ଦ କରିବାକୁ ଦାବି କରି ଜିଲା ବେସରକାରୀ ବିଦ୍ୟାଳୟ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରକଦାନ କରାଯାଇଛି। ଶୀଘ୍ର ଦାବି ପୂରଣ ନ ହେଲେ ଆଉ ସ୍କୁଲ ଚଲାଇବା ସମ୍ଭବ ହେବ ନାହିଁ ବୋଲି ସେମାନେ କହିଛନ୍ତି ।

## କରାପଲ୍ଲୀରେ ସରପଞ୍ଚ ପ୍ରାର୍ଥୀ ପାଇଁ ଉତ୍ତେଜନା

ଗୋପାଳପୁର,୨୧।୧(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରାପଲ୍ଲୀ ପଞ୍ଚାୟତରେ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ରହିଥିଲା। ସରପଞ୍ଚ ପ୍ରାର୍ଥୀ ପତ୍ର ଦାଖଲକୁ ନେଇ ତିନି ଗୋଷ୍ଠୀ ମଧରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର, ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ, ଭଞ୍ଜ ବିହାର ଫାଣ୍ଡି ଅଧିକାରୀ ଏସ୍.ଶଙ୍କର ରାଓଙ୍କ ସମେତ ବହୁ ପୋଲିସ କର୍ମଚାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ମଧ୍ୟାହ୍ନରେ ୩ ଜଣ ସରପଞ୍ଚ ପ୍ରାର୍ଥୀ ପୋଲିସ ଉପସ୍ଥିତିରେ ନାମାଙ୍କନ ଦାଖଲ କରିଥିଲେ। ପରେ ଖବର ପାଇ ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ସଦର ଏସ୍‌ଡିପିଓଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ଏ ନେଇ ଗୋପାଳପୁର ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ନଂ.୧୦, ୧୧/୨୨ରେ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ଏସ୍.ସନ୍ତୋଶି ରେଡ୍ଡୀ ଓ ରିତୁ ଠାକୁର ଗାଳି ଗୁଲଜ ଏବଂ ମାର୍‌ପିଟ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ଆସିକା ବ୍ଲକ: ଶେଷ ଦିନରେ ୩୧୬ ନାମାଙ୍କନ ଦାଖଲ



ଆସିକାଠାରେ ନାମାଙ୍କନପତ୍ର ଦାଖଲ କରାଯାଉଛି ।

ଆସିକା,୨୧।୧(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ଆସିକା ବ୍ଲକରେ ମୋଟ ୩୧୬ଟି ନାମାଙ୍କନ ଦାଖଲ ହୋଇଛି। ଏଥିମଧ୍ୟରୁ ୱାର୍ଡ ମେମ୍ବର ଲାଗି ୨୧୯, ସରପଞ୍ଚ ଲାଗି ୫୩ ଓ ସମିତିସଭ୍ୟ ଲାଗି ବର୍ତ୍ତମାନର ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକଙ୍କ ସମେତ ୪୪ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରଛନ୍ତି। ସେହିଭଳି ଜିଲା ପରିଷଦ ସଦସ୍ୟ ଲାଗି ୭ଟି ନାମାଙ୍କନ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇଛି। ଆସିକା ବ୍ଲକର୨୭ ପଞ୍ଚାୟତରୁ ବିଭିନ୍ନ ପଦବୀ ଲାଗି ମୋଟ ୧,୦୧୧ ନାମାଙ୍କନପତ୍ର ଦାଖଲ ହୋଇଛି । ସେଥିମଧରେ ୱାର୍ଡ ସଭ୍ୟ ଲାଗି ୬୮୬, ସରପଞ୍ଚ ପଦବୀ ଲାଗି ୧୭୬, ସମିତିସଭ୍ୟ ଲାଗି ୧୩୫ ଓ ଜିଲା ପରିଷଦ ସଭ୍ୟ ଲାଗି ୧୪ଟି ନାମାଙ୍କନପତ୍ର ଥିବା ବିଡିଓ ତଥା ନିର୍ବାଚନ ଅଧିକାରୀ ରୋସନ ଶତପଥୀ ସୂଚନା ଦେଇଛନ୍ତି।

# କାୟାକଳ୍ପ ଟିମ୍‌ର କରଡ଼ାକଣା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଶେରଗଡ଼,୨୧।୧(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଅନ୍ତର୍ଗତ କରଡ଼ାକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶୁକ୍ରବାର କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ମୁଖ୍ୟ ଭାବେ ହେମନ୍ତ ପାଶବା, ସହଯୋଗୀ ଭାବେ ସେବିକା ରଶ୍ମିରେଖା ମହାନ୍ତି, ବିପିଓ ସୁନୀଲ ସାବତ, ବିଇଇ କୁଞ୍ଜବିହାରୀ ନାୟକ ସାମିଲ ଥିଲେ। ଉକ୍ତ ଟିମ୍ କରଡାକଣାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ବିଭିନ୍ନ ଯୋଜନାର ଲେଖା ଛପା, ଡାକ୍ତରଖାନାର ପାରିପାର୍ଶ୍ୱିକ ସ୍ଥିତି, ସ୍ୱଚ୍ଛତା ଉପରେ ପଚାରି ବୁଝିଥିଲେ। ଏହି ସମୟରେ ଡ.ବିଘ୍ନେଶ୍ୱର ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଥିଲେ। ସେହିପରି କୁଲାଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ସମସ୍ତ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଡ. ଦ୍ରବ୍ୟ ପ୍ରଶ୍ନ ରୟ, ଫାର୍ମାସିଷ୍ଟ ସନ୍ତୋଷ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତ ନିର୍ବାଚନ: ସରିଲା ପ୍ରାର୍ଥିପତ୍ର ଦାଖଲ

ପୁରୁଷୋତ୍ତମପୁର/ଧରାକୋଟ/ପୋଲସରା/ଚିକିଟି/ପାତ୍ରପୁର/ଖଲ୍ଲିକୋଟ/ହିଞ୍ଜିଳିକାଟୁ/ବୁଗୁଡ଼ା/ଜଗନ୍ନାଥପ୍ରସାଦ/ଦିଗପହଣ୍ଡି/ପାଟପୁର/ଗୋପାଳପୁର ଚିକିଟି/କାଶୀନଗର/କ.ନୂଆଗାଁ/ଜି.ଉଦୟଗିରି/ରାଇକିଆ, ୨୧।୧(ଡି.ଏନ.ଏ.)



ଦିଗପହଣ୍ଡିରେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ



ପୁରୁଷୋତ୍ତମପୁର ବ୍ଲକ ଆଛୁଲି ପଞ୍ଚାୟତରେ ସୁଧାର ଗୌଡ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।

ପୁରୁଷୋତ୍ତମପୁର ବ୍ଲକରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ସମୁଦାୟ ୨୬୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚିଙ୍ଗୁଡିଘାଇ ପଞ୍ଚାୟତରୁ ଜଣେ ମାତ୍ର ସମିତି ସଭ୍ୟ ପ୍ରାର୍ଥୀ ଭାବରେ ରଶ୍ମିରାଣୀ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୧୨ ଗୋଟି ୱାର୍ଡରେ କେହିହେଲେ ମଧ ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ଧରାକୋଟ ବ୍ଲକର ୧୮ ପଞ୍ଚାୟତର ୱାର୍ଡ ସଭ୍ୟ ପାଇଁ ମୋଟ ୪୬୨ଜଣ ଏବଂ ସରପଞ୍ଚ ପ୍ରାର୍ଥୀ ୮୮ ଓ ସମିତି ସଭ୍ୟ ଭାବେ ୬୦ ବିଭିନ୍ନ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ ନିର୍ବାଚନ ଅଧିକାରୀ ଡେନିସ ବେହେରା କହିଛନ୍ତି। ପୋଲସରା ବ୍ଲକର ୨୬ ପଞ୍ଚାୟତ କାର୍ଯ୍ୟାଳୟରେ ମୋଟ ୧୨୬ଜଣ ସରପଞ୍ଚ ପ୍ରାର୍ଥୀ ଓ ୫୯୪ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମୋଟ ୧୦୨ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଚିକିଟି ବ୍ଲକ୍ ୧୭ ପଞ୍ଚାୟତରେ ସମୁଦାୟ ୪୦୯ ଜଣ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ଏଥିମଧ୍ୟରୁ ନାମାଙ୍କନର ପ୍ରଥମ ଦିନରେ ୫ଜଣ ୱାର୍ଡସଭ୍ୟ ପଦବୀ ପାଇଁ ନାମାନଙ୍କନ ଦାଖଲ କରିଥିଲେ।

ପାତ୍ରପୁରରେ ପ୍ରଥମ ଦିନରେ କେହି ନାମାଙ୍କନ ପତ୍ର ଦାଖଲ କରିନଥିବା ବେଳେ ଦ୍ୱିତୀୟ ଦିନରେ ୧୬ ଜଣ, ତୃତୀୟ ଦିନରେ ୧୫୬ ଜଣ, ଚତୁର୍ଥ ଦିନରେ ୧୮୭ ଜଣ ଓ ଶେଷ ଦିନରେ ୨୯୪ ଜଣ ନାମାଙ୍କ ପତ୍ର ଦାଖଲ କରିଥିବା ଜଣାପଡିଛି । ମୋଟ ୱାର୍ଡ ମେମ୍ବର ପାଇଁ ୪୭୬ଜଣ, ସରପଞ୍ଚ ପାଇଁ ୧୦୦ଜଣ ଓ ସମିତି ସଭ୍ୟ ପାଇଁ ୮୦ଜଣ ନାମାଙ୍କନ ଦାଖଲ କରିଛନ୍ତି । ଖଲ୍ଲିକୋଟ ବ୍ଲକ ୨୯ ପଞ୍ଚାୟତରେ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିନରେ ୨୯୮ ନାମାଙ୍କନ ପତ୍ର ଦାଖଲ ହୋଇଛି। ସେଥିମଧ୍ୟରୁ ୱାଡ଼ ସଭ୍ୟ ୨୧୪, ସରପଞ୍ଚ-୪୧ ସମିତି ସଭ୍ୟ-୪୩ ଜଣ ଅଛନ୍ତି।

ହିଞ୍ଜିଳିକାଟୁ ବ୍ଲକରେ ୧୪୯ୱାର୍ଡ ସଭ୍ୟ, ୩୦ସରପଞ୍ଚ ଓ ୨୯ସମିତି ସଦସ୍ୟ ପାଇଁ ନାମାଙ୍କନ ଦାଖଲ ହୋଇଛି। ସମୁଦାୟ ଚଳିତ ନିର୍ବାଚନରେ ହିଞ୍ଜିଳିକାଟୁ ବ୍ଲକର ୨୧ପଞ୍ଚାୟତରେ ୪୬୫ୱାର୍ଡ ସଭ୍ୟ,୧୦୧ ସରପଞ୍ଚ ଓ ୭୧ ସମିତିସଦସ୍ୟ ନାମାଙ୍କନ ଦାଖଲ ହୋଇଥିବା ବିଡିଓ ସୁବ୍ରତ କୁମାର ଜେନା କହିଛନ୍ତି।

ବୁଗୁଡ଼ା ବ୍ଲକର ତିନୋଟି ଜିଲା ପରିଷଦ ପଦବୀ ମଧ୍ୟରୁ ଦୁଇଟି ମହିଳାଙ୍କ ପାଇଁ ଏବଂ ଅନ୍ୟଟି ଅସଂରକ୍ଷିତ ରହିଥିବା ବେଳେ ନାମାଙ୍କନ ପତ୍ର ଦାଖଲର ଶେଷଦିନ ସୁଦ୍ଧା ବିଜେଡି, ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଜଗନ୍ନାଥପ୍ରସାଦ ବ୍ଲକର ୱାର୍ଡ ସଭ୍ୟ ପାଇଁ ୬୫୧, ସରପଞ୍ଚ ପାଇଁ ୧୧୯ ଓ ସମିତି ସଭ୍ୟ ପଦବୀ ନିମନ୍ତେ ୧୦୧ ସର୍ବମୋଟ ୮୭୧ ଜଣ ପ୍ରାର୍ଥୀପତ୍ର ଦାଖଲ ହୋଇଛି।

ଦିଗପହଣ୍ଡିରେ ୪୪ ସରପଞ୍ଚ, ୪୦ ସମିତିସଭ୍ୟ ଓ ୨୬୯ ୱାର୍ଡସଭ୍ୟ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏ ନେଇ ନିର୍ବାଚନ ଅଧିକାରୀ ତଥା ବିଡିଓ ହଳଧର ଶବର ସୂଚନା ଦେଇଛନ୍ତି। ସାନଖେମୁଣ୍ଡି ବ୍ଲକର ୨୬ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ୨୬୪ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସାନଖେମୁଣ୍ଡି ବ୍ଲକ୍‌ର ବହୁ ଛାମୁଆ ନେତା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ ହୋଇଛି। ବିଶ୍ୱନାଥପୁର ପଞ୍ଚାୟତର ସମିତିସଭ୍ୟ ରୂପେ ପ୍ରାର୍ଥିନୀ ବିଷ୍ଣୁପ୍ରିୟା ନାୟକ, ବକ୍ସିପଲୀରେ ଜୟସେନ ସାହୁ, କରାପଲୀ ପଞ୍ଚାୟତରେ ଶଶିଭୂଷଣ ମହାନ୍ତି ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଚିକିଟିରେ ନୂଆପଡା, ଲାଲମେଣ୍ଟା, ଚାନ୍ଦପୁର, କେ. ନୂଆଗାଁ, କଳବାଡ଼, କୋଟିଲିଙ୍ଗିକୁ ନେଇ ଗଠିତ ହୋଇଥିବା ୧୬ ନଂ ଜୋନ ପାଇଁ ବିଜେଡି ରୁ ଜିଲାପରିଷଦ ପ୍ରାର୍ଥୀ କୋଟିଲିଙ୍ଗି ସରପଞ୍ଚ କେ. ନୀଳବେନି, ଭାଜପାରୁ ଡଭାର ଗ୍ରାମର ସୁଜାତା ସେଠି ଜିଲା ପରିଷଦ ସଭ୍ୟ ପାର୍ଥି ଭାବେ ନାମାଙ୍କନ ଦାଖଲ କରିଛନ୍ତି। ପିତାତଳି, ରାମଚନ୍ଦ୍ରପୁର, ରମ୍ଭା, ଗିରିସୋଲା, ଗୋବିନ୍ଦ ନଗର, ଝାଟିପଦାରକୁ ନେଇ ଗଠିତ ହୋଇଥିବା ୧୭ ନଂ ଜୋନରୁ ଜିଲାପରିଷଦ ପ୍ରାର୍ଥୀ ଭାବେ ବିଜେଡିରୁ ପୂର୍ବତନ ବ୍ଲକ ଅଧକ୍ଷ ଏମ. ନାଗରାଜୁ,ଭାଜପାରୁ ଗିରିସୋଲାର ମୁନା ସାହୁ, କଂଗ୍ରେସରୁ କୃଷ୍ଣନଗରର ଆଡ଼ଭାକେଟ ରବୀନ୍ଦ୍ର କୁମାର ଦେଓ, ଆମ ଆଦମୀ ପାର୍ଟିରୁ ଏସ. ଉମା ଶଙ୍କର ଜିଲା ପରିଷଦ ସଭ୍ୟ ଭାବେ ନାମାଙ୍କନ ଦାଖଲ କରିଛନ୍ତି।

କାଶୀନଗରର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମନୋନୟନ ପତ୍ର ଦାଖଲର ଶେଷ ଦିବସରେ ୱାର୍ଡସଭ୍ୟ, ସରପଞ୍ଚ, ସମିତିସଭ୍ୟ ପଦବୀ ପାଇଁ ମୋଟ ୪୮୩ ନାମାଙ୍କନ ପତ୍ର ଦାଖଲ ହୋଇଛି। କ.ନୂଆଗାଁ ବ୍ଲକରେ ନାମାଙ୍କନର ପଞ୍ଚମ ଦିବସରେ ୧୨୬ଟି ପ୍ରାର୍ଥିପତ୍ର ଦାଖଲ ହୋଇଛି। ବ୍ଲକର ୧୪ପଞ୍ଚାୟତରୁ ୮୭ ୱାର୍ଡ ସଭ୍ୟ,୧୯ ସରପଞ୍ଚ ଏବଂ ୨୦ ସମିତିସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଥିବା ବିଡିଓ ଶରତ କୁମାର ପାତ୍ର ସୂଚନା ଦେଇଛନ୍ତି।

ଜି.ଉଦୟଗିରି ପଞ୍ଚାୟତ ସମିତିରେ ୭୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ମୋଟ ପାଞ୍ଚ ଦିନରେ ୨୦୬ ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିବା ଜଣାପଡିଛି। ରାଇକିଆ ବ୍ଲକରୁ ପାଞ୍ଚ ଦିନ ମଧ୍ୟରେ ସମୁଦାୟ ୩୦୫ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସେଥିମଧ୍ୟରୁ ସରପଞ୍ଚ ପଦବୀ ପାଇଁ ୪୧, ସମିତି ସଭ୍ୟ ପାଇଁ ୪୨ ଜଣ, ୱାର୍ଡ ମେମ୍ବର ପାଇଁ ୨୧୪ ଏବଂ ଜିଲା ପରିଷଦ ସଭ୍ୟ ପାଇଁ ୮ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୨୨ ଜାନୁୟାରୀ, ୨୦୨୨



## ସଂକ୍ଷେପରେ

### ୨୬ ଜିଲା ପରିଷଦରେ ୯୯ ପ୍ରାର୍ଥୀ

ନବରଙ୍ଗପୁର,୨୧।୧(ବି.ପ୍ର.)- ନବରଙ୍ଗପୁର ଜିଲାରେ ୧୦ ବ୍ଲକରେ ୧୮୯ ପଞ୍ଚାୟତରେ ସମିତି ସଭ୍ୟ ପାଇଁ ୬୯୬ ଓ ସରପଞ୍ଚ ପଦବୀ ପାଇଁ ୭୮୧ ଜଣ ପ୍ରାର୍ଥୀ ନାମାଙ୍କନ ଦେଇଛନ୍ତି। ସେହିଭଳି ୨୬୩୦ ୱାର୍ଡ ମେମ୍ବର ପାଇଁ ୩୨୬୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜିଲାରେ ୨୬ ଜିଲା ପରିଷଦ ଆସନ ପାଇଁ ୯୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ୨ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ଉମରକୋଟ, ୨୧।୧(ସ୍ୱ.ପ୍ର.)- ଏକ ହତ୍ୟା ମାମଲାର ବିଚାର କରି ଉମରକୋଟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ସୁନୀଲ କୁମାର ଦାସ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଫୁଲଚାନ୍ଦ ଗଣ୍ଡ ଓ ସୁଧୀର ଗଣ୍ଡ। ସରକାରଙ୍କ ପକ୍ଷରୁ ଓକିଲ ଝଡ଼େଶ୍ୱର ମହାନ୍ତି ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ତପନ ଦେବନାଥ ମାମଲା ପରିଚାଳନା କରୁଥିଲେ। ରାଇଘର ଥାନା ମୋହଣ୍ଡ ଗ୍ରାମ ନିବାସୀ ଭାଦୁ ଗଣ୍ଡଙ୍କ ଝିଅ ସୁପନ୍ତି ଙ୍କ ବିବାହ ରାଇଘର ବ୍ଲକର ଫୁଲଚାନ୍ଦ ଗଣ୍ଡଙ୍କ ସହ ୨୦୧୩ ମେ ୮ରେ ହେବାର ଥିଲା। ବିବାହର ୨ ଦିନ ପୂର୍ବର ଅଭିଯୁକ୍ତ ଫୁଲଚାନ୍ଦ ସନ୍ଧ୍ୟା ସମୟରେ ସୁପନ୍ତି ସହ ଫୋନରେ କଥା ହୋଇଥିଲେ। ଏହାପରେ ସୁପନ୍ତି ଉକ୍ତ ଦିନ ରାତିରେ କାହାକୁ କିଛି ନ କହି ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମେ ୮ ତାରିଖ ଦିନ ମୋହଣ୍ଡ ଗ୍ରାମର ସାଲିକ ଦାସ ଗଣ୍ଡଙ୍କ ଜମିରୁ ସୁପାନ୍ତି ଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ରାଇଘର ଥାନାରେ ସୁପାନ୍ତିଙ୍କ ଭାଇ ଏକ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଫୁଲଚାନ୍ଦ ଗଣ୍ଡ ଓ ସୁଧୀର ଗଣ୍ଡଙ୍କୁ କୋର୍ଟ ଚାଲାଣ କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଶୁକ୍ରବାର ଉମରକୋଟ ଏଡିଜେ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି।

### ଦେଶୀ ବନ୍ଧୁକ ଜବତ, ୫ ଗିରଫ

ଡାବୁଗାଁ, ୨୧।୧ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଭକ୍ତଗୁଡ଼ା ଗ୍ରାମରେ ଗୁରୁବାର ରାତିରେ ୪ ଜଣ ଯୁବକଙ୍କୁ ଡାବୁଗାଁ ପୋଲିସ କାବୁ କରି ଅଟକ ରଖି ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି। ଏଥିସହ ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ ଜବତ କରିଛି। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଡିଗାଁ ଥାନା ଅଧୀନ ଡୁମାଦେଇ ଗ୍ରାମର ରାହୁଲ ସିଂ, ରଜନୀ କାନ୍ତ ସିଂ, ଲକ୍ଷ୍ମୀ ଚନ୍ଦ୍ର ନାୟକ, ଦୀନବନ୍ଧୁ ଜାନୀ ଓ ଜବାଗୁଡ଼ା ଗାଁର କାଶୀନାଥ ଜାନୀ । ସୂଚନାନୁଯାୟୀ, ଡାବୁଗାଁ ଥାନା ହାତୀବେଡା ପଞ୍ଚାୟତ ଅଧୀନ ଭକ୍ତଗୁଡ଼ା ଗ୍ରାମରେ କେତେଜଣ ଯୁବକ ଦେଶୀ ବନ୍ଧୁକ ଧରି ବୁଲୁଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ଡାବୁଗାଁ ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ସବଇନ୍ସପେକ୍ଟର କୁଳ ଭୂଷଣ ନାୟକ, ଏଏସ୍ଆଇ ଶିଶିରକାନ୍ତ ଘୋଷ, ବିଜୟ କୁମାର ସାହୁ ଭକ୍ତଗୁଡ଼ା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଗୋଟିଏ ଦୋକାନ ମଧ୍ୟରୁ ୫ ଜଣ ଯୁବକଙ୍କୁ ପୁଲିସ୍ ଟିମ୍ କାବୁ କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଗୋଟିଏ ଦେଶୀ ବନ୍ଧୁକ ଧରିଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ମଧ୍ୟ ଜବତ ହୋଇଛି। ଯୁବକମାନେ ଦେଶୀ ବନ୍ଧୁକ ସହ କାହିଁକି ବୁଲୁଥିଲେ, କେଉଁ ଚୋରି ଗ୍ୟାଙ୍ଗ ସହ ଏମାନଙ୍କର ସମ୍ପର୍କ ଅଛି କି ନାହିଁ ତାହା ଜାଣିବା ପାଇଁ ଅଟକ ରଖି ପଚରାଉଚୁରା କରାଯାଇଥିଲା।

# ଭୋଟର ତାଲିକାରେ ନାଁ ନାହିଁ, ନାମାଙ୍କନ ଦାଖଲ କରିପାରିଲେନି ୨ ପ୍ରାର୍ଥୀ

ଉମରକୋଟ, ୨୧।୧(ସ୍ୱ.ପ୍ର.)


ଅସନ୍ତୁଷ୍ଟ ଆଶାୟୀ ଓ ଭୋଟର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସେମଳା ପଞ୍ଚାୟତ ୱାର୍ଡ ନମ୍ବର ୪ର ଭୋଟର ତାଲିକାରେ ଅନେକ ଲୋକଙ୍କ ନାମ ନ ଥିବା ଅଭିଯୋଗ ହୋଇଛି। ୪ ଶହରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାଁ ସଂଶୋଧନ ପରେ ତାଲିକାରୁ ବାଦ୍ ପଡ଼ିଛି। ଫଳରେ ୨ ଜଣ ଆଶାୟୀ ନାମାଙ୍କନ ଦାଖଲରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନ ହେଲେ ୪ଶହ ଲୋକ ମଧ୍ୟ ଭୋଟ ଦେଇ ପାରିବେ ନାହିଁ। ତେଣୁ ନିର୍ବାଚନକୁ ସ୍ଥଗିତ ରଖିବାକୁ ୱାର୍ଡବାସୀ ଦାବି କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅସନ୍ତୁଷ୍ଟ ଆଶାୟୀ ଓ ଭୋଟର ଏହାର ପ୍ରତିବାଦ କରିଥିଲେ।

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା। ତେବେ ସଂଶୋଧନ ସମୟରେ ସେମଳା ପଞ୍ଚାୟତର ୪ ନମ୍ବର ୱାର୍ଡରେ ନୂତନ ଭାବେ ୩ ଜଣଙ୍କ ନାମ ଯୋଗ କରାଯାଇଥିବା ବେଳେ ପୂର୍ବରୁ ଭୋଟର ତାଲିକାରେ ଥିବା ୪ଶହରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ଏଥିରୁ ତ୍ରୁଟିପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି। ଏହି ସ୍ଥାନରେ ଉମରକୋଟ ପୌରପାଳିକାର ୧୦ନମ୍ବର ୱାର୍ଡର ୪୩୬ ଜଣ ଭୋଟରଙ୍କ ନାମ ସାମିଲ କରାଯାଇଛି। ତେବେ ପଞ୍ଚାୟତର ୱାର୍ଡ ନମ୍ବର ୪ର ୨ ଆଶାୟୀ ନାମାଙ୍କନପତ୍ର ଦାଖଲ ପାଇଁ ଯିବା ପରେ ସେମାନଙ୍କର ନାମ ଭୋଟର ତାଲିକାରେ ନ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଘଟଣା ଲୋକଲୋଚନଙ୍କୁ ଆସିଥିଲା। ଘଟଣା ଜଣାପଡ଼ିବା ପରେ ଆଶାୟୀ ପ୍ରାର୍ଥୀ ଏବଂ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟର ସେମଳା ପଞ୍ଚାୟତରେ ନିର୍ବାଚନ ସ୍ଥଗିତ ରଖିବା ପାଇଁ ଦାବି କରିଛନ୍ତି। ଏହି ତ୍ରୁଟି ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ନେଇ ଉମରକୋଟ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀଙ୍କୁ ପଚାରିବାରୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛି। ଜିଲାପାଳ ମଧ୍ୟ ରାଜ୍ୟ ନିର୍ବାଚନ କମିଶନଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ନିର୍ବାଚନ କମିଶନ ଯାହା ନିର୍ଦ୍ଦେଶ ଦେବେ ତଦନୁଯାୟୀ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ କହିଛନ୍ତି। ଏହି ଘଟଣା ପରେ ପଞ୍ଚାୟତ ନିର୍ବାଚନର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ।

# ସରିଲା ପ୍ରାର୍ଥିପତ୍ର ଦାଖଲ

ଗୁଣପୁର,୨୧।୧(ଡି.ଏନ୍.ଏ.)


ବୃନ୍ଦାବନ


ଗଗନ


ଗୋଦାବରୀ

- ଜିଲା ପରିଷଦ ପାଇଁ ୬୩ ନାମାଙ୍କନ
- ଚର୍ଚ୍ଚିତ ଚେହେରା ମଧ୍ୟରେ ବୃନ୍ଦାବନ, ଗଗନ, ଗୋଦାବରୀ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ସରିଛି। ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ଶେଷ ଦିନରେ ୩୩ ଜଣ ଜିଲା ପରିଷଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୫ ଦିନରେ ସମୁଦାୟ ୬୩ଟି ନାମାଙ୍କନ ପତ୍ର ଦାଖଲ ହୋଇଛି। ସେହିଭଳି ଗୁଣପୁର ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀ ଶାନ୍ତିପ୍ରଭା ପ୍ରଧାନଙ୍କ ନିକଟରେ ବିଭିନ୍ନ ପଞ୍ଚାୟତ ସମିତି ସଭ୍ୟ ନିମନ୍ତେ ୩୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରେ ବିଭିନ୍ନ ପଞ୍ଚାୟତରେ ୩୯ଜଣ ସରପଞ୍ଚ ସକାଶେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପାଇଁ ୯୬ ଏବଂ ସମିତି ସଭ୍ୟ ପାଇଁ ୮୧ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଭିନ୍ନ ଦଳ ପକ୍ଷରୁ ହୋଇଥିବା ନାମାଙ୍କନପତ୍ର ଦାଖଲ ସମୟରେ ଭାଜପା ପକ୍ଷରୁ ଜିଲା ସଭାପତି ଶିବ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ଶିବ ଉଲାକା ଏବଂ ବିଜେଡି ଜିଲା ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର ଦାସଙ୍କ ସମେତ ଅନ୍ୟ ନେତାମାନେ ଉପସ୍ଥିତ ରହି ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦାଖଲ ମଧ୍ୟରେ ଚର୍ଚ୍ଚିତ ଚେହେରା ମଧ୍ୟରେ ପଦ୍ମପୁର 'ଖ' ଯୋଜନା ପାଇଁ ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ଉପାଧ୍ୟକ୍ଷ ଗୋଦାବରୀ ରାଉତ, ରାମନାଗୁଡା ବ୍ଲକର 'କ' ଜୋନ ପାଇଁ ଭାଜପାର ବୃନ୍ଦାବନ ସେନାପତି, ବିଜେଡିର ଗଗନ ଆଚାର୍ଯ୍ୟ ଗୁଣପୁର 'କ' ଜୋନ ପାଇଁ ଶ୍ରୀଧର ଶବର ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### ୨ ଝୁଲନ୍ତା ମୃତଦେହ ଜବତ

ରାଇଘର, ୨୧।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ଦୁରୁଡିହି ଆଦିବାସୀ ଗ୍ରାମ ମଶାଣି ରାସ୍ତା ନିକଟ ଏକ କରଞ୍ଜି ଗଛରୁ ଜଣେ ନାବାଳିକାଙ୍କ ସମେତ ୨ଜଣଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଦୁରୁଡିହି ଗ୍ରାମର ଦାନୀ ଗଣ୍ଡଙ୍କ ପୁଅ ଦରବାର (୨୧)। ଉଭୟ ମୃତକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦରବାର ଓ ମୃତ ନାବାଳିକାଙ୍କ ସମ୍ପର୍କ ବିଷୟରେ କେହି ଜାଣି ନ ଥିବା ଉଭୟ ପରିବାର ଲୋକେ କହିଛନ୍ତି। ଖବରପାଇ କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କ ସହ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ କାରଣରୁ ଦୁହେଁ ଏଭଳି ନିଷ୍ପତ୍ତି ନେଲେ ପୋଲିସ ଏହାର ତଦନ୍ତ କରୁଛି। ଏ ସମ୍ପର୍କରେ କୁନ୍ଦେଇ ଥାନାରେ ୨/୨୨ ଓ ୩/୨୨ ରେ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କୃଷି ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ମାଲକାନଗିରି,୨୧।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା କୃଷି ବୈଜ୍ଞାନିକ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର କୃଷି ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀଙ୍କ ଏକ ବୈଠକ ବରିଷ୍ଠ ବୈଜ୍ଞାନିକ ସମୀର ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ନିର୍ଦ୍ଦେଶକ ଡ. ପି.ଜେ. ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ଡ. ଶିବପ୍ରସାଦ ସଂଗ୍ରାମ ସିଂ, କେନ୍ଦ୍ରୀୟ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଡ. ପ୍ରମୋଦ ପଣ୍ଡା, ମାଲକାନଗିରିଜିଲା ନାବାର୍ଡସଂସ୍ଥାର ମୁଖ୍ୟ ଅଧିକାରୀ ଧର୍ମେନ୍ଦ୍ର ବେଉରିଆ, ଲିଡ୍ ବ୍ୟାଙ୍କ ପରିଚାଳକ ନରସିଂହ ପାଢ଼ୀ, ଉଦ୍ୟାନ ବିଭାଗ ଅଧିକାରୀ ଏନ୍.ଆର୍. ହୟଗ୍ରିବ, ଜିଲା ମତ୍ସ୍ୟ ଅଧିକାରୀ ନରସିଂହ ମୁଣ୍ଡ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ସହ ୧୫ ଜଣ ଚାଷୀ ଉପସ୍ଥିତ ଥିଲେ। ମାଲକାନଗିରି ଜିଲାରେ ବିଭିନ୍ନ କିସମ ରବି, ଖରିଫ, ପନିପରିବା, ତୈଳଜାତୀୟ, ଡାଲି ଜାତୀୟ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଉନ୍ନତମାନର ଚାଷ ପ୍ରଣାଳୀ ପାଇଁ ଚାଷୀଙ୍କୁ ସଚେତନ, ତାଲିମ, ବିହନ, ସାର ଯୋଗାଇବା ନେଇ ଚାଷୀଙ୍କ ସହ ଆଲୋଚନା ହୋଇଥିଲା। ମାଟି ପରୀକ୍ଷା, ବିହନ ବିଶୋଧନ, ଉପଯୁକ୍ତ ସମୟରେ କୋଡା ଖୋସା, ଜୈବିକ ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ, ଶସ୍ୟ ଅମଳ, ସଂରକ୍ଷଣ ଉପରେ ବୈଜ୍ଞାନିକମାନେ ଗୁରୁତ୍ୱାରୋପ କରିଥିଲେ। ମତ୍ସ୍ୟ, କୁକୁଡା ପାଳନ, ଛେଳି, ଗୋପାଳନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ବୈଜ୍ଞାନିକ ନିଗମାନନ୍ଦ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ମାଣ୍ଡିଆ ଓ ଅନ୍ୟାନ୍ୟ ଚାଷ ଏବଂ ଉତ୍ପାଦନ ସମ୍ପର୍କିତ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା।

# ମୁକୁଳା ପଡ଼ିଛି ମାଲକାନଗିରି ସୀମାନ୍ତ ହେଉନି କଡ଼ାକଡ଼ି ଯାଞ୍ଚ, ଧରପଗଡ଼


ଯାଞ୍ଚ ହେଉନି, ମୁକୁଳା ପଡ଼ିଛି ଚାଲାଣଗୁଡ଼ା ଯାଞ୍ଚ ସ୍ଥଳ।

ମାଲକାନଗିରି, ୨୧।୧ (ଡି.ଏନ.ଏ.)

କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସାରା ବିଶ୍ୱରେ ଅନେକ ଜୀବନ ନେଇଥିଲା। ଏହି ମହାମାରୀକୁ ରୋକିବା ପାଇଁ ରାଜ୍ୟ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି ପଦକ୍ଷେପ ଗ୍ରହଣ କରିଥିଲେ। ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରକ୍ଷାକୁ ଗୁରୁତ୍ୱ ଦେଇଥିଲେ। ଫଳରେ ଧୀରେ ଧୀରେ କରୋନା କମିଥିଲା। ସରକାର ମଧ୍ୟ ସମୟକ୍ରମେ କଟକଣାକୁ କୋହଳ କରିଥିଲେ। ତେବେ ବର୍ତ୍ତମାନ କରୋନାର ତୃତୀୟ ଲହର ବ୍ୟାପୁଥିବାରୁ ସମସ୍ତ ରାଜ୍ୟ ନିଜ ନିଜ ସୁରକ୍ଷାରେ ଲାଗିପଡିଛନ୍ତି। ତେବେ ମାଲକାନଗିରି ସୀମାନ୍ତ ଛତିଶଗଡ଼ ସରକାର ଏହି ମହାମାରୀକୁ ରୋକିବାକୁ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିବା ସହ ମାଲକାନଗିରିରୁ ଯାଉଥିବା ପ୍ରତି ବ୍ୟକ୍ତିଙ୍କ କରୋନା ଟେଷ୍ଟିଂ ବ୍ୟବସ୍ଥା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମାଲକାନଗିରି ସୀମା ଖାଲି ପଡ଼ିଛି। ଛତିଶଗଡ଼ର ସୁକ୍‌ମା ଜିଲା ପ୍ରଶାସନ ସୀମାରେ ପୋଲିସ ମୁତୟନ କରି ସମସ୍ତ ଗାଡିମୋଟର ଯାଞ୍ଚ କରୁଛନ୍ତି। ସମସ୍ତ ଯାତ୍ରୀ ମାସ୍କ ବ୍ୟବହାର କରୁଛନ୍ତି କି ନାହିଁ ତାହାର ତଦାରଖ କରୁଛନ୍ତି। ଏଥିସହ ସୀମା ଭିତରେ ପ୍ରବେଶ ପୂର୍ବରୁ କେତୋଟି ଟିକା ନେଇଛନ୍ତି ସେନେଇ ପଚରାଯାଉଛି। ତେବେ ଯଦି କୌଣସି ଯାତ୍ରୀ ମାସ୍କ ବ୍ୟବହାର କରି ନ ଥାନ୍ତି ତାଙ୍କଠାରୁ ଫାଇନ ମଧ୍ୟ ଆଦାୟ କରାଯାଉଛି। ଛତିଶଗଡ଼ ସରକାର ତାଙ୍କ ସୀମାନ୍ତ ଅଞ୍ଚଳ ପାଇଁ ଏସବୁ ପଦକ୍ଷେପ ନେଉଥିବା ବେଳେ ଓଡ଼ିଶାର ମାଲକାନଗିରି ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ସେଠାରେ ସୀମାନ୍ତ ଖୋଲାପଡିଛି। ମାଲକାନଗିରି ସୀମାନ୍ତରେ ଚାଲାଣଗୁଡ଼ା ଚେକ୍ ପଏଣ୍ଟରେ କୌଣସି ଯାଞ୍ଚ ହେଉ ନ ଥିବା ଦେଖିବାକୁ ମିଳିଛି। ସେଠାରେ କୌଣସି ସୁରକ୍ଷା ବାହିନୀ କି ସ୍ୱାସ୍ଥ୍ୟକର୍ମୀ ମୁତୟନ ହୋଇନାହାନ୍ତି। ଫଳରେ ସୁକ୍‌ମାରୁ ଅନେକ ଯାତ୍ରୀ ବିନା ଯାଞ୍ଚରେ ପ୍ରତ୍ୟହ ମାଲକାନଗିରି ଜିଲାକୁ ଆସୁଛନ୍ତି। ଏହା ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କରୋନା ଉପରେ ଗୁରୁତ୍ୱ ଦେଇ ସୀମାନ୍ତରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ଟ୍ରଫି ହାସଲ କଲେ ସୁନାବେଡ଼ାର କଳାକର ପ୍ରଧାନ

ସୁନାବେଡା,୨୧।୧(ସ୍ୱ.ପ୍ର.)

**ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ**


ଟ୍ରଫି ହାସଲ କରିଥିବା କଳାକର।

କୋରାପୁଟ ଡିଷ୍ଟ୍ରିକ୍ଟ ବ୍ୟାଡମିଣ୍ଟନ ଆସୋସିଏଶନ,ଏଫଜେଡ ଫୋର୍ଜା ଏବଂ ଓଏସ୍‌ବିଏ ମିଳିତ ଆନୁକୂଲ୍ୟରେ ଚାଲିଥିବା ମାଷ୍ଟର୍ସ ଅଲ୍ ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୨ରେ ସୁନାବେଡାର କଳାକାର ପ୍ରଧାନ ଟ୍ରଫି ହାସଲ କରିଛନ୍ତି। କୋରାପୁଟ,ପୂଜାରିପୁଟସ୍ଥିତ ଇନ୍‌ଡୋର ହଲ୍‌ଠାରେ ଗତ ୧୯ରୁ ୨୧ ପର୍ଯ୍ୟନ୍ତ ମାଷ୍ଟର୍ସ ତାରକାଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ହୋଇଥିଲା। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ୫୦ ପ୍ଲସ ମାଷ୍ଟର୍ସ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ୪୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚରେ କଟକର ଅଶୋକ ମଲ୍ଲିକଙ୍କୁ ୨୧-୧୪ ଥାର୍ଡ ସେଟ୍‌ରେ ପରାସ୍ତ କରି ସୁନାବେଡାର କଳାକାର ମାଷ୍ଟର୍ସ ସିଙ୍ଗଲସ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସେ ଅନୁଗୋଳ ଜିଲାର ସଞ୍ଜୟ ରାଉତଙ୍କୁ ମ୍ୟାଚର ଥାର୍ଡ ସେଟ୍‌ରେ ୨୧-୧୪ରେ ପରାସ୍ତ କରି ବିଜୟୀ ଟ୍ରଫି ହାସଲ କରିଥିଲେ। କଳାକାର ବ୍ୟାଡମିଣ୍ଟନରେ ରାଜ୍ୟ ଓ ଜାତୀୟ ସ୍ତରର ବହୁ ଟୁର୍ଣ୍ଣାମେଣ୍ଟ ଖେଳି ରାଜ୍ୟ ତଥା କୋରାପୁଟ ଜିଲା ପାଇଁ ପୂର୍ବରୁ ଗୌରବ ଆଣିଦେଇଛନ୍ତି। ସୂଚନାଯୋଗ୍ୟ, ଜାତୀୟ ଓ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ କଳାକାରଙ୍କ ଏହା ହେଉଛି ତୃତୀୟ ଥର ପାଇଁ ଲଗାତର ସଫଳତା। ସେ ଗତ ନଭେମ୍ବରରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ହଲ୍‌ରେ ଏବଂ ଡିସେମ୍ବରରେ କଟକ କମଳାକାନ୍ତ ବିଦ୍ୟାପୀଠ ଇନ୍‌ଡୋର ହଲ୍‌ରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଗୋଟିଏ ଲେଖାଏ ଟ୍ରଫି ହାସଲ କରିଥିଲେ। ଏହି ସଫଳତା ପାଇଁ ତାଙ୍କୁ ସୁନାବେଡାର ବହୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଶିରିଶି ସରପଞ୍ଚ, ସମିତି ସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ

ପାପଡାହାଣ୍ଡି,୨୧।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ଶେଷ ହୋଇଛି। ପାପଡାହାଣ୍ଡି ବ୍ଲକ ଶିରିଶୀ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ ହାଇଛନ୍ତି। ସରପଞ୍ଚ ସୁମତି ଭତରା ଓ ସମିତି ସଭ୍ୟା ପାଇଁ ଉର୍ମିଳା ଭତରା ଅପ୍ରତିଦ୍ୱନ୍ଦ୍ୱି ହୋଇଛନ୍ତି। ସମସ୍ତେ ବିଜେଡି ସମର୍ଥିତ ବୋଲି ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସରକାରଙ୍କ ଯୋଜନାରେ ଲୋକଙ୍କୁ ଅନ୍ତର୍ଭୁକ୍ତ ସେବା କରିବେ ବୋଲି ରନ୍ଧାରୀ କହିଛନ୍ତି।

# ସ୍ୱାମୀନାଥନ ଫାଉଣ୍ଡେଶନ ପକ୍ଷରୁ ପୋଷଣ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୧।୧ (ନି.ପ୍ର.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ କୁସୁମଗୁଡ଼ା ଗ୍ରାମରେ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପୋଷଣ ଓ ସ୍ୱାସ୍ଥ୍ୟ ସଚେତନତାଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁସୁମଗୁଡ଼ା, ଆମ୍ବଗୁଡା, ବାନ୍ଧିଆଗୁଡା ଓ ବାମୁଣିପଦର ଗ୍ରାମରୁ ୪୦ ଜଣ ପ୍ରସୂତି, ସେମାନଙ୍କ ନବଜାତ ଶିଶୁ ଏବଂ ଗର୍ଭବତୀ ଯୋଗ ଦେଇଥିଲେ। ମୁଖ୍ୟ ପ୍ରଶିକ୍ଷିକା ଭାବେ ଜୟପୁର ଜିଲା ଚିକିତ୍ସାଳୟର ସେବିକା ହେମାଙ୍ଗିନୀ ପଣ୍ଡା ଓ ସଙ୍ଗୀତାଞ୍ଜଳି ନାୟକ ଯୋଗଦେଇ ଗର୍ଭବତୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ସେମାନଙ୍କ ଦୈନନ୍ଦିନ ପୋଷଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ସେମାନଙ୍କୁ ବୁଝାଇଥିଲେ। ଗର୍ଭଧାରଣଠାରୁ ଶିଶୁ ଜନ୍ମ ହେବାର ୩ ବର୍ଷ ଯାଏ ସେମାନଙ୍କ ଯତ୍ନ, ଖାଦ୍ୟ ପ୍ରଣାଳୀ, ଟିକାକରଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ନେଇ ମା'ମାନଙ୍କୁ ବୁଝାଇଥିଲେ। କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଲେ ତୁରନ୍ତ ଆଶାକର୍ମୀଙ୍କ ସହାୟତାରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। କାର୍ଯ୍ୟକ୍ରମରେ ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା ସ୍ୱାଗତ ସୂଚନା ଦେଇଥିଲେ। ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ ପରିଡ଼ା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ ସାହୁ, ରଞ୍ଜିତ ଦଲେଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳା ।

# ସର୍ବଦଳୀୟ ନିଷ୍ପତ୍ତିକୁ ବିରୋଧ

ପଟ୍ଟାଙ୍ଗୀ,୨୧।୧(ଡି.ଏନ.ଏ.)



କୋଟିଆର କେତେଜଣ ଗ୍ରାମବାସୀ ସର୍ବଦଳୀୟ ବୈଠକକୁ ବିରୋଧ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତର ନିର୍ବାଚନକୁ ନେଇ ସର୍ବଦଳୀୟ ନିଷ୍ପତ୍ତିକୁ ବିରୋଧ କରିଛନ୍ତି କୋଟିଆବାସୀ। ଫଳରେ ଜିଲା ସଦର ମହକୁମାରେ ହୋଇଥିବା ସର୍ବଦଳୀୟ ବୈଠକ ଏକ ପ୍ରକାର ବିଫଳ ହୋଇଥିବା ଆଲୋଚନା ହେଉଛି। ସର୍ବଦଳୀୟ ନିଷ୍ପତ୍ତିକୁ କୋଟିଆ ପଞ୍ଚାୟତ ଭୋଟରଙ୍କ ସମେତ ନାମାଙ୍କନପତ୍ର ଦାଖଲ କରିଥିବା ସରପଞ୍ଚ ପ୍ରାର୍ଥୀ ବିରୋଧ କରିଥିବା ଜଣାପଡିଛି। ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଶୁକ୍ରବାର ସୁଦ୍ଧା ସରପଞ୍ଚ ନିମନ୍ତେ ୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଜଣେ ସମିତିସଭ୍ୟ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କୋଟିଆ ପଞ୍ଚାୟତ ଅଧୀନରେ ଥିବା ୧୩ ୱାର୍ଡ ପାଇଁ ୧୪ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ସର୍ବଦଳୀୟ ପ୍ରାର୍ଥୀଙ୍କୁ ଗୁମେଲପଦର ଗ୍ରାମର ପ୍ରବୀଣ ତାଡିଙ୍ଗି ଓ କୋଟିଆ ଗ୍ରାମର ସନାତନ ଗେମେଲ ବିରୋଧ କରିଛନ୍ତି। ସରପଞ୍ଚ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବର୍ତ୍ତମାନର ସରପଞ୍ଚ ବିଶ୍ୱନାଥ ଖିଲ ଓ ପୂର୍ବତନ ସରପଞ୍ଚ ସିଦ୍ଧେଶ୍ୱର ଗେମେଲ ଏବଂ ବାରାବନ୍ଧ ଗ୍ରାମର ବିନୋଦ କୁମାର ପାଙ୍ଗୀ ସର୍ବଦଳୀୟ ବୈଠକର ନିଷ୍ପତ୍ତି ତିନି ରାଜନୈତିକ ଦଳର ନିଷ୍ପତ୍ତି ବୋଲି କହିଛନ୍ତି। ଏହି ତିନି ରାଜନୈତିକ ଦଳର ନେତାମାନେ କେତେଥର କୋଟିଆ ପଞ୍ଚାୟତବାସୀଙ୍କ ସମସ୍ୟା ସମାଧାନ କରିବାକୁ ଆଗେଇ ଆସିଛନ୍ତି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏଯାବତ୍ କୋଟିଆରେ ଯାହା ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ତାହା ରାଜ୍ୟ ସରକାରଙ୍କ ସହଯୋଗରେ ହୋଇଛି। ସର୍ବଦଳୀୟ ନେତାଙ୍କ ଏପରି ନିଷ୍ପତ୍ତିକୁ ଆମେ ନିନ୍ଦା କରୁଛୁ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ସାମ୍ବିଧାନିକ ଅଧିକାର, କର୍ତ୍ତବ୍ୟ ସମ୍ବନ୍ଧିତ ସଚେତନତା

ରାୟଗଡା ଅଫିସ, ୨୧।୧

ଜିଲା ଆଇନ ସେବା ପ୍ରାଧିକରଣ ରାୟଗଡା ପକ୍ଷରୁ ଶୁକ୍ରବାର ଅନ୍‌ଲାଇନ ଜରିଆରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଡ଼ହକ ଅତିରିକ୍ତ ଜିଲା ଦୌରା ଜଜ ଫାଷ୍ଟ ଟ୍ରାକ ଗଣେଶ୍ୱର ପତି, ସ୍ଥାୟୀ ଲୋକଅଦାଲତ ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା, ଜିଲା ଆଇନ ସେବା ପ୍ରାଧିକରଣ ବରିଷ୍ଠ ଦେୱାନୀ ବିଚାରପତି ଶତରୁପା ଶତପଥୀ ମହିଳା କୋର୍ଟର ବିଚାର ପତି ତଥା ଜିଲା ଆଇନସେବା ପ୍ରାଧୀକରଣ ଭାରପ୍ରାପ୍ତ ସମ୍ପାଦକ ସୋନାଲ ଶର୍ମା, ପେନାଲ ଲୟର ପାରା ଲିଗାଲ ଭଲ୍ୟୁନଟର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ନିଜର ବକ୍ତବ୍ୟରେ ଭାରତୀୟ ସମ୍ବିଧାନ, ସମ୍ବିଧାନରେ ବର୍ଣ୍ଣିତ ମୌଳିକ ଅଧିକାର କର୍ତ୍ତବ୍ୟ ବିଷୟରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇ ଥିଲେ।

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୨୧।୧:** ଫୁଲବାଣୀ ଫାଷ୍ଟଟ୍ରାକ ସ୍ୱତନ୍ତ୍ର କୋର୍ଟ ଅତିରିକ୍ତ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନାର ଅନାଦାୟେ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କୋଟଗଡ ଥାନା ଅଞ୍ଚଳର ମୁକୁନ୍ଦ ମଲ୍ଲିକ। କୋଟଗଡ ଥାନା ଅଞ୍ଚଳର ନାବାଳିକା ଜଣକ ୭ମ ଶ୍ରେଣୀରେ ପଢୁଥିଲେ। ୨୦୧୬ ନଭେମ୍ବର ୧୬ ତାରିଖରେ ସେ ଘରୁ ଆଧାରକାର୍ଡ ନେଇ ସ୍କୁଲ ଯାଉଥିଲେ। ପାହାଡିଆ ଜଙ୍ଗଲ ରାସ୍ତା ଦେଇ ଯିବାବେଳେ ମୁକୁନ୍ଦ ତାଙ୍କୁ ଏକୁଟିଆ ପାଇ କିଛି ଦୂର ଟେକି ନେଇ ବଳାତ୍କାର କରିଥିଲେ। ଘଟଣା ବିଷୟରେ କାହାରିକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

### ଘାଟିରେ ଓଲଟିଲା ବସ, ୧୦ ଆହତ

**ପାରଳାଖେମୁଣ୍ଡି, ୨୧।୧(ଡି.ଏନ୍.ଏ.):** ଗଜପତି ଜିଲା ରାଣିବାଡ଼ ଘାଟିରେ ଶୁକ୍ରବାର ଏକ ବସ ଓଲଟି ପଡ଼ିବାରୁ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସକାଳେ ବସ୍ ୩୦ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ସମୟରେ ରାୟଗଡ଼ା ଥାନା ଅଞ୍ଚଳ ରାଣିବାଡ଼ ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ବସରେ ୩୦ ଜଣ ଯାତ୍ରୀ ଥିବାବେଳେ ୧୦ରୁ ଅଧିକ ଜଣ ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ବସ ଡ୍ରାଇଭର ରହିଥିବା ସୂଚନା ମିଳିଛି। ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ଜିରାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାପରେ ରାଣିବାଡ଼ି ଘାଟିରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି।

### ସ୍ତ୍ରୀ ହନ୍ତାଙ୍କୁ ଆଜୀବନ ଜେଲ

**ରାଇରଙ୍ଗପୁର, ୨୧।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସ୍ଥିତ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ଏକ ବଧୂ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପକ କୁମାର ଏହାର ଶୁଣାଣି କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ରାଜୁ ବିରୁଆ। ସୂଚନା ଅନୁଯାୟୀ, ୨୦୧୭ ଅକ୍ଟୋବର ୧୫ରେ ବିଶୋଇ ଥାନା ଅଧୀନ କଟାସ ଗାଁର ରାଜୁ ଘରୋଇ କଳହକୁ ନେଇ ତାଙ୍କ ସ୍ତ୍ରୀ ରସବତୀଙ୍କୁ ଏକ ଲୁହା ରଡ଼ରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୫୮/୧୭) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୧୫ଜଣ ସାକ୍ଷୀ, ପୋଲିସ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

### କୋକୋକୁ ତା'ର ପାଳନକର୍ତ୍ତାଙ୍କୁ ଫେରାଇ ଦିଆଯାଉ

#### ମୁଖ୍ୟମନ୍ତ୍ରୀଙ୍କୁ ୭ ଶିକ୍ଷାବିତ୍‌ଙ୍କ ଚିଠି

**କଟକ ଅଫିସ, ୨୧।୧:** ପୋଷାଶୁଆ କୋକୋକୁ ତା'ର ପାଳନକର୍ତ୍ତାଙ୍କୁ ଫେରାଇଦେବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦେବା ଲାଗି ୭ ଜଣ ଶିକ୍ଷାବିତ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଶିକ୍ଷାବିତ୍‌ମାନେ ଏ ସମ୍ପର୍କିତ ଏକ ଚିଠି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଶୁକ୍ରବାର ପଠାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ପଶୁପକ୍ଷୀମାନେ ଖାଲି ଖାଦ୍ୟ ଖାଇ ବଞ୍ଚନ୍ତି ନାହିଁ। ସେମାନଙ୍କ ଜୀବନରେ ସ୍ନେହଶ୍ରଦ୍ଧାର ବି ମୂଲ୍ୟ ରହିଛି। ହେଲେ ଜଙ୍ଗଲ ବିଭାଗ ଅଧିକାରୀମାନେ କୋକୋକୁ ଜବତ କରି ଅସମ୍ବେଦନଶୀଳ କାର୍ଯ୍ୟ କରିଛନ୍ତି। ଆଇନର ଦ୍ୱାହିଦେଇ ଏଭଳି କାର୍ଯ୍ୟ କରିବା ଠିକ୍ ନୁହେଁ। ଏଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରନ୍ତୁ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପୂର୍ବତନ ମୁଖ୍ୟ ଦିନେଶ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ସଚିନ୍ଦ୍ର ରାଉଳ, ନରସିଂହ ଚୌଧୁରୀ କଲେଜର ପୂର୍ବତନ ଅଧ୍ୟକ୍ଷ ବିଷ୍ଣୁ ଚରଣ ସାହୁ, ଚୌଦ୍ୱାର କଲେଜର ପୂର୍ବତନ ଅଧ୍ୟକ୍ଷ ତୁଷାରକାନ୍ତ ପଟ୍ଟନାୟକ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଶଙ୍କର୍ଷଣ ମିଶ୍ର, ପଦାର୍ଥ ବିଜ୍ଞାନୀ ହରିହର ମିଶ୍ର ଓ ଦର୍ଶନଶାସ୍ତ୍ରବିତ ନାରାୟଣ ମହାନ୍ତି ସ୍ୱାକ୍ଷର କରି ଉକ୍ତ ଚିଠି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି।

# ସାଧାରଣତନ୍ତ୍ର ଦିବସରେ ମନ୍ତ୍ରୀଙ୍କ ପତାକା ଉତ୍ତୋଳନ

## ସମ୍ବଲପୁରରେ ଅର୍ଥ, କଟକରେ ଜଙ୍ଗଲ ପରିବେଶ ମନ୍ତ୍ରୀ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଚଳିତ ସାଧାରଣତନ୍ତ୍ର ଦିବସ ପାଳନ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଉକ୍ତ ମାର୍ଗଦର୍ଶିକାକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ସମସ୍ତ କ୍ୟାବିନେଟ୍ ଓ ରାଷ୍ଟ୍ରପାହ୍ୟା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସମସ୍ତ ଆର୍‌ଡିସି ଏବଂ ଜିଲାପାଳଙ୍କୁ ପତ୍ର ପ୍ରେରଣ କରାଯାଇଥିଲା। ସେହି ଅନୁଯାୟୀ କେଉଁ ମନ୍ତ୍ରୀ କେଉଁଠି ପତାକା ଉତ୍ତୋଳନ କରିବେ ତାର ଏକ ତାଲିକା ଶୁକ୍ରବାର ପ୍ରକାଶ ପାଇଛି।

ପ୍ରକାଶ ପାଇଥିବା ତାଲିକା ଅନୁଯାୟୀ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସମ୍ବଲପୁର ଜିଲା ମୁଖ୍ୟାଳୟଠାରେ ପତାକା ଉତ୍ତୋଳନ କରିବେ। ସେହିପରି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ୍ କଟକ, ପୂର୍ତ୍ତ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ନୟାଗଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୟୂରଭଞ୍ଜ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବରଗଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଅନୁଗୋଳଠାରେ ପତାକା ଉତ୍ତୋଳନ କରିବେ। ସେହିପରି କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ସୁବର୍ଣ୍ଣପୁର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କେନ୍ଦୁଝର, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ସୁଶାନ୍ତ ସିଂ ସୁନ୍ଦରଗଡ଼ଠାରେ ଜାତୀୟ ପତାକା ଉତ୍ତୋଳନ କରିବେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ନୂଆପଡା, ଟୁକୁନି ସାହୁ ଗଞ୍ଜାମ, ଏସ୍‌ସିଏସ୍‌ଟି ଡେଭଲପମେଣ୍ଟ ମନ୍ତ୍ରୀ ଜଗନ୍ନାଥ ସାରକା ମାଲକାନଗିରି, ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ରାୟଗଡା, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବାଲେଶ୍ୱରଠାରେ ଉତ୍ତୋଳନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କେନ୍ଦ୍ରାପଡ଼ା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜଗତ୍‌ସିଂହପୁର, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାଏକ କନ୍ଧମାଳ, ସୂଚନା ଓ ଲୋକ ସମ୍ପର୍କ ଏବଂ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ପୁରୀ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ନବରଙ୍ଗପୁର, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କୋରାପୁଟ ଜିଲା ମୁଖ୍ୟାଳୟଠାରେ ପତାକା ଉତ୍ତୋଳନ କରିବେ। ଅନ୍ୟପକ୍ଷରେ ବ୍ରହ୍ମପୁରରେ ଆର୍‌ଡିସି (ଏସ୍‌ଡି), ରାଉରକେଲାରେ ଆର୍‌ଡିସି (ଏନ୍‌ଡି), ଖୋର୍ଦ୍ଧାରେ ଆର୍‌ଡିସି (ସିଡି) ପତାକା ଉତ୍ତୋଳନ କରିବେ। ବଲାଙ୍ଗୀର, ଭଦ୍ରକ, ବୌଦ୍ଧ, ଦେବଗଡ, ଢେଙ୍କାନାଳ, ଗଜପତି, ଯାଜପୁର, ଝାରସୁଗୁଡା ଏବଂ କଳାହାଣ୍ଡିଠାରେ ସ୍ଥାନୀୟ ଜିଲାପାଳ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି।

ତେବେ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ସାଧାରଣତନ୍ତ୍ର ଦିବସରେ ଅତିଥିଭାବେ ଯୋଗଦେଉଥିବାବେଳେ ତାଙ୍କ ଭାଷଣ କେବଳ ରାଷ୍ଟ୍ର, ସ୍ୱାଧୀନତା ସଂଗ୍ରାମୀ, ଶହୀଦ ଏବଂ ରାଷ୍ଟ୍ରର ଜୟଗାନ ମଧ୍ୟରେ ସୀମିତ ରହିବ। କ୍ୟାବିନେଟ୍ ତଥା ରାଷ୍ଟ୍ରପାହ୍ୟା ମନ୍ତ୍ରୀ କିମ୍ବା ରାଜନୈତିକ କର୍ମକର୍ତ୍ତା ନିଜ ଜିଲାରେ ଅତିଥି ଭାବେ ଯୋଗଦେଇପାରିବେ ନାହିଁ। ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ, ରାଜନୈତିକ କର୍ମକର୍ତ୍ତା କୌଣସି ପ୍ରକାର ସରକାରୀ ସଫଳତା ସମ୍ପର୍କିତ ଭାଷଣ ଦେଇପାରିବେ ନାହିଁ।

### ତେଜପାଲ ମାମଲା ଶୁଣାଣିରୁ ଓହରିଲେ ବିଚାରପତି

**ନୂଆଦିଲ୍ଲୀ, ୨୧।୧**

ତେହଲକାର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲଙ୍କ ଏକ ଆବେଦନର ଶୁଣାଣିରୁ ସୁପ୍ରିମକୋର୍ଟ ବିଚାରପତି ଏଲ୍. ନାଗେଶ୍ୱର ରାଓ ଶୁକ୍ରବାର ଓହରିଯାଇଛନ୍ତି। ୨୦୧୩ର ଏକ ବଳାତ୍କାର ମାମଲାରେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ କ୍ୟାମେରା ସମ୍ମୁଖରେ ଶୁଣାଣି ପାଇଁ ତାଙ୍କ ଆବେଦନକୁ ବମ୍ବେ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହା ବିରୋଧରେ ତେଜପାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୬ରେ ମଧ୍ୟ ବିଚାରପତି ନାଗେଶ୍ୱର ରାଓ କେତେକ ଶୁଣାଣିରୁ ଓହରିଯାଇଥିଲେ। ସେ ସେତେବେଳେ ଉକ୍ତ ମାମଲାରେ ଗୋଆ ସରକାରଙ୍କ ତରଫରୁ ଲଢୁଥିଲେ। ତେଣୁ ଆସନ୍ତା ସପ୍ତାହରେ ଉକ୍ତ ମାମଲାର ଶୁଣାଣି ଅନ୍ୟ ଖଣ୍ଡପୀଠରେ କରାଯାଉ ବୋଲି ଜଷ୍ଟିସ୍ ରାଓ କହିଛନ୍ତି।



ଭୁବନେଶ୍ୱରରେ ଶୁକ୍ରବାର କୁହୁଡ଼ିଆ ସକାଳେ ଲୋକମାନେ ରାସ୍ତା ଉପରେ ବ୍ୟାୟାମ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବାପା ସାମ୍ନାରେ...

ଏହା ପରେ ଅଜୟ ଅନ୍ୟ ଟ୍ରାକ୍ଟରରେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିଲେ। ହେଲେ ବିରୋଧୀ ପକ୍ଷ ତାଙ୍କୁ ଏହା ମଧ୍ୟ କରାଇ ଦେଇ ନ ଥିଲେ। ଗୁରୁବାର ରାତିରେ ଗେଙ୍ଗୁଟିଆ ଘାଟରେ ବାଲି ଚୋରାଚାଲାଣ ହେଉଥିବା ସୂଚନା ପାଇ ଅଜୟ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ବଡ଼ଭାଇ ଅଖିଳ ଏବଂ ତାଙ୍କ ବାପା ସେଠାକୁ ଯାଇ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଟ୍ରାକ୍ଟର ମାଲିକଙ୍କ ସହଯୋଗୀଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଅଜୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଅଜୟ ତଳେ ପଡ଼ିଯିବା ପରେ ତାଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଅଜୟଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତମାନେ ଅଖିଳ ଏବଂ ତାଙ୍କ ବାପାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଶୁକ୍ରବାର ଘଟଣା ସମ୍ପର୍କରେ ସୂଚନା ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଜିଲା ଚିକିତ୍ସାଳୟକୁ ପଠାଇଛି। ଅଖିଳଙ୍କ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରହିଥିବା ସଦର ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### କୋ-ୱିନ୍‌ରୁ କୋଭିଡ୍...

କରାଯାଇଥିବା ସାମ୍ପୁଲ ଡକ୍ୟୁମେଣ୍ଟରୁ ଜଣାପଡ଼ିଛି। କେନ୍ଦ୍ର ସରକାର କରୋନା ମହାମାରୀର ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିବା ଏବଂ ଟିକାକରଣ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଲାଗି ଡିଜିଟାଲ ଟେକ୍ନୋଲୋଜି ଉପରେ ଅତ୍ୟଧିକ ନିର୍ଭର କରିଥିଲେ। ଅନେକ ସରକାରୀ ବିଭାଗ ପକ୍ଷରୁ କୋଭିଡ୍ ସମ୍ପର୍କିତ ସେବା ଓ ସୂଚନା ପାଇଁ ଲୋକଙ୍କୁ ଆରୋଗ୍ୟ ସେତୁ ଆପ୍ ବ୍ୟବହାର କରିବାକୁ ବାଧ କରାଯାଇଥିଲା। ସେହି ବ୍ୟକ୍ତିଗତ ସମ୍ବେଦନଶୀଳ ତଥ୍ୟଗୁଡ଼ିକ ଏବେ ଅପରାଧୀଙ୍କ ହାତରେ ପଡ଼ିଛି। ଡାର୍କ ୱେବ୍‌ରେ ସେସବୁ ବିକ୍ରି ପାଇଁ ଉପଲବ୍ଧ କରାଯାଇଛି।

### ସ୍ୱାଧୀନତା ସଂଗ୍ରାମୀ.

ପୁତୁରା, ପୁତ୍ରବଧୂ, ନାତି, ନାତୁଣୀ, ଅଣନାତି ମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ, ସୋହେଲା ତହସିଲଦାର ମାନସ କୁମାର ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ପଧାନଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସୋହେଲା ଥାନା ଆଇଆଇସି ହରିବନ୍ଧୁ ଗଡ଼ତିଆଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଧାନଙ୍କୁ ପାଣିମୋରାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

### ଯୁଦ୍ଧ ସ୍ମାରକୀରେ...

ସେହିପରି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି ମଧ୍ୟ ମୋଦି ସରକାରଙ୍କୁ ସମାଲୋଚନା କରିଛନ୍ତି। ମୋଦି ପୁଣିଥରେ ଆମ ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନିତ କରିଛନ୍ତି। ସେମାନଙ୍କ ସଂଘର୍ଷ ପାଇଁ ଜୀବନ, ସ୍ୱାଧୀନତା, ସମାନତା, ଧର୍ମୀୟ ଅଧିକାର ମିଳିଛି। ତେବେ ସେମାନଙ୍କ ସଂଗ୍ରାମକୁ ମୋଦି ସମୟର ଅପଚୟ ଭାବିବା ଲଜ୍ଜାଜନକ ବୋଲି ଓୱାଇସି ଟୁଇଟ୍ କରିଛନ୍ତି। ସେହିପରି ଆର୍‌ଜେଡି ଏମ୍‌ପି ମନୋଜ କୁମାର ଝା ସରକାରଙ୍କ ନିଷ୍ପତ୍ତିର ସମାଲୋଚନା କରିଛନ୍ତି। ଏନ୍‌ଡବ୍ଲ୍ୟୁଏମ୍‌ରେ ଅମର ଯବାନ ଜ୍ୟୋତି ମିଶ୍ରଣକୁ ନେଇ ପୂର୍ବତନ ସେନା ଅଧିକାରୀମାନେ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜାତୀୟ ଯୁଦ୍ଧ ସ୍ମାରକୀ (ଏନ୍‌ଡବ୍ଲ୍ୟୁଏମ୍)ରେ ଯୁଦ୍ଧବେଳେ ପ୍ରାଣବଳି ଦେଇଥିବା ସବୁ ଯବାନଙ୍କ ନାମ ରହିବା ସହ ସେମାନଙ୍କୁ ସମ୍ମାନ ଜଣାଯାଉଥିବାରୁ ଅମର ଯବାନ ଜ୍ୟୋତିରେ ସେଥିରେ ସାମିଲ କରିବା ସ୍ୱାଭାବିକ କଥା ବୋଲି ପୂର୍ବତନ ସେନାମୁଖ୍ୟ ଜେନେରାଲ ବେଦ୍ ମଲିକ କହିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ପୂର୍ବତନ ଏୟାର ଭାଇସ୍ ମାର୍ଶାଲ ମନମୋହନ ବାହାଦୁର ଅନୁରୋଧ କରିଛନ୍ତି।

# ଚାଷଜମିରେ ମାଡ଼ିଲା ବିଷାକ୍ତ ତରଳ ପଦାର୍ଥ

## ଜେଏସ୍‌ଡବ୍ଲ୍ୟୁ ପାଚେରି ଭୁଶୁଡ଼ିଲା

- ସୁରକ୍ଷା କର୍ମୀ ନିଖୋଜ, ପ୍ରଶାସନିକ ତଦନ୍ତ ଆରମ୍ଭ
- କ୍ଷତିପୂରଣ ସହ ସ୍ଥାୟୀ ବ୍ୟବସ୍ଥା ହେବ: କମ୍ପାନୀ

**ସମ୍ବଲପୁର, ୨୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ (ଭୁଷଣ) କମ୍ପାନୀରେ ଗୁରୁବାର ରାତିରେ ଅଘଟଣ ଘଟିଛି। ବାଉଣ୍ଡରି କାନ୍ଥ ଭୁଶୁଡି କାରଖାନାର ସ୍ଲରିପଣ୍ଡରୁ ବିଷାକ୍ତ ଲୌହମିଶ୍ରିତ ତରଳ ପଦାର୍ଥ ନିକଟ ଗ୍ରାମକୁ ମାଡି ଯାଇଥିଲା। ଏହାଦ୍ୱାରା ବ୍ୟାପକ ଚାଷ ଜମି ପ୍ରଭାବିତ ହୋଇଛି। ଘଟଣାରେ ଅର୍ଜୁନ ସିଂ ନାମକ ଜଣେ ସୁରକ୍ଷା କର୍ମୀ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପ୍ରଶାସନ ପକ୍ଷରୁ ଏଡିଏମ୍ ଅଜାମ୍ବର ମହାନ୍ତି, ରେଙ୍ଗାଲି ତହସିଲଦାର ଦୟମନ୍ତି ସାହୁ, ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ, କମ୍ପାନୀ କର୍ତ୍ତୃପକ୍ଷ, ପ୍ରଭାବିତ ଚାଷୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏଭଳି ଘଟଣା ଆଗକୁ ଯେଭଳି ନ ହେବ ତାହାର ସ୍ଥାୟୀ ସମାଧାନ ସହ ସମସ୍ତ ପ୍ରଭାବିତ ପରିବାରକୁ କ୍ଷତିପୂରଣ ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜମି ଓ କୁକୁଡା ଫାର୍ମରେ ମାଡିଯାଇଥିବା ତରଳ ଲୁହାକୁ କମ୍ପାନୀ କର୍ମଚାରୀ ଉଠାଇ ନେଇଥିଲେ। ଅନ୍ୟପଟେ କେତେ ପରିମାଣ କ୍ଷତି ହୋଇଛି ଶନିବାର ସୁଦ୍ଧା ରାଜସ୍ୱ ବିଭାଗ, ଉଦ୍ୟାନ କୃଷି ଓ ପ୍ରାଣୀଧନ ବିଭାଗ ମିଳିତ ଭାବେ ଆକଳନ କରିବା ପରେ କ୍ଷତିପୂରଣ ଦିଆଯିବ ବୋଲି ପ୍ରଶାସନ ନିର୍ଦ୍ଦେଶ ଦେଇଛି।

ମିଳିଥିବା ସୂଚନା ଅନୁସାରେ ଗୁରୁବାର ରାତିରେ ବାଞ୍ଜିଟିକ୍ରା ପଟରେ ଏହି ଘଟଣା ଘଟିଥିଲା। ସ୍ଲରୀ ପ୍ଲାଣ୍ଟରୁ ବର୍ଷା ଭଳି ପାଣି ନିର୍ଗତ ହୋଇଥିଲା। ପରେ ଲୁହା ଫାଇନ୍ସ ପାଣି ସହିତ ବାଉଣ୍ଡରି କାନ୍ଥ ଦେଇ ବାହାରକୁ ବୋହିଥିଲା। କାର୍ଯ୍ୟରତ ୨ ଜଣ ସୁରକ୍ଷା କର୍ମୀ ଏହା ଜାଣିବା ପରେ ଜଣେ ଜୀବନ ବଞ୍ଚାଇ ପଳାଇଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ହୋଇଯାଇଥିଲେ। ଏହା ଦ୍ୱାରା ପ୍ରାୟ ୨ ଏକର ଚାଷଜମି ସହ କୁକୁଡା ଫାର୍ମ ପ୍ରଭାବିତ ହୋଇଛି। ଗ୍ରାମବାସୀ ବ୍ୟବହାର କରୁଥିବା ୨ ଗୋଟି ପୋଖରୀରେ ମଧ୍ୟ ଏହି ବିଶାକ୍ତ ପଦାର୍ଥ ମିଶିଯାଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଗ୍ରାମବାସୀ ପହଞ୍ଚିଥିଲେ ମଧ୍ୟ ଉଦ୍ଧାର କାର୍ଯ୍ୟ ହୋଇପାରି ନ ଥିଲା। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ପ୍ରଭାବିତ ପରିବାରଙ୍କୁ କ୍ଷତିପୂରଣ ଦିଆଯିବାକୁ ସ୍ଥିର କରାଯାଇଛି। ସୁରକ୍ଷା କର୍ମୀ ନିଖୋଜ ଥିବା ନେଇ ଏକ ମାମଲା ରୁଜୁ ହୋଇଛି ବୋଲି କହିଥିଲେ।



କମ୍ପାନୀ କାନ୍ଥ ଭାଙ୍ଗି ମାଡିଯାଇଥିବା ବିଶାକ୍ତ ତରଳ ପଦାର୍ଥ।

# ନିଯୁକ୍ତି, ଦୁର୍ନୀତିର ଜବାବ ଦେବେ ଭୋଟର

## ସୁକିନ୍ଦା ନିର୍ବାଚନମଣ୍ଡଳୀରେ ପଞ୍ଚାୟତ ଭୋଟ




- ବିଜେଡି ସହ ଟକ୍କର ଦେବ ଭାଜପା
- ଦାନଗଦି, ସୁକିନ୍ଦା ବ୍ଲକ୍‌ରେ ୬ ଜିଲା ପରିଷଦ ଆସନ

**ଯାଜପୁର ଅଫିସ, ୨୧।୧**

ଫେବୃୟାରୀ ୧୮ରୁ ୫ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆରମ୍ଭ ହେବ। ଏହି ନିର୍ବାଚନରେ ଯାଜପୁର ଜିଲାର ୩୧୧ ଗ୍ରାମପଞ୍ଚାୟତ, ୧୦ ପଞ୍ଚାୟତ ସମିତି ଓ ୩୯ ଜିଲା ପରିଷଦ ସଭ୍ୟ ପାଇଁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଏଥର କରୋନା କଟକଣା ପାଇଁ ଶୋଭାଯାତ୍ରା, ସାଧାରଣ ସଭା, ଭୋଟରଙ୍କ ଘରକୁ ଯାଇ ପ୍ରଚାର ଉପରେ ରୋକ୍ ଲାଗିଛି। ଫଳରେ ପ୍ରାର୍ଥୀମାନେ ଅଡୁଆରେ ପଡ଼ିଛନ୍ତି। ନିର୍ବାଚନ ପ୍ରଚାର ପାଇଁ ଡିଜିଟାଲକୁ ପ୍ରାର୍ଥୀମାନେ ପ୍ରମୁଖ ମାଧ୍ୟମ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ନିର୍ବାଚନ ଫଳାଫଳକୁ ଅବଲୋକନ କଲେ ଏଥର ବି ବିଜେଡି ସହିତ ଭାଜପା କଡ଼ା ଟକ୍କର ଦେବ ବୋଲି ଚର୍ଚ୍ଚା ହେଉଛି। ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ନିଯୁକ୍ତି, ଦୁର୍ନୀତି ଆଦି ପ୍ରସଙ୍ଗ ଭୋଟରଙ୍କୁ ଅଡୁଆରେ ପକାଇଛି। ଏହାର ପ୍ରଭାବ ଏହି ନିର୍ବାଚନ ଉପରେ ପଡ଼ିବ ବୋଲି ଅନୁମାନ କରାଯାଇଛି।

ସୂଚନା ଅନୁଯାୟୀ, ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ଦାନଗଦି ଓ ସୁକିନ୍ଦା ବ୍ଲକରେ ଯଥାକ୍ରମେ ୮,୯,୧୦ ଓ ୩୭, ୩୮,୩୯ ନମ୍ବର ୬ ଜିଲା ପରିଷଦ ଆସନ ରହିଛି। ଏଥିପାଇଁ ଏଥର ବିଜେଡି ଓ ଭାଜପା ଟାଣୁଆ ନେତ୍ରୀ ଓ ନେତାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ତେବେ ପ୍ରତି ନିର୍ବାଚନରେ ନେତା ବଦଳୁଥିଲେ ହେଁ ପଞ୍ଚାୟତ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ଏଠାରେ ଦେଖିବାକୁ ମିଳିନାହିଁ। ଆଦିବାସୀ ଅଧ୍ୟୁଷିତ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଆଜି ବି ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇନାହିଁ। ୨୦୧୬ରେ ନଗଡ଼ାର ନଗ୍ନ ଚିତ୍ର ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଥିଲା। ହେଲେ ଜିଲାର ସଚେତନ ଭୋଟର ଏହାର କାରଣ ଖୋଜିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଭୋଟର ତାଙ୍କ ମତଦାନରେ ଏହାର ଜବାବ୍ ରଖିଥିଲେ। ବିଜେଡି ୭୭୫୧୦(୪୮.୨୦%), ଭାଜପା ୬୦୭୮୦(୩୭.୭୯%) ଓ କଂଗ୍ରେସ ୧୮୬୧୯(୧୧.୮୫%) ଭୋଟ ପାଇଥିଲା। ଏଥିରୁ ରାଜନୈତିକ ଭିତ୍ତିଭୂମି ବଦଳୁଥିବା ସମସ୍ତେ ଅନୁଭବ କରିଥିଲେ। ଏହି ନିର୍ବାଚନରେ କଂଗ୍ରେସ ଧରାଶାୟୀ ହୋଇଥିବାବେଳେ ଭାଜପା ଦ୍ୱିତୀୟ ବିରୋଧୀ ଦଳ ଭାବେ ଉଭା ହୋଇଥିଲା। କଂଗ୍ରେସଠାରୁ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଭାଜପା ରଣନୀତି ଆପଣାଇ ବିଜେଡିକୁ ଆହ୍ୱାନ କରିଥିଲା।

ସୁକିନ୍ଦା ଖଣି ଅଞ୍ଚଳରେ ଶ୍ରମିକମାନଙ୍କୁ ନିୟମିତ ଛଟେଇ କରିବା କାରଣକୁ ନେଇ ଅଧିକାଂଶ ସମୟରେ ଆନ୍ଦୋଳନ, ଧାରଣା, ବନ୍ଦ ଡାକରା ଜାରି ରହିଛି। ବିଭିନ୍ନ ସମୟରେ ଶ୍ରମିକ ଶ୍ରେଣୀର ଲୋକଙ୍କ ଉପରେ ଖଣି ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ପରୋକ୍ଷ ନିର୍ଦ୍ଦେଶରେ ପୋଲିସର ଜୁଲମ ବି ବଢ଼ିଛି। ଫଳରେ ଏହି ଅଞ୍ଚଳ ପ୍ରାୟ ଅଶାନ୍ତ ରହୁଥିବାରୁ ଶ୍ରମିକ ଓ ସାଧାରଣ ଲୋକଙ୍କ ମୁହଁରେ ଶାସକ ଦଳ ପ୍ରତି ପ୍ରାୟ ବିରୋଧାଭାସ ଦେଖିବାକୁ ମିଳିଛି। ବାସ୍ତବରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ପାଇଁ କିଛି ସୁଫଳ ମିଳୁନାହିଁ। ବିଡ଼ମ୍ବନା, ଏଠାରେ ବିଭିନ୍ନ କମ୍ପାନୀରେ ୩୬୪ ଅଣଓଡ଼ିଆ ଏବଂ ୧୮୪ ଓଡ଼ିଆ ଠିକାସଂସ୍ଥା ନିୟୋଜିତ ହୋଇଛନ୍ତି। ଏଥିରୁ ଓଡ଼ିଆଙ୍କୁ ନିଯୁକ୍ତି ସଂଖ୍ୟା କେତେ ତାହା ସହଜେ ଅନୁମେୟ। ଗୁରୁତ୍ୱପୂର୍ଣ୍ଣ ବିଷୟ, ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି ମଧ୍ୟ ଏହି ଠିକାସଂସ୍ଥାମାନେ ଶ୍ରମିକଙ୍କୁ ଦେଉ ନ ଥିବା ଅଭିଯୋଗ ହୋଇଛି। ଅଣଓଡ଼ିଆ ଠିକାସଂସ୍ଥାରୁ ନିୟମିତ ଦରମା ମିଳୁନାହିଁ, ଜାଣିଶୁଣି ହଇରାଣ ଆଦି କାରଣରୁ ଶତାଧିକ ଶ୍ରମିକ ଓ କର୍ମଚାରୀ ବାଧ ହୋଇ ଚାକିରି ଛାଡ଼ି ଦାଦନ ଖଟି ଯାଉଥିବା ଦେଖିବାକୁ ମିଳିଛି। ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୨୫ ହଜାର ଓଡ଼ିଆ ଠିକା ଶ୍ରମିକ ଏଠାରେ ନିଯୁକ୍ତି ହରାଇଥିବା ଏକ ତଥ୍ୟରୁ ସୂଚନା ମିଳିଛି। ଛଟେଇ କ୍ଷେତ୍ରରେ ଓଡ଼ିଆଙ୍କୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ନିୟମିତ ନିଯୁକ୍ତିରେ ଅଣଓଡ଼ିଆଙ୍କୁ ଅଧିକ ଅଗ୍ରାଧିକାର ଦିଆଯାଉଛି। ଏହି କ୍ରମରେ ଶିଳ୍ପ ଓ ଖଣି ଜନସହଯୋଗରେ ନୁହେଁ କେତେଜଣ ପ୍ରତିଭାଶାଳୀ ବ୍ୟକ୍ତି, ରାଜନେତା ତଥା ପ୍ରଶାସନର ଛତ୍ରଛାୟା ତଳେ ଗଢ଼ି ଉଠୁଛି। ଅନ୍ୟପକ୍ଷେ ନଗଡ଼ାକୁ ନିର୍ମାଣ ହୋଇଥିବା ରାସ୍ତାର ମରାମତି କାମରେ ପ୍ରାୟ ୪୪ ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ଗ୍ରାମ୍ୟ ନିର୍ମାଣ ବିଭାଗର ଖୋଦ୍ ଅଧୀକ୍ଷଣ ଯନ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉପରେ ତଦନ୍ତ ଚାଲିଛି। ତେବେ ସମ୍ପୃକ୍ତ ଯନ୍ତ୍ରୀ, ଠିକାଦାରଙ୍କ ମଧ୍ୟରେ ଭାଗବଣ୍ଟା ନ ଛିଡ଼ିବାରୁ ଏଭଳି ଅଭିଯୋଗ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଦୁଃଖର କଥା, ଏତେବଡ଼ ଦୁର୍ନୀତିକୁ ଭିଜିଲାନ୍ସ କିମ୍ବା ବିଭାଗୀୟସ୍ତରରେ ନ କରି ପୋଲିସ ଦ୍ୱାରା ତଦନ୍ତ କରାଯିବା ଘଟଣା ସାରା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହାବାଦ୍ ବିସ୍ଥାପିତ କଲୋନୀକୁ ଅତ୍ୟାଧୁନିକ, ସୁପର ସ୍ପେଶାଲିଟି ଡାକ୍ତରଖାନା, ଇଏସ୍‌ଆଇ ହସ୍ପିଟାଲ ଆଦି ଦାବି ସଂକ୍ରାନ୍ତରେ ସରକାର, ଶିଳ୍ପ କିମ୍ବା ଖଣି ସଂସ୍ଥା ଶୁଣୁ ନାହାନ୍ତି। ଏଥିରେ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଜଡ଼ିତ ପରିବାରବର୍ଗ ଚଳିତ ପଞ୍ଚାୟତ ନିର୍ବାଚନରେ ଏହାର ଜବାବ୍ ଭୋଟର ଦେବେ ବୋଲି ଏବେ ସବୁଠି ଚର୍ଚ୍ଚା ହେଉଛି।

### ସମିତିସଭ୍ୟ ପଦବୀରେ ଅଞ୍ଜଳିଙ୍କ ନାମାଙ୍କନ



**ଢେଙ୍କାନାଳ ଅଫିସ, ୨୧।୧**

ରାଜ୍ୟର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ଭାଜପା ନେତ୍ରୀ ଅଞ୍ଜଳି ବେହେରା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ଗିରିଧାରୀପ୍ରସାଦ ପଞ୍ଚାୟତର ସମିତିସଭ୍ୟ ପଦବୀ ଲାଗି ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ବ୍ଲକ କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏକଦା କ୍ୟାବିନେଟ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିବା ଅଞ୍ଜଳି ପଞ୍ଚାୟତ ନିର୍ବାଚନରେ ସମିତିସଭ୍ୟ ପଦବୀ ଲାଗି ଆଶାୟୀ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଏ ସଂକ୍ରାନ୍ତରେ ନିଜ ପ୍ରତିକ୍ରିୟାରେ ଅଞ୍ଜଳି କୁହନ୍ତି, ସେ ନିଜ ବ୍ୟକ୍ତିଗତ ପରିଚୟରେ ବଞ୍ଚିବା ଲାଗି ଚାହୁଁଛନ୍ତି। ତେଣୁ ସମିତିସଭ୍ୟ ପଦବୀ ମଧ୍ୟ ତାଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଏଥିରେ ବି ଲୋକଙ୍କର ସେବା କରିହେବ। ଜନତାଙ୍କ ସହିତ ରହିବା ଲାଗି ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସୂଚନାଯୋଗ୍ୟ, ବିଜେଡିରୁ ନିଲମ୍ବିତ ହେବା ପରେ ଅଞ୍ଜଳି ନିକଟରେ ଭାଜପାରେ ମିଶିଥିଲେ।

## କବିତା

### ପ୍ରିୟମ୍ବଦା

**ଅମିୟ ରଞ୍ଜନ ମହାପାତ୍ର**

ପ୍ରିୟମ୍ବଦାକୁ ଦେଖିଲେ
ଥରେଥରେ ପତ୍ରଝଡ଼ା ଦେଇଥିବା
ପବନ ବି ପାଣିରେ ପିଆନୋ ବଜାଏ !
ଜହ୍ନଆଲୁଅ ନୌବିହାର କଲା ବେଳେ
ତା' ଗାଲର ଭଉଁରିରେ
ଅନେକଙ୍କ ନିଦ ଓ ନକ୍ଷତ୍ର ବୁଡ଼ିଯାଏ... !

ମୋର କିଛି ଦେବାର ନଥାଏ
କି ଫେରେଇବାର
ତଥାପି ସେ ନେବା ବାହାନାରେ ଆସେ
ମୁଁ ଅନ୍ଧାରରେ ଥାଏ,
ସେ ଆଲୁଅ ଯାଚେ
କିଛି ନଜାଣିବା ପରି ଦୂରେଇ ଠିଆହୁଏ
ମୋ' ପୋଡ଼ା କପାଳର ଭାଗ୍ୟ
ହେଲେ, କବି ପରି ନତମସ୍ତକ
ନୁହେଁ ଶବ୍ଦ ।

ଝଡ଼ ଆସେ, ଝରିପଡ଼ିବାକୁ ବାଧ୍ୟ କରେ
ମୁଁ ମୋ' ପରିମଣ୍ଡଳରେ
ଆହୁରି ପ୍ରଜ୍ଜ୍ୱଳିତ ହୁଏ
ପବନ ପ୍ରଚାର କରେ ପ୍ରେମ ପାପ
ଆମ ପୃଥକ ହେବାର ଦୃଶ୍ୟ
ଦେଖିବା ପାଇଁ
ସବୁ ପ୍ରସ୍ଥାନପଥ ଶେଷରେ
ଉହୁଁକିଥାଏ ପୃଥିବୀ ।

ମୁଁ ମୋ' ପବିତ୍ରତମ ସ୍ୱରରେ
ପ୍ରିୟମ୍ବଦାକୁ ଡାକେ
ସେ ଆସୁ କି ନଆସୁ,
ମୋ' ପ୍ରେମର ପରିମିତ ଭୂମିକୁ
ଗୋଟେ ଗୋଟେ ପ୍ରଗାଢ଼ ଚୁମ୍ବନରେ
ପୁଲକିତ କରେ ।
ମୋ' ପ୍ରମୋଦ ଉଦ୍ୟାନ
ଆହୁରି ପ୍ରମତ୍ତ ହୁଏ ।

କେହିକେହି କହନ୍ତି
ପ୍ରେମ ପିଇ ହଜମ କରିବା
ବିଷମ ବ୍ୟାପାର !
ପ୍ରେମ ତ ଏକ ପରାଜୟ !
ହେଲେ, ଏ ହାରିବା କ'ଣ
ଆଉସବୁ ହାରିବା ପରି କି ?
ହାରିବାରେ ବି ବେଳେବେଳେ
ଜିତିବା ନଥାଏ କି... ?

ମୋ: ୯୪୩୭୦୨୭୫୭୦

### ପରିଣତି

**ହରେକୃଷ୍ଣ ଦାଶ**

ପରିଣତି କଥା ଭାବି ପାରିଥିଲେ
ରାଧୁଆ କେବେହେଲେ ମିଛ କହିବାର
ଅଭ୍ୟାସ କରି ନ ଥା'ନ୍ତା
ଆଜି ଯଦି ସତକୁ ସତ
ବାଘ ଖାଇଯାଏ
କାହା ଆଖିରୁ ଲୁହ ଗଡ଼ିଲେ ବି
ଲାଭ କ'ଣ ?
କୋଉ ଈଶ୍ୱର ଆସି ହାତଧରି
ଉଦ୍ଧାର କରି ନେବେ ବୋଲି
ଆଶା କରିବାରେ କ୍ଷତି ନାହିଁ
ହେଲେ ନିଜ ସ୍ଥିତି ଓ ସାମର୍ଥ୍ୟକୁ
ଠିକ୍‌ଠିକ୍ କଳି ନିଏ ବେଣ୍ଟୁଧର ।

ସବୁ ରହସ୍ୟ ଖୋଲିଦେବା ବି ଠିକ୍ ନୁହଁ
କିଛି ଦୁଃଖ ଗୋପନ ଥିଲେ ସୁନ୍ଦର
ଗଭୀର ଦୁଃଖ କାଳେ ଖୋଲିଦିଏ
ମୁକ୍ତି ପାଇଁ ମାର୍ଗ,
ତେବେ ସେଇ ଆଶାରେ
ବସି ନ ରହି ସୁଦାମା ପରି
ନିର୍ଲିପ୍ତ ହେବା ଧର୍ମକୁ
ଅଭ୍ୟାସ କରିନେବା ଭଲ ।
ଶୋଷରେ ଅଧୀର ହେଲେ
ପାଣି ଲୋଡ଼ିବା ସ୍ୱାଭାବିକ
ତେବେ ଶାନ୍ତିର ଅସଲ ଧାର କୋଉଠି
ସେ ଜ୍ଞାନ ଯଦି ନ ଥାଏ !

ଆଗପଛ ନ ଭାବି
ଡେଇଁ ପଡ଼ିବାରେ ଆମେ ମାହିର୍
ପାଣିର ଭ୍ରମ ନ ବୁଝି
ମରୁବାଲିରେ ହଜିହଜି ଗଲୁ ତୁ'
ସବୁ ସୁଖ ସାଉଁଟି ନେବା ମୋହରେ
ଝରଣାର ଧାରକୁ ଡେଇଁ ପଡ଼ିଲି ମୁଁ
ଏକା ତୁ' ନୁହ କି ମୁଁ ନୁହ
ପରିଣତି କଥା ଭାବୁଚି କିଏ ?

ମୋ: ୯୮୬୧୩୪୫୬୭୪୮

### ତିନୋଟି ମିନି କବିତା

**ବିଜୟ କୁମାର ନାୟକ**

**ଅତୀତ**
ଏବେ ତୁମେ ଗୋଟିଏ
ବିତିଯାଇଥିବା ସମୟ ।
ହଜିଯାଇଥିବା ଶିଳ୍ପୀ କାନ୍‌ଭାସ୍‌ର
ଏକ ସୁନ୍ଦର ଜଳଛବି ।
ତୁମର ସବୁ ପାଦଚିହ୍ନକୁ
ଏବେ ମାଡ଼ିବସିଲେଣି
ନୂଆ ନୂଆ ପାଦଚିହ୍ନମାନେ ।
ସମସ୍ତେ ବୁଝନ୍ତିନି
ସମୟ ସ୍ରୋତରେ କେମିତି
ବଦଳିଯାଏ ତୁମର ଠିକଣା ।

**ସ୍ମୃତି**
ତୁମ ସହ ଅନେକ ଦିନ ହେଲା
ସାକ୍ଷାତ୍ ନାହିଁ କି ସମ୍ପର୍କ ନାହିଁ ।
ବର୍ଷ ବର୍ଷ ହେଲା ସମୟର
ଦିଗ୍‌ବଳୟ ତଳେ
ତୁମେ ହଜିଯାଇଛ ।
ତୁମେ ଏକ ଅଲିଭା ଅଦେଖା ନିଆଁ ।
କେବେ ତୁମେ ମହୁଲ ଫୁଲର
ବାସ୍ନାରେ ଭୁରୁଭୁରୁ ଗୋଟେ
ସଦ୍ୟସ୍ନାତା କିଶୋରୀ ତ
କେବେ ତୁମେ ପୁରୁଣା ପାଠ ବହିରେ
ପଢ଼ିଥିବା ପରିରାଇଜର ରାଜକୁମାରୀ ।

**ବିରହ**
କେହି ତୁମକୁ ଦେଖନ୍ତିନି ।
ଆଖିରୁ ନୁହେଁ, ଛାତିରୁ କେମିତି
ତୁମ ପାଇଁ ରକ୍ତ ଝରୁଥାଏ ।
କାହାକୁ ଶୁଭେନି
ଛାତି କୋରି ହୋଇଯାଉଥିବାର ଶବ୍ଦ ।
କେହି ପଢ଼ିପାରନ୍ତିନି
ଥର ଥର ଶୁଖିଲା ଓଠକୁ ।
ତୁମେ ଏକାଠି କରିପାର
ଆଖିରେ ଶତ ସହସ୍ର ମେଘ
ଛାତିରେ ସାତ ଦରିଆର ପାଣି ।

ମୋ: ୯୪୩୯୮୭୦୭୭୫

# ମନେ ରହିବେ ମଙ୍ଗଲୁ


ପ୍ରଜ୍ଞା ପଟ୍ଟନାୟକ

ପ୍ରଦକ୍ଷିଣ

ବିଚିତ୍ର ଥିଲା ସେଦିନ ବରାଡୁଙ୍ଗୁରୀର ସକାଳ । ଗୋଟାଏ ସୂର୍ଯ୍ୟ ଉଦୟ ହେଉହେଉ ଆଉ ଗୋଟାଏ ସୂର୍ଯ୍ୟ ଚିରଦିନ ପାଇଁ ଅସ୍ତ ହୋଇଗଲା । ଅନେକ ଦିନର ଅସୁସ୍ଥତା ପରେ ହଠାତ୍ ଏହି ମୋହ ମାୟା ଭରା ସଂସାରରୁ ଅପସରି ଗଲେ ସାରସ୍ୱତ ସାଧକ, ଶିକ୍ଷାବିତ୍, ସମସ୍ତଙ୍କର ଅତି ଆପଣାର, ଆଦରର ମଙ୍ଗଲୁ ଚରଣ ବିଶ୍ୱାଳ ।

ସ୍ନେହୀ, ସମ୍ବେଦନଶୀଳ, ମିଷ୍ଟଭାଷୀ ମଣିଷ ମଙ୍ଗଲୁ ବିଶ୍ୱାଳ । ନିଜର ଅମାୟିକ ବ୍ୟବହାରରେ ଛୋଟ ବଡ଼ ସମସ୍ତଙ୍କୁ ଆପଣାର କରିପାରୁଥିଲେ । ଦିନେ ଗୋଡ଼ ଘଷି ଦେଉଥିବା ନିଜ ଛାତ୍ର ମଙ୍ଗଲୁଙ୍କର ଗୁରୁଭକ୍ତିରେ ଭାବବିହ୍ୱଳ ହୋଇପଡ଼ିଥିଲେ ଯୁଗଜନ୍ମା ସ୍ରଷ୍ଟା ମାୟାଧର ମାନସିଂହ । ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ମାନସିଂହଙ୍କ ଆଖିରୁ ଦୁଇ ଧାର ଲୁହ ବୋହି ଆସିଥିଲା । ବିଜ୍ଞାନ ବିଷୟରେ ନାମ ଲେଖାଇବା ଉଦ୍ଦେଶ୍ୟରେ ଗାଁରୁ ସହରକୁ ଆସିଥିବା ଏହି ପିଲାଠାରେ ଅନେକ ସମ୍ଭାବନା ଲକ୍ଷ୍ୟ କରିଥିଲେ ଦୂରଦ୍ରଷ୍ଟା ମାନସିଂହ । ତାଙ୍କୁ ବିଜ୍ଞାନ ପରିବର୍ତ୍ତେ କଳାର ଛାତ୍ର ହେବାକୁ ପ୍ରବର୍ତ୍ତାଇଥିଲେ । ଗୁରୁଆଜ୍ଞା ପାଳନ କରି ମଙ୍ଗଲୁ କଳା ବିଭାଗରେ ନାମ ଲେଖାଇଥିଲେ । ପିଲାବେଳୁ ଲେଖାଲେଖି କରୁଥିବା ସେହି ପିଲା ଜଣକ କାଳକ୍ରମେ ଲେଖନୀ ଚାଳନାରେ ହୋଇଥିଲେ ସିଦ୍ଧହସ୍ତ । ମଜ୍ଜି ଯାଇଥିଲେ ଆଜୀବନ ସାହିତ୍ୟ ସାଧନାରେ ।

ଉଭୟ ଓଡ଼ିଆ ଏବଂ ସମ୍ବଲପୁରୀ ସାହିତ୍ୟରେ ଥିଲା ତାଙ୍କର ବିଶେଷ ଦଖଲ । କବିତା, ଗଳ୍ପ, ନାଟକ, ଉପନ୍ୟାସ, ପ୍ରବନ୍ଧ ଏବଂ ଜୀବନୀ ସମେତ ଶିଶୁ ସାହିତ୍ୟରେ ସେ ପଚାଶରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଯାଇଛନ୍ତି । ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ ଅନେକ ଗୀତ ରଚନା କରିଯାଇଛନ୍ତି । ତାଙ୍କ ଆତ୍ମଜୀବନୀ "ହଜିଲା ଦିନ" ତାଙ୍କ ଜୀବନ ସହ ତତ୍କାଳୀନ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ବିଶେଷ ଆଲୋକପାତ କରେ ।

ନିଜ ରଚନା ଦ୍ୱାରା ସମ୍ବଲପୁରୀ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ସେ । କବିଙ୍କ କଲମରୁ ନିର୍ଗତ ଶବ୍ଦସବୁରେ ଓଡ଼ିଶା, ବିଶେଷକରି ପଶ୍ଚିମ ଓଡ଼ିଶାର ଜନଜୀବନ, ପାଣିପବନ, କଳାସଂସ୍କୃତିର ଝଲକ ସହ ଥିଲା ଦର୍ଶନ, ଥିଲା ଆବେଗ । ଆଃ କି ସୁନ୍ଦର ଥିଲା ତାଙ୍କ ଭାବକୁ ପ୍ରକାଶ କରିବାର ଶୈଳୀ ! ଖୁବ୍ ନିଆରା, ଖୁବ୍ ମିଠା । ଶିଳ୍ପୀଟିଏ ଥିଲେ ସତରେ ସେ ! କଲମ ମୁନରେ, କାଗଜ ଉପରେ ଗଢୁଥିଲେ ନିଖୁଣ, ଜୀବନ୍ତ କଳାକୃତି ସବୁ ।

ମଙ୍ଗଲୁଚରଣ ବିଶ୍ୱାଳଙ୍କ ଜନ୍ମ ଅବିଭକ୍ତ ସମ୍ବଲପୁର ଜିଲାର ପିତାପାଲି ଗାଁରେ, ୪ ମଇ ୧୯୩୫ । ତେବେ ହୀରାକୁଦ ବନ୍ଧ ନିର୍ମାଣ ପରେ ପିତାପାଲି ମହାନଦୀ ଗର୍ଭରେ ଚିରଦିନ ପାଇଁ ଲୀନ ହୋଇଯାଇଥିଲା । ଦରଦଭରା ହୃଦୟ ଭିତରେ ପିଲାଦିନର ଅଭୁଲା ସ୍ମୃତି ସବୁକୁ ସାଉଁଟି ସପରିବାର ଜନ୍ମମାଟି ଛାଡ଼ି ଚାଲିଆସିଥିଲେ ନବବିବାହିତ ମଙ୍ଗଲୁ । ବସା ବାନ୍ଧିଥିଲେ ସମ୍ବଲପୁରର ରେଙ୍ଗାଲି ବ୍ଲକ ଅନ୍ତର୍ଗତ ବାରଡୁଙ୍ଗରୀ ଗାଁରେ । ସେହିଠାରେ କଟିଥିଲା କବିଙ୍କ ବାକି ଜୀବନ ।

ଗାଁ ଛାଡ଼ି ଆସିବାର ବେଦନା ମଙ୍ଗଲୁଙ୍କ ଶବ୍ଦରୁ ବାରିହୁଏ– "ହୀରାକୁଦର ଠେଲାପାଣିର ଠାରରେ ମୁଁ ଗାଁ ଛାଡ଼ିଥିଲି । ଗାଆଁକୁ ହରାଇବାର ଦରଦ ଘା' ପରି ଭିତରେ ଥାଏ । ତହିଁରେ ମାଆ ମରିଯିବାରୁ ସେ ଘା'ରେ କିଏ କ'ଣଟାଏ କେଞ୍ଚି ଦେବା ପରି ହାଓ ହାଓ କରୁଥାଏ । ମୋ' ମା'କୁ ଓ ଗାଁକୁ ଖୋଜୁଥାଏ ମୋ' ଭିତରେ । "Pressure creates diamond, Fire refines gold."

ଯୁବାବସ୍ଥାରୁ ଅଭାବ ଅନଟନ ଦେଖିଥିବା, ବିସ୍ଥାପନର ଦରଦ ସହିଥିବା ତଥା ପାରିବାରିକ ଭାର ବହନ କରିଥିବା ମଙ୍ଗଲୁ ଜୀବନରେ ଅନେକ ସଂଘର୍ଷ କରିଥିଲେ, ତେବେ ଅତ୍ୟଧିକ ଚାପର ସମ୍ମୁଖୀନ ହୋଇ ସେ ପାଲଟି ଯାଇଥିଲେ ହୀରା । ଜୀବନର ବହ୍ନିରେ ଦାଉଦାଉ ଜଳି ପାଲଟି ଯାଇଥିଲେ ସୁନା ।


**ମଙ୍ଗଲୁ ଚରଣ ବିଶ୍ୱାଳ (୧୯୩୫–୨୦୨୨)**

*ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନଜନକ ଡି.ଲିଟ୍, ଉତ୍ତମ ଶିକ୍ଷକତା ପାଇଁ ରାଷ୍ଟ୍ରପତି ପୁରସ୍କାର। ଅନେକ ଅଗ୍ରଣୀ ଅନୁଷ୍ଠାନ ଦ୍ୱାରା ରାଜ୍ୟ ଓ ରାଜ୍ୟ ବାହାରେ ସମ୍ମାନିତ। ପ୍ରଥମ ପୁସ୍ତକ 'ବସନ୍ତ ଆସିଲା ଫେରି' ୧୯୫୧ ମସିହାରେ, ବିଦ୍ୟାଳୟର ଛାତ୍ର ଥିବା ବେଳେ ପ୍ରକାଶିତ। ପ୍ରଥମ ସମ୍ବଲପୁରୀ ଚଳଚ୍ଚିତ୍ର ଭୂଖାର ଲେଖକ।*

ପ୍ରଥମେ ଶିରୀପୁର ସ୍କୁଲ୍‌ରେ ଶିକ୍ଷକ ଭାବେ ଯୋଗଦାନ କରିଥିବା ମଙ୍ଗଲୁ ପରବର୍ତ୍ତୀ ସମୟରେ ପରମାଣପୁର ହାଇସ୍କୁଲର ହେଡ୍‌ମାଷ୍ଟର ହୋଇ ଅବସର ଗ୍ରହଣ କରିଥିଲେ । ଶିକ୍ଷା ଦିଗରେ ବିଶେଷ ଅବଦାନ ପାଇଁ ତାଙ୍କୁ ମିଳିଥିଲା ରାଷ୍ଟ୍ରପତି ପୁରସ୍କାର । କିଛି ସମୟ ପାଇଁ ଶିକ୍ଷକ ସଂଗଠନ OSSTAର ସେ ଥିଲେ ଜଣେ ସକ୍ରିୟ କର୍ମକର୍ତ୍ତା । ଛାତ୍ରମାନେ ତାଙ୍କୁ ବିପୁଳ ସମ୍ମାନ ଦେଉଥିଲେ । ତେବେ କେବଳ ଛାତ୍ର କାହିଁକି ? ତାଙ୍କ ସମ୍ପର୍କରେ ଯିଏ କେହି ବି ଆସିଛି, ସେ ତାଙ୍କର ଆଚାର ବ୍ୟବହାରରେ ହୋଇଛି ମୁଗ୍ଧ । ପର ହୋଇ ଦେଖା ହୋଇଥିଲେ ବି ଫେରିଛି ତାଙ୍କର ଖୁବ୍ ଆପଣାର ହୋଇ ।

ସେ ଥିଲେ ଜଣେ ଉଚ୍ଚକୋଟୀର ନାଟ୍ୟକାର । ଅବହେଳିତ ବଜନିୟା ସମ୍ପ୍ରଦାୟ ଉପରେ ଆଧାରିତ ତାଙ୍କ ରଚିତ ସମ୍ବଲପୁରୀ ନାଟକ 'ଭୂଖା'କୁ ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ରର ରୂପ ଦିଆଯାଇଥିଲା । ସେ ଏହାର ସଂଳାପ ମଧ୍ୟ ରଚନା କରିଥିଲେ । ଚଳଚ୍ଚିତ୍ରଟି ଗିଜନ୍ ଅନ୍ତର୍ଜାତୀୟ ଫିଲ୍ମ ଉତ୍ସବରେ ପୁରସ୍କୃତ ହୋଇଥିଲା । ଏହା ସମ୍ବଲପୁରୀ ଭାଷାରେ ନିର୍ମିତ ହୋଇଥିବା ପ୍ରଥମ ଚଳଚ୍ଚିତ୍ର ।

ଆଜି ମନେପଡ଼େ, ଏହି ଲେଖିକାକୁ ନିଜର ପ୍ରଥମ କବିତା ପୁସ୍ତକ ପ୍ରକାଶନ ସମୟରେ ସେହି ମହାନ୍ ସାରସ୍ୱତ ସାଧକ କହିଥିବା କଥାଟି: "ଶହେକୁ ଶହେ ମୋ' ଭିତରେ ବିଶ୍ୱାସ ରହିଛି ତମକୁ ତମର କବିତା ତୋରଣ ସଜାଇ ସ୍ୱାଗତ ଜଣାଇବ । ପାଠକୀୟ ଶ୍ରଦ୍ଧା ଅଜାଡ଼ି ଦେବ । ହୁଏତ ହଜାର ହଜାର ହାଙ୍କୁଥିବା ବଜାରର କୌଣସି ପଣ୍ୟ କିଣିପାରିବନି । ତମେ କବିତା ଦେଇ, ପ୍ରତିଟି ପାଠକ ପାଖରୁ ପ୍ରତିବେଦନାଟିଏ ପାଇବ ନିଶ୍ଚିତ ।" କବି ଲେଖିଛନ୍ତି– 'କାହାଠୁ କିଛି ନେଲେ ଦେବାକୁ ହୁଏ, ଫେରାଇବାକୁ ପଡ଼େ ।' ଦେଇଥିଲେ ଈଶ୍ୱର, ପୁଣି ଫେରେଇନେଲେ ବୋଧେ ତାଙ୍କୁ ନିଜ ପାଖକୁ । ୧୧ ଜାନୁୟାରୀ ୨୦୨୨ରେ ସେ ତାଙ୍କର ଏଇ ପ୍ରିୟ ମାଟିକୁ ଛାଡ଼ି ଅମରଧାମକୁ ଚାଲିଗଲେ, ସିନ୍ଦୂରା ଫାଟୁଥାଏ ।

"ସତେ କି ଏ ଜୀବ ଯିବ ହେ ରାଧାଗୋବିନ୍ଦ..." "ହରେ ରାମ ହରେ ରାମ, ରାମ ରାମ ହରେ ହରେ... ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ..." କୀର୍ତ୍ତନର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥାଏ । ଶେଷଯାତ୍ରା ଆରମ୍ଭ ହେଲାବେଳକୁ ଘର ଦୁଆରୁ ଶୁଭୁଥାଏ ଛାତିଫଟା କ୍ରନ୍ଦନର ସ୍ୱର । କବି ଲେଖିଛନ୍ତି– "ଫି ମଣିଷର ଅଲଗା ଅଲଗା ଭୂଇଁ ଥାଇପାରେ, ମାତ୍ର ମଣିଷ ଜାତିର ଏକମାତ୍ର ଇଜମାଲି ଚିଜ ହେଉଛି ଏଇ ଆକାଶ । ସେଇ ଆକାଶ ବି କାନ୍ଦୁଥାଏ ଆଜି, ଝୋ ଝୋ ବରଷାଇ ଦେଉଥାଏ ପାଣି । ସେଇ ଭିତରେ କବି ଗାଁ ଶ୍ମଶାନକୁ ନାପିନେଲେ ନିଜ ଶେଷ ରାସ୍ତା । ପଞ୍ଚଭୂତରେ ଲୀନ ହେଲେ ସେ ।"

ତେବେ ଲେଖକ କେବେ ମରେନାହିଁ । ସେ ବଞ୍ଚିଥିବ ଚିରଦିନ ଚିରକାଳ ପାଇଁ ତା' ପାଠକମାନଙ୍କ ହୃଦୟରେ । ସାହିତ୍ୟଜଗତ କେବେହେଲେ ଭୁଲିପାରିବ ନାହିଁ ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସମ୍ବଲପୁରୀ ଓ ଓଡ଼ିଆ ଭାଷା ପ୍ରତି ଥିବା ଅବଦାନକୁ ।

ମୋ: ୭୦୦୮୨୦୦୭୭୬

## କାଳକାଳକୁ

**"ମଣିଷର ପ୍ରଥମ ମୌଳିକ ଅଧିକାର ହେବା ଦରକାର ସ୍ୱପ୍ନ ଦେଖିବାର ଅଧିକାର ।"**


**– ମହାଶ୍ୱେତା ଦେବୀ**



**ମହାଶ୍ୱେତା ଦେବୀଙ୍କ** ଜନ୍ମ ଢାକାରେ, ୧୪ ଜାନୁୟାରୀ ୧୯୨୬ରେ ଓ ପରଲୋକ ୨୮ ଜୁଲାଇ ୨୦୧୬ରେ କଲକାତାରେ । ଆଦିବାସୀଙ୍କ ଅଧିକାର ଓ ସଶକ୍ତୀକରଣ ପାଇଁ ଜୀବନବ୍ୟାପୀ କାର୍ଯ୍ୟକରିଥିବା ଏହି ମହୀୟସୀ ଲେଖିକାଙ୍କର ପ୍ରମୁଖ ସାହିତ୍ୟକୃତି: 'ହଜାର ଚୌରାଶିର ମା', 'ରୁଦାଲି' ଓ 'ଅରଣ୍ୟେର ଅଧିକାର' । ଆଦିବାସୀବହୁଳ ବଂଗ, ବିହାର, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଥିଲା ତାଙ୍କ କର୍ମଭୂମି । ମାନବ ସେବା ଓ ସାହିତ୍ୟକୁ ନିଜର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି ଇନ୍ଦିରାଗାନ୍ଧୀ ଆୱାର୍ଡ, ଜ୍ଞାନପୀଠ ଓ ପଦ୍ମବିଭୂଷଣ । ମହାଶ୍ୱେତା କହୁଥିଲେ: "ମୁଁ ମୋର ଅନ୍ତିମ ବାକ୍ୟଯାଏଁ କହିବାକୁ ଚାହେଁ ମଣିଷଙ୍କ କଥା, ସେଇ ମଣିଷ ଯେଉଁମାନେ ପଞ୍ଜରାଭଙ୍ଗା, ଦୁଃଖୀ ଓ ମେହନତୀ ।"

## ପୁସ୍ତକ ପରିଚୟ


### ଅର୍ଦ୍ଧନାରୀଶ୍ୱର



**ମୂଳ ତାମିଲ :** ପେରୁମଲ ମୁରୁଗାନ
**ଭାଷାନ୍ତର :** ସୂର୍ଯ୍ୟ ମିଶ୍ର
**ପ୍ରକାଶକ :** ଧଉଳି ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ :** ୨୦୨୦, **ମୂଲ୍ୟ:** ଟ.୨୯୫/–

ଆଲୋଚ୍ୟ ଅନୂଦିତ ଉପନ୍ୟାସଟିର ମୂଳ ତାମିଲ ଶୀର୍ଷକ 'ମାଦୋରୁ ବାଗାନ୍', ଯାହାକୁ ଓଡ଼ିଆରେ 'ଅର୍ଦ୍ଧନାରୀଶ୍ୱର' କରାଯାଇଛି । ସମ୍ଭବତଃ ବହିଟିର ଇଂଲିଶ୍ ଶୀର୍ଷକ 'ୱାନ୍ ପାର୍ଟ ଓମ୍ୟାନ'ର ଏହା ପରିଣତି । ଉପନ୍ୟାସଟିର କଥାବସ୍ତୁ ଏକ ନିଃସନ୍ତାନ ଦମ୍ପତିଙ୍କ ଜୀବନାନୁଭୂତି ଓ ସାମାଜିକ କ୍ରିୟା ପ୍ରତିକ୍ରିୟାକୁ ନେଇ । 'ମାଦୋରୁ ବାଗାନ୍' ଏକ ଗ୍ରାମ୍ୟ ମନ୍ଦିରରେ ଅଧିଷ୍ଠିତ ଦେବତା । ତାଙ୍କରି ରଥଯାତ୍ରାବେଳେ ତାମିଲ୍ ସଂସ୍କୃତିରେ ଦେବତୁଲ୍ୟ ବିଚାର କରାଯାଉଥିବା ଯେକୌଣସି ଯାତ୍ରୀଙ୍କ ସଂସର୍ଗରେ ଆସି ସନ୍ତାନବତୀ ହେବାକୁ ନାଚାର କରାଯାଇଛି ଉପନ୍ୟାସର ନାୟିକା 'ପୋନ୍ନା'କୁ, ଯହିଁରେ ନିଶାସକ୍ତ ସ୍ୱାମୀର ଅସହାୟତାକୁ 'ସମ୍ମତି' ଭାବେ ଧରିନିଆଯାଇଛି । ବିଷୟବସ୍ତୁ ଦୃଷ୍ଟିରୁ ଉପନ୍ୟାସଟି ସେପରି ବିରଳ ମନେ ନ ହେଲେ ବି ସାଂସ୍କୃତିକ ଓ ସାରସ୍ୱତ ଅନନ୍ୟତା ପାଇଁ ଏହା ଖ୍ୟାତ । ତେଣୁ ଏପରି ଏକ ଉପନ୍ୟାସକୁ ଓଡ଼ିଆରେ ଅନୁବାଦ କରି କବି ସୂର୍ଯ୍ୟ ମିଶ୍ର ଭାରତୀୟ ସାହିତ୍ୟରେ ଥିବା ବିବିଧତାକୁ ଓଡ଼ିଆ ଭାଷାଭାଷୀ ପାଠକଙ୍କ ନିକଟରେ ପରିଚିତ କରାଇଛନ୍ତି । ଅନୁବାଦ ମୂଳ ତାମିଲରୁ ନ ହୋଇ ଏକ ମାଧ୍ୟମ ଭାଷା 'ଇଂଲିଶ୍'ରୁ ହେବା ସତ୍ତ୍ୱେ ଯେଉଁ ମୌଳିକତାକୁ ପ୍ରବନ୍ଧରେ ସାକାର କରାଯାଇପାରିଛି, ତା'ର ସମସ୍ତ ଶ୍ରେୟ ଅନୁବାଦକଙ୍କର । ଆଶା, ଉପନ୍ୟାସଟି ପାଠକୀୟ ଆଦୃତି ଲାଭ କରିବ ।

### ଇଂକ୍ ଫ୍ରମ୍ ନାଇଟ୍ ସ୍କାଇଜ୍




**କବି :** ମହିମା ସେଠୀ
**ପ୍ରକାଶକ :** ହର୍‌-ଆନନ୍ଦ ପବ୍ଲିକେଶନ୍ସ ପ୍ରା. ଲିମିଟେଡ୍, ନୂଆଦିଲ୍ଲୀ
**ପ୍ରଥମ ପ୍ରକାଶ :** ୨୦୨୨, **ମୂଲ୍ୟ:** ଟ.୬୯୫/–

'Ink from Night Skies' ଆମ ସମୟର ଜଣେ ପ୍ରତିଶ୍ରୁତିଭରା ନୂଆ କବି ମହିମା ମିଶ୍ରଙ୍କର ପ୍ରଥମ କବିତାଗ୍ରନ୍ଥ । କବିତାଗୁଡ଼ିକ ଆକାରରେ ଛୋଟ, କିନ୍ତୁ ତା' ଭିତରର ବିଜୁଳି ଏତେ ତୀବ୍ର ଯେ ପଢ଼ିଲାବେଳେ ପାଠକ ଥମ୍ ହେଇ ରହିଯାଏ । 'ସରଳ ବାକ୍ୟ'କୁ 'ଗଭୀରତମ ଅଭିବ୍ୟକ୍ତି'ରେ ବଦଳାଇ ଦେବାର ଶକ୍ତି ରଖିନ୍ତି ଗ୍ରନ୍ଥର ବହୁ କବିତା । ଅଳ୍ପ ବୟସର ହେଲେ ବି ମାଟିରେ ଥାଏ ଦୃଢ଼ହେଇ କବିଙ୍କର ପାଦ, ଆଖି ଥାଏ ଆକାଶଭେଦୀ ସ୍ୱପ୍ନର ଛାୟାଚ୍ଛନ୍ନ ନିମଗ୍ନତାରେ । 'I just went to fade into a distant dream' କହିଲାବେଳେ ଲାଗେ ଯେମିତି ଏଇ କଥା ହେଉହେଉ ହେଇଗଲେ ସେ ଏକ ଦୂରବର୍ତ୍ତୀ ସ୍ୱପ୍ନ । ଅଦିବ୍ୟ ମୃତ୍ୟୁରେ ସେ ନ ଥା'ନ୍ତି, ଥା'ନ୍ତି ଦିବ୍ୟ ଶଙ୍ଖଧ୍ୱନିରେ । 'magical' ଶୀର୍ଷକ କବିତାରେ ଯେତେବେଳେ କହନ୍ତି : "our body is magical,/it regenerates, it heals/ all wounds no matter/ how deep."– ମହିମାଙ୍କର ଏଇ ପଙ୍କ୍ତିଟି ଭିତରେ ଭାରତୀୟ କବିତାର ଜଣେ ନୂଆ କୁନ୍ତଳାକୁମାରୀଙ୍କୁ ଆବିଷ୍କାର କରିହୁଏ । ବହିଟିର ପ୍ରାୟ କବିତା ଅନୁରାଗୀ ପାଠକଙ୍କୁ ବୁଝାଇଦିଏ ଯେ ଜନ୍ମ ପରେ ଜନ୍ମ ଡେଇଁ କବିଙ୍କର ଆତ୍ମା ବୋହି ଚାଲିଛି ଅବ୍ୟକ୍ତ ବହୁ ଅନୁଭବର ବୋଝ । ମାଆ ବଢ଼ାଇ ଦିଅନ୍ତି କାଗଜ, ବାପା କଲମ ତାଙ୍କ କଷି ହାତକୁ, ଦେଖନ୍ତୁ ପ୍ରାରବ୍ଧ ! ମହିମାଙ୍କ ଉଚ୍ଚାରଣରେ ଥାଏ ମାଟିରେ ମିଶିଯିବା ଭଳି ନମ୍ରତା, ପୁଣି ସୂର୍ଯ୍ୟଙ୍କୁ ଅନ୍ଧ କରିଦେବା ଭଳି ସ୍ପର୍ଦ୍ଧା (creater, p-71) । ଶବ୍ଦର 'ଆନନ୍ତ୍ୟ' ଓ 'ଅପ୍ରତ୍ୟାଶିତତା'କୁ ନିଜର ନିଷ୍କପଟ ତପସ୍ୟା ଦେଇ ବୁଝୁଥିବା ମହିମାଙ୍କ କବିତ୍ୱର ସୁରକ୍ଷିତ ଭବିଷ୍ୟକୁ ଚିହ୍ନନ୍ତୁ ପାଠକେ ତାଙ୍କର ଏଇ ଉଦ୍‌ଘୋଷଣାରୁ : "I shall dance,/ time is my music./ The sky is my stage,/ and the universe,/ my audience." (Ceaseless Melody, p-110) । ବହିଟିକୁ ହାତରେ ପାଇବା ଯେକୌଣସି ପାଠକଙ୍କ ପାଇଁ ଯେ ସୌଭାଗ୍ୟ, ଏଥିରେ ସନ୍ଦେହ ନାହିଁ ।

## ସ୍ୱାର୍ଥପର

**ଶରତ କୁମାର ରାଉତ**

ଗଳ୍ପ

ବାତ୍ୟା 'ଫନି'ର ଭୟାବହତା ଲୋକଙ୍କ ମନରୁ ନ ଲିଭୁଣୁ ଏବେ ସାରା ବିଶ୍ୱରେ 'କରୋନା' ଭଳି ଏକ ମାରାତ୍ମକ ଭୂତାଣୁର ଉତ୍ପାତ ଦେଖାଦେଇଛି । ଅତୀତର ସବୁ ପ୍ରାକୃତିକ ବିପର୍ଯ୍ୟୟକୁ ବଳିଯାଇଛି ଏହି ଅଦୃଶ୍ୟ ଭୂତାଣୁର ତାଣ୍ଡବ । ଏହା ମଣିଷ ଦେହରୁ ମଣିଷ ଦେହକୁ ସଂକ୍ରମିତ ହେଉଛି । ସାମାଜିକ ଦୂରତ୍ୱ ଓ ଆବଦ୍ଧ ଘର ଭିତରେ ରହିବା ଆବଶ୍ୟକ । ଦେଶ 'ତାଲାବନ୍ଦୀ' ଅବସ୍ଥାରେ ରହିଛି । କାମଧନ୍ଦା ସବୁ ବନ୍ଦ ।

ଲୋକଙ୍କୁ ରିଲିଫ୍ ବଣ୍ଟାଚାଲିଛି । ସନାତନକୁ ମଧ୍ୟ ରିଲିଫ୍ ମିଳିଲା । ବାପା, ମା', ପୁଅ ସମସ୍ତଙ୍କ ପାଇଁ ବକ୍ତେ ଭଲରେ ଚଳିଗଲା ।

ସନାତନ ୱାର୍ଡ଼ସଭ୍ୟଙ୍କୁ ଗୁହାରି କରିବାରୁ ସେ କହିଲା, "ଆରେ ବୋକା, ଆମେ ଲୋକପ୍ରତିନିଧିଟି ! ଆମେ ତ ଚାହୁଁଛୁ, ଆମ ଲୋକ ପାଆନ୍ତୁ, ତୁ ଅପେକ୍ଷା କର, ଆଉରି କେତେ କ'ଣ ମିଳିବ ! ବ୍ୟସ୍ତ ହେଲେ ଚଳିବ ?"

ପରଦିନ ବହୁ ଜିନିଷ ଆସିଥିଲା । ଲୋକେ ଆନନ୍ଦରେ କୁରୁଳି ଉଠୁଥିଲେ । କିନ୍ତୁ ସନାତନକୁ ମିଳିଲା ତିନିକିଲୋ ଚାଉଳ ଓ ଅଳ୍ପ କିଛି ଡାଲି ! ସନାତନ ସେଠାରେ ସରପଞ୍ଚଙ୍କୁ ପଚାରିଲା, "ସବୁଦିନ ତ ରିଲିଫ୍ ଆସୁଛି ! ମୋ' ପୁଅଟା ସେଇ ଚିରାଖଣ୍ଡିକ ପିନ୍ଧିଛି ! ଘରର ଛାଉଣି ନାହିଁ ! ଖୋଲା ଆକାଶ ତଳେ ରାସ୍ତା ଉପରେ ପଡ଼ିଛୁ । ଆମକୁ କ'ଣ ଆଉ କିଛି ସାହାଯ୍ୟ ମିଳିବନି ?"

"ଆରେ, ଏତେ ଲୋଭ ଠିକ୍ ନୁହେଁ ? କାହାକୁ କ'ଣ ଦିଆଯିବ, ନେତା ଓ ଅଫିସର ପରା ନାଁ ଲେଖେଇ ପଠଉଛନ୍ତି !"

"ଘରେ ଖାଇବାକୁ ନାହିଁ । ଆମେ ରାସ୍ତା ଉପରେ ପଡ଼ିଛୁ । ଆଉ ମଜୁରି ମିଳୁନାହିଁ ।" ସନାତନ କାନ୍ଦି ପକାଇଲା । ବାପର କାନ୍ଦଣା ଦେଖି ରାକେଶ ବି କାନ୍ଦିଲା । କିନ୍ତୁ ଅସହାୟ ପିଲାଟିର କାନ୍ଦଣା କାହା ହୃଦୟକୁ ଛୁଇଁପାରିଲା ନାହିଁ । ତଥାପି ନିଶ୍ଚୟ ସେ ସରକାରୀ ସାହାଯ୍ୟ ପାଇବ ବୋଲି ନିଜକୁ ଆଶ୍ୱାସନା ଦେଲା ।



ବିଭିନ୍ନ ଭତ୍ତା ଓ ଆର୍ଥିକ ସହଯୋଗ ବଣ୍ଟାଗଲା ବେଳେ ଜଣାପଡ଼ିଲା ଯେ, ଗାଁର ୭୨ଟି ପରିବାର ମଧ୍ୟରୁ କେବଳ ୨୪ ପରିବାର ଏହି ସୁବିଧା ପାଇଛନ୍ତି । ହେଲେ ସାହାଯ୍ୟର ସଂଖ୍ୟା ଥିଲା ସମାନ ୭୨ । ୱାର୍ଡ଼ସଭ୍ୟ ଓ ସରପଞ୍ଚଙ୍କର କେବଳ ଥିଲା ୧୩ଟି । ତାଙ୍କ ଘରର ଛୋଟବଡ଼ ସମସ୍ତଙ୍କ ନାମରେ ମଧ୍ୟ ମିଳିଥିଲା ଭତ୍ତା ଓ ଆର୍ଥିକ ସାହାଯ୍ୟ ।

"ଆମକୁ, କେବେ ସାହାଯ୍ୟ ମିଳିବ ବାପା ?" କିଛି ବୁଝି ନ ବୁଝିପାରିବା ଭଳି ରାସ୍ତାରେ ପଚାରିଲା ରାକେଶ ।

"ତୁ ବୁଝିପାରିଲୁନି, ଆରେ, ଆମର ମିଳିବନି ! ଆମେ କ'ଣ ଗରିବ ?" ଭାରି ହୃଦୟରେ ସନାତନ ନିଜ ଭାଗ୍ୟକୁ ନିନ୍ଦୁଥିଲା ।

ରାକେଶର ମୁହଁ ବିଷଣ୍ଣ ହୋଇଗଲା । କଅଁଳ ଚମ ତା'ର ଲାଲ୍ ପଡ଼ିଗଲା । ସେ ଜଣାପଡୁଥିଲା ଯେମିତି ଏଇନେ ସେ ଯାଇ ସେହି ସରକାରୀ ଦଲାଲମାନଙ୍କୁ ଖୁନ୍ କରିବ !

ଏ ଅଞ୍ଚଳକୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସିବା କଥା ଶୁଣି ଆଶାର ସଞ୍ଚାର ହୋଇଛି ଅସହାୟ ମଣିଷ ମନରେ । ବର୍ଷକ ବସି ଖାଇଲେ ବି ସରିବନି । ସେମାନେ ଗରିବ ଲୋକଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ସହ କପଡ଼ା, ପିଲାଙ୍କ ପାଇଁ ପାଠ୍ୟ ଉପକରଣ ଆଦି ଯୋଗାଇ ଦେବେ ।

ଏକଥା ଶୁଣି ସନାତନ ବାମନଟିଏ ହୋଇଗଲା । ସେ ନିଶ୍ଚୟ ସାହାଯ୍ୟ ପାଇବ ବୋଲି ଭାବି ବସିଲା । ସ୍ୱେଚ୍ଛାସେବୀମାନେ ତ ଦୁଃଖୀର ଡାକ ଶୁଣନ୍ତି ।

"ମୋର ଚାଳଛପର ଘରଟିଏ ଅଛି ସିନା, କିନ୍ତୁ ଜମିବାଡ଼ି କି ରୋଜଗାର ନାହିଁ ! ଦିନେ ଖାଇଲେ, ଦି'ଦିନ ଉପାସ ! କରୋନା ପାଇଁ ଚାରିଆଡ଼େ କାମଧନ୍ଦା ବି ବନ୍ଦ୍ ! ଆପଣଙ୍କ ସହଯୋଗ ଆମର ଦରକାର !" ନିଶୁଆ ମୋଟା ଲୋକଟାକୁ ଅତି ଅନୁନୟ ହୋଇ କହିଲା ସନାତନ । ବାପାର ବାଁ ହାତ ଧରି ପାଖରେ ଛିଡ଼ା ହୋଇଛି ରାକେଶ ।

"ଆରେ, ତମେ ସତ କହୁଛ ବୋଲି ଆମେ ଜାଣିବୁ କେମିତି ? ସମସ୍ତେ ତ ଏମିତି କହୁଛନ୍ତି..."

ନିରାଶ ବାପ, ପୁଅ ଦୁହେଁ କୌଣସି ଜଣେ ସ୍ୱେଚ୍ଛାସେବୀଙ୍କ ଠାରୁ ଆହା ପଦେ ଶୁଣିଲେ ନାହିଁ ।

କରୋନାର ଉତ୍ପାତ ସହିତ ତାଳଦେଇ ନେତା ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କର ଉତ୍ପାତ ଚରମ ସୀମାରେ ଥିଲା ।

ଏମିତି ଅନେକ ସନାତନର ଅସହାୟ ପରିବାର ସରକାରୀ ରିପୋର୍ଟର ଆଢୁଆଳରେ ଚାପି ହୋଇ ରହିଗଲେ ।

ଲଗାତାର ଅନାହାର ଓ ଅଳ୍ପାହାରରେ ବିତୁଥିବା ମୁହୂର୍ତ୍ତଗୁଡ଼ିକ ଆଦୌ ସନାତନ ଭଳି ଦରିଦ୍ର ମଣିଷର ସପକ୍ଷରେ ନ ଥିଲେ । ଚାରିଆଡ଼େ ଭୋକର ଉତ୍ପାତ ବଢୁଥିଲା ଓ କରୋନାର ଆତଙ୍କ ଜାରିଥିଲା । ଆଉ ଦାରିଦ୍ର୍ୟ ଓ ଅନାହାର ସହ ସଂଗ୍ରାମ କରି କରି ଥକି ଯାଇଥିଲେ ସନାତନର ପରିବାର !

"ଅପେକ୍ଷା କର ବାପା, ମୁଁ ରାଜନୀତି କରିବି, ବଡ଼ ନେତା ହେବି ! ସମସ୍ତଙ୍କୁ ସାବାଡ଼ କରିବି !"

"କ'ଣ କହିଲୁ, ନେତା ହେବୁ ? ଆରେ, ଆମର ଏଇ ଅବସ୍ଥା ତ ନେତାଙ୍କ ପାଇଁ ! ଏବେ ଯାହା ହୋଇ ଚାଲିଛି, ସବୁ ଏ ଦେଶର ନେତା ମୁଖାପିନ୍ଧା ବର୍ବର ମଣିଷମାନଙ୍କ ପାଇଁ । ତେବେ ତୁ ଯାହା ବି କର, ମୁଁ ତ କିଛି କରିପାରିଲିନି, ହେଲେ ତତେ କିନ୍ତୁ ଶିକାର କରିବାକୁ ପଡ଼ିବ ଆମ ଭଳି ଅସହାୟ-ନିଷ୍ପେଷିତ-ଦରିଦ୍ର ମଣିଷର ରକ୍ତପିଆ ମଣିଷମାନଙ୍କୁ ! ଉଚିତ୍ ଶିକ୍ଷା ଦେବାକୁ ପଡ଼ିବ ଦେଶର ସ୍ୱାର୍ଥପରମାନଙ୍କୁ !"

ମୋ: ୯୩୩୭୩୬୯୪୪୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଜାନୁୟାରୀ ୨୨/୨୦୨୨ Berhampur, Saturday, January 22/ 2022

# ବିପର୍ଯ୍ୟୟ ସୃଷ୍ଟିକଲେ ଆନିସିମୋଭା

**ମେଲବୋର୍ନ, ୨୧।୧(ଏପି)**

ଚଳିତ ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସରେ ଗତଥରର ଚାମ୍ପିୟନ ଜାପାନର ନାଓମି ଓସାକାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଆମେରିକାର ଆମଣ୍ଡା ଆନିସିମୋଭା। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ଆନିସିମୋଭା ୪-୬, ୬-୩, ୭-୬(୫) ସେଟ୍‌ରେ ୪ ଥର ବଡ଼ ଟାଇଟଲ ବିଜୟିନୀ ଓସାକାଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗର ୬୦ତମ ସ୍ଥାନରେ ଥିବା ଆନିସିମୋଭା ଦ୍ୱିତୀୟ ରାଉଣ୍ଡରେ ଅଲିମ୍ପିକ୍ ଚାମ୍ପିୟନ ବେଲିଣ୍ଡା ବେନ୍‌ଚିଚ୍‌ଙ୍କୁ ହରାଇଥିଲେ। ପ୍ରଥମ ସେଟ୍‌ରେ ହାରିବା ପରେ ଆନିସିମୋଭା ଜାଣିଥିଲେ ଯେ ଆଗାମୀ ସେଟ୍‌ରେ ତାଙ୍କୁ ଆକ୍ରମଣାତ୍ମକ ଖେଳିବାକୁ ପଡ଼ିବ ନଚେତ ଟୁର୍ନାମେଣ୍ଟରୁ ବିଦା ହେବା ନିଶ୍ଚିତ। ଏହି ଭାବନା ତାଙ୍କ ପାଇଁ କାମ ଦେଲା। ତୃତୀୟ ସେଟ୍‌ରେ ସେ ୨ ମ୍ୟାଚ ପଏଣ୍ଟ ସେଭ୍ କରିବା ସହ ୪୬ ୱିନର୍ସ ଶଟ୍ ସହ ଓସାକାଙ୍କୁ ଚକ୍‌ମା ଦେଇଥିଲେ। ୪ର୍ଥ ଥର ପାଇଁ ଓସାକା କୌଣସି ବଡ଼ ଟାଇଟଲ ବଜାୟ ରଖିବାରେ ଅସମର୍ଥ ହୋଇଛନ୍ତି। ୧୧ଥର ପାଇଁ ସେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟ ଏକ ମ୍ୟାଚରେ ଆସ୍‌ଲେ ବାର୍ଟି ୬-୨, ୬-୩ ସେଟ୍‌ରେ କାମିଲା ଜର୍ଜିଙ୍କୁ ହରାଇଛନ୍ତି। ସେହିପରି ୨ ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଭିକ୍ଟୋରିଆ ଆଜାରେଙ୍କା ୧୫ତମ ସିଡ୍ ଏଲିନା ସ୍ୱିଟୋଲିନାଙ୍କ ଅଭିଯାନ ଶେଷ କରିଛନ୍ତି। ଏହି ମ୍ୟାଚକୁ ୬-୦, ୬-୨ ସେଟ୍‌ରେ ଜିତି ଆଜାରେଙ୍କା ୨୦୧୬ ପରେ ପ୍ରଥମଥର ପାଇଁ ମେଲବୋର୍ନ ପାର୍କରେ ୪ର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଫ୍ରେଞ୍ଚ ଓପନ ଚାମ୍ପିୟନ ବାର୍ବରା କ୍ରେଜିକୋଭାଙ୍କୁ ଭେଟିବେ। କ୍ରେଜିକୋଭା ୨-୬, ୬-୪, ୬-୪ ସେଟ୍‌ରେ ୨୬ତମ ସିଡ୍ ଜେଲିନା ଓଷ୍ଟାପେଙ୍କୋଙ୍କୁ ପରାସ୍ତ କରିଛନ୍ତି। ୨୦୧୬ରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଆଜାରେଙ୍କା ୨୦୧୯ ଓ ୨୦୨୧ରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ ଏବଂ ୨୦୧୭, ୨୦୧୮ ଓ ୨୦୨୦ରେ ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ଖେଳି ନ ଥିଲେ। ତୃତୀୟ ରାଉଣ୍ଡରେ ବିଜୟୀ ହୋଇଥିବା ଅନ୍ୟ ମହିଳା ଖେଳାଳିମାନେ ହେଲେ ମାରିଆ ଶିକାରି, ଜେସିକା ପେଗୁଲା, ପାଉଲା ବଦୋସା ଓ ମାଡିସନ କିଜ୍।

**ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ**



ବିଜୟ ହାସଲ ଖୁସିରେ ଉଲ୍ଲସିତ ମିଓମିର କେକ୍‌ମାନୋଭିଚ୍।

## ଜେଭରେଭ, କେକ୍‌ମାନୋଭିଚ ବିଜୟୀ

ପୁରୁଷ ସିଙ୍ଗଲ୍ସରେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଆଲେକଜାଣ୍ଡର ଜେଭରେଭ ୬-୩, ୬-୪, ୬-୪ ସେଟ୍‌ରେ ୧୨୪ତମ ର୍‍ୟାଙ୍କପ୍ରାପ୍ତ କ୍ୱାଲିଫାୟର ରାଡୁ ଆଲବୋଟଙ୍କୁ ପରାସ୍ତ କରିଛନ୍ତି। ସେହିପରି ଡେନିସ ଶାପୋଭାଲୋଭ ୭-୬(୪), ୪-୬, ୬-୩, ୬-୪ ସେଟ୍‌ରେ ରିଲି ଓପେଲ୍‌କାଙ୍କୁ ହରାଇ ୪ର୍ଥ ରାଉଣ୍ଡରେ ଜେଭରେଭଙ୍କୁ ଭେଟିବା ପଥ ପରିଷ୍କାର କରିଛନ୍ତି। ୱିମ୍ବଲେଡନ ରନର୍ସଅପ୍ ମାଟେଓ ବେରେଟିନି ୧୮ ବର୍ଷୀୟ ସ୍ପେନର କାର୍ଲୋସ ଆଲକାରାଜଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପରେ ୬-୨, ୭-୬(୩), ୪-୬, ୨-୬, ୭-୬(୫) ସେଟ୍‌ରେ ବିଜୟୀ ହୋଇଛନ୍ତି। ନୋଭାକ୍ ଜୋକୋଭିଚ୍‌ଙ୍କ ଅନୁପସ୍ଥିତିରେ ଅନ୍ୟତମ ସର୍ବୀୟ ଖେଳାଳି ମିଓମିର କେକ୍‌ମାନୋଭିଚ୍ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରି ୬-୪, ୬-୭(୮), ୬-୨, ୭-୫ ସେଟ୍‌ରେ ଲୋରେଞ୍ଜୋ ସୋନେଗୋଙ୍କୁ ହରାଇ ପ୍ରଥମଥର ପାଇଁ କୌଣସି ଏକ ବଡ଼ ଟୁର୍ନାମେଣ୍ଟର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। କ୍ରିଷ୍ଟିଆନ ଗାରିନଙ୍କୁ ୭-୬(୪), ୬-୧, ୬-୩ ସେଟ୍‌ରେ ହରାଇଥିବା ଗାଏଲ ମନଫିଲ୍ସଙ୍କୁ ପରବର୍ତ୍ତୀ ରାଉଣ୍ଡରେ କେକ୍‌ମାନୋଭିଚ୍ ଭେଟିବେ। କେକ୍‌ମାନୋଭିଚ୍ ପ୍ରଥମ ରାଉଣ୍ଡରେ ୯ ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଜୋକୋଭିଚ୍‌ଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବାର ଥିଲା। ମାତ୍ର ଅଷ୍ଟ୍ରେଲିଆର କଠୋର କୋଭିଡ୍-୧୯ ନିୟମରେ ଜୋକୋଭିଚ୍ ସ୍ୱଦେଶ ଫେରିବାକୁ ବାଧ୍ୟ ହୋଇଛନ୍ତି।



ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ଅବସରରେ ଆମେରିକାର ଆମଣ୍ଡା ଆନିସିମୋଭା।

# ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ

**ଦୁବାଇ,୨୧।୧**

୨୦୨୨ ଟି୨୦ ଆଇସିସି ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଆୟୋଜନ ହେବ। ଏହି ମେଗା ଇଭେଣ୍ଟରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଅକ୍ଟୋବର ୨୩ ତାରିଖରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ। ବିଶ୍ୱକପ୍ ଅକ୍ଟୋବର ୧୬ରୁ ଆରମ୍ଭ ହୋଇ ନଭେମ୍ବର ୧୩ ତାରିଖରେ ଶେଷ ହେବ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ବିଶ୍ୱକପ୍‌ର ଗତ ସଂସ୍କରଣରେ ଭାରତ ପାକିସ୍ତାନଠାରୁ ପରାସ୍ତ ହୋଇଥିଲା।

ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବା ପରେ ଭାରତ ଗ୍ରୁପ୍-୨ ସୁପର ୧୨ର ଦ୍ୱିତୀୟ ମ୍ୟାଚ୍‌ରେ ଅକ୍ଟୋବର ୨୭ରେ ଏକ କ୍ୱାଲିଫାୟର (ଗ୍ରୁପ୍ ଏ'ର ରନର୍ସଅପ୍)କୁ ସିଡ୍‌ନୀରେ ଭେଟିବ। ପରେ ତୃତୀୟ ମ୍ୟାଚ୍‌ରେ ଅକ୍ଟୋବର ୩୦ରେ ପର୍ଥରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ସେହିପରି ଚତୁର୍ଥ ମୁକାବିଲାରେ ନଭେମ୍ବର ୨ରେ ବାଂଲାଦେଶକୁ ଆଡିଲେଡ ଓଭାଲରେ ଏବଂ ନଭେମ୍ବର ୬ରେ ଭାରତ ତା'ର ଅନ୍ତିମ ସୁପର ୧୨ ମ୍ୟାଚରେ ଗ୍ରୁପ୍ ବି ବିଜେତାକୁ ଏମ୍‌ସିଜିରେ ଭେଟିବ।

ଦୁଇଟି ଗ୍ରୁପ୍‌କୁ ନେଇ ସୁପର-୧୨ ଖେଳାଯିବ ଓ ଏହା ଅକ୍ଟୋବର ୨୨ରେ ଆରମ୍ଭ ହେବ। ସୁପର-୧୨ର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ତଥା ପୂର୍ବତନ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ୨୨ ତାରିଖରେ ମୁହାଁମୁହିଁ ହେବେ। ନଭେମ୍ବର ୧ରେ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଇଂଲଣ୍ଡକୁ ଭେଟିବ। ସୁପର ୧୨ ପର୍ଯ୍ୟାୟରେ ଗ୍ରୁପ୍-୧ରେ ଅଷ୍ଟ୍ରେଲିଆ, ବିଶ୍ୱର ୧ ନମ୍ବର ଦଳ ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ, ଗ୍ରୁପ୍ ଏ ବିଜେତା ଓ ଗ୍ରୁପ୍ ବି ରନର୍ସଅପ୍ ସାମିଲ ରହିଛନ୍ତି। ସେହିପରି ଗ୍ରୁପ୍-୨ରେ ଭାରତ, ପାକିସ୍ତାନ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା, ଗ୍ରୁପ୍ ବି ବିଜେତା ଓ ଗ୍ରୁପ୍ ଏ ରନର୍ସଅପ୍ ସାମିଲ ରହିବେ। ନଭେମ୍ବର ୯ ଓ ୧୦ ତାରିଖରେ ସେମିଫାଇନାଲଗୁଡ଼ିକ ଏସ୍‌ସିଜି ଓ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ପ୍ରଥମଥର ପାଇଁ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ବିଶ୍ୱକପ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ନଭେମ୍ବର ୧୩ ତାରିଖରେ ଏମ୍‌ସିଜିରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଗ୍ରୁପ ଏ ଓ ବି'ର ବିଜେତା ଓ ରନର୍ସଅପ ଦଳଗୁଡ଼ିକ ସୁପର-୧୨କୁ କ୍ୱାଲିଫାଏ କରିବେ।

ICC MEN'S T20 WORLD CUP AUSTRALIA 2022

# ୧୬ ପୁରୁଷ ହକି ଖେଳାଳିଙ୍କୁ କରୋନା

**ବେଙ୍ଗାଲୁରୁ, ୨୧।୧ (ପି.ଟି.)**

ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନ୍ୟାଶନାଲ ସେଣ୍ଟର ଫର ଏକ୍ସଲେନ୍ସଠାରେ ୩୩ ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଜାତୀୟ ସିନିୟର ପୁରୁଷ ହକି ଦଳର ୧୬ଜଣ ସଦସ୍ୟ ରହିଛନ୍ତି। ସାଇର ଏହି ହାଇପ୍ରୋଫାଇଲ ସେଣ୍ଟରରେ ୧୨୮ ଜଣଙ୍କର କୋଭିଡ୍ ଟେଷ୍ଟ କରାଯିବାରୁ ଏହି ପଜିଟିଭ ମାମଲା ପଦାକୁ ଆସିଥିଲା। ଅଧିକାଂଶ ଲକ୍ଷଣବିହୀନ ଥିଲେ। ସମସ୍ତଙ୍କୁ ଆଇସୋଲେଶନରେ ରଖାଯାଇଛି। ସାଇ ସଂକ୍ରମିତଙ୍କ ନାମ ଗୋପନ ରଖିଛି। ଦକ୍ଷିଣ ଆଫ୍ରିକାରେ ଆଗାମୀ ଏଫ୍ ଆଇଏଚ୍ ପ୍ରୋ ଲିଗ୍‌କୁ ଦୃଷ୍ଟିରେ ରଖି ସିନିୟର ହକି ଦଳ ଏହି ସେଣ୍ଟରରେ ଟ୍ରେନିଂ ନେଉଛି। ୧୬ ହକି ଖେଳାଳିଙ୍କ ବ୍ୟତୀତ ସେମାନଙ୍କର ଜଣେ କୋଚ୍ ମଧ୍ୟ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ସାଇ ପକ୍ଷରୁ କୁହାଯାଇଛି। ଏପ୍ରିଲରେ ହେବାକୁଥିବା ଜୁନିୟର ହକି ବିଶ୍ୱକପ୍ ପାଇଁ ଟ୍ରେନିଂ ନେଉଥିବା ଜୁନିୟର ମହିଳା ହକି ଦଳର ୧୫ କରୋନା ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ନିକଟରେ ଲକ୍ଷଣ ପ୍ରକାଶ ପାଇଥିବା ବେଳେ ଅନ୍ୟ ୩ ଜଣ ଲକ୍ଷଣବିହୀନ ଥିଲେ। ଅନ୍ୟପକ୍ଷରେ ଜଣେ ସିନିୟର ମହିଳା ହକି ଦଳର ସଦସ୍ୟ ଓ ଜଣେ ମାଲିସବାଲାଙ୍କ ନିକଟରେ ଲକ୍ଷଣ ଦେଖାଯାଇଥିଲା। ଆଇସୋଲେଶନରେ ରହିଥିବା ସମସ୍ତ ଖେଳାଳି ଯେପରି ଶୀଘ୍ର ସୁସ୍ଥ ହୋଇ ଫେରିବେ ସେ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସାଇ କହିଛି। ପୂର୍ବରୁ ସାଇର ପଟିଆଲାସ୍ଥିତ ଟ୍ରେନିଂ ସେଣ୍ଟରରେ ୨୫ କୋଭିଡ୍ ମାମଲା ନଜରକୁ ଆସିଥିଲା। ସେଠାରେ ବିଶେଷ କରି ବକ୍ସରମାନେ ପ୍ରଭାବିତ ହୋଇଥିଲେ। ପଟିଆଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସରେ ବକ୍ସର, ୱେଟଲିଫ୍ଟର ଏବଂ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥଲେଟମାନେ ଟ୍ରେନିଂ ନେଇଥାନ୍ତି।

## ୱେଷ୍ଟଇଣ୍ଡିଜକୁ ୨ ଖେଳାଳି ବଦଳ ପାଇଁ ଅନୁମତି

**ପୋର୍ଟ ଅଫ୍ ସ୍ପେନ୍, ୨୧।୧ (ପି.ଟି.):** ଚଳିତ ଆଇସିସି ୧୯ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜକୁ ଏହାର ଦୁଇ ଖେଳାଳିଙ୍କୁ ବଦଳ କରିବା ଲାଗି ଟେକ୍‌ନିକାଲ କମିଟି ଅନୁମତି ଦେଇଛି। ଫଳରେ ୱେଷ୍ଟଇଣ୍ଡିଜ ଦଳରେ ଓନାଜେ ଆମୋରି ଓ ଜାଡେନ କାର୍ମିଚେଲଙ୍କ ସ୍ଥାନରେ କେଭିନ ୱିଖାମ ଓ ନାଥାନ ଏଡଓ୍ୱାର୍ଡ ଖେଳିପାରିବେ। ସାମୟିକ ଭାବେ ଏହି ଅନୁମତି ଦିଆଯାଇଛି।

# ଭାରତ-ଉଗାଣ୍ଡା ମ୍ୟାଚ୍ ଆଜି

**ଟାରୋଉବା (ତ୍ରିନିଦାଦ),୨୧।୧**

ୱେଷ୍ଟଇଣ୍ଡିଜରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ଶନିବାର ଉଗାଣ୍ଡାକୁ ଭେଟିବ। ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଭାରତ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିସାରିଛି। ଏହା ସତ୍ତ୍ୱେ କୋଭିଡ୍-୧୯ ସମସ୍ୟା ଭାରତକୁ ଚିନ୍ତାରେ ପକାଇଛି। କୋଭିଡ୍ ପଜିଟିଭ୍ ଥିବା ୬ ଖେଳାଳି ଏହି ମ୍ୟାଚ୍ ଖେଳିବାରୁ ବଞ୍ଚିତ ହେବେ। ୧୭ ଜଣିଆ ଭାରତୀୟ ଦଳରୁ ଅଧିନାୟକ ୟଶ ଧୁଲ ଓ ଉପ- ଅଧିନାୟକ ସେକ ରସିଦଙ୍କ ସମେତ ୬ ଜଣ ଖେଳାଳି କୋଭିଡ୍ ଟେଷ୍ଟରେ ପଜିଟିଭ ବୋଲି ଜଣା ପଡିଥିଲା ଓ ସେମାନେ ବୁଧବାର ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ତେବେ ନକ୍ ଆଉଟ ପର୍ଯ୍ୟାୟ ପୂର୍ବରୁ ଏହି ଖେଳାଳିମାନେ ସୁସ୍ଥ ହୋଇ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି।

ଏଭଳି ସ୍ଥିତିରେ ଭାରତ ବୃହତ୍ ବ୍ୟବଧାନରେ ଆୟର୍ଲାଣ୍ଡକୁ ହରାଇଥିଲା। ସ୍ଥିତି ଅନୁସାରେ ଖାପ୍ ଖୁଆଇ ଭାରତୀୟ ଖେଳାଳି ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ଓ ଏଥିପାଇଁ ସେମାନେ ପ୍ରଶଂସାର ପାତ୍ର ବୋଲି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ କ୍ରିକେଟର ଭି.ଭି.ଏସ୍. ଲକ୍ଷ୍ମଣ କହିଛନ୍ତି। ଭାରତ ବାକିଥିବା ୧୧ ଜଣ ଖେଳାଳିଙ୍କୁ ନେଇ ପଡିଆକୁ ଓହ୍ଲାଇଥିଲା।

ଉଗାଣ୍ଡା ବିପକ୍ଷ ମ୍ୟାଚ୍‌ର ସେତେଟା ଗୁରୁତ୍ୱ ନ ଥିଲେ ମଧ୍ୟ ମୁଖ୍ୟ କେତେଜଣ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ କିଭଳି ଖେଳୁଛି ତାହା ଉପରେ ନଜର ରହିଛି। ଦଳରେ ଏକାଧିକ ପ୍ରତିଭାସମ୍ପନ୍ନ ଖେଳାଳି ରହିଥିଲେ ମଧ୍ୟ ନକ୍ ଆଉଟ ମ୍ୟାଚ୍ ପୂର୍ବରୁ ଭାରତ ଶ୍ରେଷ୍ଠ ଦଳକୁ ନେଇ ପଡିଆକୁ ଓହ୍ଲାଇବାକୁ ଚାହିଁବ। ଏପର୍ଯ୍ୟନ୍ତ ଦୁଇ ଓପନର ହରନୁର ସିଂ ଓ ଅଙ୍ଗକ୍ରିସ୍ ରଘୁବଂଶୀ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି ଓ ସେମାନେ ଏହି ଫର୍ମ ବଜାୟ ରଖିବାକୁ ଚାହିଁବେ। ମିଡ୍‌ଲ ଅର୍ଡର ବ୍ୟାଟର ଆହୁରି ଭଲ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ଧୁଲଙ୍କ ଅନୁପସ୍ଥିତିରେ ନିଶାନ୍ତ ସିନ୍ଧୁ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ଦଳକୁ ଜିତାଇବାରେ ସହାୟକ ହୋଇଥିଲେ। ଲୋୟର ଅର୍ଡରରେ ରାଜବର୍ଦ୍ଧନ ହଙ୍ଗରଗେକର ବିସ୍ଫୋରକ ବ୍ୟାଟିଂ କରିବାର କ୍ଷମତା ରଖୁଛନ୍ତି ଓ ଆୟର୍ଲାଣ୍ଡ ବିପକ୍ଷରେ ସେ ଏହାର ପ୍ରମାଣ ଦେଇଛନ୍ତି। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା।

ଅପରପକ୍ଷରେ ଉଗାଣ୍ଡା ଦୁଇଟି ମ୍ୟାଚ୍ ଖେଳିଛି ଓ ସବୁଥିରେ ପରାସ୍ତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଉଗାଣ୍ଡା ଆୟର୍ଲାଣ୍ଡଠାରୁ ୩୯ ରନରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ୧୨୧ ରନରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ଜିତି ଉଗାଣ୍ଡା ନକ୍‌ଆଉଟ୍‌ରେ ପ୍ରବେଶ କରିବା ପାଇଁ ଭାଗ୍ୟର ସାହାରା ଲୋଡ଼ିବ। ଦଳ ତରଫରୁ ପାସ୍କାଲ ମୁରୁଙ୍ଗି ବୋଲିଂ ଓ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲର ଜୁମା ମିୟାଜି ଓ ଅଫ୍ ସ୍ପିନର ଜୋଶେଫ ବାଗୁମା ଭଲ ପ୍ରଦର୍ଶନ କରିଛନ୍ତି।


ICC U19 MEN'S CRICKET WORLD CUP WEST INDIES 2022

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୬.୩୦**


**ଏସିଆନ୍ କପ୍ ମହିଳା ଫୁଟ୍‌ବଲ**

## ଅଷ୍ଟ୍ରେଲିଆର ବିପୁଳ ବିଜୟ

**ମୁମ୍ବାଇ, ୨୧।୧ (ପି.ଟି.):** ଏସିଆନ କପ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଅଷ୍ଟ୍ରେଲିଆ ୧୮-୦ ଗୋଲରେ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଅଧିନାୟିକା ସାମ୍ କେର୍ ଏକାକୀ ୫ ଗୋଲ ସ୍କୋର କରିଥିବା ବେଳେ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଚେଲ୍‌ସିର ଏହି ଷ୍ଟାର ଷ୍ଟ୍ରାଇକର ନିକଟରେ ଫିଫା ବେଷ୍ଟ ପ୍ଲେୟର ଆୱାର୍ଡ ରନର୍ସଅପ୍ ହୋଇଥିଲେ। ମ୍ୟାଚ ପୂର୍ବରୁ ସେ ଅଷ୍ଟ୍ରେଲିଆର ସର୍ବକାଳୀନ ଟପ୍ ସ୍କୋରର (ପୁରୁଷ ଅବା ମହିଳା) ଟିମ୍ କାହିଲଙ୍କଠାରୁ ଗୋଟିଏ ଗୋଲ ପଛରେ ରହିଥିଲେ। ବର୍ତ୍ତମାନ ସେ ୪ଗୋଲ ଆଗରେ ରହିଛନ୍ତି। ସେ ୧୦୫ ମ୍ୟାଚରେ ୫୪ ଗୋଲ ସ୍କୋର କରିଛନ୍ତି। ନବି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମରେ ଗ୍ରୁପ୍ ବି'ର ଅନ୍ୟ ଏକ ମ୍ୟାଚରେ ଫିଲିପାଇନ୍ସ ୧-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି।



ଆବୁ ଧାବି ଗଲ୍ଫ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡ ୧୦ମ ହୋଲ୍ ଅବସରରେ ଶଟ୍ ଖେଳୁଛନ୍ତି ସ୍ପେନର ରାଫା କାବ୍ରେରା ବେଲୋ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ